# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୪/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, June 24/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 209 | ମୂଲ୍ୟ₹୭/-




# ଜୁଲାଇ ୮ରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ


ସ୍ମାରକପତ୍ର ଦେବାକୁ ଆସିଥିବା ଡ୍ରାଇଭର ମହାସଂଘ ସଦସ୍ୟ।

**ଲୋଇସିଂହା,୨୩।୬(ସୁଶାନ୍ତ ବାରିକ)**

## ଓଡ଼ିଶା ଡ୍ରାଇଭର ମହାସଂଘର ହେଲାନି ଦାବି ପୂରଣ

ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ରଖାଯାଇଥିବା ଦାବି ପୂରଣ ହୋଇପାରି ନାହିଁ। ଏହାର ପ୍ରତିବାଦରେ ଜୁଲାଇ ୮ତାରିଖରେ ଡ୍ରାଇଭର ମହାସଂଘ ଷ୍ଟିୟରିଂ ଛାଡ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ସୋମବାର ଓଡ଼ିଶା ଡ୍ରାଇଭର ମହାସଂଘ ଆହ୍ୱାନ କ୍ରମେ ଲୋଇସିଂହା ଡ୍ରାଇଭର ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧିକାରୀ ଯାଜ୍ଞସେନୀ ନାଏକଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।
ଅଭିଯୋଗରୁ ପ୍ରକାଶ ଯେ, ଦୀର୍ଘବର୍ଷ ହେଲା ଓଡ଼ିଶା ଡ୍ରାଇଭର ମହାସଂଘ ରାଜ୍ୟ ସରକାରଙ୍କ ନିକଟରେ ୭ ଦଫା ଦାବି ରଖି ଆସିଛି। ସେଥିରୁ ଗୋଟିଏମାତ୍ର ଦାବି ପୂରଣ ହୋଇଛି। ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ ରାଜ୍ୟ ସରକାର କର୍ଣ୍ଣପାତ ନ କରିବାରୁ ବାକି ଦାବି ପୂରଣ ପାଇଁ ଡ୍ରାଇଭର ମହାସଂଘ ପକ୍ଷରୁ ଗତ ମାର୍ଚ୍ଚ ୨୯ ତାରିଖରୁ ୬ ଦିନ ଯାଏ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା । ଏହାପରେ ମଧ୍ୟ ରାଜ୍ୟ ସରକାର ଡ୍ରାଇଭର ମହାସଂଘର ଦାବି ଉପରେ ଗୁରୁତ୍ୱାରୋପ କରୁ ନ ଥିବାରୁ ମହାସଂଘ ଉଦ୍‌ବେଗ ପ୍ରକାଶ କରିଛି । ଡ୍ରାଇଭର ମହାସଂଘ ପ୍ରତି ରାଜ୍ୟ ସରକାରଙ୍କ ଅଣଦେଖା ପ୍ରତିବାଦରେ ଜୁଲାଇ ୮ ତାରିଖରେ ଷ୍ଟିୟରିଂ ଛାଡ ଆନ୍ଦୋଳନ ଏବଂ ଆବଶ୍ୟକ ସ୍ଥଳେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ପିଙ୍କୁ ନାଗ, ଭରତ ନାଏକ, ରଣ୍ଟୁ ମହାରଣାଙ୍କ ସମେତ ସଂଘର ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ପ୍ରସ୍ତାବିତ ସାଲେପାଲି ଗ୍ରାଫାଇଟ୍ ମାଇନିଂ ବାତିଲ କର

**ବଲାଙ୍ଗୀର,୨୩।୬(ବୀରେନ୍ଦ୍ର କୁମାର ଖାଙ୍କର)**



ପାଟଣାଗଡରେ ପ୍ରସ୍ତାବିତ ସାଲେପାଲି ଗ୍ରାଫାଇଟ୍ ମାଇନିଂ ବାତିଲା ଦାବିରେ ବିଶାଳ ରାଲି କରାଯାଉଛି।

- ମାଟି ବିକିଲେ ଦାରିଦ୍ର୍ୟ ବଢ଼ିବ:ପ୍ରଫୁଲ୍ଲ ସାମନ୍ତରା
- ପାଟଣାଗଡ଼ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ
- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଜନମ୍ ମାଏଟ୍ ବଞ୍ଚାଓ ସଂଘର୍ଷ ସମିତି ପକ୍ଷରୁ ସୋମବାର ପାଟଣାଗଡ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରସ୍ତାବିତ ସାଲେପାଲି ଗ୍ରାଫାଇଟ ଖଣି ଖନନ ସମ୍ପୂର୍ଣ୍ଣ ବାତିଲ କରିବା ଦାବି ନେଇ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ଯୋଗଦେଇ ବିଶିଷ୍ଟ ପରିବେଶବିତ୍ ତଥା ଗ୍ରୀନ୍ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା କହିଥିଲେ, ଅବିଚାରିତ ଖଣିଖନନ ଏବଂ ଶିଳ୍ପାୟନ କିଭଳି ରାଜ୍ୟ ଓ ଦେଶରେ ଦାରିଦ୍ର ବଢ଼ାଉଛି। ରାଜ୍ୟର ଲୋକଙ୍କୁ ୫ କେଜି ଚାଉଳ ଦେଇ ଦାରିଦ୍ର୍ୟ ଦୂରୀକରଣ କରାଯାଇପାରିବ ନାହିଁ। ଶିଳ୍ପାୟନ ଓ ଖଣି ଖନନ ଜରିଆରେ ମଧ୍ୟ ଦାରିଦ୍ର୍ୟ ଦୂରୀକରଣ ହୋଇନାହିଁ। ବଲାଙ୍ଗୀର ମଧ ଏକ ପଛୁଆ ଜିଲା। ଏଠାକାର ଲୋକେ କୃଷି ସହ ଜଡିତ। କୃଷିର ବିକାଶ ହେଲେ ଏଠାକାର ଲୋକଙ୍କ ଦାରିଦ୍ର୍ୟ କମିବ। ମାତ୍ର ଏଠାରେ କୃଷିଭିତ୍ତିକ ଶିଳ୍ପ କରାଯାଉନାହିଁ। ଏଠାରେ ଥିବା ଚିନିକଳ ଦୀର୍ଘବର୍ଷ ହେଲା ବନ୍ଦ ହୋଇପଡିଛି। ଦାଦନ ଶ୍ରମିକ ସମସ୍ୟାର ସମାଧାନ କରାଯାଇନାହିଁ। କେବଳ ଖଣି କଥା କହି ଲୋକଙ୍କୁ ଭୂଆଁ ବୁଲାଯାଉଛି। ସୁକ୍‌ତେଲ ପ୍ରକଳ୍ପରୁ ଲୋକଙ୍କ ଜମିକୁ ପାଣି ମାଡିନାହିଁ। କିନ୍ତୁ ସେଠାରେ ଏବେ ଖଣି କଥା ଉଠିଲାଣି। ମାଟି ବିକ୍ରିକରି ଦେଶ କି ରାଜ୍ୟର ଉନ୍ନତି କରିହେବନାହିଁ। ମାଟି ବିକିଲେ ଦାରିଦ୍ର୍ୟ ବଢ଼ିବ ବୋଲି ସାମନ୍ତରା କହିଛନ୍ତି।

ପାଟଣାଗଡ ଗଡଭିତରେ ସ୍ଥିତ ଭୁଲିଆ ଧର୍ମଶାଳାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସାଲେପାଲି ଓ ଆଖପାଖ ଅଞ୍ଚଳର ବହୁ ଲୋକେ ସହର ପରିକ୍ରମା କରି ଉପଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ରାଜ୍ୟସଭା ଏମପି ନିରଞ୍ଜନ ବିଶି, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ବାଳକୃଷ୍ଣ ଶବର, ନିୟମଗିରି ସୁରକ୍ଷା ପରିଷଦ ଆବହକ ଲିଙ୍ଗରାଜ ଆଜାଦ୍, କଂଗ୍ରେସ ଦଳ ଲୋକସଭା ପ୍ରାର୍ଥୀ ମନୋଜ ମିଶ୍ର, ସାମାଜିକ କର୍ମୀ ଟେକେନ୍ଦ୍ର ଜାଲ, ରାଜକୁମାର ସେଠ୍, ସତ୍ୟ ବନ୍‌ଛୋର, ନୂଆପଡା ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝୀ, କୋଶଳ ରାଜ୍ୟ ସମନ୍ୱୟ ସମିତିର ରବି ମିଶ୍ର, ରଣରାଜ ସିଂଦେଓ, ଭୁବନେଶ୍ୱର କୁଅଁର, ରସିକ ଧରୁଆ, ରଘୁବୀର ସିଂ ବରିହା, ଅଭିଳାଷ ଭୋଇ, ସୁବାସ ସାହୁ, ଗିରିରାଜ ଭୋଇ, ଦିଶାରାଣୀ ସାହୁ, ପ୍ରକାଶ ସାହୁ, ଟଙ୍କଧର ରାଓ, ମଦନ ମାଝି, ସୁରେଶ ପୁଟେଲ ଓ ଅନ୍ୟମାନେ ସାମିଲ ହୋଇଥିଲେ। ଉପଜିଲାପାଳ ଅଫିସ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ବକ୍ତାମାନେ ସାଲେପାଲି ଗ୍ରାଫାଇଟ୍ ଖଣି ସମ୍ପୂର୍ଣ୍ଣ ବାତିଲ କରିବାକୁ ଦାବି କରିଥିଲେ। ବିନା ପଲ୍ଲୀସଭା, ଗ୍ରାମସଭା ଓ ଜନଶୁଣାଣିରେ ଖଣି ଖନନ କରାଯାଇଥିବା ଅଭିଯୋଗ କରି ଏହା ସମ୍ବିଧାନ ବିରୋଧୀ ବୋଲି କହିଥିଲେ। ଏଠାରେ ଖଣି ଖନନ ହେଲେ ପରିବେଶ ବିଗିଡିବ। ଲୋକେ ବିଭିନ୍ନ ପ୍ରକାର ରୋଗଯନ୍ତ୍ରଣା ଭୋଗିବେ। ଜୀବଜଗତ ଓ ମାନବ ସଭ୍ୟତା ଉପରେ କୁପ୍ରଭାବ ପଡିବ। ଜଳସ୍ତର କମିଯିବ। ଲୋୟର୍ ସୁକ୍‌ତେଲ ଡ୍ୟାମ୍ କ୍ଷତିଗ୍ରସ୍ତ ଲୋକେ ଏଯାଏଁ ଉଚିତ୍ କ୍ଷତିପୂରଣ ପାଇପାରିନାହାଁନ୍ତି କି ଉପଯୁକ୍ତ ଥଇଥାନ ହୋଇପାରିନାହାଁନ୍ତି। ଏଭଳି ସମୟରେ ସାଲେପାଲିରେ ପୁଣି ବିସ୍ଥାପନ ଯୋଜନା କରାଯାଉଛି। ବିନା ବିସ୍ଥାପନ ଓ ବିନା ଖଣି ଖନନରେ ସାମୂହିକ ବିକାଶ ପ୍ରକଳ୍ପ କର ବୋଲି ଦାବି କରିଥିଲେ। ବଲାଙ୍ଗୀରରେ କପା କାରଖାନା, ଦେଓଗାଁ ଚିନିକଳ ପୁନରୁଦ୍ଧାର, ଆମ୍ବ ଜୁସ୍ କାରଖାନା, ଟମାଟୋ ସସ୍ କାରଖାନା, ତରଭୁଜ ଜୁସ୍ କାରଖାନା ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ରହିଛି। କେନ୍ଦୁପତ୍ର ବହୁଳ ପରିମାଣରେ ମିଳୁଥିବାରୁ ବିଡି କାରଖାନା ହୋଇପାରିବ। ପ୍ରସିଦ୍ଧ ହରିଶଙ୍କର ଏବଂ ରାଣୀପୁର ଝରିଏଲର ଚୌଷଠି ଯୋଗିନୀ ପୀଠରେ ପର୍ଯ୍ୟଟନ ବୃଦ୍ଧି, ଗନ୍ଧମାର୍ଦ୍ଦନ ପାହାଡର ସ୍ଥାୟୀ ସୁରକ୍ଷା ପାଇଁ ଆଇନ୍ ପ୍ରଣୟନ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ପ୍ରସ୍ତାବିତ ସାଲେପାଲି ଗ୍ରାଫାଇଟ୍ ମାଇନିଂକୁ ସମ୍ପୂର୍ଣ୍ଣ ବାତିଲ୍ କରିବାକୁ ଦାବି କରିଥିଲେ। ଦାବିପୂରଣ ନ ହେଲେ ଆଗକୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି କହିଥିଲେ। ସଭା ପରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା।

# ଲୋକ ନାଟକ ମହୋତ୍ସବ-୨୫, ଆଲୋଚନାଚକ୍ର


ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଲୋଇସିଂହା,୨୩।୬(ସୁଶାନ୍ତ ବାରିକ)**

ଲୋଇସିଂହା ଆଇସିଡିଏସ୍ ସଭାଗୃହରେ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ସହାୟତାରେ ଲୋକ ନାଟକ ମହୋତ୍ସବ –୨୫ ଓ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି।
ଲୋଇସିଂହା ପଞ୍ଚଜନ୍ୟ ସାରସ୍ୱତ ଶ୍ରୀମନ୍ଦିର ଓ ଆଦିବସୀ ସାଂସ୍କୃତିକ ଯୁବକ ସଂଘ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଲୋଇସିଂହା ଜମିଦାର ଅର୍ଚ୍ଚନାଦେବୀ ସିଂ ରାଏ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିଥିଲେ । ସଭାପତି ଦେବେନ୍ଦ୍ର ମିସ୍ତ୍ରି ଅଧ୍ୟକ୍ଷତା କରିଥିଲେ । ଏଥିରେ ଭୂମିକା ଅନୁଷ୍ଠାନର ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦାସ, ଲୀଳା ନାଟ୍ୟଗୁରୁ ଭକ୍ତ ନାଏକ, ଧନୁଯାତ୍ରା କମିଟିର ନିର୍ଦ୍ଦେଶକ ଇନ୍ଦ୍ରମଣି ବାରିକ, ଧର୍ମସିଂ ମିଶ୍ର ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ନାଟକରେ ନିର୍ଦ୍ଦେଶକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଗାଁଗୁଡ଼ିକରେ ନାଟକ ହେବା ଦ୍ୱାରା ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରହୁଥିଲା। ଗଉଡିଆ, ହଳିଆ ମଧ୍ୟରେ କୌଣସି ପ୍ରଭେଦ ରହୁନଥିଲା। ଏହାଛଡ଼ା ନାଟକ ଜରିଆରେ କୁସଂସ୍କାର ଦୂରୀଭୂତ ହେବା ସହିତ ସମାଜରେ ସଂସ୍କାର ଆସିପାରୁଥିଲା। ଏବେବି ଗ୍ରାମାଞ୍ଚଳରେ କଳାକାର ଭରି ରହିଛନ୍ତି। ଲୋଇସିଂହା ହେଉଛି କଳା ଓ ସଂସ୍କୃତିର ମାଟି ବୋଲି କହିଥିଲେ ଧର୍ମସିଂ ମିଶ୍ର। ଏହି ଅବସରରେ ଝାରମୁଣ୍ଡାର କଳାକାରମାନେ କଂସବଧ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଜିପିଓ କିଶୋର ମାନସିଂ, ଏସ.ଏସ ଭୋଇ, ସାଲେଗ୍ରାମ ହୋତା, ଗୌରୀଶଙ୍କର ବେଜଙ୍କ ସମେତ ବିଶିଷ୍ଟ କଳକାରମାନେ ଯୋଗଦେଇଥିଲେ। ସରୋଜ ମହାକୁର, ନିସାର ଅହମ୍ମଦ ନିସାର, ଚିତ୍ତରଞ୍ଜନ ବିଶ୍ୱାଳ, ପ୍ରକାଶ ଥନାପତି ପ୍ରମୁଖ ସହଯୋଗ କରିଥିଲେ।

# ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ

**କଣ୍ଟାବାଞ୍ଜି, ୨୩।୬(ଗୁରୁ ଦୟାଲ ହଂସ)**



ନିଶାମୁକ୍ତ ସଚେତନତା ମାରାଥନରେ ବିଦ୍ୟାର୍ଥୀ ଓ ଅନ୍ୟମାନେ।

ଅବକାରୀ ବିଭାଗ ଓ ଜିଲା ପ୍ରଶାସନ ବଲାଙ୍ଗୀର ଆନୁକୂଲ୍ୟରେ କଣ୍ଟାବାଞ୍ଜି ବାଳକ ଉଚ୍ଚ ବିଦ୍ୟାଳୟ ପଡିଆରେ ଏକ ସଚେତନତା ସଭା ସୋମବାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ପୁରନ୍ଦର ବାଗ, ସମ୍ମାନିତ ଅତିଥି ବେଦବ୍ୟାସ ନାଗ, ଜିଲା ଅବକାରୀ ବିଭାଗ ଆରକ୍ଷୀ ଅଧିକାରୀ ସୀତାକାନ୍ତ ମୁଦୁଲି, ହରିହର ଦଳ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ଇନ୍‌ସ୍ପେକ୍ଟର ସଚିନ ବେହେରା, ସବ ଇନ୍‌ସ୍ପେକ୍ଟର ପ୍ରବୀଣ କୁମାର ସାହୁ, ସୁମିତ କୁମାର ସାହୁ, ଏଏସ୍‌ଆଇ ଈଶ୍ୱର ଚନ୍ଦ୍ର ଭୋଇ, ହିଙ୍ଗୁଳା ଦାଶଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ, ତୁରେକେଲା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ମାଝୀ, ତୁରେକେଲା ଆଞ୍ଚଳିକ ସାଧନ ସଂଯୋଜକ ବିରଞ୍ଚି ନାରାୟଣ ଦାଶ, ସିନ୍ଧେକେଲା କଲେଜ ଶିକ୍ଷା ବିଭାଗ ଅଧ୍ୟାପକ ଚିନ୍ମୟ ଯୋଶୀ, ଅଧ୍ୟାପକ ଦେବେନ୍ଦ୍ର ପଣ୍ଡା ମଞ୍ଚାସୀନ ଥିଲେ। ପ୍ରଥମେ ଇନଡୋର ଷ୍ଟାଡିୟମରୁ ଏକ ସଚେତନତା ଶୋଭାଯାତ୍ରା ସହର ମୁଖ୍ୟ ରାସ୍ତା ଦେଇ ବାଳକ ହାଇସ୍କୁଲରେ ପହଞ୍ଚିଥିଲା। ସେଠାରୁ କଦଳୀପାଲି ଛକ ପର୍ଯ୍ୟନ୍ତ ମିନି ମାରାଥନ ଯାଇଥିଲା। ଏହି ଅବସରରେ ମାରାଥନରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସମସ୍ତେ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ଶୁଭେନ୍ଦ୍ର କୁମାର ମହାନ୍ତି, ବିନୋଦ ମହାପାତ୍ର, ମନୋଜ ମହାପାତ୍ର, ସୌମ୍ୟ ରଞ୍ଜନ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ବାରିକ, ରାଜେନ୍ଦ୍ର ଧରୁଆ, ରାଜେନ୍ଦ୍ର ସେଠ, ଡିଙ୍ଗର ମାଝୀ, ଉପେନ୍ଦ୍ର ଚନ୍ଦନ, ଅନିଲ ଦାଶ, ହରିବନ୍ଧୁ ମେହେର, ଡୋଲେଶ୍ୱରୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାଜପା ୨ ଗୋଷ୍ଠୀର ସମାନ୍ତରାଳ ବଳିଦାନ ଦିବସ

**ଲୋଇସିଂହା,୨୩।୬(ସୁଶାନ୍ତ ବାରିକ)**

ଲୋଇସିଂହା ଭାଜପାର ଦୁଇଗୋଷ୍ଠୀ ସମାନ୍ତରାଳ ଭାବେ ମହାନ ରାଷ୍ଟ୍ର ଭକ୍ତ ତଥା ଭାରତୀୟ ଜନସଂଘର ସଂସ୍ଥାପକ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କର ବଳିଦାନ ଦିବସ ସୋମବାର ପାଳନ କରଯାଇଛି। ପୂର୍ବାହ୍ନରେ ଝାରମୁଣ୍ଡା ଖେଳ ପଡ଼ିଆଠାରେ ୩୪ ନଂ ଜୋନ ପ୍ରଭାରୀ ସୀତାରାମ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ବାଳକୃଷ୍ଣ ଧରୁଆ, ଆନନ୍ଦ ମେହେର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଅପରାହ୍ନରେ ସଭାପତି ସରୋଜ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ଗୌରାଙ୍ଗ ନାଏକ, ସୁନୀଲ ଦାସ, ସୁଦିପ ସା,ରାମ ସାହୁମୁଙ୍କ ସମେତ ବହୁ କାର୍ମକର୍ତ୍ତା ଯୋଗ ଦେଇ ଶ୍ୟାମାପ୍ରସାଦଙ୍କ ଜୀବନୀ, ଜୀବନ ଦର୍ଶନ ଉପରେ ଆଲୋଚନା କରି ଦେଶ ପାଇଁ ତାଙ୍କର ବଳିଦାନ ତାଙ୍କୁ ସର୍ବଦା ଅମର କରି ରଖିବ ବୋଲି ମତବ୍ୟକ୍ତ କରିଥିଲେ।

# ଶୁଭଦର୍ଶିନୀଙ୍କୁ ମହାନଦୀ କଳା ନୃତ୍ୟଗୁରୁ ସମ୍ମାନ



ଶୁଭଦର୍ଶିନୀ ମିଶ୍ରଙ୍କୁ ସମ୍ମାନିତ କରାଯାଉଛି।

**ଟିଟିଲାଗଡ଼, ୨୩।୬(ଶରତ ମିଶ୍ର)**

ଟିଟିଲାଗଡ଼ର ନୃତ୍ୟଶିଳ୍ପୀ ଶୁଭଦର୍ଶିନୀ ମିଶ୍ରଙ୍କୁ ମିଳିଛି ମହାନଦୀ କଳା ନୃତ୍ୟଗୁରୁ ସମ୍ମାନ–୨୦୨୫। ସମ୍ବଲପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଅଡିଟୋରିୟମ ହଲ ଠାରେ ଉଡାନ ପକ୍ଷରୁ ଆୟୋଜିତ ଦ୍ୱିତୀୟ ମହାନଦୀ ଉତ୍ସବରେ ଶୁଭଦର୍ଶିନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏଥିପୂର୍ବରୁ ୧୮ ସେକେଣ୍ଡରେ ୫୨ଟି ଓଡ଼ିଶୀ ମୁଦ୍ରା ପ୍ରଦର୍ଶନ ନେଇ ଶୁଭଦର୍ଶିନୀ ଇଣ୍ଡିଆ ବୁକ୍ ଅଫ ରେକର୍ଡସରେ ସ୍ଥାନିତ ହୋଇଥିଲେ। ଟିଟିଲାଗଡ଼ ସହରର ଉଗ୍ରସେନ ମିଶ୍ର ଏବଂ ସ୍ୱର୍ଗତ ଜେମା ମିଶ୍ରଙ୍କ କନ୍ୟା ଶୁଭଦର୍ଶିନୀ ପିଲାଦିନରୁ ନୃତ୍ୟକଳା ପ୍ରତି ଆକର୍ଷିତ ହୋଇଥିଲେ। ଟିଟିଲାଗଡ଼ ଡଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସ୍ନାତକ ଶିକ୍ଷା ପରେ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଡ୍ୟାନ୍ସକଳାରେ ସ୍ନାତକୋତ୍ତର ଶିକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ମହାନଦୀ କଳା ନୃତ୍ୟଗୁରୁ ସମ୍ମାନରେ ସମ୍ମାନିତ ହେବା ପରେ ଶୁଭଦର୍ଶିନୀଙ୍କୁ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ବ୍ୟଙ୍ଗକବି ଟିକେଲାଲ ବେହେରାଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଓଲଟିଲା ବାଲି ବୋଝେଇ ହାଇୱା

**ଲାଠୋର,୨୩।୬(ଭୁବନେଶ୍ୱର ବାରିକ)**

ଖପ୍ରାଖୋଲ ବ୍ଲକ ଲାଠୋର ସଦର ଗ୍ରାମ ହାଇସ୍କୁଲ ନିକଟରେ ଏକ ବାଲି ବୋଝେଇ ହାଇୱା ଟ୍ରକ ସୋମବାର ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ହାଇୱା ଟ୍ରକ (ନଂ ଓଡ଼ି–୦୩–ଏଡି–୨୮୪୨) ସଇଁତଳା ବ୍ଲକ କୁଇକେଡା ବାଲି କ୍ୱାରିଠାରୁ ବାଲି ବୋଝେଇ ହୋଇ ବେଲପଡା ଘାଗୁର୍ଲି ହୋଇ ଜଙ୍ଗଲ ରାସ୍ତା ଦେଇ ଲାଠୋରକୁ ଆସୁଥିଲା। ସକାଳୁ ଲାଠୋର ହାଇସ୍କୁଲ ନିକଟରେ ଭାରସାମ୍ୟ ହରାଇ ଉକ୍ତ ବାଲି ବୋଝେଇ ଟ୍ରକ୍‌ଟି ଓଲଟି ପଡ଼ିଥିଲା। ଏଥିରେ ଚାଳକ ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଥିଲେ।
ଲାଠୋର ରାଜସ୍ୱ ନିରୀକ୍ଷକ ଇନ୍ଦ୍ରଦ୍ୟୁମ୍ନ ନାଏକ ଘଟଣାସ୍ଥଳରେ ପହଞ୍ଚି ବାଲି ଚାଲାଣର ଚାଲାନ ଦେଖି ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଥିଲେ । କାହାକୁ କିଛି ନ କହି ହାଇୱା ଟ୍ରକ ମାଲିକ ଘଟଣାସ୍ଥଳକୁ ଆସି ଜେସିବି ସାହାଯ୍ୟରେ ଓଲଟିଥିବା ଟ୍ରକ୍‌କୁ ଉଠାଇ ଫେରାର ହୋଇଯାଇଥିଲେ। ଅନ୍ୟପଟେ ଟ୍ରାଞ୍ଜିଟ ପାସରେ ବେଲପଡା କଣ୍ଟାବାଞ୍ଜି ହୋଇ ଲାଠୋର ଆସିବା ଉଲ୍ଲେଖ ଥିବାବେଳେ ଜଙ୍ଗଲ ରାସ୍ତା ଦେଇ କିପରି ବାଲି ବୋଝେଇ ଟ୍ରକ ଆସୁଥିଲା ସେ ନେଇ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଭୀମକଟା ପଥର ସୋଲିଂ କାମ ନିମ୍ନମାନର ଅଭିଯୋଗ


ଭୀମକଟାର ପଥର ସୋଲିଂ କାମ ଚାଲିଛି ।

**ଦେଓଗାଁ,୨୩।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ପର୍ଯ୍ୟଟନ ସ୍ଥଳୀ ଭୀମପାହାଡ଼ସ୍ଥିତ କ୍ଷୁଦ୍ର ଜଳସେଚନ ଭୀମକଟାର ପଥର ସୋଲିଂ ସହ ଉନ୍ନତୀକରଣ କାମ ଚାଲିଛି। ଉକ୍ତ ପ୍ରକଳ୍ପରେ ସମ୍ପୃକ୍ତ ଠିକାଦାର ନିମ୍ନମାନର ପଥର ବ୍ୟବହାର କରିବା ସହ ଗଡୱାଲ କାମ ମଧ୍ୟ ନିମ୍ନ ମାନର କରିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏନେଇ ଆଖପାଖ ଗାଁର ଲୋକେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଓ ପୁନଶ୍ଚ ସେହି ନିମ୍ନମାନର (କୁଣ୍ଡାପଥର) ବ୍ୟବହାର କରୁଥିବା ପୂର୍ବତନ ସରପଞ୍ଚ ବାଳକ ପଧାନ ଅଭିଯୋଗ ଉଠାଇଛନ୍ତି।
୧ କୋଟି ୯୩ ଲକ୍ଷ ୩୩ ହଜାର ୧୧୧ ଟଙ୍କାର ଅନୁଦାନରେ ଏହି ପ୍ରକଳ୍ପର ଉନ୍ନତୀକରଣ ପାଇଁ ୦୫।୧୨।୨୦୨୩ରେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ କଳିକେଶ ନାରାୟଣ ସିଂଦେଓ ମଧ୍ୟ ୨୩।୧୨।୨୦୨୩ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଭିତ୍ତି ପ୍ରସ୍ତର ସ୍ଥାପନ ପରେ ଉକ୍ତ ପ୍ରକଳ୍ପ କାମ ପଡ଼ି ରହିଥିଲା। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ବିଳମ୍ବରେ ସମ୍ପୃକ୍ତ ବିଭାଗ କାମ ଆରମ୍ଭ କରିଛି। କାମ ଅର୍ଦ୍ଧାଧିକ ହୋଇଥିଲେ ହେଁ ସୂଚନା ଫଳକ ଲଗାଯାଇ ନ ଥିବାରୁ କାମର ସବିଶେଷ ତଥ୍ୟ ଲୋକେ ଜାଣି ପାରୁନାହାନ୍ତି। ଏହି ପର୍ଯ୍ୟଟନ ସ୍ଥଳୀକୁ ପ୍ରତିଦିନ ଶହ ଶହ ପର୍ଯ୍ୟଟକଙ୍କ ଗମନା ଗମନ ରହିଛି । ଉକ୍ତ ପୋଖରୀରେ ନୌକା ଚାଳନା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଉକ୍ତ ଭୀମକଟାର ଉନ୍ନତୀ କରଣ କାର୍ଯ୍ୟ ଠିକ ଭାବେ ନ ହେଲେ ପର୍ଯ୍ୟଟନସ୍ଥଳୀର ବିକାଶରେ ବ୍ୟାଘାତ ସୃଷ୍ଟି ହେବା ସୁନିଶ୍ଚିତ ବୋଲି ମତ ପ୍ରକାଶ ପାଇଛି । ଏ ନେଇ ଜଳସେଚନ ବିଭାଗ ଯନ୍ତ୍ରୀ ସରୋଜ କୁମାର ବେହେରାଙ୍କ ମତ ଲୋଡିବାରୁ ସମ୍ପୃକ୍ତ ଠିକାଦାରଙ୍କୁ ତାଗିଦ୍ କରିବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି

**ଟିଟିଲାଗଡ଼,୨୩।୬(ସନ୍ତୋଷ ପଟ୍ଟନାୟକ):** ସ୍ଥାନୀୟ ଭାଜପା କାର୍ଯ୍ୟାଳୟଠାରେ ସୋମବାର ମହାନ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ, ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୨ତମ ବଳିଦାନ ଦିବସ ଅବସରରେ ଭକ୍ତିପୂତ ଶ୍ରଦ୍ଧାସୁମନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଡ. ମୁଖାର୍ଜୀଙ୍କ ଦେଶ ପାଇଁ ସେବା, ଅଖଣ୍ଡ ଭାରତ ବର୍ଷ ବିଭାଜନ ନେଇ ତାଙ୍କ ବିରୋଧ ତଥା କଶ୍ମୀରର ଏକ ଜେଲରେ ସନ୍ଦେହଜନକ ଭାବରେ ତାଙ୍କ ମୃତ୍ୟୁକୁ ନେଇ ବିଶଦ ଅବତାରଣା କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଟିଟିଲାଗଡ଼ ପୌରାଧକ୍ଷା ମମତା ଜୈନ, ସଞ୍ଜୟ ତ୍ରିପାଠୀ ବର୍ତ୍ତମାନ ବାହ୍ୟ ଶତ୍ରୁଙ୍କ ଆକ୍ରମଣ ନେଇ ଦେଶବାସୀ ଏକଜୁଟ ହେବାକୁ ନିବେଦନ କରିଥିଲେ । ଟିଟିଲାଗଡ଼ ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ ଦଳୀୟ ବରିଷ୍ଠ ନେତା ଅଶ୍ୱିନୀ ସାହୁ, ରଞ୍ଜୁ ପାତ୍ର, ହରି ନାଗ, ପବିତ୍ର ସାହୁ, କାଉନସିଲର ସୁଧୀର ଅଗ୍ରୱାଲ, ରିଙ୍କୁ ପାତ୍ର, ପିଙ୍କୁ ସାହୁ, ନାକ ସାହୁ, ସଞ୍ଜୟ ବେହେରା, ସୁଦାମ ସାହୁ, ଦୀପକ ସାହୁ, ରଞ୍ଜନ ସାହୁ ପ୍ରମୁଖ ନେତା କର୍ମୀ ସାମିଲ ହୋଇଥିଲେ।

**ଖପ୍ରାଖୋଲ(ଅଭୟ ତ୍ରିପାଠୀ):** ସ୍ଥାନୀୟ ବ୍ଲକ ଭାଜପା କାର୍ଯ୍ୟାଳୟ ପରିସରରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ବ୍ଲକ ଭାଜପା ସଭାପତି ଉମାକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବକ୍ତା ରୂପେ ଡ ଅଭୟ ତ୍ରିପାଠୀ, ଦେବକାନ୍ତ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ଲାଠୋର ମଣ୍ଡଳ ସଭାପତି ବିକାଶ ବେହେରା, ସତ୍ୟାନନ୍ଦ ସେନ୍ଦ୍ରିଆ, ନାରାୟଣ ଦଣ୍ଡସେନା, ଜନାର ସୁନା, କର୍ଣ୍ଣ ସିଂ ଠାକୁର, ଦେବାନନ୍ଦ ଭୋଇ, ରୋହିତ ମେହେର, କାଳିଆ ସାହୁ, ବବୁ ସାହୁ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

IBS
TWISHA EDUCATIONAL PVT. LTD.
INSTITUTE OF BASIC SCIENCES
(A DAY CUM RESIDENTIAL COACHING INSTITUTE)
NEET / JEE-MAIN / IIT / OUAT / +2 SCIENCES (CHSE/CBSE)/ CLASS-VIII, IX,X
ADMISSION OPEN
DISCOUNT 25 % OFF SPECIAL OFFER
NEET ONE YEAR COURSE FOR 2026
JEE-MAIN ONE YEAR COURSE FOR 2026
INTEGRATED COURSE FOR CLASS-XI (CHSE/CBSE)
UNIQUE FEATURES
Excellent Residential Coaching Institute since 2008
Coaching, Lodging and fooding at one campus
Highly experienced and dedicated faculties
24x7 surveillance under CCTV Camera
TWISHA EDUCATIONAL PVT. LTD.
IBS Road, Fatak Durga Puja Mandap, Sambalpur, Odisha, 768004
Contact- 8280346132, 8280346135, Email- twishaeducation@gmail.com
www.twishaeducation.com, Twisha Digital App

DAYANAND INSTITUTE
Dhanupali, Sambalpur- 768005
Contact- 8763032587, 9938895475, 9437158817
ADMISSIONS OPEN
NTT- Regular and Distance Mode
Eligibility- +2 & Above (Only for Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility:-
Any Graduate with 40% mark
Affiliated to Utkal University of Culture
Recognized by Govt. of Odisha

**ଜିଲାପାଳଙ୍କ ଜନଶୁଣାଣି ଶିବିର**

ହରଭଙ୍ଗା,(ନରେନ୍ଦ୍ର କୁମାର ସାହୁ): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତଳଗାଁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଶିବିରରେ ସମୁଦାୟ ୧୧୦ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୯୬ଟି ବ୍ୟକ୍ତିଗତ ମାମଲା ହୋଇଥିବାବେଳେ ୧୪ଟି ସାମୂହିକ ମାମଲା ରହିଥିଲା। ଶିବିରରେ ୪୫ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ରେଡ୍‌କ୍ରସ ଯୋଜନାରେ ଜଣଙ୍କୁ ୧୦ ହଜାର ଟଙ୍କା ସହାୟତା ଓ ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା

# ଉଠୁନି ଧାନ, ସରୁଛି ଟୋକନ ଅବଧି


ବିନିକା ବ୍ଲକ କାଳାଟିକିରା ମଣ୍ଡିରୁ ଧାନ ଉଠୁନି।


ତରଭା ବ୍ଲକ ମରାଡୁଗୋଛାର ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିଛନ୍ତି।

ସୋନପୁର,୨୩।୬(ମୃତ୍ୟୁଞ୍ଜୟ ଶତପଥୀ)

### ସୁବର୍ଣ୍ଣପୁର ଜିଲାରେ ବଢୁଛି ଚାଷୀ ଅସନ୍ତୋଷ

ସୁବର୍ଣ୍ଣପୁର ଜିଲାରେ ଧାନବିକ୍ରି ଧିମେଇ ପଡିଛି। ବର୍ଷା ଲାଗି ରହିଥିବା ଯୋଗୁ ଧାନ ସଂଗ୍ରହରେ ବାଧା ସୃଷ୍ଟି ହୋଇଛି। ଚାଷୀଙ୍କୁ ଧାନବିକ୍ରି ପାଇଁ ମିଳିଥିବା ଟୋକନ ଅବଧି ସରି ବସୁଛି। ମାତ୍ର ଆବଶ୍ୟକ ଅନୁଯାୟୀ ମଣ୍ଡିରୁ ଧାନ ଉଠୁନି। ଧାନ ବିକ୍ରି ପାଇଁ ଆଉ ଏକ ସପ୍ତାହ ବାକି ଅଛି। ଅବଧି ପୂର୍ବରୁ ଚାଷୀଙ୍କ ନିକଟରୁ ଧାନ କିଣା ସରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଥିପାଇଁ ଜିଲାରେ ଚାଷୀ ଅସନ୍ତୋଷ ବଢିବାରେ ଲାଗିଛି। ପ୍ରତିଦିନ ଜିଲାର ବିଭିନ୍ନ ଅଞ୍ଚଳର ଚାଷୀମାନେ ଧାନ ଉଠାଣ ଦାବି ନେଇ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଆସୁଛନ୍ତି। ସେହିପରି କ୍ରୟକାରୀ ସଂସ୍ଥା ପାକ୍ସ ସମ୍ପାଦକ ଓ ଡବ୍ଲ୍ୟୁଏସ୍ଏଚ୍‌ଜି କର୍ମକର୍ତ୍ତା ଟାର୍ଗେଟ୍ ଦେବା ଏବଂ ମଣ୍ଡିକୁ ମିଲର୍ସ ଟ୍ରକ୍ ପଠାଇବା ନେଇ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଭିଡ ଜମାଉଛନ୍ତି। ସୋମବାର ବିନିକା ବ୍ଲକର ଯୁଲୁଣ୍ଡା ଓ କୁହିବାହାଲ ମଣ୍ଡି ଉପରେ ନିର୍ଭରଶୀଳ ଚାଷୀମାନେ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଆସିଥିଲେ। ତରଭା ବ୍ଲକର ମରାଡୁଗୋଛା ମଣ୍ଡି ଉପରେ ନିର୍ଭରଶୀଳ ଚାଷୀମାନେ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଉଲୁଣ୍ଡା ବ୍ଲକ କୋଟସମଲାଇ ଅଞ୍ଚଳର ଚାଷୀମାନେ ମୁଣ୍ଡରେ ଧାନ ବସ୍ତା ଏବଂ ଗଜା ଧାନ ଧରି ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଆସିଥିଲେ। ପୋଲିସ ଉପସ୍ଥିତି ରହି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ମରାଡୁଗୋଛାରେ ୫ହଜାର ହଜାର ବସ୍ତା ଧାନ ମଣ୍ଡିରେ ଥିବା ବେଳେ ଚାଷୀଙ୍କ ଘରେ ୧୦ହଜାର ବସ୍ତା ଧାନ ରହିଛି। ଯୁଲୁଣ୍ଡା ମଣ୍ଡିରେ ୧୪ହଜାର ବସ୍ତା ଓ କୁହିବାହାଲ ମଣ୍ଡିରେ ୧୩ହଜାର ବସ୍ତା ଧାନ ପଡି ରହିଥିବା ଚାଷୀମାନେ ଦର୍ଶାଇଥିଲେ। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଓ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସଙ୍କୁ ଭେଟି ସେମାନେ ତ୍ୱରିତ ଧାନ ଉଠାଣ ପାଇଁ ଦାବି କରିଥିଲେ। କୌଣସି ପରିସ୍ଥିତିରେ ଟୋକନ ଅବଧି ଯେଭଳି ସରିବ ନାହିଁ ଏବଂ ସମସ୍ତ ଚାଷୀଙ୍କ ଧାନ ଉଠିଯିବ ସେ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ଅତିରିକ୍ତ ଜିଲାପାଳ ଓ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ସେମାନଙ୍କୁ ନିର୍ଭର ପ୍ରତିଶ୍ରୃତି ଦେଇଛନ୍ତି ବୋଲି ଚାଷୀମାନେ କହିଛନ୍ତି।

### ମିଲର୍ସଙ୍କ ଗୋଦାମରେ ଧାନ, ଚାଉଳ ଭର୍ତ୍ତି: ମଣ୍ଡିରୁ ନେବାକୁ ଅମଙ୍ଗ

ସୁବର୍ଣ୍ଣପୁର ଧାନ ଉତ୍ପାଦନରେ ବଳକା ଜିଲା। ଏଠାରେ ରବି ଓ ଖରିଫରେ ରେକର୍ଡ ପରିମାଣରେ ଧାନ ଉତ୍ପାଦନ ହୋଇଥାଏ। ୨୦୨୪-୨୫ ଖରିଫରେ ଏହି ଜିଲାରୁ ୫୪ ମିଲର୍ସ ୩୭ଲକ୍ଷ ୨୦ହଜାର ୩୪୦କୁଇଣ୍ଟାଲ ଧାନ ସଂଗ୍ରହ କରିଥିଲେ। ନିୟମ ଅନୁଯାୟୀ ମିଲର୍ସମାନେ ୨୫ଲକ୍ଷ ୪୨ହଜାର ୬୩୮କୁଇଣ୍ଟାଲ କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ପ୍ରଦାନ କରିବା କଥା। କିନ୍ତୁ ବର୍ତ୍ତମାନ ସୁଦ୍ଧା ମିଲର୍ସମାନେ ୧୩ଲକ୍ଷ ୪୮ହଜାର ୯୯୬କୁଇଣ୍ଟାଲ ଚାଉଳ ସରକାରଙ୍କୁ ଦେଇଛନ୍ତି। ଆହୁରି ୧୧ଲକ୍ଷ ୯୨ହଜାର ୬୪୧କୁଇଣ୍ଟାଲ ଚାଉଳ ଦେବାକୁ ବାକି ଅଛି। ମିଲର୍ସ ମାନେ ଖରିଫରେ ନେଇଥିବା ଧାନର ଶତପ୍ରତିଶତ ସିଏମ୍ଆର ଏପ୍ରିଲ ୩୦ ତାରିଖ ସୁଦ୍ଧା ସରକାରଙ୍କୁ ଦେବା କଥା। କିନ୍ତୁ ଖରିଫରେ ମାତ୍ର ୫୩.୦୫% ଚାଉଳ ମିଲର୍ସ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଚାଉଳ ସଂଗ୍ରହ କେନ୍ଦ୍ର ଗୁଡିକ ସ୍ୱଳ୍ପ ପରିମାଣର ଚାଉଳ ଗଚ୍ଛିତ ରଖୁଛନ୍ତି। କେନ୍ଦ୍ର ସରକାରଙ୍କ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)ର ଚାଉଳ ସଂଗ୍ରହ ମନ୍ଥର ଗତିରେ ଚାଲିଛି। ସେହିପରି ରବିରେ ଜିଲାର ମଲର୍ସମାନେ ପ୍ରାୟ ୨୦ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ କଲେଣି। ସେମାନଙ୍କ ଗୋଦାମରେ ଧାନ ଓ ଚାଉଳ ଭର୍ତ୍ତି ହୋଇରହିଛି। ସ୍ଥାନାଭାବ ପାଇଁ ସେମାନେ ଚାଷୀଙ୍କ ନିକଟରୁ ଆଉ ଧାନ ନେବା ପାଇଁ ଚାହୁଁନାହାନ୍ତି। ସେଥିପାଇଁ ଜିଲାରେ ଧାନ ସଂଗ୍ରହରେ ଅବ୍ୟବସ୍ଥା ଦେଖାଦେଇଛି। ସମ୍ବଲପୁର ଓ ବଲାଙ୍ଗୀର ଜିଲାର ଅଳ୍ପ କିଛି ମିଲର୍ସଙ୍କୁ ସୁବର୍ଣ୍ଣପୁର ଜିଲାରେ ରବି ଧାନ ସଂଗ୍ରହ ପାଇଁ ଶେଷ ପର୍ଯ୍ୟାରେ ଅନୁମତି ମିଳିଛି। ମାତ୍ର ତାହା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଉଛି।

ଅମଳ ସମୟରେ ଲଘୁଚାପ ବର୍ଷା ଯୋଗୁ କ୍ଷେତରେ ଧାନ ଓଦା ହୋଇଥିଲା। ଜିଲାରେ କିଣା ଆରମ୍ଭର ୧୫ଦିନ ପରେ ମଣ୍ଡିକୁ ସ୍ୱାଭାବିକ ଭାବେ ଧାନ ଆସିଲା। କିଣା ତ୍ୱରାନ୍ୱିତ ହେବା ସମୟରେ ମୌସୁମୀ ସକ୍ରିୟ ହୋଇଛି। ଜିଲାରେ ଲଗାଣ ବର୍ଷା ଯୋଗୁ ଅନ୍ୟବର୍ଷ ତୁଳନାରେ ଏଥର ଉଠାଣ ପ୍ରକ୍ରିୟା ଅଧିକ ମନ୍ଥର ଗତିରେ ଚାଲିଛି। ମାର୍କେଟ୍ ୟାର୍ଡ ଓ ଗୋଦାମ ଘର ନଥିବା ମଣ୍ଡିଗୁଡିକରେ ଧାନକିଣା ହୋଇପାରୁନି। ଓଦାଧାନକୁ ମିଲର୍ସ ନେବାକୁ ଅରାଜି ହେଉଛନ୍ତି। ଜିଲାର ବିଭିନ୍ନ ମଣ୍ଡିରେ ପ୍ରାୟ ୨ଲକ୍ଷ ବସ୍ତା ଧାନ ପଡିରହିଛି। ଅନ୍ୟପକ୍ଷେ ଭିତ୍ତିଭୂମି ଅଭାବରୁ ଅନେକ ମଣ୍ଡିରେ ଚାଷୀଙ୍କ ଧାନ ବର୍ଷା ଯୋଗୁ ଓଦା ହୋଇ ଗଜା ବାହାରିଲାଣି। ଖୋଲା ଆକାଶ ତଳେ ଧାନ କିଣା ଯାଉଥିବାରୁ ଚାଷୀ କ୍ଷତି ସହୁଛନ୍ତି। ଏଭଳି ପରିସ୍ଥିତିରେ ଧାନ ଉଠାଣ ତ୍ୱରାନ୍ୱିତ କରିବାକୁ ଚାଷୀମାନେ ବାରମ୍ବାର ଦାବି କରି ଆସୁଛନ୍ତି। ମାତ୍ର କିଛି ସୁଫଳ ମିଳି ପାରୁ ନଥିବା ସେମାନେ ଅଭିଯୋଗ କରିଛନ୍ତି। ରବି ଧାନ ବିକ୍ରି କରି ପାରି ନଥିବାରୁ ଚାଷୀମାନେ ଅର୍ଥାଭାବରୁ ଖରିଫ ଚାଷ ପାଇଁ ନିଜକୁ ପ୍ରସ୍ତୁତ କରି ପାରୁ ନାହାନ୍ତି। ସେହିପରି ପରିବାର ଗୁଜୁରାଣ ମେଣ୍ଟାଇବା, ଟ୍ରାକ୍ଟର ମାଲିକ, ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ପ୍ରଦାନ, ଖରିଫ ଚାଷ ପାଇଁ ବିହନ କିଣିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁର ଚାଷୀ କନିଷ୍ଠ ତରିଆ କହିଛନ୍ତି। ଜିଲାର ଡୁଙ୍ଗୁରିପାଲି ବ୍ଲକ ଭୀମଟିକିରା, ଚେରୁପାଲି, ଇଛାପୁର ମଣ୍ଡିରେ ଖୋଲା ଆକାଶ ତଳେ ଧାନ କିଣାଯାଉଛି। ଚାଷୀଙ୍କୁ କେବଳ ପଲିଥିନ ଭରସା ଥିବା ବେଳେ ତଳ ପଟୁ ପାଣି ପଶି ଧାନ ଓଦା ହେଉଛି। ସୋନପୁର ବ୍ଲକର ବାଲପୁର ମଣ୍ଡି, ବିନିକା ବ୍ଲକର ମହାଦେବପାଲି ମଣ୍ଡି, ସେଲେଡି ମଣ୍ଡି, ଚରଦା ମଣ୍ଡି, ବାବୁପାଲି ମଣ୍ଡି, ଉଲୁଣ୍ଡା ବ୍ଲକର କୋଟସମଲାଇ, ବଡମାଲ, ଚଡେଇପଙ୍କ ମଣ୍ଡି ଓ ଡବ୍ଲ୍ୟୁଏସ୍ଏଚ୍‌ଜି ଧାନ କିଣୁଥିବା କାଳାଟିକିରା, ବାବୁପାଲି, ଅଇଁଲାମୁଣ୍ଡା ଭଳି ଜିଲାର ଅଧିକାଂଶ ମଣ୍ଡିରେ ରାସ୍ତା ଉପରେ ଓ ଖୋଲା ପଡିଆରେ ଧାନ କିଣାଯାଉଛି। ଗୋଟିଏ କୁଇଣ୍ଟାଲ ଧାନ କ୍ରୟ ଉପରେ ଭିତ୍ତିଭୂମି ନିର୍ମାଣ ପାଇଁ ଆରଏମ୍‌ସିକୁ ସରକାର ୨ପ୍ରତିଶତ କମିଶନ ପ୍ରଦାନ କରୁଛନ୍ତି। ସେହିପରି ମଣ୍ଡି ପରିଚାଳନା ପାଇଁ ସମ୍ପୃକ୍ତ ପାକ୍ସ ଓ ଡବ୍ଲ୍ୟୁଏସଏଚଜିକୁ ୩୧.୨୫ ଟଙ୍କା କମିଶନ ଦେବାର ସରକାରୀ ବ୍ୟବସ୍ଥା ରହିଛି। କିନ୍ତୁ ଏହି ଟଙ୍କା ମଣ୍ଡି ଭିତ୍ତିଭୂମି ନିର୍ମାଣରେ ବିନିଯୋଗ ହେଉନି। ପ୍ରଶାସନ ପକ୍ଷରୁ ତୁରନ୍ତ ଧାନ ଉଠାଣ ବ୍ୟବସ୍ଥା କରା ନଗଲେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚାଷୀମାନେ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ତହସିଲ କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ


ତହସିଲ ଅଫିସ ଗେଟରେ ତାଲା ପକାଇ ଚାଷୀମାନେ ଧାରଣା ଦେଇଛନ୍ତି।

ବିନିକା, ୨୩।୬(ରାମ ଗୋପାଳ ବାଘ )

### ମଣ୍ଡିରୁ ଉଠୁନି ଧାନ

ସୁବର୍ଣ୍ଣପୁର ଜିଲା ବିନିକା ମଣ୍ଡିରୁ ଧାନ ଉଠୁନାହିଁ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିଫଳନ ସୋମବାର ଦେଖିବାକୁ ମିଳିଛି। ତହସିଲ କାର୍ଯ୍ୟାଳୟରେ ଧାରଣା ଦେବାସହ ତହସିଲ ଅଫିସରେ ତାଲା ପକାଇ ଦେଇଥିଲେ ଶତାଧିକ ଚାଷୀ। ରବି ଧାନକିଣା ଆରମ୍ଭ ହେବାର ଏକ ମାସ ବିତିଯାଇଥିଲେ ମଧ୍ୟ ମଣ୍ଡିରେ ହଜାର ହଜାର ବସ୍ତା ଧାନ ଖୋଲା ଆକାଶ ତଳେ ପଡ଼ିରହିଛି। କୋହଲା ପାଗ ସାଙ୍ଗକୁ ତୁହାକୁ ତୁହା ବର୍ଷାଚାଷୀଙ୍କ ଚିନ୍ତା ବଢ଼ାଇ ଦେଉଛି। ଯେତେ ଅଭିଯୋଗ କଲେ ମଧ୍ୟ ମିଳୁଛି ଖାଲି ଆଶ୍ୱାସନା ଓ ପ୍ରତିଶ୍ରୁତି। ଚାଷୀମାନେ ନିଜ ଖର୍ଚ୍ଚରେ ଗାଡିଭଡା କରି ମଣ୍ଡିକୁ ଧାନ ଆଣୁଛନ୍ତି। କିନ୍ତୁ ମିଲର୍ସ ଆସୁ ନ ଥିବାରୁ ୮ରୁ ୧୦ ଦିନ ପର୍ଯ୍ୟନ୍ତ ଗାଡିରୁ ଧାନ ଓହ୍ଲାଇ ପାରୁନାହିଁ। ଫଳରେ ମଣ୍ଡିରେ ଏତେଦିନ ଗାଡିଶହ ଧାନ ରଖି ଚାଷୀମାନେ ଅଯଥାରେ ଭଡା ଗଣୁଛନ୍ତି। ଇତ୍ୟବସରରେ ଖରିଫଚାଷ ପାଇଁ ପ୍ରସ୍ତୁତ ହେଉଥିବା ଚାଷୀ ରବିଧାନ ବିକ୍ରି କରିବାରେ ସମସ୍ୟା ଭୋଗୁଛି। କିଛିଦିନ ପୂର୍ବେ ବିନିକା ତହସିଲ କାର୍ଯ୍ୟାଳୟରେ ଶ୍ରୀ ଗଣେଶ କୃଷକ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଯୋଗେଶର ସାଇ ଚାଷୀଙ୍କୁ କିଛି ପ୍ରତିଶ୍ରୁତି ଦେଇ ଧାରଣାରୁ ଉଠାଇ ଦେଇଥିଲେ। ହେଲେ ସେହି ସମସ୍ୟାର ସମାଧାନ ନ ହେବାରୁ ସୋମବାର ପୁଣିଥରେ ଚାଷୀମାନେ ତହସିଲ କାର୍ଯ୍ୟାଳୟକୁ ଆସିଥିଲେ। ତହସିଲଦାର ଅଫିସରେ ନଥିବାରୁ କାର୍ଯ୍ୟାଳୟ ଗେଟରେ ତାଲା ଦେଇ ଧାରଣାରେ ବସିଥିଲେ। ଖବର ପାଇ ବିନିକା ଥାନା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ, ଯୋଗାଣ ଅଧିକାରୀ ପ୍ରମୋଦ ପଣ୍ଡା ଧାରଣାସ୍ଥଳକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଜିଲା ଯୋଗାଣ ଅଧିକାରୀଙ୍କ ସହ ଫୋନ ମାଧ୍ୟମରେ ଯୋଗାଯୋଗ କରି ଆସନ୍ତା ଦୁଇଦିନ ମଧ୍ୟରେ ମଣ୍ଡିରେ ଥିବା ସମସ୍ତ ଧାନ ଉଠାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ପାଇବା ପରେ ତହସିଲ କାର୍ଯ୍ୟାଳୟ ତାଲା ଖୋଲାଯାଇଥିଲା। ପ୍ରତିଶ୍ରୁତି ମୁତାବକ ଦୁଇଦିନ ମଧ୍ୟରେ ମଣ୍ଡିରୁ ସମସ୍ତ ଧାନ ନ ଉଠିଲେ ସମସ୍ତ ଚାଷୀ ନିଜ ଧାନ ଗାଡିକୁ ରାସ୍ତାରେ ରଖି ରାସ୍ତାରୋକୋ କରିବେ। ସେଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ଚାଷୀ ସଙ୍ଗଠନ ତରଫରୁ ଚେତାବନୀ ଦିଆଯାଇଛି।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଝାରବନ୍ଧ,୨୩।୬(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ସଭାଗୃହଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସହ ପୋଲିସ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାଇ ମୀନା, ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ, ଉପଜିଲାପାଳ ସ୍ନେହା ଉରାଗୁଲା, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ, ଡେପୁଟି କଲେକ୍ଟର ଉତ୍ତମ କୁମାର ବାଗ, ଜିଲା ଉନ୍ନୟନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ କୁମାର, ବିଡିଓ ପର୍ଶୁରାମ ପଣ୍ଡା, ତହସିଲଦାର ଅଲେଖ ଘୁଟା ଉପସ୍ଥିତ

## ଡ଼ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ

ବିନିକା, ୨୩।୬ ( ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଶିଶୁମନ୍ଦିରରେ ସୋମବାର ସନ୍ଧ୍ୟାରେ ନଗର ସଭାନେତ୍ରୀ ଚନ୍ଦ୍ରମା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଡ଼ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବୃକ୍ଷ ରୋପଣ କରାଯାଇଥିଲା। ଶ୍ୟାମପ୍ରସାଦଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ, ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଭାଜପା ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର, ମୁଖ୍ୟବକ୍ତାଭାବେ ପୂର୍ବତନ ନଗରପାଳ ଉସତ କର, ସମ୍ମାନୀୟ ଅତିଥିଭାବେ ଭୁବନେଶ୍ୱର ପାତ୍ର ଯୋଗଦେଇ ଡ଼ ମୁଖାର୍ଜୀଙ୍କ ଜୀବନୀ ଓ ଦେଶ ପ୍ରତି ତାଙ୍କର ବଳିଦାନ ବିଷୟରେ ଆଲୋକପାତ କରିଥିଲେ। ଯୁବନେତା ଜୟଦେବ ହରି ମଞ୍ଚ ପରିଚାଳନା କରିଥିବାବେଳେ ପୂର୍ଣ୍ଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଭାଜପା କର୍ମକର୍ତ୍ତା ଘଣ୍ଟାଶିନୀ ପାହାଡ଼ରେ ବୃକ୍ଷ ରୋପଣ କରିଥିଲେ।

## ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଜବରଦଖଲ ହଟିଲା

ବୀରମହାରାଜପୁର,୨୩।୬ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୁଖ୍ୟଛକରେ ଥିବା ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୀର୍ଘଦିନ ଧରି ରହିଥିବା ଜବରଦଖଲକୁ ଘରକୁ ମଙ୍ଗଳବାର ସକାଳେ ହଟାଇଛି ରାଜସ୍ୱ ବିଭାଗ। ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ମାଜିଷ୍ଟ୍ରେଟ ଭାବରେ ସହକାରୀ ଜିଲାପାଳ ନରେନ୍ଦ୍ର କୁମାର ଭୋଇ, ବୀରମହାରାଜପୁର ଥାନା ଅଧିକାରୀ ଗଞ୍ଜୁ ଓରାମ ପୋଲିସ ଫୋର୍ସ ନେଇ ସକାଳ ୮ଟା୩୦ରେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ। ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଠାରେ ସୂଚାଇ ଦିଆଯାଇପାରେ ଚଳିତବର୍ଷ ଜଗନ୍ନାଥ ମନ୍ଦିରର ନୂତନ ତୋରଣ ନିର୍ମାଣ କାର୍ଯ୍ୟ ସରିଛି। ଜବରଦଖଲ ଉଚ୍ଛେଦ କରି ନ ଥିଲେ ମନ୍ଦିରରୁ ରଥ ବାହାରିବାରେ ଅସୁବିଧା ହୋଇଥାନ୍ତା। ପ୍ରଶାସନ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଜବରଦଖଲ କରି ରହୁଥିବା ସୁରୁଚି ମହାପାତ୍ରଙ୍କୁ ବାଗବର ପଞ୍ଚାୟତ ଷଣ୍ଢାଠାରେ ୪ ଡିସିମିଲି ଯୋଗାଇ ଦିଆଯାଇଛି। ଏବେ ବର୍ଷାଋତୁରେ ଘର ନିର୍ମାଣ କରିବାରେ ଅସୁବିଧା ହେବାକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ତରଫରୁ ଉପଜିଲାପାଳ କଲୋନୀ ପାଖରେ ଥିବା କ୍ଲଷ୍ଟର କଲୋନୀରେ ଏକ ପକ୍କା ଘର ତାଙ୍କୁ ଯୋଗାଇ ଦିଆଯାଇଛି। ଘର ନିର୍ମାଣ ହେବା ପର୍ଯ୍ୟନ୍ତ ସେ ଏଠାରେ ରହିବେ ବୋଲି କୁହାଯାଇଛି।


ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

## ଗଜାଧାନ ଧରି ଜନଶୁଣାଣିକୁ ଆସିଲେ ଚାଷୀ

ଉଲୁଣ୍ଡା,୨୩।୬(ଗୌରଚନ୍ଦ୍ର ପରିଛା)

ଜୁନମାସ ସରିବାକୁ ବସିଲାଣି। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଅଞ୍ଚଳର ଚାଷୀ ଏ ଯାଏ ରବିଧାନ ବିକ୍ରି କରିପାରିଲା ନାହିଁ। ମଣ୍ଡିରେ ଧାନଗଜା ହୋଇଗଲାଣି। ଏହାର ପ୍ରତିବାଦ କରିଛନ୍ତି ଚାଷୀ। ନବନିର୍ମାଣ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ସୋମବାର ଧାନବସ୍ତା ଧରି ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବରକୁ ଆସିଥିଲେ। ଧାନବସ୍ତା ରଖି ସେମାନେ ଧାରଣା ଦେଇଥିଲେ। ଅଭିଯୋଗ କରିଥିଲେ କୋଟସମଲେଇ ମଣ୍ଡିରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ପ୍ୟାକେଟ ଧାନ ବର୍ଷାରେ ଭିଜି ଗଜା ହେଇଗଲାଣି। ଅନ୍ୟ କେତେକ ଚାଷୀ ବର୍ଷା ଭୟରେ ନିଜ ଘରେ ଓ ଖଳାରେ ଧାନ ପକାଇ ରଖିଛନ୍ତି। ବାରମ୍ବାର ପ୍ରଶାସନକୁ କହିଲେ ମଧ୍ୟ ମଣ୍ଡିକୁ ଗାଡି ଆସୁନାହିଁ। ଫଳରେ ବର୍ଷାରେ ଧାନ ଗଜା ହୋଇ ଯାଇଥିବା ବେଳେ ଚାଷୀଙ୍କ ଟୋକନ ଅବଧି ମଧ୍ୟ ଶେଷ ହେବା ଆଶଙ୍କା ରହୁଛି। ପ୍ରଶାସନ ପକ୍ଷରୁ ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ଧାନ ଉଠାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଚାଷୀମାନେ ଧାରଣାରୁ ଉଠିଥିଲେ।

## ରାଜବୋଡାସମ୍ବର ସମିତି ସଭ୍ୟ ସଂଘ ସାଧାରଣ ବୈଠକ

ପାଇକମାଳ,୨୩।୬(ବଡ଼ ଶତପଥୀ)

ବରଗଡ଼ ଜିଲା ନୃସିଂହନାଥଠାରେ ରାଜବୋଡାସମ୍ବର ସମିତି ସଭ୍ୟ ସଂଘର ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସଭାପତି ଠାକୁର ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ରାଜବୋଡାସମ୍ବର ଅଧ୍ୟକ୍ଷ ରଣଜିତ ସିଂ, ଭାଇସ ଚେୟାରମ୍ୟାନ ସଂଯୁକ୍ତା ଚାନ୍ଦ, ପୂର୍ବତନ ପାଇକମାଳ ଚେୟାରମ୍ୟାନ ତଥା ଲାଟ ସଭାପତି ହୃଷୀକେଶ ବରିହା ଓ ସମସ୍ତ ସମିତି ସଭ୍ୟାସଭ୍ୟ ଯୋଗଦେଇ ସଂଘରେ ସମସ୍ତେ ମିଶି ନିଜ ବ୍ଲକ ଓ ପଞ୍ଚାୟତର ଉନ୍ନୟନମୂଳକ କାମ କରିବେ ସେହି ବିଷୟରେ ଆଲୋଚନା ହୋଇଥିଲା। ନୂତନ ଭାବରେ ମହୁଲପାଲି ପଞ୍ଚାୟତ ସମିତି ସଭ୍ୟ ମୁରଲୀ ସାହୁ, କଂସର ସମିତି ସଭ୍ୟା, ବରିକେଲ ସମିତି ସଭ୍ୟା, ଚାରପାଲି ସମିତି ସଭ୍ୟା ସଂଘରେ ଯୋଗଦାନ କରିଥିଲେ। ଶେଷରେ ଆଗକୁ ଆହୁରି ସମିତି ସଭ୍ୟ ସଂଘକୁ ସୁଦୃଢ଼ ଓ ରାଜବୋଡାସମ୍ବର ବ୍ଲକର ଉନ୍ନତି ପାଇଁ ଛିଡ଼ା ହୋଇ ରହିବେ ବୋଲି ସଂକଳ୍ପ ନେଇଥିଲେ।

## ବୌଦ୍ଧ, ପୁରୁଣାକଟକରେ ପହଞ୍ଚିଲା ଟ୍ରେନ



ପୁରୁଣାକଟକ ଷ୍ଟେଶନରେ ଟ୍ରେନ ପହଞ୍ଚିଛି।

ହରଭଙ୍ଗା,୨୩।୬(ନରେନ୍ଦ୍ର କୁମାର ସାହୁ)

ଗତ ୨୦ ତାରିଖରେ ରେଳ ମାନଚିତ୍ରରେ ବୌଦ୍ଧ ଜିଲା ଯୋଡି ହେବା ପରେ ସୋମବାର ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଛି। ସୋମବାର ସକାଳେ ରେଳ ଟ୍ରାକ୍‌ରେ ସ୍ୱାଭାବିକ ଭାବେ ପାସେଞ୍ଜର ଏବଂ ସନ୍ଧ୍ୟାରେ ଦ୍ରୁତଗାମୀ ଟ୍ରେନ ଚଳାଚଳ କରିଛି। ଫଳରେ ବଲାଙ୍ଗୀର ଓ ଭୁବନେଶ୍ୱରକୁ ପହଞ୍ଚିବା ପାଇଁ ରେଳଯାତ୍ରୀମାନଙ୍କୁ ସୁବିଧା ହୋଇଛି। ସୋମବାର ମଧ୍ୟାହ୍ନ ୧୨ଟା ୫ରେ ବଲାଙ୍ଗୀର-ପୁରୁଣାକଟକ ପାସେଞ୍ଜର ଟ୍ରେନ ପୁରୁଣାକଟକ ଷ୍ଟେଶନରେ ପହଞ୍ଚିଥିଲା। ଅପରାହ୍ନ ୧ଟା ୩୭ରେ ଉକ୍ତ ପାସେଞ୍ଜର ଟ୍ରେନ ବଲାଙ୍ଗୀର ଅଭିମୁଖେ ଯାତ୍ରା କରିଥିଲା। ସେହିପରି ଭୁବନେଶ୍ୱରରୁ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ ସନ୍ଧ୍ୟା ୬ଟା ୩୦ରେ ପୁରୁଣାକଟକ ଷ୍ଟେଶନରେ ପହଞ୍ଚିଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟା ୧୫ରେ ଉକ୍ତ ଟ୍ରେନ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ ବୋଲି ସୂଚନା ମିଳିଛି। ସେହିପରି ସୋମବାର ରାତି ୮ଟା ୪୫ରେ ବଲାଙ୍ଗୀରରୁ ପୁରୁଣାକଟକ ଆଉ ଏକ ପାସେଞ୍ଜର ଟ୍ରେନ ଆସିଥିବା ଜଣାପଡିଛି।

## ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି

ଉଲୁଣ୍ଡା,୨୩।୬(ଗୌରଚନ୍ଦ୍ର ପରିଛା): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଭା ଗୃହରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଏସ୍‌ପି ନାରାୟଣ ନାଏକ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଶିବିରରେ ୪୫ଟି ବିଭିନ୍ନ ସମସ୍ୟା ନିହିତ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ଓ ୧୩ଟି ସାମୂହିକ ଅଭିଯୋଗ ଥିଲା। ଅବଶିଷ୍ଟ ଅଭିଯୋଗ ଗୁଡ଼ିକର ତଦନ୍ତ କରି ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସିଇଓ ଅଶିନୀ ମେହେର, ଉପଜିଲାପାଳ ସୁରେନ୍ଦ୍ର ମେହେର ମଞ୍ଚାସୀନ ଥିଲେ। ବିଡ଼ିଓ ଚିନ୍ମୟ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ଗାଡ଼ି ଧକ୍କାରେ ଗାଈ ମୃତ, ରାସ୍ତାରୋକୋ

ବିନିକା, ୨୩।୬ (ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ସିଙ୍ଘିଜୁବାସ୍ଥିତ ଶ୍ରୀୟାନ୍ସ ତେଲ ମିଲ ନିକଟରେ ସୋମବାର ରାତି ପ୍ରାୟ ୮ଟା୩୦ରେ ଅଜଣା ଗାଡି ଧକ୍କାରେ ଏକ ଗର୍ଭବତୀ ଗାଈର ମୃତ୍ୟୁ ଘଟିଛି। ଖବର ପ୍ରଚାରିତ ହେବାପରେ ଗାଈ ମାଲିକ ପଞ୍ଚାନନ ବାରିକଙ୍କ ସହ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଗାଈ ରାସ୍ତା ପାର ହେଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଗାଡି ଗାଈକୁ ଧକ୍କା ଦେଇଥିଲା। ଡ୍ରାଇଭର ଗାଡି ନେଇ ପଳାଇ ଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା।






## ସଂକ୍ଷେପରେ

### ସାରକୁଣ୍ଡା ଜଙ୍ଗଲରୁ ଯୁବକଙ୍କ ଗଳିତ ମୃତଦେହ ଜବତ

**ଟେନ୍ସା,୨୩।୬(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ସାରକୁଣ୍ଡା ଜଙ୍ଗଲରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ସୋମବାର ପୋଲିସ ଜବତ କରିଛି। ସେ ହେଲେ କେନ୍ଦୁଝର ଜିଲା ଯୋଡା ଥାନା ନାରାୟଣପୁର ଗ୍ରାମର ଅଭିଷେକ ନାଏକ (୨୧)। ସୂଚନା ଅନୁଯାୟୀ, ଗତ ୧୦ରୁ ଅଭିଷେକ ନିଖୋଜ ଥିଲେ। ସୋମବାର ପୋଲିସ ସାରକୁଣ୍ଡା ଜଙ୍ଗଲରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋଇଡା ପଠାଇବା ସହ ତଦନ୍ତ ଜାରି ରଖିଛି। ଉଲ୍ଲେଖଯୋଗ୍ୟ, ଅଭିଷେକ ରାଉରକେଲାରେ ଥିବା ଏକ ଖଣିରେ ଠିକା ସଂସ୍ଥାରେ କାମ କରୁଥିଲେ।

### ନିଖୋଜ ମହିଳାଙ୍କ ମୃତଦେହ ଜବତ

**ଲହୁଣୀପଡ଼ା,୨୩।୬(ଦାଶରଥ ପଣ୍ଡା):** ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ କରୁଆବହ ଗ୍ରାମର ଜଣେ ମହିଳା ନିଖୋଜ ହେବାର ୭ ଦିନ ପରେ ପୋଲିସ ମୃତଦେହ ଜବତ କରିଛି। ମୃତା ଅଭିହେଲେ ବିରାଙ୍ଗ ମୁଣ୍ଡା (୪୧)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ବିରାଙ୍ଗ ଗତ ୧୬ ତାରିଖରେ ନିଜସ୍ୱ ନାଳକୁ ଗାଧୋଇବା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ରବିବାର ଅପରାହ୍ନରେ ଗ୍ରାମର କେତେଜଣ ଲୋକେ ନାଳକୁ ଯାଉଥିବା ବେଳେ ଗାଧୁଆ ତୁଠରୁ କିଛି ଦୂରରେ ଗଛରେ ଏକ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ କେ. ବଲାଙ୍ଗ ପୋଲିସକୁ ଖବର ଦେଇଥିଲେ। ସନ୍ଧ୍ୟା ହୋଇଥିବାରୁ ପୋଲିସ ମୃତଦେହ ଜବତ କରି ପାରି ନ ଥିଲା। ସୋମବାର ସକାଳୁ ପୋଲିସ ମୃତଦେହ ଜବତ କରିଥିଲା।

### କପଡ଼ା ଦୋକାନରୁ ଚୋରି

**ବଡ଼ଗାଁ,୨୩।୬(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରେ ପୁଣି ଚୋର ଦଳ ସକ୍ରିୟ ହୋଇଛନ୍ତି। ଗତ ୨ ଦିନ ପୂର୍ବେ ବନ୍ଦ ଥିବା ବଡ଼ଗାଁ ବାଳକ ପ୍ରାଥମିକ ବିଦ୍ୟାଳୟରେ ତାଲା ଭାଙ୍ଗି ଚୋରି ହୋଇଥିବାବେଳେ ରବିବାର ବିଳମ୍ବିତ ରାତିରେ ମହାବୀର ଛକଠାରେ ଥିବା କପଡ଼ା ଦୋକାନରୁ ଚୋରି ହୋଇଛି। ଏନେଇ ଦୋକାନ ମାଲିକ ମହମ୍ମଦ ହାଫିଜ ବଡ଼ଗାଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣା ସ୍ଥଳକୁ ଯାଇ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଚୋରମାନେ ଦୋକାନର ଆଇବେଷ୍ଟସ ଭାଙ୍ଗି ଭିତରେ ପଶିଥିଲେ। ଦୋକାନର ଶୋ କେସ୍ ଖୋଲି ୨୦ଟି ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ କପଡ଼ା ନେଇଯାଇଛନ୍ତି। ଗତ କିଛିମାସ ପରେ ପୁଣି ଚୋର ଦଳ ସକ୍ରିୟ ହୋଇଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

### ୨୬ରେ ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ

**ରାଉରକେଲା,୨୩।୬(ବିକେଶ ମିଶ୍ର):** ଆସନ୍ତା ୨୬ତାରିଖରେ ଉତ୍କଳମଣି ଗୋପବନ୍ଧୁଙ୍କ ଶ୍ରାଦ୍ଧବାର୍ଷିକୀ ପାଇଁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନ ଗୋପବନ୍ଧୁଙ୍କ ୯୭ତମ ଶ୍ରାଦ୍ଧ ଦିବସ ପାଳନ ପାଠାଗାର ପରିସରରେ ଥିବା ସଭାବାସୀ କକ୍ଷରେ କରାଯିବ। ସକାଳ ସାଢ଼େ ୭ଟାରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ସହ ସନ୍ଧ୍ୟା ସାଢ଼େ ୭ଟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ଏଥିରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଓ ବରିଷ୍ଠ ଅଧ୍ୟାପକ ଡ. ନଗେନ ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଛି।



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପେନସନଭୋଗୀଙ୍କ ଦାବିପତ୍ର

**ସୁନ୍ଦରଗଡ଼,୨୩।୬(ଜୟ ନାରାୟଣ ମେହେର୍):** ଅଲ ଇଣ୍ଡିଆ ଷ୍ଟେଟ ପେନସନର୍ସ ଫେଡେରେଶନର ଆହ୍ୱାନ କ୍ରମେ ସୋମବାର ସୁନ୍ଦରଗଡ଼ ରେଭେନ୍ୟୁ କଲୋନୀ ସ୍ଥିତ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଶତାଧିକ ପେନସନ ଭୋଗୀ (ପେନସନର୍ସ) ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀଙ୍କୁ ସାକ୍ଷାତ କରି ପ୍ରଦାନ କରିଛନ୍ତି। ଏହାପରେ ସଂଘ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ଡ. ଚିରବ୍ରତ ଦତ୍ତ ଖବରଦାତା ସମ୍ମିଳନୀରେ କହିଥିଲେ, ପୂର୍ବ ଓ ବର୍ତ୍ତମାନ ପେନସନ ମଧ୍ୟରେ ବିଭେଦ ସୃଷ୍ଟି ହେବା ଭଳି ସ୍ଥିତି ଉପୁଜ ହେବାକୁ ଯାଉଥିବା ଆଶଙ୍କା କରାଯାଉଛି। ୧.୧.୨୦୨୬ ପୂର୍ବରୁ ଅବସର ଗ୍ରହଣ କରିଥିବା ବା କରିବାକୁ ଯାଉଥିବା ପେନସନର୍ସଙ୍କ ମନରେ ଭୟ ଓ ସନ୍ଦେହ ସୃଷ୍ଟି ହୋଇଛି। ଯାହାକି ୧.୧.୨୦୦୬ ରୁ ଏ ପର୍ଯ୍ୟନ୍ତ ପୂର୍ବ ଓ ପରର ସମସ୍ତ ପେନସନର୍ସଙ୍କୁ ସମାନ ଲାଭ ଦିଆ ହୋଇ ଆସୁଛି। ଏପରିକି ବର୍ତ୍ତମାନର କେନ୍ଦ୍ର ସରକାର ସପ୍ତମ ବେତନ କମିଶନଙ୍କ ସୁପାରିଶକୁ ଆଧାର କରି ୧.୧.୨୦୧୬ ରୁ ନ୍ୟାୟ ପ୍ରଦାନ କରି ଆସୁଛନ୍ତି। କିନ୍ତୁ ଇତି ମଧ୍ୟରେ ଦେଶର ସଂସଦରେ ପାରିତ ହୋଇଥିବା ଏକ ବିଲରେ ୧.୧.୨୦୨୬ରୁ ଲାଗୁ ହେବାକୁ ଥିବା ପୂର୍ବ ପେନସନର୍ସଙ୍କ ପେନସନ ନିର୍ଦ୍ଧାରଣ ସମୟରେ ସମାନତା ରହିବା ଭଳି ଶବ୍ଦ ଉଲ୍ଲେଖ ନଥିବାରୁ ପେନସନର୍ସମାନଙ୍କ ମନରେ ଛନକା ପସି ଯାଇଛି। କୌଣସି ପରିସ୍ଥିତିରେ ୮ମ ବେତନ ନିର୍ଦ୍ଧାରଣ ବେଳେ ପୂର୍ବ ପେନସନର୍ସଙ୍କ ସ୍ୱାର୍ଥ ହାନି ହେବା ଭଳି ନିଷ୍ପତ୍ତି ନ ନେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକ ପତ୍ରରେ ନିବେଦନ କରାଯାଇଥିବା ଡ.ଦତ୍ତ ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ରାଜ କିଶୋର ମହାରଣା, ଯୁଗ୍ମ ସମ୍ପାଦକ ଲଳିତ ମୋହନ ଦାସ, ନିର୍ବାହୀ ସଦସ୍ୟ ମନୋଜ ପୁରୋହିତ, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ପୁଅାର, ମାୟାଧର ଡିଗାଲ, ସୁଧାଂଶୁ ଚୌଧୁରୀ, ଦେବାଶିଷ ସରାଫ, ମାନଭଞ୍ଜନ ପଟ୍ଟନାୟକ, ପ୍ରତାପ ତ୍ରିପାଠୀ, ଧରଣୀଧର ପଟେଲଙ୍କ ସମେତ ଅନେକ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଅପରେଶନ ସିନ୍ଦୂରର ଯୋଦ୍ଧା ମନୋହରଙ୍କୁ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼,୨୩।୬(ଜୟ ନାରାୟଣ ମେହେର୍):** ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ସିନ୍ଦୂର ଅପରେଶନରେ ସାମିଲ ଥିବା ବିଏସ୍ଏଫ୍ ଯବାନ ମନୋହର ଖାଲକୋଙ୍କୁ ତାଙ୍କର ନିର୍ଭୀକତା, ଦେଶ ପ୍ରେମ ପାଇଁ ସୋମବାର ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଖାଲକୋଙ୍କ ସହିତ ତାଙ୍କ ସ୍ତ୍ରୀ ଓ ତାଙ୍କର ୨ ଝିଅ ଉପସ୍ଥିତ ଥିଲେ। ପ୍ରଥମେ ବିଦ୍ୟାଳୟର ଅଧ୍ୟକ୍ଷା ହରିପ୍ରିୟା ପଟେଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଦେଶ ପ୍ରେମ ସହିତ ଖାଲକୋଙ୍କ ବୀରତ୍ୱର କାହାଣୀ ବଖାଣି ଥିଲେ। ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଟ୍ରଷ୍ଟି ସଦସ୍ୟ ନିମାଇଁ ଚରଣ ନାଏକ ଓ ବେଣୁ ମାଧବ ତ୍ରିପାଠୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରିୟଙ୍କା ଜେନା ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିଶ୍ୱ ଶଙ୍କର ନାୟକ ଖାଲକୋଙ୍କ ଜୀବନୀ ଉପରେ ଟିପ୍ପଣୀ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଦେବାଶିଷ ଦାସ, ଅଶୋକ ପରିଡ଼ା, ରଞ୍ଜନ ମହାପାତ୍ର, ସସ୍ମିତା ସାହୁ, ମାୟାଲେଖା ଖାଲକୋ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ଗୋପାଳ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ।




ମନୋହରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୨୧ ପ୍ରକଳ୍ପର ସମୀକ୍ଷା




ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

**ଟେନ୍ସା,୨୩।୬(ସମୀର କୁମାର ପାଢ଼ୀ)**

**କୋଇଡାରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ପାଟମୁଣ୍ଡା ଗ୍ରାମପଞ୍ଚାୟତ ପରିସରସ୍ଥ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳ ମହାରେ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳଙ୍କ ସମେତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁରଞ୍ଜନ ସାହୁ, ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ, ବଣାଇଁ ଉପଜିଲାପାଳ ଅକ୍ଷୟ ପିଲେ, ବଣାଇଁ ଡିଏଫଓ ସୁବ୍ରତ ପାତ୍ର, କୋଇଡା ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, କୋଇଡା ବିଡିଓ ରଶ୍ମିରେଖା ପାତ୍ର, କୋଇଡା ତହସିଲଦାର ନିର୍ମଳ କୁମାର ବିଶ୍ୱାଳଙ୍କ ସମେତ ସ୍ୱାସ୍ଥ୍ୟ, ଶିକ୍ଷା, ପୂର୍ତ୍ତ, ବନ, ଖଣି, ଶିଶୁ ମଙ୍ଗଳ, କୃଷି, ଗ୍ରାମ୍ୟ ଉନ୍ନୟନ, ଜଳ ଯୋଗାଣ, ଉଦ୍ୟାନ, ବିଦ୍ୟୁତ ପ୍ରମୁଖ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସାମୂହିକ ଓ ବ୍ୟକ୍ତିଗତଭାବେ ମୋଟ ୭୦ଟି ଅଭିଯୋଗର ଶୁଣାଣି କରାଯାଇ ତୁରନ୍ତ ସମାଧାନ ପାଇଁ ଜିଲାପାଳଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୋଗ ମଧ୍ୟରେ ମୁଖ୍ୟତଃ ରାସ୍ତାଘାଟ, ପୋଲ ନିର୍ମାଣ, ଷ୍ଟ୍ରିଟ ଲାଇଟ, ରାସ୍ତା ଜାମ, ଜମି ପଟ୍ଟା, ହାତୀ ଉପଦ୍ରବ ପାଇଁ ଆଶ୍ରୟ ସ୍ଥଳୀ, ପରିବେଶ ସମ୍ବନ୍ଧୀୟ, ଖଣି ନିଯୁକ୍ତି, ଜମି ଜବରଦଖଲ ଆଦି ରହିଥିଲା। ଅପରାହ୍ନରେ ଜିଲାପାଳ ଜାମୁଡି ଗ୍ରାମପଞ୍ଚାୟତରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବା ପରେ ବିଭିନ୍ନ ସ୍ଥାନରେ ହୋଇଥିବା ୨୧ଟି ପ୍ରକଳ୍ପକୁ ବୁଲି ଦେଖିଥିଲେ।

### ପାଣି ଭର୍ତ୍ତି ଖାଲରେ ବୁଡ଼ି ଶିଶୁର ମୃତ୍ୟୁ

**ବଡ଼ଗାଁ,୨୩।୬(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ଭଣ୍ଡାର ପଡ଼ାର ଜଣେ ୬ ବର୍ଷୀୟ ଶିଶୁ କନ୍ୟା ପାଣି ଭର୍ତ୍ତି ଖାଲରେ ବୁଡ଼ି ପ୍ରାଣ ହରାଇଛି। ସୂଚନା ଅନୁଯାୟୀ, ଭଣ୍ଡାର ପଡ଼ାର ମନବୋଧ ମାଝୀ ରବିବାର ପୂର୍ବାହ୍ନ ୧୦ଟାରେ ତାଙ୍କ ଝିଅ ଯମୁନାଙ୍କୁ ନେଇ ଚାଷ କାମ କରିବାକୁ କିଲକୁ ଯାଇଥିଲେ। କିଲ ଭିତରେ ବସିଥିବା ଯମୁନା ଖରା କାଟୁଛି କହି ନିକଟରେ ଥିବା ଏକ ଗଛ ମୂଳକୁ ଚାଲିଯାଇଥିଲେ। ସେଠାରେ ଥିବା ପାଣି ଭର୍ତ୍ତି ଖାଲରେ ସେ ପଡ଼ି ଯାଇଥିଲେ। କାମ ସାରି ମନବୋଧ ଗଛ ମୂଳକୁ ଆସି ଦେଖିଥିଲାବେଳେ ସେଠାରେ ଝିଅ ନ ଥିବାରୁ ଘରକୁ ଚାଲିଯାଇଥିବା ଆଶଙ୍କା କରିସେ ଘରକୁ ଫେରିଥିଲେ। ଘରେ ପଚାରୁ ନ ପାଇବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ବିଲରେ ଥିବା ଗଛ ପାଖରେ ଏକ ଖାଲ ଥିବା ଶୁଣି ମନବୋଧ ସେଠାକୁ ଯାଇ ଖୋଜାଖୋଜି କରିଥିଲେ। ଉକ୍ତ ଖାଲରୁ ସେ ଝିଅକୁ ଉଦ୍ଧାର କରି ବଡ଼ଗାଁ ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସୁନାରୀପଡ଼ା ଗଣେଶ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

**ସୁନ୍ଦରଗଡ଼,୨୩।୬(ଜୟ ନାରାୟଣ ମେହେର୍):** ସୁନାରୀପଡ଼ା ଗଣେଶ ପୂଜା କମିଟି ପକ୍ଷରୁ ୨୦୨୫-୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମଣ୍ଡଳୀ ଘୋଷଣା କରାଯାଇଛି। ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ସଭାପତିଭାବେ ସୁବ୍ରତ କୁମାର ନାଏକ, ସମ୍ପାଦକ ସୁମିତ କୁମାର ନାଏକ, ଉପ ସଭାପତି ଅଭିଷେକ ସିଂହ, କାର୍ଯ୍ୟକାରୀ ସଭାପତି ରଜତ ଠାକୁର, କୋଷାଧ୍ୟକ୍ଷ ସନ୍ଦୀପ ସାହୁ, ସହସମ୍ପାଦକ ବିନୀତ ସରାଫ ମନୋନୀତ ହୋଇଛନ୍ତି।

# ଜିଲାସ୍ତରୀୟ ସମ୍ଭବ ତାଲିମ ଶିବିର ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**କୁତ୍ରା,୨୩।୬(ଦେବାଶିଷ ସାହୁ)**

କୁତ୍ରା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ସୋମବାର ପଞ୍ଚ ଦିବସୀୟ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଜିଲା ସ୍ତରୀୟ ସମ୍ଭବ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶାରଙ୍ଗଧର ବରିହା ଯୋଗଦେଇ ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଜ ନିଜର ବିଦ୍ୟାଳୟଗୁଡ଼ିକୁ ସୁନ୍ଦରଭାବେ ଗଢ଼ିବା ସହିତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଦିଗରେ ନିଷ୍ଠାପର ଭାବେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ କୁତ୍ରା ବିଇଓ ଅନନ୍ତ କୁମାର ନାଏକ, ଜିଲା ସମଗ୍ର ଶିକ୍ଷା କୋର୍ଡିନେଟର ଅମାତ୍ୟ ପ୍ରଧାନ ସମ୍ଭବ ତାଲିମର ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ବିଜ୍ଞାନ ନିରୀକ୍ଷକ ଚନ୍ଦ୍ରଶେଖର ସା, ଉଦିତନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ଶେଠୀ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂଆଗାଁର ପ୍ରଧାନ ଶିକ୍ଷୟିତ୍ରୀ ତନୁଜାନନ୍ଦିନୀ ତରି, ବଣେଇଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାଶୀନାଥ ବେହେରା, ସରକାରୀ ଉଚ୍ଚ ବିଦ୍ୟାଳୟ ଲଇକେରାର ପ୍ରଧାନ ଶିକ୍ଷକ ବଳିହୃ ତନ୍ତୀ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା କାର୍ଯ୍ୟକୁ ଅନୁସ୍ନାଜ ବରିଷ୍ଠ ଶିକ୍ଷକ ଡ.ବିଭାଷଣ ବାରିକ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟର ଶହେ ଜଣ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ଗ୍ରହଣ କରୁଛନ୍ତି।

# ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଭବାନୀପାଟଣା,୨୩।୬(ଉତ୍ତମ କୁମାର ଦାଶ)**

ଲେଭେଲ -୨ରୁ ଲେଭେଲ-୧କୁ ପଦୋନ୍ନତି ଦାବି ନେଇ କଳାହାଣ୍ଡି ଜିଲାର ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ସୋମବାରଠାରୁ ସେମାନେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଛନ୍ତି। ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ କାର୍ଯ୍ୟରତ ଏହି ମହିଳା ସ୍ୱାସ୍ଥ୍ୟ କର୍ମୀମାନେ କରୋନା ସମୟରେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କ ସେବା କରିଥିଲେ। ଏପରିକି ସରକାର ମଧ୍ୟ କରୋନା ଯୋଦ୍ଧା ହିସାବରେ ସେମାନଙ୍କୁ ସମ୍ମାନିତ କରିଥିଲେ। ଏରିଗୁଡ଼ରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପତ୍ର ସଂଖ୍ୟା ୩୫୦୦୭ ମାଧ୍ୟମରେ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଗତ ଜାନୁଆରୀ ମାସର ଶେଷ ସପ୍ତାହ ମଧ୍ୟରେ ଡିପିସି ବୈଠକ କରାଇ ସ୍ୱାସ୍ଥ୍ୟକର୍ମୀ (ମହିଳା/ପୁରୁଷ)ଙ୍କୁ ଲେଭେଲ -୨ରୁ ଲେଭେଲ-୧କୁ ପଦୋନ୍ନତି ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ରମରେ ଗତ ଏପ୍ରିଲ ୧୦ରେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା)ଙ୍କ ଡିପିସି ବୈଠକ ହୋଇଥିଲା। ଡିପିସି ସୁପାରିଶ କ୍ରମେ ଯୋଗ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ଲେଭେଲ -୨ରୁ ଲେଭେଲ -୧କୁ ପଦୋନ୍ନତି ହୋଇନାହିଁ। ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀଙ୍କ ପଦୋନ୍ନତି ପାଇଁ ସରକାର ରବିବାର ଘୋଷଣା କରିଥିବାବେଳେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତି କ୍ଷେତ୍ରରେ କିଛି ପଦକ୍ଷେପ ନେଇ ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପଦୋନ୍ନତି ନ ମିଳିବା ଯାଏ ଏହି ଆନ୍ଦୋଳନ ଚାଲିବ ବୋଲି ଜିଲା ସଭାନେତ୍ରୀ ନମିତା ସାହୁ ପ୍ରକାଶ କରିଛନ୍ତି।



ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଧାରଣା ଦେଉଛନ୍ତି।

### ଲେଖିବା, ପଢ଼ିବା ଜାଣିଲେ ୨୦ ମହିଳା

**ରାଉରକେଲା,୨୩।୬(ବିକେଶ ମିଶ୍ର):** ରାଉରକେଲା ଗର୍ଜନର ବିରୁଆଲ ଗ୍ରାମରେ ରୋଟାରୀ କ୍ଲବ ଅର୍ବାନ ପକ୍ଷରୁ ପୌଢ଼ଶିକ୍ଷା ସେବା ଶିବିର ସଭାପତି ଡ. ରାମଚନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉକ୍ତ ଗ୍ରାମରେ ଥିବା ୨୦ ଜଣ ମହିଳାଙ୍କୁ କ୍ଲବ ପକ୍ଷରୁ ମାଗଣା ଶିକ୍ଷା ଉପକରଣ ପ୍ରଦାନ କରି ୪ ମାସ ଧରି ପୌଢ଼ଶିକ୍ଷା ପ୍ରଦାନ କରାଯାଇ ଆସୁଥିଲା। ଏହି ପ୍ରୌଢ଼ଶିକ୍ଷା କେନ୍ଦ୍ରରେ ଉକ୍ତ ଗ୍ରାମର ୩୦ ଜଣ ମହିଳା ଓ ପୁରୁଷଙ୍କ ମଧ୍ୟରୁ ୨୦ ଜଣ ସେମାନଙ୍କ ନାମ, ଗ୍ରାମର ନାମ ଓ ବହି ପଠନ କରିପାରିଥିଲେ। ସୋମବାର କ୍ଲବ ସଭାପତି ଡ. ମେହେରଙ୍କ ସହ ଉଦ୍ଧବଲାଲ ଜୈନ, ସାଧାରଣ ସମ୍ପାଦକ ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ପ୍ରୌଢ଼ଶିକ୍ଷା କେନ୍ଦ୍ରରେ ପ୍ରଦାନ କରାଯାଉଥିବା ଶିକ୍ଷାର ମାନକୁ ଯାଞ୍ଚ କରିଥିଲେ। ଗ୍ରାମାଞ୍ଚଳର ଗରିବ ଓ ଶ୍ରମିକ ଶ୍ରେଣୀର ଲୋକମାନଙ୍କୁ କିଭଳି ଶିକ୍ଷାଦିଗରେ ଅଗ୍ରସର କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିହେବ ସେଥିପାଇଁ ଏହା ଏକ ଛୋଟିଆ ପ୍ରୟାସ ବୋଲି ଡାକ୍ତର ମେହେର କହିଥିଲେ। ରୋଟାରୀ କ୍ଲବ ଅର୍ବାନ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

IBS
TWISHA EDUCATIONAL PVT. LTD.
INSTITUTE OF BASIC SCIENCES
(A DAY CUM RESIDENTIAL COACHING INSTITUTE)
NEET / JEE-MAIN / IIT / OUAT / +2 SCIENCES (CHSE/CBSE) CLASS-VIII, IX,X
ADMISSION OPEN
25% OFF DISCOUNT SPECIAL OFFER
NEET ONE YEAR COURSE FOR 2026
JEE-MAIN ONE YEAR COURSE FOR 2026
INTEGRATED COURSE FOR CLASS-XI (CHSE/CBSE)
UNIQUE FEATURES
Excellent Residential Coaching Institute since 2008
Coaching, Lodging and fooding at one campus
Highly experienced and dedicated faculties
24x7 surveillance under CCTV Camera
TWISHA EDUCATIONAL PVT. LTD.
IBS Road, Fatak Durga Puja Mandap, Sambalpur, Odisha, 768004
Contact- 8280346132, 8280346135, Email- twishaeducation@gmail.com
www.twishaeducation.com, Twisha Digital App



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

# ଧରତିଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ

**ଲହୁଣୀପଡ଼ା,୨୩।୬(ଦାଶରଥ ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଶଙ୍ଖପୋଷ ଗ୍ରାମରେ ରବିବାର ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପକ୍ଷରୁ ଧରତିଆବା ଜନଜାତି ଗ୍ରାମ ଉତ୍କର୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଲହୁଣୀପଡ଼ା ବ୍ଲକ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାବୁଲ ପେରେଇ ଯୋଗ ଦେଇଥିବା ବେଳେ ସରପଞ୍ଚ ପ୍ରେମନାଥ ମୁଣ୍ଡା, ପିଇଓ ଦ୍ରୌପଦୀ ମାହାନ୍ତ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ମଞ୍ଚାସୀନ ଥିଲେ। ବ୍ଲକ ସମ୍ପ୍ରସାରଣ ଅଧିକାରୀ ଭାଗବତ ଟୁଡୁଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଫ୍ଲାଗସିପ ଯୋଜନା ଦ୍ୱାରା ଜନଜାତି ସମ୍ପ୍ରଦାୟର ସାମାଜିକ, ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଯେଉଁ ଗ୍ରାମରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ କିମ୍ବା ୫୦ ଶତାଂଶ ଜନଜାତି ବର୍ଗର ଲୋକ ବସବାସ କରୁଥିବେ ସେହି ଗ୍ରାମ ଗୁଡ଼ିକରେ ନିରାପଦ ବାସସ୍ଥାନ, ବିଶୁଦ୍ଧ ପାନୀୟ ଜଳ, ପରିମଳ, ଗୁଣାତ୍ମକ ଶିକ୍ଷାର ବ୍ୟବସ୍ଥା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ଦୂର ସଞ୍ଚାର, ବିଦ୍ୟୁତକରଣ, ନବୀକରଣ ଶକ୍ତିର ପ୍ରୋତ୍ସାହନ ଯୋଗାଇ ଦେବା ସହିତ ଚିରସ୍ଥାୟୀ ଜୀବିକା ସୁଯୋଗ ପ୍ରଦାନ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ କହିଥିଲେ।

DAYANAND INSTITUTE
Dhanupali, Sambalpur- 768005
Contact- 8763032587, 9938895475, 9437158817
ADMISSIONS OPEN
NTT- Regular and Distance Mode
Eligibility- +2 & Above (Only for Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility:-
Any Graduate with 40% mark
Affiliated to Utkal University of Culture
Recognized by Govt. of Odisha

# ଜିଏମ୍‌ୟୁରେ ହେଲ୍ପଡେସ୍କ ଉଦ୍‌ଘାଟିତ

ସମ୍ବଲପୁର,୨୩।୬(ବି.ଶଙ୍କର)

ପ୍ରୋଗ୍ରେସିଭ ଜିଏମ୍‌ୟୁ ପକ୍ଷରୁ ଛାତ୍ରୀଛାତ୍ରଙ୍କ ସହାୟତା ନିମନ୍ତେ ହେଲ୍ପଡେସ୍କ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ପରିସରରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ପୂର୍ବତନ ଜିଏମ୍‌ୟୁ ସଭାପତି ମିଳନ କୁମାର ହୋତା, ପୂର୍ବତନ ଜିଏମ୍‌ୟୁ ସାଧାରଣ ସମ୍ପାଦକ ସୁମିତ କୁମାର ପଟେଲ ସମ୍ମାନୀତ ଅତିଥିଭାବେ ଯୋଗଦେଇ ହେଲ୍ପ ଡେସ୍କକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜିଏମ୍‌ୟୁ ଛାତ୍ର ନେତା ଚୁମନ କୁମାର ପ୍ରଧାନ । ଏଥିରେ ଛାତ୍ର ଶୁଭମ ସାହୁ, ଜସ୍ମୀନ ପ୍ରଧାନ, ଅଂଶୁମାନ ସାହୁ, କିସ୍ମତ ପାଣ୍ଡେ, କୋମଳ କିସାନ, ଆଶିଷ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ସରବାହାଲ ହାଇସ୍କୁଲ ପଡ଼ିଆ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ

ଝାରସୁଗୁଡ଼ା, ୨୩।୬(ଆଶିଷ ରଞ୍ଜନ ଦାଶ)



ରାତିରେ ହାଇସ୍କୁଲ ଗେଟ୍ ଖୋଲା ରହିଛି ।

- ଲାଇଟ୍ ବ୍ୟବସ୍ଥା ନାହିଁ
- ରାତିହେଲେ ମଦ୍ୟପାନ ସହ ଜୁଆଖେଳ ହେଉଛି
- ପଡିରହୁଛି ଭଙ୍ଗା ମଦବୋତଲ, ସିଗାରେଟ୍
- ନଷ୍ଟ ହେଉଛି ଶୈକ୍ଷିକ ପରିବେଶ

ଝାରସୁଗୁଡ଼ା ସହରସ୍ଥିତ ସରବାହାଲ ହାଇସ୍କୁଲ ପଡିଆ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ରାତି ହେଲେ ସେଠାରେ ନିଶାସକ୍ତ ବ୍ୟକ୍ତିମାନେ ମଦ ପିଇବା ସହ ଜୁଆ ଖେଳୁଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଦୃଷ୍ଟି ଦେବା ସହ ରାତିବେଳା ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ା କରିବା ପାଇଁ ସେମାନେ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ହାଇସ୍କୁଲ ଛୁଟି ପରେ ସରବାହାଲ ଏବଂ ଆଖପାଖ ଅଞ୍ଚଳର ଲୋକମାନେ ଖେଳିବା ପାଇଁ ପଡିଆକୁ ଆସିଥାନ୍ତି। ଏହି ଖେଳପଡିଆର ଚାରିଆଡ଼େ ବାଉଣ୍ଡ୍ରି ରହିଥିବାବେଳେ ଯିବାଆସିବା ପାଇଁ ୨ଟି ଗେଟ୍ ରହିଛି। ହେଲେ ଏଠାରେ ଆଲୋକ ବ୍ୟବସ୍ଥା ନାହିଁ। ଅନ୍ଧାରର ସୁଯୋଗ ନେଇ ନିଶାସକ୍ତ ବ୍ୟକ୍ତିମାନେ ନିଶା ସେବନ କରୁଛନ୍ତି। ଏହାଦ୍ୱାରା ସେଠାରେ ଭଙ୍ଗା ମଦବୋତଲ, ପଲିଥିନ, ବିଡ଼ି, ସିଗାରେଟ୍ ଭଳି ସାମଗ୍ରୀ ସକାଳ ପର୍ଯ୍ୟନ୍ତ ପଡିରହୁଛି। ଯାହାକି ହାଇସ୍କୁଲର ଶୈକ୍ଷିକ ପରିବେଶକୁ ନଷ୍ଟ କରୁଛନ୍ତି। ତେଣୁ ସ୍କୁଲ ଛୁଟି ପରେ ଗେଟ୍ ବନ୍ଦ କରିବା, ପଡିଆରେ ହାଇମାକ୍ସ ଲାଇଟ୍ ବ୍ୟବସ୍ଥା ସହ ରାତିରେ ଅସାମାଜିକ ଲୋକଙ୍କ ଯାତାୟାତ ବନ୍ଦ କରିବା ପାଇଁ ସରବାହାଲ ଅଞ୍ଚଳର ଶିବ ନାରାୟଣ ହୋତା, ଉମେଶ ନାଇକ, ସଂକୀର୍ତ୍ତନ ପ୍ରଧାନ, ସବୁଲୁ ଖୁରସୀ, ଅରବିନ୍ଦ ବାରିକ ପ୍ରମୁଖ ଦାବି କରିଛନ୍ତି।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଶିବିରରେ ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି ।

ଦେବଗଡ଼,୨୩।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କେଲଡା ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୭ଟି ବ୍ୟକ୍ତିଗତ ଏବଂ ୧୯ଟି ସାମୂହିକ ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ଜମି ଚିହ୍ନଟ, ଗ୍ରାମକୁ ରାସ୍ତା, ବାର୍ଦ୍ଧକ୍ୟ ଭତ୍ତା ଓ ପାନୀୟ ଜଳ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରକ୍ଷିତ ସାହୁ, ଏସ୍‌ସିଏଫ୍ ଅରୁଣ କୁମାର ବେହେରା, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ, ତହସିଲଦାର ରବୀନ୍ଦ୍ର କୁମାର ସାମଲ, ସହକାରୀ ଜିଲାପାଳ ହେମନ୍ତ ସିଂଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିଶିଷ୍ଟ କୀର୍ତ୍ତନ ବାହକଙ୍କ ପରଲୋକ


ବିଧାନ ବିଶି

ଲଖନପୁର, ୨୩।୬(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ କିରିତମାଲ ଗ୍ରାମର ବିଶିଷ୍ଟ କୀର୍ତ୍ତନ ବାହକ ବିଧାନ ବିଶି(୪୭)ଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି । ତାଙ୍କର ଦୁଇପୁଅ ମଧ୍ୟରୁ ବଡ଼ପୁଅ ଆସାମ ରାଇଫଲରେ ଯୋଗଦେଇ ତାଲିମ ଗ୍ରହଣ କରୁଛନ୍ତି। ବିଧାନ ବିଶି କୀର୍ତ୍ତନ୍ୟ, ଭାଗବତ, ଡନ୍‌ହା ନାଚ ଆଦିରେ ଅତି ଚମତ୍କାର ଶୈଳୀରେ ମୃଦଙ୍ଗ ବଜାଇ ଓଡ଼ିଶା ଏବଂ ଛତିଶଗଡ଼ ଅଞ୍ଚଳରେ ଲୋକପ୍ରିୟ ହୋଇପାରିଥିଲେ। ଏପରି କି ବ୍ୟାଣ୍ଡପାର୍ଟିରେ ମଧ୍ୟ ସେ ଢୋଲ ବଜାଉଥିଲେ। ଗତ ୧୬ ତାରିଖରେ ସେ ହଠାତ୍ ବେହୋସ ହୋଇଯିବାରୁ ପରିବାର ଲୋକେ ତାଙ୍କୁ ବୁର୍ଲା ହସ୍ପିଟାଲକୁ ନେଇଥିଲେ। ତେବେ ଚିକିତ୍ସାରେ ବିଶେଷ ଅଗ୍ରଗତି ନ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ଆଇସିୟୁ ନ ମିଳିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ମସ୍ତିଷ୍କାଘାତ ଜନିତ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ତାଙ୍କର ଅନ୍ତିମ ଯାତ୍ରାରେ ଶତାଧିକ କୀର୍ତ୍ତନ ପ୍ରେମୀ ଏବଂ ଗ୍ରାମବାସୀ ଯୋଗଦେବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ବଡ଼ପୁଅ ଅନିଲଙ୍କ ଅନୁପସ୍ଥିତରେ ସାନପୁଅ ସୁନୀଲ ମୁଖାଗ୍ନି ଦେଇଥିଲେ ।

# ବ୍ଲକସ୍ତରୀୟ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ଝାରସୁଗୁଡ଼ା,୨୩।୬(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ତମାଖୁ, ନିଶାଦ୍ରବ୍ୟର ଅପକାରିତା ଉପରେ ଆଧାରିତ ବ୍ଲକସ୍ତରୀୟ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲ ଯୋଗଦେଇ ନିଶା ନିବାରଣର ଗୁରୁତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଅବକାରୀ ବିଭାଗ ଅଧିକାରୀ ରୂପେଶ ମୁଖୀ ଓ ଦଶରଥ ମୁଣ୍ଡା ଉପସ୍ଥିତ ରହି ନିଶା ସେବନର କୁପରିଣାମ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସିଆର୍‌ସିସି ରାମକୃଷ୍ଣ ପୁରୋହିତ, ସୁରଜ ପଟେଲ, ତରୁଣ କୁମାର ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିବାବେଳେ ମନୋଜ ଜୟପୁରିଆ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରିୟା ଗୁପ୍ତା ପ୍ରଥମ, ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରୁଣା ବସ୍ତିର ଛାତ୍ର ଶୁଭମ୍ ବେହେରା ଦ୍ୱିତୀୟ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରସମାଲର ଛାତ୍ର ତାପସ ରଞ୍ଜନ ମୁଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ପ୍ରବନ୍ଧ ପ୍ରତିଯୋଗିତାରେ ପିଏମ୍‌ଶ୍ରୀ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରେୟାଂଶୀ ପଶାୟତ ପ୍ରଥମ, ରାମଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ରାଜୀବ ଲୁଗୁନ ଦ୍ୱିତୀୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ତାଳପଟିଆର ଛାତ୍ରୀ ସାଗରିକା ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଲକ୍ଷ୍ମୀନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର ଏମ୍.ଆର.ରାକେଶ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ ତାଳପଟିଆର ଛାତ୍ରୀ ଦୁର୍ଲଭୀ ସେଠ ଦ୍ୱିତୀୟ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମନୀଷା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷୟିତ୍ରୀ କ୍ରୀଷ୍ଟା ପ୍ରଧାନ ଓ ରୁକ୍ମିଣୀବାଇ ପଟେଲ ବିଚାରକ ଦାୟିତ୍ୱ ତୁଲାଇଥିଲେ।

# ଘର, ଦୋକାନରୁ ଚୋରି

ଦେବଗଡ଼,୨୩।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅନ୍ତର୍ଗତ ପଳସାକୁଦର ଗ୍ରାମର ରାଜେଶ ଅମାତ ନାମକ ଜଣେ ବ୍ୟକ୍ତିଙ୍କ ଘରର ତାଲା ଭାଙ୍ଗି ଦୁର୍ବୃତମାନେ ୩୫ ହଜାର ଟଙ୍କା ସମେତ ପ୍ରାୟ ଅଢେଇ ଲକ୍ଷ ଟଙ୍କାର ସୁନାଅଳଙ୍କାର ଚୋରିକରି ନେଇଛନ୍ତି। ସେହିପରି ଉକ୍ତ ଗ୍ରାମର ଏକ କପଡା ଦୋକାନରୁ ମଧ୍ୟ ପ୍ରାୟ ୩୦ ହଜାର ଟଙ୍କାର କପଡ଼ା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ରାଜେଶ ଗତ ୧୯ ତାରିଖରେ ଘରେ ତାଲା ପକାଇ ସପରିବାର ଭାଇ ବାହାଘରକୁ ଯାଇଥିଲେ। ସୋମବାର ତାଙ୍କ ଘରର ତାଲା ଭଙ୍ଗାଯାଇଥିବା ନେଇ ରାଜେଶଙ୍କ ଶଳା ଦେଖିବାକୁ ପାଇଥିଲେ। ଏନେଇ ସେ ଫୋନ୍‌ଯୋଗେ ରାଜେଶଙ୍କୁ ଜଣାଇଥିଲେ। ରାଜେଶ ଘରକୁ ଫେରିବା ପରେ ତାଲା ଭଙ୍ଗାଯାଇ ୩୫ ହଜାର ଟଙ୍କା, ସୁନାହାର, ୨ଟି ସୁନାମୁଦି ଚୋରି ହୋଇଥିବା ଦେଖିଥିଲେ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନୁରୂପ ଭାବେ ପଳସାକୁଦର ଗ୍ରାମରେ ଥିବା ବଣିଆଁଳିକିଣ୍ଡା ଗ୍ରାମର ବାସନ୍ତୀ ସାମାଡଙ୍କ ଦୋନକାନରୁ ପ୍ରାୟ ୩୦ ହଜାର ଟଙ୍କାର କପଡ଼ା ଚୋରି ହୋଇଛି। ଏନେଇ ବାସନ୍ତୀ ଥାନାରେ ଅଭିଯୋଗ କରିଛନ୍ତି।

# ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ


ଭାଜପା ନେତୃବୃନ୍ଦ ଫଟୋଚିତ୍ରରେ ମାଲ୍ୟାର୍ପଣ କରୁଛନ୍ତି ।

ଝାରସୁଗୁଡ଼ା, ୨୩।୬(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବଡ଼ମାଳସ୍ଥିତ ଭାଜପା କାର୍ଯ୍ୟାଳୟରେ ସୋମବାର ଅପରାହ୍ନରେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ଭାବରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶର ଏକତା, ଅଖଣ୍ଡତା ଏବଂ ସାଂସ୍କୃତିକ ଜାତୀୟତାର ପ୍ରବର୍ତ୍ତକ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ଯୁବନେତା ସୁଧାଂଶୁ ଦୋରା, ଗୋପାଳ ପଟେଲ, ବାପି ସାହୁ, ଅଶୋକ ସୁବ୍ରତ ଓ ଲକ୍ଷ୍ମୀ ସାହୁ ଉପସ୍ଥିତ ଥିଲେ।

# ପ୍ରଦୂଷଣକୁ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଝାରସୁଗୁଡ଼ା, ୨୩।୬(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଅନ୍ତର୍ଗତ ଧୁତୁରା ଗ୍ରାମଠାରେ ଥିବା ଅଲ୍‌ଟ୍ରାଟେକ୍ କମ୍ପାନୀର ପ୍ରଦୂଷଣତାକୁ ନେଇ ଗ୍ରାମବାସୀ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ, ଧୁତୁରା ଗ୍ରାମଠାରେ ସିମେଣ୍ଟ ତିଆରି ପାଇଁ ଉକ୍ତ କମ୍ପାନୀର ବହୁତ ବଡ଼ ଏକ ପ୍ରକଳ୍ପ ରହିଛି। ଉକ୍ତ କମ୍ପାନୀ ସିମେଣ୍ଟ ତିଆରି ପାଇଁ ଆବଶ୍ୟକ ଜିପ୍‌ସମ୍‌ଗୁଡିକ ରେଲୱେ ୱାଗନ ସାହାଯ୍ୟରେ ବିଭିନ୍ନ ସ୍ଥାନରୁ ଆଣୁଛି। ଏହାକୁ ୱାଗନ ଟିପଲରରେ ଅନ୍‌ଲୋଡ୍ କରିବା କଥା। କାରଣ ଟିପଲରରେ ଅନ୍‌ଲୋଡ୍ କଲେ ଜିପ୍‌ସମ୍‌ଗୁଡିକ ସିଧା ଯାଇ ପଡିଥାଏ ଏବଂ ଜିପ୍‌ସମ୍ ତଳେ ପଡି ନ ଥାଏ। କିନ୍ତୁ ଏହି ଜିପ୍‌ସମ୍ ଟ୍ରକ୍‌ଗୁଡ଼ିକରେ ଲୋଡ୍ କରାଯାଉଛି। ପରେ ଧୁତୁରାଠାରେ ଥିବା ସିମେଣ୍ଟ କମ୍ପାନୀକୁ ଟ୍ରକ୍‌ରେ ଯାଉଥିବାବେଳେ ରାସ୍ତାରେ ଉଡ଼ିବା ଦ୍ୱାରା ପରିବେଶ ପ୍ରଦୂଷଣ ହେଉଛି। ବର୍ଷା ହେଲେ କାଦୁଅ ହେଉଥିବାରୁ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଏଥିସହ ଶରୀରରେ ନାନା ରୋଗ ହେବାରୁ ଭୟ ମଧ୍ୟ ରହିଛି। ଏନେଇ ଧୁତୁରା ଗ୍ରାମର ପ୍ରଫୁଲ୍ଲ ଗର୍ଡିଆ, ପ୍ରେମଲତା ବାଗ, ଶାନ୍ତି ଗଡୁଆ, ହେମନ୍ତ ବାଗ, ନିରନ ବାଗ, କୁନା ଦର୍ଶ୍ୱେନା ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ ପତ୍ର ଦେବା ସହିତ ଏହାର ସମାଧାନ ଦାବି କରିଛନ୍ତି। ଏନେଇ ଅଲ୍‌ଟ୍ରାଟେକ୍ କମ୍ପାନୀର ମାନବ ସମ୍ବଳ ବିଭାଗ ମୁଖ୍ୟ ଚିନ୍ମୟ ଦାସ କହିଛନ୍ତି, ଅଭିଯୋଗ ଭିତ୍ତିହୀନ। ଆମ କମ୍ପାନୀର କୌଣସି ଜିପ୍‌ସମ୍ ଉଡୁନାହିଁ। ଆମ କମ୍ପାନୀ ସବୁବେଳେ ପରିବେଶ ସୁରକ୍ଷା ନେଇ ସଚେତନ କରିବା ସହ ଲୋକଙ୍କର ଯେପରି କିଛି ଅସୁବିଧା ନ ହେବ ସେଥିପ୍ରତି ତତ୍ପର ରହିଛି।

# ଚାଷୀଙ୍କ ଧାନ କିଣିବା ପାଇଁ ଦାବି


ବୈଠକରେ ଯୋଗଦେବାକୁ ଆସିଥିବା ଚାଷୀ ।

ଲଖନପୁର, ୨୩।୬(ଗୌତମ ସାହୁ)

ଲଖନପୁର ବ୍ଲକ ଅଧୀନ ଭଅଁରଖୋଲ ସେବା ସମବାୟ ସମିତି କାର୍ଯ୍ୟାଳୟରେ ଚାଷୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଅଁରଖୋଲ ପ୍ୟାକ୍ସର ଚାଷୀମାନେ ଚଳିତବର୍ଷ ରବି ଧାନ ବିକ୍ରି ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ବୈଠକରେ ମତପ୍ରକାଶ ପାଇଛି। ଧାନ ବିକ୍ରି ପାଇଁ ଚାଷୀଙ୍କୁ ଟୋକନ ମିଳିଥିବାବେଳେ ଧାନ କିଣିବା ପାଇଁ ସମିତିକୁ ପର୍ଯ୍ୟାପ୍ତ ଟାର୍ଗେଟ ଦିଆଯାଇନାହିଁ। ଫଳରେ ଏପର୍ଯ୍ୟନ୍ତ ଚାଷୀମାନେ ଧାନ ବିକ୍ରି କରିପାରୁନାହାନ୍ତି। ଭଅଁରଖୋଲ ପ୍ୟାକ୍ସରେ ରଏତି ଏବଂ ବୁଡି ଜମିକୁ ମିଶାଇ ମୋଟ ୧୩୧ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଛନ୍ତି। ପ୍ରାୟ ୬ ହଜାର କୁଇଣ୍ଟାଲ ଧାନ ପ୍ୟାକ୍ସ ଜରିଆରେ ବିକ୍ରି କରିବା ପାଇଁ ଚାଷୀଙ୍କୁ ଟୋକନ ମିଳିଛି। ଏପର୍ଯ୍ୟନ୍ତ ପ୍ରାୟ ୪ ହଜାର କୁଇଣ୍ଟାଲ ଧାନ କିଣାଯାଇଥିବାବେଳେ ଅବଶିଷ୍ଟ ୨ ହଜାର କୁଇଣ୍ଟାଲ ଧାନ କିଣାଯାଇନାହିଁ । ତୁରନ୍ତ ସରକାର ଭଅଁରଖୋଲ ପ୍ୟାକ୍ସକୁ ଟାର୍ଗେଟ ଦେଇ ଧାନ କିଣିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ମଙ୍ଗଳବାର ଏନେଇ ଜିଲାପାଳ ଏବଂ ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବେ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି ।

# ରଥରେ ବ୍ରେକ୍ ଲଗାଇଲେ ବ୍ରଜରାଜନଗର କାରିଗର

ବ୍ରଜରାଜନଗର, ୨୩।୬ (ବିଜୟ ବରାଡ଼)

ଆସନ୍ତା ୨୭ ତାରିଖରେ ରଥଯାତ୍ରା। ଏଥିପାଇଁ ପୁରୀ ରଥଖଳାରେ ରଥ ନିର୍ମାଣ କାମ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ସୋମବାର ୩ ରଥରେ ପରୀକ୍ଷାମୂଳକ ଭାବେ ବ୍ରେକ୍ ଲଗାଯାଇଛି। ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଅଞ୍ଚଳରେ ଥିବା ଏମ୍‌ସିଏଲ୍‌ର କର୍ମଚାରୀମାନେ ରଥରେ ବ୍ରେକ୍ ଲଗାଇଛନ୍ତି। ଇଂ. ଅଶ୍ୱିନ ମିଶ୍ରଙ୍କ ନେତୃତ୍ୱରେ ୬ ଜଣ ସହଯୋଗୀ ଜଗୁ ବେନିଆ, ହୃଦାନନ୍ଦ ସିଂ, ପ୍ରଶାନ୍ତ ବେନିଆ, ସୌଭାଗ୍ୟ ପଟେଲ, ତ୍ରିଲୋଚନ ବଢେଇ ଓ ଧନୀରାମ ବାଗ ରବିବାର ବ୍ରଜରାଜନଗରରୁ ବାହାରି ସୋମବାର ପୁରୀରେ ପହଞ୍ଚିଥିଲେ। ସେଠାରେ ସେମାନଙ୍କୁ ମନ୍ଦିର କମିଟି ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ସେମାନେ ବ୍ରେକ୍ ଲଗାଇବା କାର୍ଯ୍ୟରେ ଲାଗିପଡ଼ିଥିଲେ। ୨୦୦୮ରୁ ଏପର୍ଯ୍ୟନ୍ତ ସେମାନେ ଏହି କାର୍ଯ୍ୟ କରିଆସୁଛନ୍ତି।

୨୦୦୭ରେ ଅଶ୍ୱିନ ମିଶ୍ର ରଥ ଟାଣିବା ପାଇଁ ପୁରୀ ଯାଇଥିଲେ। ସେଠାରେ ରଥ ଟଣାବେଳେ ବ୍ରେକ୍ ମାରିବାରୁ ଚକ ପ୍ରାୟ ୭/୮ ଫୁଟ୍ ଗଡ଼ିବା ପରେ ଅଟକି ରହୁଥିଲା, ଯାହା ବିପଜ୍ଜନକ ଥିଲା। ଏହାଦେଖି ସେହି ସମୟରେ ପୋଲିସ ବ୍ୟାରିକେଡ୍ ଡେଇଁ ମିଶ୍ର ରଥର ବ୍ରେକ୍ ସିଷ୍ଟମ ଦେଖିଥିଲେ। ସେଥିରେ ପରିବର୍ତ୍ତନ ଆଣିବା ପାଇଁ ନିଜସ୍ୱ ବୁଦ୍ଧି ପ୍ରୟୋଗ କରି ବ୍ରଜରାଜନଗରର ଯୋବାଠାରେ ଥିବା କମାରଶାଳରେ ରବର ଓ କଣ୍ଟା ପ୍ରସ୍ତୁତ କରି ୨୦୦୮ରେ ପୁରୀ ଆଣିଥିଲେ। ପରେ ଏହି କୌଶଳକୁ ମନ୍ଦିର ପ୍ରଶାସନ ଓ ରଥ କାରିଗରଙ୍କୁ ଦେଖାଇଥିଲେ। ସେମାନେ ଅନୁମତି ଦେବାପରେ ଯାଇ ରଥରେ ଲଗାଗଲା। ପ୍ରତିବର୍ଷ ମିଶ୍ର ନୂଆ କୌଶଳ ବ୍ୟବହାର କରିଆସୁଛନ୍ତି। ହେଲେ ଦୁଃଖର କଥା, ପୁରୀରେ ମନ୍ଦିର ପ୍ରଶାସନ ଏହି କାରିଗରମାନଙ୍କୁ କେବଳ ଖାଇବାକୁ ଦେଉଛନ୍ତି। ରହିବା ବ୍ୟବସ୍ଥା ନିଜକୁ କରିବାକୁ ପଡୁଛି ବୋଲି କାରିଗର ଜଗୁ କହିଛନ୍ତି। ସରକାରୀ ସ୍ତରରେ କିଛି ସାହାଯ୍ୟ ମିଳିନାହିଁ। ନିଜସ୍ୱ ଖର୍ଚ୍ଚରେ ଯେତେଦିନ ପର୍ଯ୍ୟନ୍ତ ପାରିବେ କରିବେ। ତା'ପରେ ପ୍ରଭୁଙ୍କ ଇଛା ବୋଲି ସେ କହିଥିଲେ। ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ କିଛି ଅଂଶ ହୋଇପାରିଥିବାରୁ ଏହି କର୍ମଚାରୀମାନେ ନିଜକୁ ଧନ୍ୟ ମନେକରିଛନ୍ତି। ସରକାରୀ ସହାୟତା ମିଳିଲେ ଅସୁବିଧା ହୁଅନ୍ତା ନାହିଁ ବୋଲି ଅନିଲ ପ୍ରକାଶ କରିଛନ୍ତି।


ରଥରେ ବ୍ରେକ୍ ଲଗାଇବା ପାଇଁ ଆସିଥିବା କାରିଗର ।

# ଜୁଲାଇ ୧ରୁ ହକି ପ୍ରଶିକ୍ଷଣ ଶିବିର

ଝାରସୁଗୁଡ଼ା, ୨୩।୬(ଆଶିଷ ରଞ୍ଜନ ଦାଶ): ଆସନ୍ତା ଜୁଲାଇ ୧ରୁ ୬ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ା ଜିଲା ହକି ଆସୋସିଏଶନ ପକ୍ଷରୁ ବାଳିକା, ବାଳକ (୧୬ବର୍ଷ) ବର୍ଗରେ ହକି ପ୍ରଶିକ୍ଷଣ ଶିବିର ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହେବ। ଜିଲାରେ ଥିବା ସ୍କୁଲଗୁଡିକ ଜୁନ୍ ୨୮ ତାରିଖ ପୂର୍ବରୁ ବାଳିକା, ବାଳକଙ୍କ ମଧ୍ୟରୁ ସର୍ବାଧିକ ୫ ଜଣଙ୍କ ନାମ ପଞ୍ଜିକରଣ କରିପାରିବେ। ଜୁଲାଇ ୧ ପୂର୍ବାହ୍ନ ୧୧ଟା ସୁଦ୍ଧା ଖେଳାଳୀ ନିଜ ଆଧାରକାର୍ଡ ସହିତ ଯାନ୍ତ୍ରିକ ବିଦ୍ୟାଳୟରେ ପହଞ୍ଚିବେ। ପୂର୍ବବର୍ଷ ପ୍ରଶିକ୍ଷଣ ନେଇଥିବା ବାଳିକା ବାଳକ ଏଥିରେ ଅଂଶଗ୍ରହଣ କରିପାରିବେ ନାହିଁ। ସେମାନଙ୍କ ପାଇଁ ଡିସେମ୍ବରରେ ପ୍ରଶିକ୍ଷଣ ଶିବିର ହେବ। ସ୍କୁଲର ପ୍ରଧାନ ଶିକ୍ଷକଙ୍କ ମାଧ୍ୟମରେ ନାମାଙ୍କନ ଜିଲା ହକି ଆସୋସିଏଶନର ପ୍ରଶିକ୍ଷକ ଶକୁନ ନାୟକ ଓ କ୍ରୀଡ଼ା ଶିକ୍ଷକ ସୁଶାନ୍ତ ବେହେରାଙ୍କ ପାଖକୁ ପଠାଇ ପାରିବେ। ନଚେତ୍ ଜିଲା ଅତିରିକ୍ତ କ୍ରୀଡ଼ା ଅଧିକାରୀ ବିମଳ କୁମାର ତାଣ୍ଡିଙ୍କ ସହିତ ଯୋଗାଯୋଗ କରି ବିବରଣୀ ପାଇପାରବେ। ବାଳିକା, ବାଳକଙ୍କ ରହିବା ପାଇଁ ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟର ହଷ୍ଟେଲରେ ବ୍ୟବସ୍ଥା କରାଯାଇଥିବା ଓଡ଼ିଶା ହକି ଆସୋସିଏଶନ ଉପସଭାପତି ଜୀବନ ମହାନ୍ତି କହିଛନ୍ତି।

# ଡ.ଶ୍ୟାମା ପ୍ରସାଦଙ୍କ ବଳିଦାନ ଦିବସ ପାଳିତ

ସମ୍ବଲପୁର,୨୩।୬(ଭବାନୀ ଶଙ୍କର ଭୋଇ)

ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟତିଥିରେ ସୋମବାର ସ୍ଥାନୀୟ କଚେରୀ ରୋଡସ୍ଥିତ ଭାଜପା କାର୍ଯ୍ୟାଳୟରେ ବଳିଦାନ ଦିବସଭାବେ ପାଳିତ ହୋଇଯାଇଛି। ଭାରତମାତା ଓ ଡ.ମୁଖାର୍ଜୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଭାଜପା ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମକୁ ସଂଯୋଜକ ମାନସ ରଞ୍ଜନ ବକ୍ସି ପରିଚାଳନା କରିଥିଲେ। ବରିଷ୍ଠ ନେତ୍ରୀ ରୁନୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

IBS
TWISHA EDUCATIONAL PVT. LTD.
INSTITUTE OF BASIC SCIENCES
(A DAY CUM RESIDENTIAL COACHING INSTITUTE)
NEET / JEE-MAIN / IIT / OUAT / +2 SCIENCES (CHSE/CBSE)/ CLASS-VIII, IX,X
ADMISSION OPEN
25 % OFF DISCOUNT SPECIAL OFFER
NEET ONE YEAR COURSE FOR 2026
JEE-MAIN ONE YEAR COURSE FOR 2026
INTEGRATED COURSE FOR CLASS-XI (CHSE/CBSE)
UNIQUE FEATURES
Excellent Residential Coaching Institute since 2008
Coaching, Lodging and fooding at one campus
Highly experienced and dedicated faculties
24x7 surveillance under CCTV Camera
TWISHA EDUCATIONAL PVT. LTD.
IBS Road, Fatak Durga Puja Mandap, Sambalpur, Odisha, 768004
Contact- 8280436132, 8280346135, Email- twishaeducation@gmail.com
www.twishaeducation.com, Twisha Digital App

DAYANAND INSTITUTE
Dhanupali, Sambalpur- 768005
Contact- 8763032587, 9938895475, 9437158817
ADMISSIONS OPEN
NTT- Regular and Distance Mode
Eligibility- +2 & Above (Only for Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC
M.A. IN YOGA - Eligibility:-
Any Graduate with 40% mark
Affiliated to Utkal University of Culture
Recognized by Govt. of Odisha

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୪/୨୦୨୫ | Bhubaneswar, Tuesday, June 24/2025 | ପୃଷ୍ଠା-୧


## ହୀରାକୁଦରେ ନିର୍ମାଣ ହେବ ୫ ଅତିରିକ୍ତ ଆଡ଼ିବନ୍ଧ

ଭୁବନେଶ୍ୱର,୨୩।୬
(ରବିନାରାୟଣ ଜେନା)

ହୀରାକୁଦରେ ଅତିରିକ୍ତ ୫ଟି ଆଡ଼ିବନ୍ଧ ନିର୍ମାଣକରି ଅଧିକ ଜଳ ସଂରକ୍ଷଣ କରିବା ଲାଗି ଜଳସମ୍ପଦ ବିଭାଗ ଲକ୍ଷ୍ୟ ରଖିଛି। ଏହାକୁ ନେଇ ଖୁବ୍‌ଶୀଘ୍ର ସେଣ୍ଟ୍ରାଲ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍(ସିପିଏମ୍‌ୟୁ) ସହିତ ବୈଷୟିକ ପରାମର୍ଶ ଲାଗି ଏକ ବୁଝାମଣା ସ୍ୱାକ୍ଷର ହେବ। ତେବେ ଏଥିପାଇଁ ଆବଶ୍ୟକ ଖର୍ଚ୍ଚ ଅନୁମୋଦନ ପ୍ରଦାନ କରିବା ଲାଗି ଜଳସମ୍ପଦ ବିଭାଗ ପକ୍ଷରୁ ସର୍ବୋଚ୍ଚଯନ୍ତ୍ରୀଙ୍କୁ ଚଳିତମାସ ୧୧ରେ ପତ୍ର ଲେଖି ଅବଗତ କରାଯାଇଛି। ସେଥିରେ ବିଭାଗୀୟ ଅନୁସଚିବ ବିଭୂତି ରଞ୍ଜନ ସାହୁ ଦର୍ଶାଇଛନ୍ତି, କେନ୍ଦ୍ରୀୟ ଜଳ ଆୟୋଗଙ୍କ ପକ୍ଷରୁ ଏହାର ଆକଳନ ସଂକ୍ରାନ୍ତରେ ଏକ ପ୍ରସ୍ତାବ ଅନୁମୋଦନ ପାଇଁ ଆସିଛି। ଏହାକୁ ଅନୁଧ୍ୟାନ କରି ତୁରନ୍ତ ଅବଗତ କରାଇବାକୁ ସେ ଦର୍ଶାଇଛନ୍ତି। ସୂଚନା ଅନୁଯାୟୀ, ହୀରାକୁଦର ବାମପାର୍ଶ୍ୱରେ ୫ଟି ଆଡ଼ିବନ୍ଧ ନିର୍ମାଣ କରାଯିବ। ଏହାକୁ ନେଇ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ହୀରାକୁଦ ଅବବାହିକା ଅଞ୍ଚଳ ମେ' ପହିଲାରେ ଗସ୍ତ କରିଥିଲେ। ସେଥିମଧ୍ୟରେ କେନ୍ଦ୍ରୀୟ ଜଳ ଆୟୋଗ, ୱାର୍ଲ୍ଡ ବ୍ୟାଙ୍କ (ଓଡ଼ିଶା ଶାଖା) ଏବଂ ☞ପୃଷ୍ଠା-୨

# ତେଲ ଦର ୫ ମାସରେ ସର୍ବାଧିକ

ଇରାନର ୩ଟି ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକା ରବିବାର ଆକ୍ରମଣ କରିବାର ଦିନକ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଗତ ୫ ମାସ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଉଭୟ କ୍ରୁଡ୍ ଅଏଲ୍ ଦର ୩%ରୁ ଅଧିକ ବଢ଼ି ବ୍ୟାରେଲ୍ ପ୍ରତି ଯଥାକ୍ରମେ ୮୧.୪୦ ଡଲାର ଏବଂ ୭୮.୪୦ ଡଲାର ହୋଇଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ୁଥିବାରୁ ତୈଳ ବଜାର ଉପରେ ଏହାର ସିଧା ପ୍ରଭାବ ପଡ଼ିଛି।




ୱାଶିଂଟନ,୨୩।୬

ଇରାନ ବିଶ୍ୱର ତୃତୀୟ ସର୍ବାଧିକ ତୈଳ ଉତ୍ପାଦନକାରୀ ରାଷ୍ଟ୍ର। ଆମେରିକାର ଆକ୍ରମଣ ପରେ ଇରାନ ପାର୍ଲାମେଣ୍ଟ ହରମୁଜ୍ ପ୍ରଣାଳୀ ବନ୍ଦ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରିଥିବାବେଳେ ଚୂଡ଼ାନ୍ତ ନିଷ୍ପତ୍ତି ଏହାର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦ ନେବ। ଏହା ଏକ ଅଭୂତପୂର୍ବ ପଦକ୍ଷେପ, ଯାହା ଇରାନ ପୂର୍ବରୁ କେବେ ନେଇ ନ ଥିଲା। ଷ୍ଟ୍ରେଟ୍ ଅଫ୍ ହରମୁଜ୍ ବନ୍ଦ ହେଲେ ବୈଶ୍ୱିକ ତୈଳ ଯୋଗାଣ ପ୍ରଭାବିତ ହେବା ସହ ଦର ଆହୁରି ବଢ଼ିଯିବ। ଏହି ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ଦେଇ ଦୈନିକ ବିଶ୍ୱର ପାଖାପାଖି ୩୦ ପ୍ରତିଶତ ତୈଳ ଏବଂ ଏକ-ତୃତୀୟାଂଶ ଏଲ୍‌ଏନ୍‌ଜି (ତରଳୀକୃତ ପ୍ରାକୃତିକ ଗ୍ୟାସ୍) ପରିବହନ ହୋଇଥାଏ। ଇରାନ ଏହି ପ୍ରଣାଳୀକୁ ବନ୍ଦ କଲେ ଆହୁରି ଭୟଙ୍କର ତ୍ରୁଟି ହେବ ଏବଂ ତେହେରାନର ଅର୍ଥନୀତି ଭୁଶୁଡ଼ି ପଡ଼ିବ ବୋଲି ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ କହିଛନ୍ତି। ତେହରାନ ଏଭଳି ନିଷ୍ପତ୍ତି ନ ନେବା ପାଇଁ ଚାଇନା ସରକାର ଆହ୍ୱାନ ଦେବାକୁ ସେ କହିଛନ୍ତି। କାରଣ ଏହି ରୁଟ୍ ଦେଇ ଚାଇନାର ପର୍ଯ୍ୟାପ୍ତ ତୈଳ ପରିବହନ ହୋଇଥାଏ। ପାରସ୍ୟ ଉପସାଗର ଏବଂ ଓମାନ ଉପସାଗର ମଧ୍ୟଭାଗରେ ଷ୍ଟ୍ରେଟ୍ ଅଫ୍ ହର୍‌ମୁଜ୍ ରହିଛି। ପାରସ୍ୟ ଉପସାଗରକୁ ବାହାର ଜଳଭାଗ ସହ ସଂଯୋଗ କରିବାର ଏହା ଏକମାତ୍ର ଜଳମାର୍ଗ। ସାଉଦି ଆରବ, ୟୁନାଇଟେଡ୍ ଆରବ ଏମିରେଟ୍ସ, ଇରାକ ଏବଂ କୁଏଟ୍ ଆଦି ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ରର ଏହା ହେଉଛି ମୁଖ୍ୟ ରପ୍ତାନି ରୁଟ୍। ହରମୁଜ୍ ପ୍ରଣାଳୀ ବନ୍ଦ ଆଶଙ୍କାକୁ ନେଇ ଭାରତର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ☞ପୃଷ୍ଠା-୨

## ପରୀକ୍ଷା ଦେଲେ ଫେରିପାଇବେ ଫି'

**ନିଯୁକ୍ତି ପରୀକ୍ଷା ପାଇଁ ବାଧକ ସାଜିବନି ଅର୍ଥ**

ଭୁବନେଶ୍ୱର,୨୩।୬(ସୁଚିସ୍ମିତା ସାହୁ)

ନିଯୁକ୍ତି ପରୀକ୍ଷାରେ ବାଧକ ସାଜିବନି ଅର୍ଥ। ଅନ୍ୟମାନଙ୍କ ଭଳି ଗରିବ ଶ୍ରେଣୀର ପିଲାମାନେ ମଧ୍ୟ ସମସ୍ତ ନିଯୁକ୍ତି ପରୀକ୍ଷା ଦେଇପାରିବେ। ଏଥିପାଇଁ ରାଜ୍ୟ ସରକାର ଫି' ଛାଡ କରିବାକୁ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ ନିଯୁକ୍ତି ସଂସ୍ଥା ଦ୍ୱାରା ପରିଚାଳିତ ବିଭିନ୍ନ ନିଯୁକ୍ତି ପରୀକ୍ଷା ପାଇଁ ଫି' ଛାଡ କରାଯିବ। ଏନେଇ ସରକାରଙ୍କ ପକ୍ଷରୁ ଓଡିଶା ପବ୍ଲିକ ସର୍ଭିସ କମିଶନ, ☞ପୃଷ୍ଠା-୨


SIKSHA 'O' ANUSANDHAN

SAAT-2025

Empowering students for a brighter future

LAW PROGRAMMES OFFERED
- BA LLB (H) - Integrated Law
- BBA LLB (H) - Integrated Law
- LLB (H) - 3 Years Law
- LLM

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 09th Best in Law Category
- 14th Best in University Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ଦିଲ୍ଲୀରୁ ବୁଲି ଆସିଥିବା ଯୁବତୀଙ୍କୁ ଅସଦାଚରଣ

- ୨ ଯୁବକଙ୍କ ନାମରେ ଥାନାରେ ଏତଲା
- ଘଟଣାର ୨୪ ଘଣ୍ଟା ପରେ ବି ପୋଲିସ ହାତ ଖାଲି

ଦଶରଥପୁର,୨୩।୬
(ସୁଶାନ୍ତ କୁମାର ବେହୁରିଆ)

ଓଡ଼ିଶା ସମେତ ଭାରତର ୬ ରାଜ୍ୟକୁ ଅପରାଧ ପ୍ରବଣ ଅଞ୍ଚଳ ବୋଲି ଆମେରିକା ଦର୍ଶାଇବା ସହ ତା'ର ନାଗରିକଙ୍କ ପାଇଁ ଭ୍ରମଣ ସତର୍କତା ଜାରି କରିବା ଘଟଣା ଏବେ ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଓଡ଼ିଶାରେ ବାହାର ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଯାଜପୁର ଜିଲା ଦଶରଥପୁର ଥାନା ତରାଙ୍ଗ ସାଗରପୁର ଗ୍ରାମ ନିକଟରେ ରବିବାର ରାତିରେ ବାନ୍ଧବୀଙ୍କ ସହିତ ଓଡ଼ିଶା ବୁଲିବାକୁ ଆସିଥିବା ଦିଲ୍ଲୀର ଜଣେ ଯୁବତୀଙ୍କୁ ୨ ଜଣ ଯୁବକ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଦଶରଥପୁର ଥାନାରେ ଏକ ମାମଲା(ନଂ.୧୦୧/୨୫) ରୁଜୁ କରି ପୋଲିସ ତଦନ୍ତ କରୁଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଯୁବକମାନଙ୍କୁ ପୋଲିସ ଠାବ କରିପାରିନାହିଁ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝୀ କହିଛନ୍ତି।

ସୂଚନା ଅନୁଯାୟୀ, ଚାମ୍ପେଇପାଳ ପଞ୍ଚାୟତ ତରାଙ୍ଗ ସାଗରପୁର ଗ୍ରାମର ତପସ୍ୱିନୀ ଦାଶ ଦିଲ୍ଲୀରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ତପସ୍ୱିନୀଙ୍କ ସହିତ ତାଙ୍କ ବାନ୍ଧବୀ ପୂଜା ପରେବା ମଧ୍ୟ ସେଠାରେ କାମ କରନ୍ତି। ତପସ୍ୱିନୀ ବାପାଙ୍କ ପ୍ରଥମ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଇଲେକ୍ଟ୍ରିକ୍ ଏୟାରକ୍ରାଫ୍ଟ





KISS
Organisation in Special Consultative Status with the United Nations Economic & Social Council (UN-ECOSOC)

KALINGA INSTITUTE OF SOCIAL SCIENCES
KISS Deemed to be University
(Established U/S 3 of UGC Act 1956), Bhubaneswar, Odisha, India

• କିସ୍ ଏକ ବିଦ୍ୟାଳୟ • କିସ୍ ଏକ ମହାବିଦ୍ୟାଳୟ • କିସ୍ ଏକ ବିଶ୍ୱବିଦ୍ୟାଳୟ

୮୦ ହଜାର ଛାତ୍ରଛାତ୍ରୀଙ୍କ ପାଇଁ ସଂପୂର୍ଣ୍ଣ ଆବାସିକ ଓ ଦେୟମୁକ୍ତ ଅନୁଷ୍ଠାନ | କିସ୍ ବିଶ୍ୱବିଦ୍ୟାଳୟ ବିଶ୍ୱର ଏକମାତ୍ର ଜନଜାତି ବିଶ୍ୱବିଦ୍ୟାଳୟ | ହାଇଦ୍ରାବାଦସ୍ଥିତ ଆଡ୍‌ମିନିଷ୍ଟ୍ରେଟିଭ୍ ଷ୍ଟାଫ୍ କଲେଜ ଇଣ୍ଡିଆ (ଏଏସ୍‌ସିଆଇ) ଦ୍ୱାରା ଇମ୍ପାକ୍ଟ ଆସେସ୍‌ମେଣ୍ଟ | ନାକ୍ ଦ୍ୱାରା 'ଏ' ଗ୍ରେଡ୍ ମାନ୍ୟତା

• କିସ୍ ବହୁ ସମ୍ମାନର ଅଧିକାରୀ ହୋଇପାରିଛି। କିସ୍ ଅନେକ ସ୍ୱୀକୃତି ପାଇଛି; ସେଥିମଧ୍ୟରେ ଜାତିସଂଘ ECOSOC ସହିତ ସ୍ୱତନ୍ତ୍ର ପରାମର୍ଶଦାତା ମାନ୍ୟତା ଏବଂ UNESCO ଅନ୍ତର୍ଜାତୀୟ ସାକ୍ଷରତା ପୁରସ୍କାର (୨୦୨୨) ଅନ୍ତର୍ଭୁକ୍ତ।

ଟାଇମ୍‌ସ ହାଇୟର ଏଜୁକେସନ ଇମ୍ପାକ୍ଟ ବିଶ୍ୱ ର୍‍ୟାଙ୍କିଂ ୨୦୨୫

Times Higher Education Impact Rankings 2025 Global

ପ୍ରଥମ ଥର ପାଇଁ କିସ୍ ଟାଇମ୍‌ସ ହାଇୟର ଏଜୁକେସନ୍ ଇମ୍ପାକ୍ଟ ର୍‍ୟାଙ୍କିଂରେ ଅଂଶଗ୍ରହଣ କରି ସମଗ୍ର ବିଶ୍ୱରେ ତା'ର ଉଲ୍ଲେଖନୀୟ ପରିଚୟ ସୃଷ୍ଟି କରିପାରିଛି।

ବିଶ୍ୱ ର୍‍ୟାଙ୍କିଂରେ ଉଲ୍ଲେଖନୀୟ ପ୍ରଦର୍ଶନ

| | ଭାରତରେ ଶ୍ରେଷ୍ଠ | ବିଶ୍ୱରେ ଶ୍ରେଷ୍ଠ |
|---|---|---|
| SDG#5 ଲିଙ୍ଗଗତ ସମାନତା | ୬ | ୧୦୧-୨୦୦ |
| SDG#1 ଦାରିଦ୍ର୍ୟ ଦୂରୀକରଣ | ୮ | ୩୦୧ |
| SDG#4 ଗୁଣାତ୍ମକ ଶିକ୍ଷା | ୨୬ | ୪୦୧-୬୦୦ |
| SDG#10 ଅସମାନତା ହ୍ରାସ | ୨୬ | ୮୦୧-୧୦୦୦ |

"କିସ୍ ଜନଜାତିଙ୍କ ଗର୍ବ ଓ ଗୌରବ ତଥା ଜନଜାତିଙ୍କ ପରିଚୟ। ଦୀର୍ଘ ୩୩ ବର୍ଷ ଧରି କିସ୍ ଅତି ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଆସୁଛି। ଇତି ମଧ୍ୟରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଏବଂ ଏବେ ୪୦ ହଜାର ଛାତ୍ରଛାତ୍ରୀ କିସ୍ କ୍ୟାମ୍ପସ୍‌ରେ ରହି ଶିକ୍ଷାଲାଭ କରୁଛନ୍ତି। କିସ୍ ସମ୍ପୂର୍ଣ୍ଣ ଆବାସିକ ଓ ଦେୟମୁକ୍ତ ଅନୁଷ୍ଠାନ। ପୃଥିବୀର ଅନ୍ୟତମ ବିସ୍ମୟ ହେଉଛି କିସ୍। କିସ୍ ଦକ୍ଷତା ଶିକ୍ଷା ସହିତ ସାମଗ୍ରିକ ଶିକ୍ଷା ଓ କ୍ରୀଡ଼ା ଜରିଆରେ ଜନଜାତି ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିଆସୁଛି।"

ଇମ୍ପାକ୍ଟ ଗ୍ଲୋବାଲ୍ ର୍‍ୟାଙ୍କିଂ
ଓଭରାଲ୍ ଭାରତୀୟ ର୍‍ୟାଙ୍କ: ୫୦
ଓଭରାଲ୍ ବିଶ୍ୱ ର୍‍ୟାଙ୍କ: ୧୦୦୧-୧୫୦୦

କିସ୍‌ର ବିଶେଷତ୍ୱ
- ୮୦,୦୦୦ ଜନଜାତି ଛାତ୍ରଛାତ୍ରୀ (୪୦,୦୦୦ ଅଧ୍ୟୟନରତ ୪୦,୦୦୦ ଉତ୍ତୀର୍ଣ୍ଣ)
- ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡ୍ରପ୍ ଆଉଟ୍ ହାର ଶୂନ୍ୟ
- ଛାତ୍ରୀ ସଂଖ୍ୟା ୬୫%
- ଅଲିମ୍ପିଆନ୍ ସମେତ ୫୦୦୦ କ୍ରୀଡ଼ା ପ୍ରତିଭା ସୃଷ୍ଟି
- ବିଶାଳ ରୋଷେଇ ଘରେ ପ୍ରତିଦିନ ୧୬୦,୦୦୦ ଖାଦ୍ୟ ପ୍ରସ୍ତୁତ ଏବଂ ପରିବେଷଣ କରାଯାଉଛି।
- ବିଗତ ୨୦ ବର୍ଷ ଧରି ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ପାସ୍ ହାର ଲଗାତାର ୧୦୦%
- ୩ ନିୟୁତ ବର୍ଗଫୁଟ୍ ଅଞ୍ଚଳରେ ୪ଟି ବିଶାଳ କ୍ୟାମ୍ପସ୍
- ଓଡ଼ିଶାର ୧୦ ଟି ଜିଲ୍ଲାରେ ୧୦ ଟି ସାଟେଲାଇଟ୍ କ୍ୟାଂପସ (୫ ଟି କାର୍ଯ୍ୟକ୍ଷମ ଓ ୫ ଟି ପ୍ରସ୍ତାବିତ)
- ୮ ଲକ୍ଷ ଜନଜାତି ପରିବାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ବିକଶିତ ହୋଇପାରିଛନ୍ତି
- ୬ ଗିନିଜ୍ ବିଶ୍ୱ ରେକର୍ଡ

KISS Campus 3, Bhubaneswar, Odisha, India 751024 | registrar@kiss.ac.in | www.university.kiss.ac.in

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ଏମ୍ଏସ୍ଏମ୍ଇ ଆଗ୍ରୋ ଇଣ୍ଟରନ୍ୟାଶନାଲ ସୁମିଟ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇର ବିକ୍ଷୋଭ, ସ୍ଥାନ: ରାଜମହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ବାଲେଶ୍ୱର
- ବାଲେଶ୍ୱର ପ୍ରେସ କ୍ଲବ ବୈଠକ, ସ୍ଥାନ: ପ୍ରେସ କ୍ଲବ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

### ଭଦ୍ରକ
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମିଶ୍ରପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅବକାରୀ ବିଭାଗର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁର, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

### ମୟୂରଭଞ୍ଜ
- ରକ୍ତଦାନ ଶିବିର,ସ୍ଥାନ: ବ୍ଲଡ୍ ବ୍ୟାଙ୍କ ପରିସର, ବାରିପଦା,ସମୟ: ପୂର୍ବାହ୍ନ ୯ଟା।
- ସାମ୍ବାଦିକ ସଂଘର ବୈଠକ, ସ୍ଥାନ: ଚିତ୍ରଡ଼ାସ୍ଥିତ ସାମ୍ବାଦିକ ଭବନ, ମୋରଡ଼ା ସମୟ:ପୂର୍ବାହ୍ନ ୧୧ଟା।

### ବ୍ରହ୍ମପୁର
- ଅଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପୁରାତନ ଛାତ୍ର ଗୋଷ୍ଠୀର ଧାରଣା, ସ୍ଥାନ: ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଦଳିତ ମହାସଭାର ଆର୍‌ଡିସିଙ୍କୁ ଦାବିପତ୍ର, ସ୍ଥାନ: ଆର୍‌ଡିସି ଅଫିସ, ସମୟ: ଅପରାହ୍ନ ୨ଟା।

### ଢେଙ୍କାନାଳ
- ବିଜୁ ଯୁବଛାତ୍ର ଜନତା ଦଳର ଖବରଦାତା ସମ୍ମିଳନୀ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

### କେନ୍ଦ୍ରାପଡ଼ା
- ଆମ ଗାଁରେ ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ରମ, ସ୍ଥାନ: ମେଣ୍ଟପୁର, ଆଳି, ସମୟ: ସକାଳ ୭ଟା।
- ବ୍ଲକ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ, ସ୍ଥାନ: ପଞ୍ଚାୟତ ସମିତି ଗୃହ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

### ନୟାଗଡ଼
- ରକ୍ତଦାନ ଶିବିର, ସ୍ଥାନ: ଷ୍ଟେଟ ବ୍ୟାଙ୍କ ଏଡିବି ଶାଖା ପରିସର ନୟାଗଡ଼, ସମୟ: ସକାଳ ୧୦ଟା।
- ଶିବ ଚର୍ତୁଦଶୀରେ ବେଢ଼ା ପରିକ୍ରମା, ସ୍ଥାନ: କଣ୍ଟିଲୋ ନୀଳମାଧବ ଜୀଉ ମନ୍ଦିର, ସମୟ: ସନ୍ଧ୍ୟା ୮ଟା।

### ନବରଙ୍ଗପୁର
- ଉନ୍ନୟନ ପ୍ରକଳ୍ପ ସମୀକ୍ଷା, ସ୍ଥାନ: ପାପଡ଼ାହଣ୍ଡି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବଣିକ ସଂଘର ଜରୁରୀ ବୈଠକ, ସ୍ଥାନ: ଝରିଗାଁ ବ୍ଲକ ସଭାଗୃହ ସମୟ: ସନ୍ଧ୍ୟା ୬ଟା।

### ସମ୍ବଲପୁର
- ସାଓଲିନ କୁଙ୍ଗ୍ଫୁ ଉସୁ ଆସୋସିଏସନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ବାବା ମଠେଶ୍ୱର ପିଠ ଆୟୋଜନରେ ଯଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ଣ୍ଣାହୁତି, ସ୍ଥାନ: ଖର୍ସନମାଲର ଖଇରମାଲ ଗ୍ରାମ, ସମୟ: ସକାଳ ୮ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ୍ ଲିଗ ମ୍ୟାଚ ସମ୍ବଲପୁର ଫୁଟବଲ ଏକାଡେମୀ ବନାମ ବୁର୍ଲା କ୍ରୀଡା ସଂଘ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ବସୁନ୍ଧରା କମ୍ୟୁନିଟିସ୍ଥିତ ପାଠଶାଳାର ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ଅପରାହ୍ନ ୫ଟା।
- ସମ୍ବଲପୁର ପୋଲିସ କ୍ଲବ ବନାମ ବାମରା କ୍ରୀଡା ସଂଘ ମଧ୍ୟରେ ଫୁଟବଲ୍ ମ୍ୟାଚ, ସ୍ଥାନ : ବୀରସୁରନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୫ଟା୩୦।

### ବଲାଙ୍ଗୀର
- ନିଶା ନିବାରଣ ସଚେତନତା ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

### ରାଉରକେଲା
- ଇସ୍କନ ପକ୍ଷରୁ ନଗର ସଙ୍କୀର୍ତ୍ତନ, ସ୍ଥାନ: ଛେଣ୍ଡ କଲୋନି, ସମୟ: ସକାଳ ୫ଟା ୩୦।
- ସିଏଚ୍ଏସ୍ଇ ଓ ଏନ୍ଆଇଟି ଆନୁକୂଲ୍ୟରେ ରସାୟନ ଶିକ୍ଷକ ତାଲିମ କାର୍ଯ୍ୟକ୍ରମର ୩ୟ ଦିବସ, ସ୍ଥାନ: ଏନ୍ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନିଳାଦ୍ରୀ ବିହାର ଜଗନ୍ନାଥ ମନ୍ଦିର, ସମୟ ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ରାଉରକେଲା ଏସ୍‌ପି ଅଫିସ, ସମୟ: ମଧ୍ୟାହ୍ନ ୧୨ଟା।
- ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ, ସ୍ଥାନ: ଝିରପାଣି ଓ କୋଏଲନଗର, ସମୟ: ଅପରାହ୍ନ ୩ଟା ୩୦।
- ରାଧାକୃଷ୍ଣ ମନ୍ଦିରରେ ତ୍ରିଦିବସୀୟ ଭାଗବତ ପାରାୟଣ, ସ୍ଥାନ: ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୫ଟା ୩୦।

### କଳାହାଣ୍ଡି
- ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ଶିକ୍ଷାନୁଷ୍ଠାନରେ କର୍ମଶାଳା, ସ୍ଥାନ: ଭବାନୀପାଟଣା ବିକାଶ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସଭାଗୃହ ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

### ଦେବଗଡ଼
- ପ୍ରାକୃତିକ କୃଷି ପ୍ରଣାଳିରେ ଚାଷ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ବିଧାନସଭା କମିଟିର ଜିଲା ଗସ୍ତ ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା, ସ୍ଥାନ: ସୁବର୍ଣ୍ଣପୁର ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ ମିଶନ ଶକ୍ତି ସଭାଗୃହରେ ଡାଇରିଆ ନିରୋଧ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମିଶନ ଶକ୍ତି ସଭାଗୃହ, ଡୁଙ୍ଗୁରିପାଲି, ସମୟ: ମଧ୍ୟାହ୍ନ ୧୨ଟା୩୦।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

### ନୂଆପଡ଼ା
- ଜିଲାସ୍ତରୀୟ ଗୋପବନ୍ଧୁ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ମୃତ୍ତିକା ସଂରକ୍ଷଣ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ସକାଳ ୯ଟା ୩୦।

# ବ୍ରାଉନସୁଗାର କାରବାରରେ ମହିଳା

## କାର୍‌ରେ ନେଉଥିବା ବେଳେ ଧରିଲା ପୋଲିସ

**ଭଦ୍ରକ,୨୩।୬(ସନାତନ ରାଉତ)**

ବ୍ରାଉନସୁଗାର କାରବାରରେ ମହିଳା। କାର୍‌ରେ ବ୍ରାଉନସୁଗାର ନେଉଥିବା ସମୟରେ ପାଟ୍ରୋଲିଂ ବେଳେ ଧରିଲା ପୋଲିସ। ରବିବାର ଅପରାହ୍ନରେ ଭଦ୍ରକ ପୁରୁଣାବଜାର ପୋଲିସ ଏମ୍‌ଭି ଚେକିଂ ପାଇଁ ପାଟ୍ରୋଲିଂ କରୁଥିବା ବେଳେ ହଳଦୀଡିହ ବାଇପାସ୍ ନିକଟସ୍ଥ ନାଥସାହି ଛକରୁ ଏକ କାର୍‌ରୁ ୧୫.୮ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ମହିଳା ସମେତ ୩ଜଣ ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନେ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ବେଗୁନିଆ ଯଦୁପୁରର ଅଜୱାରି ବିବି(୫୭), ଶେଖ୍ ନାରୁଦ୍ଦିନ(୫୪) ଓ ତାଙ୍କ ସ୍ତ୍ରୀ ସଞ୍ଜିଦା ବିବି(୪୦)। ଏନେଇ ଏକ ମାମଲା (ନଂ.୧୪୩/୨୫) ରୁଜୁ କରାଯାଇ ଗିରଫ ୩ଜଣଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି।

ପୁରୁଣାବଜାର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସବ୍‌ଇନ୍ସପେକ୍ଟର ଦୀପ୍ତିରେଖା ସ୍ୱାଇଁଙ୍କ ସମେତ ପୋଲିସ ଟିମ୍ ଏକ ଧଳା ରଙ୍ଗର କାର୍ (ଓଡି–୩୩–୧– ୭୩୬୬)କୁ ଅଟକାଇଥିଲେ। ଏଥିରେ ୨ଜଣ ମହିଳା ଓ ଜଣେ ପୁରୁଷ ଥିବାବେଳେ ଗାଡ଼ିରୁ ୧୫.୮ ଗ୍ରାମ୍‌ର ବ୍ରାଉନସୁଗାର ପ୍ୟାକେଟ୍ ମିଳିଥିଲା। ୩ ଅଭିଯୁକ୍ତଙ୍କୁ ସୋମବାର ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରାଯାଇଥିବା ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନିଆଁଲଗା ଘରେ ରହିବି ନାହିଁ**
**ଖଣ୍ଡିଆ ପଥୁରି ଧୋଇବି ନାହିଁ**
**ତାଟି କିଳା ମାଡ଼ ସହିବି ନାହିଁ।**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ ସେ ଘର ପ୍ରତି ବ୍ୟକ୍ତିର ମୋହ ମାୟା ତୁଟି ଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ କ୍ରମଶଃ ଫିକା ପଡ଼ିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛାପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନ ରସି ଭ୍ରମର ରସିଲା**
**ଜାଇ ଯୁଇ ଫୁଲ ପାଣିକି ପକାଇ**
**ପୋକଶୁଙ୍ଘା ମୂଳେ ବସିଲା।**

ଯାହା ମନ ଯେଉଁଥିରେ ମାନିଲା। ଯାହା ମନୁଷ୍ୟ ପାଇଁ ଉପଲବ୍ଧ ହୁଏ ତାକୁ ଯଦି ସୁନ୍ଦର ଶୈଳୀ ମନେକରି ଗ୍ରହଣ କରାଯାଏ, ତାହା ବିପରୀତ ବୋଧ ସମାବେଶ ହେଲେ ସୁଦ୍ଧା ଅନ୍ୟର ସେଥିରେ ମନ ଖରାପ କରିବାର କିଛି କାରଣ ନ ଥାଏ। ପରୋକ୍ଷରେ ଭଲକୁ ଛାଡ଼ି ଭେଲକୁ ଆପଣେଇ ନେବା ବା ମୋହିବାର ଫଳ ଅନେକ ସମୟରେ ମନ୍ଦ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ–ଫ୍ରେଣ୍ଡ୍ସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପର୍ଯ୍ୟଟନ ପାଇଁ କୋହଳ ହେବ ପରିବେଶ କଟକଣା

**ଓଡ଼ିଶା ୨୦୩୬ ସୁଦ୍ଧା ବିକଶିତ ହେବା ନେଇ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି। ଏଥିପାଇଁ ଅନେକ ବିକାଶମୂଳକ କାର୍ଯ୍ୟକୁ ସରକାର ଗୁରୁତ୍ୱ ଦେଉଛନ୍ତି। ସେଥିମଧ୍ୟରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଅନ୍ୟତମ। ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ହୋଇପାରିଲେ ବିକଶିତ ଓଡ଼ିଶା ଲକ୍ଷ୍ୟ ସହଜ ହୋଇପାରିବ। ତେଣୁ ସରକାର ଏହି କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ନିମନ୍ତେ ଜାତୀୟ ଉଦ୍ୟାନ, ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ, କୋଷ୍ଟାଲ ଜୋନ୍ ଏବଂ ରାମ୍‌ସାର୍ ଆର୍ଦ୍ରଭୂମି ଆଦି ପରିବେଶଗତ ସମ୍ବେଦନଶୀଳ ଅଞ୍ଚଳ(ଇଏସ୍‌ଜେଡ୍)ରେ କଟକଣା କୋହଳ କରିବାକୁ ଯୋଜନା କରିଛନ୍ତି। ହେଲେ ଏଥିରେ ଉଭୟ ଆଇନ ଏବଂ ପରିବେଶ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ଯୋଜନା କାର୍ଯ୍ୟକାରୀ ହେଲେ ଜଙ୍ଗଲ, ବନ୍ୟପ୍ରାଣୀ ଏବଂ ଜୈବ ବିବିଧତା ସମ୍ପର୍କିତ ଆଇନ ଓ ଆଦିବାସୀଙ୍କ ଜୀବନଜୀବିକା ସମ୍ବଳିତ ଆଇନ ଦୁର୍ବଳ ହୋଇପଡ଼ିବ। ପରିଣାମ ସ୍ୱରୂପ ପରିବେଶ ବିପଦରେ ପଡ଼ିବ ଏବଂ ଜନଜାତିଙ୍କ ଅଧିକାର କ୍ଷୁଣ୍ଣ ହେବ । ଗତ ପ୍ରାୟ ଅଢ଼େଇ ଦଶନ୍ଧି ଧରି ଓଡ଼ିଶାବାସୀ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରି ବ୍ୟାପକ କ୍ଷତି ସହିଛନ୍ତି। ତେଣୁ ବିକାଶ ନାମରେ ପରିବେଶକୁ ବିନାଶ ପହଞ୍ଚିଲା ଭଳି କୌଣସି ପଦକ୍ଷେପ ନିଆ ନ ଯିବାକୁ ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି।**

## ସରକାରଙ୍କ ଯୋଜନା, ଚିନ୍ତାରେ ବିଶେଷଜ୍ଞ

**ଭୁବନେଶ୍ୱର,୨୩।୬ (ରବିନାରାୟଣ ଜେନା)**

ପରିବେଶଗତ ସମ୍ବେଦନଶୀଳ ଅଞ୍ଚଳ (ଇଏସ୍‌ଜେଡ୍)ରେ ନିର୍ମାଣ ଏବଂ ବ୍ୟବସାୟିକ ଗତିବିଧି ନିଷିଦ୍ଧ ରହିଛି। ଏଭଳିସ୍ଥଳେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗତ ମେ' ୩୦ରେ ଅନୁଷ୍ଠିତ ଉଚ୍ଚକ୍ଷମତା ସମ୍ପନ୍ନ ବୈଠକରେ ଇଏସ୍‌ଜେଡ୍ ବିଜ୍ଞପ୍ତିରେ ସଂଶୋଧନ ଆଣିବାକୁ ଆଲୋଚନା କରାଯାଇଥିଲା। ଫଳରେ ଇଏସ୍‌ଜେଡ୍‌ରେ ପର୍ଯ୍ୟଟନ ସମ୍ବଳିତ ନିର୍ମାଣ ଓ ବ୍ୟବସାୟିକ କାର୍ଯ୍ୟକଳାପ କରାଯାଇପାରିବ। ଅନ୍ୟ ଅର୍ଥରେ କହିବାକୁ ଗଲେ, ଜଙ୍ଗଲ ଜମିକୁ ଅଣଜଙ୍ଗଲ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ଏନେଇ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯିବାକୁ ପ୍ରସ୍ତାବ ରହିଛି। ଅର୍ଥାତ୍ ଜଙ୍ଗଲ ଜମିରେ ଆତିଥ୍ୟ ଭିତ୍ତିଭୂମି ନିର୍ମାଣ କରିବାକୁ ଅନୁମତି ଦେବା ଏବଂ ଉପକୂଳ ଅଞ୍ଚଳରେ ଅଧିକ ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ ପାଇଁ ଉପକୂଳ ନିୟନ୍ତ୍ରଣ ଅଞ୍ଚଳ(ସିଆରଜେଡ୍) ବର୍ଗୀକରଣକୁ ପୁନଃସମୀକ୍ଷା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ଅନୁରୋଧ କରାଯିବାକୁ ପ୍ରସ୍ତାବ ରହିଛି।

ଇକୋ ସେନ୍ସିଟିଭ୍ ଜୋନ(ଇଏସ୍‌ଜେଡ୍) ହେଉଛି ପ୍ରତିରୋଧକ କ୍ଷେତ୍ର। ସଂରକ୍ଷିତ ଜଙ୍ଗଲ, ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନର ବନ୍ୟପ୍ରାଣୀ ଏବଂ ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ ଇଏସ୍‌ଜେଡ୍ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଖଣି ଖନନ, ନିର୍ମାଣ ଏବଂ ଶିଳ୍ପଜନିତ ପ୍ରଦୂଷଣ ଆଦି କ୍ଷତିକାରକ ମାନବୀୟ ଗତିବିଧିକୁ ପ୍ରତିରୋଧ କରାଯାଇପାରିବ। ହେଲେ ସରକାରଙ୍କ ଉପରୋକ୍ତ ଯୋଜନା ଏଥିରେ ଅନ୍ତରାୟ ସୃଷ୍ଟି କରିବ। ତେବେ କେନ୍ଦ୍ରଠାରୁ ଅନୁମତି ନେବା ସମୟରେ ସରକାରଙ୍କ ଏକ କମିଟିର ରିପୋର୍ଟ ବିଚାରକୁ ନିଆଯିବ। ସେହି କମିଟିରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଅଧ୍ୟକ୍ଷ ରହିଥିବାବେଳେ ପିସିସିଏଫ୍ ବନ୍ୟପ୍ରାଣୀ, ପିସିସିଏଫ୍ (ହେଡ୍ ଅଫ୍ ଫରେଷ୍ଟ ଫୋର୍ସ), ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଶିମିଳିପାଳ ନିର୍ଦ୍ଦେଶକ ପ୍ରମୁଖ ରହିଛନ୍ତି। ସରକାରଙ୍କ ପକ୍ଷରୁ ଉକ୍ତ କମିଟି ପ୍ରତି ଦୁଇମାସରେ ଥରେ ଏହି ଇକୋ ସେନ୍ସିଟିଭ ଜୋନ୍ ଅଞ୍ଚଳ ଗସ୍ତ କରି ସେଠାକାର ସମସ୍ୟା ସମ୍ପର୍କରେ ଅବଗତ ହେବେ। ତେବେ ସରକାରଙ୍କ ବନ୍ୟପ୍ରାଣୀ ସଂରକ୍ଷଣ ନିୟମ–୧୯୭୨ ଅନୁଯାୟୀ ଜାତୀୟ ପାର୍କ ଅଞ୍ଚଳରେ କୌଣସି ବ୍ୟବସାୟିକ ନିର୍ମାଣ ହୋଇପାରିବ ନାହିଁ। ସେହିପରି ଜଙ୍ଗଲ କିସମ ଜମିକୁ ଅଣଜଙ୍ଗଲ ଭାବେ ବ୍ୟବହାର ଲାଗି ଗ୍ରାମସଭାର ଅନୁମତି ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ସରକାରଙ୍କ ନିଷ୍ପତ୍ତିକୁ ନେଇ ପରିବେଶ ବିଶେଷଜ୍ଞମାନେ ଆପତ୍ତି ଉଠାଇଛନ୍ତି। ସେମାନଙ୍କ କହିବା କଥା ହେଲା, ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଆଗାମୀ ଦିନରେ ଇକୋ ସେନ୍ସିଟିଭ୍ ଜୋନ୍ ତଥା ବନ୍ୟପ୍ରାଣୀ ଏବଂ ଜୈବବିବିଧତା ଉପରେ କୁପ୍ରଭାବ ପଡିବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସରକାରଙ୍କ ଦ୍ୱାରା ଗଠିତ କମିଟିରେ ପରିବେଶ ବିଶେଷଜ୍ଞ, ବନ୍ୟପ୍ରାଣୀ ବୈଜ୍ଞାନିକ କିମ୍ବା କୌଣସି ଜନଜାତି ବର୍ଗର ପ୍ରତିନିଧିଙ୍କୁ ସାମିଲ କରାଯାଇନାହିଁ।

## ପ୍ରଥମ ପୃଷ୍ଠାରୁ...

### ତେଲ ଦର ୫...

ମନ୍ତ୍ରୀ ହରଦୀପ୍ ସିଂ ପୁରୀ କହିଛନ୍ତି, ଦୀର୍ଘଦିନ ଧରି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୬୫ରୁ ୭୦ ଡଲାର ରହିଥିଲା ଓ ପରେ ୭୦ରୁ ୭୫ ଡଲାରକୁ ବୃଦ୍ଧି ପାଇଥିଲା। ଆମେରିକା ଆକ୍ରମଣ କରିବା ପରେ ସୋମବାର ତୈଳ ଦର ଗତ ୫ ମାସ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ତେବେ ବିଶ୍ୱ ବଜାରରେ ପର୍ଯ୍ୟାପ୍ତ ତୈଳ ଉପଲବ୍ଧ ଅଛି। ପାଶ୍ଚାତ୍ୟରୁ ଅଧିକ ତୈଳ ଆସୁଛି। ପାରମ୍ପରିକ ଯୋଗାଣକାରୀମାନେ ମଧ୍ୟ ରାଜସ୍ୱ ଆବଶ୍ୟକତା ପାଇଁ ଯୋଗାଣ ଜାରି ରଖିବାକୁ ଚାହାନ୍ତି। ଆମ ତୈଳ ବିପଣନ କମ୍ପାନୀଗୁଡ଼ିକ ପାଖରେ ଅନେକ ସପ୍ତାହ ପାଇଁ ପର୍ଯ୍ୟାପ୍ତ ଇନ୍ଧନ ରହିଥିବାବେଳେ ବିଭିନ୍ନ ରୁଟ୍ ଦେଇ ଆମଦାନୀ ଜାରି ରହିଛି ବୋଲି ପେଟ୍ରୋଲିୟମ ମନ୍ତ୍ରୀ କହିଛନ୍ତି।

### ହୀରାକୁଦରେ ନିର୍ମାଣ...

ବିଭାଗୀୟ ଅଧିକାରୀ ରହିଥିଲେ। ସିପିଏମ୍‌ୟୁଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ, ୫ଟି ଆଡିବନ୍ଧ ଲାଗି ୮୮୪.୩୮କୋଟି ଟଙ୍କା ଖର୍ଚ୍ଚ ହେବ। ଏହାସହିତ ହୀରାକୁଦର ଭୂତଳ ଜଳ ସର୍ବେକ୍ଷଣ କରିବା ସହିତ ଫାଟ ମରାମତି କରିବା ଭଳି କାର୍ଯ୍ୟ କରାଯିବ। ଏଥିପାଇଁ ୧୦୬୬କୋଟି ଟଙ୍କା ଖର୍ଚ୍ଚ କରିବା ଲାଗି ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତିକ୍ରମେ ପ୍ରାଥମିକ ଅନୁମତିମିଳିଛି। ଏହିକାର୍ଯ୍ୟ ଲାଗି ସିପିଏମ୍‌ୟୁ ଆବଶ୍ୟକ ବୈଷୟିକ ପରାମର୍ଶ ଯୋଗାଇ ଦେବ। ଏହାକୁ ଦୃଷ୍ଟିରେ ରଖି ଚୁକ୍ତିନାମା ସମ୍ପାଦନ କରିବାକୁ ସିପିଏମ୍‌ୟୁ ନିର୍ଦ୍ଦେଶକ ରାକେଶ କୁମାର ଦର୍ଶାଇଥିଲେ। ଏହାକୁନେଇ ବିଭାଗୀୟ ଅନୁସଚିବ ସର୍ବୋଚ୍ଚ ଯନ୍ତ୍ରୀ(ପି ଆଣ୍ଡ ଡି)ଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

### ଦିଲ୍ଲୀରୁ ବୁଲି ଆସିଥିବା...

ଘରୋଇ କମ୍ପାନୀରେ କାମ କରନ୍ତି। ତପସ୍ୱିନୀଙ୍କ ସହିତ ତାଙ୍କ ବାନ୍ଧବୀ ପୂଜା ପରେଡା ମଧ୍ୟ ସେଠାରେ କାମ କରନ୍ତି। ତପସ୍ୱିନୀ ବାପାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ନିଜ ଗ୍ରାମକୁ ଆସିଥିଲେ। ତାଙ୍କ ସହିତ ପୂଜା ବି ଆସିଥିଲେ। ରବିବାର ତପସ୍ୱିନୀଙ୍କ ସହିତ ପୂଜା ଯାଜପୁରର ଶକ୍ତିପୀଠ ମା'ବିରଜାଙ୍କ ଦର୍ଶନ କରିବା ସହ ବୁଲାବୁଲି କରିବା ପରେ ବସ୍‌ରେ ରାତ୍ର ପ୍ରାୟ ସାଢ଼େ ୯ଟାରେ ଘରକୁ ଫେରିଥିଲେ। ସେମାନେ ବସ୍‌ରୁ ଓହ୍ଲାଇ ଚାଲି ଚାଲି ଘରକୁ ଯାଉଥିବାବେଳେ ବାଟରେ ଥିବା ଏକ ପଡ଼ିଆ ନିକଟରେ ୨ ଯୁବକ ଅନିଲ ଜେନା ଓ ନୀତେଶ ଜେନା ସେମାନଙ୍କୁ ଅଟକାଇ ଗାଳିଗୁଲଜ କରିବା ସହିତ ଟଣାଓଟରା କରିଥିଲେ। ଏହି ସମୟରେ ତପସ୍ୱିନୀଙ୍କ ଭାଇ ଓ ପୁତୁରା ଏକ ବାଇକ୍‌ରେ ଆସି ସେଠାରେ ପହଞ୍ଚି ଉକ୍ତ ଯୁବକଦ୍ୱୟଙ୍କ ନିକଟରୁ ସେମାନଙ୍କୁ ଉଦ୍ଧାର କରିଥିଲେ। ବିଳମ୍ବିତ ରାତିରେ ଦଶରଥପୁର ଥାନାରେ ଏନେଇ ଏତଲା ଦିଆଯାଇଥିଲା। ସୋମବାର ତପସ୍ୱିନୀ ପୁଣି ଥରେ ଦଶରଥପୁର ଥାନାରେ ପହଞ୍ଚି ପୋଲିସ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପଚାରିବା ସହିତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଏ ସମ୍ପର୍କରେ ଯାଜପୁର ଏସ୍‌ଡିପିଓ ମାଝୀ କହିଛନ୍ତି, ପୋଲିସ ତଦନ୍ତ ଜାରି ରଖିଛି। ଆସାମୀମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ। ଏହି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

### ପରୀକ୍ଷା ଦେଲେ...

ଓଡିଶା ଷ୍ଟାଫ୍ ସିଲେକସନ କମିଶନ ଏବଂ ଓଡିଶା ସବ୍–ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନଙ୍କୁ ସାଧାରଣ ପ୍ରଶାସନର ଅତିରିକ୍ତ ସଚିବ ସାଗରିକା ହୋତା ଚିଠି ଲେଖିଛନ୍ତି। ଲକ୍ଷ ଲକ୍ଷ ପିଲା ସରକାରୀ ଚାକିରୀ କରିବା ଆଶାରେ ବିଭିନ୍ନ ନିଯୁକ୍ତି ପରୀକ୍ଷା ଦେଉଛନ୍ତି। ହେଲେ ଅଧିକାଂଶ ପିଲା ଆବେଦନ କରି ପରୀକ୍ଷା ଦେଉନାହାନ୍ତି। ସେହିପରି ଅର୍ଥାଭାବ ଯୋଗୁ ବହୁ ପିଲା ନିଯୁକ୍ତି ପରୀକ୍ଷା ଦେବାକୁ ପଛଘୁଞ୍ଚା ଦେଉଛନ୍ତି। ତେଣୁ ଆବେଦନ କରି ପରୀକ୍ଷା ଦେଉ ନ ଥିବା ପିଲା ଓ ଫି ପାଇଁ ଆବେଦନ କରିପାରୁ ନ ଥିବା ପିଲାଙ୍କୁ ଉତ୍ସାହିତ କରିବାକୁ ରାଜ୍ୟ ସରକାର ଏଭଳି ଏକ ନୂଆ ଘୋଷଣା କରିଛନ୍ତି। ଯେଉଁ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇଥିବେ ସେମାନଙ୍କୁ ପରୀକ୍ଷା ଫି ଫେରାଇ ଦିଆଯିବ। କିନ୍ତୁ ପରୀକ୍ଷାକୁ ଗୁରୁତ୍ୱର ସହ ନ ନେଇ ପରୀକ୍ଷା ଦେଇ ନ ଥିଲେ ସେମାନଙ୍କ ପାଇଁ ଏହା ଲାଗୁ ହେବ ନାହିଁ, ଅର୍ଥାତ୍ ସେମାନେ ଫି ଫେରିପାଇପାରିବେ ନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି।

# ୨୫ରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବିଜୁ ଯୁବ ଓ ଛାତ୍ର ଜନତା ଦଳ

**ଭୁବନେଶ୍ୱର,୨୩।୬(ସୁନିତ୍ ମିଶ୍ର)**

ଓଡ଼ିଶାରେ ଛାତ୍ରୀମାନଙ୍କୁ ଅସଦାଚରଣ, ବଳାତ୍କାର, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ଭାଜପା ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ କରି ଆସନ୍ତା ୨୫ରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ଲାଗି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଡାକରା ଦିଆଯାଇଛି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ କହିଛନ୍ତି, ଭାଜପା ସରକାର କ୍ଷମତାକୁ ଆସିବା ପରଠାରୁ ରାଜ୍ୟର ଆଇନଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ଗୋପାଳପୁର ଭଳି ଏକ ପର୍ଯ୍ୟଟନସ୍ଥଳୀରେ ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ପ୍ରେମିକାଙ୍କୁ ଗଣବଳାତ୍କାର କରାଯାଇଥିଲା। ସେହିପରି କେନ୍ଦୁଝରରେ ମଧ୍ୟ ଏକ ଦୁଃଖଦ ଘଟଣା ଘଟିଛି। ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ ଜଣ ଯୁବତୀ ବଳାତ୍କାରର ଶିକାର ହେଉଛନ୍ତି। ରାଜ୍ୟରେ ଦିନକୁ ଦିନ ଏଭଳି ଘଟଣା ବୃଦ୍ଧି ପାଉଥିବାରୁ, ଯୁବତୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ରାଜ୍ୟ ସରକାରଙ୍କୁ ଚେତାଇଦେବା ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ଆୟୋଜିତ ହେବ। ରାଜ୍ୟର ସମସ୍ତ କଲେଜରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୂର୍ବତନ ବିଜୁ ଛାତ୍ର ଜନତା ଦଳ ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ରାଶିରେ ବିଳାସକାରକ ଶୁକ୍ର ଏବଂ ଉଚ୍ଚସ୍ଥ ଚନ୍ଦ୍ର ଜୀବନଯାତ୍ରାକୁ ପ୍ରୀତିପ୍ରଦ କରାଇବ। ପାରିବାରିକ ସମ୍ପର୍କ ଭଲ ରହିବା ସହ ଆଶା କରୁଥିବା ଜିନିଷ ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। ପରସ୍ପର ପଡ୍ଡୁ ନ ଥିବା ପୁଅବୋହୂଙ୍କ କଥା ମନକୁ ଆନ୍ଦୋଳିତ କରିପାରେ। ଯାତ୍ରା, ବ୍ୟବସାୟ, ସଂସ୍କୃତି କ୍ଷେତ୍ରରେ ଖୁସି ରହିପାରନ୍ତି।

**ବୃଷ** ଶନିଙ୍କ ଦୁର୍ବଳତା ସାଙ୍ଗକୁ କର୍ମଭାବରେ ରାହୁ ଥିବାରୁ ଆପଣଙ୍କ ଚେଷ୍ଟା ସଫଳ ଆଶା ମଉଳିଯାଇପାରେ। ସହକର୍ମୀଙ୍କ ସହ ସୁସମ୍ପର୍କ ରକ୍ଷା କରିପାରିବେ ନାହିଁ। ପଡ଼ୋଶୀଙ୍କ ସହାୟତାରେ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଥିବା ସମସ୍ୟା ଦୂରହେବ। ପାରିବାରିକ ଓ କର୍ମକ୍ଷେତ୍ର ପୂର୍ବପରି ଅକ୍ଷୁଣ୍ଣ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ମିଥୁନ** ରବି ରାଶ୍ୟାଧିପଙ୍କ ସହ ଅବସ୍ଥାନ କରିଥିବାରୁ ବନ୍ଧୁଙ୍କ ସାହାଯ୍ୟରେ ଆଶା ପୂରଣ ହେବ। ପ୍ରଶାସନିକ ସ୍ତରରେ ଅବହେଳାବଶତଃ ଅଟକିରହିଥିବା ଫାଇଲ୍ ସକାଶେ ଚିନ୍ତିତ ରହିପାରନ୍ତି। ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ଆପଣଙ୍କୁ ବହୁ ମାତ୍ରାରେ ସାହାଯ୍ୟ କରିବ। ଜମିଜମା, ଗୃହସୀମା, ମାଲିମକଦ୍ଦମା, ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ।

**କର୍କଟ** କର୍ମାଧିପ ମଙ୍ଗଳ ଧନସ୍ଥାନରେ କେତୁଯୁକ୍ତ କାରଣରୁ ଅର୍ଥ ସମ୍ପର୍କିତ ବିବାଦର ସମ୍ମୁଖୀନ ହୋଇପାରନ୍ତି। ଶନି ଦୃଷ୍ଟିରେ ଚନ୍ଦ୍ର ହେତୁ ମାନସିକ ଚାପ ବୃଦ୍ଧି ପାଇବା କାରଣରୁ ଅପେକ୍ଷାକୃତ ଅସୁବିଧା ଭୋଗିବେ। ଧର୍ମାନୁଷ୍ଠାନ ଦିଗରେ ଆପଣଙ୍କ ସକ୍ରିୟ ସହଯୋଗ କଳା, କ୍ରୀଡ଼ା, ସାମ୍ବାଦିକତା, ସାହିତ୍ୟ, ସଙ୍ଗୀତରେ ପ୍ରଶଂସିତ ହୋଇପାରନ୍ତି।

**ସିଂହ** ରାଶ୍ୟାଧିପତି ଯୋଗକାରକ ହୋଇଥିବାରୁ ଦୈହିକ ସୁସ୍ଥତା ସାଙ୍ଗକୁ କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିବେ। ଶନିଙ୍କ ପ୍ରଭାବରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ବହୁଜନଙ୍କର ଅଶାନ୍ତିର କାରଣ ହେବ। ଶୁକ୍ରଜନିତ ସାହିତ୍ୟ, ସଙ୍ଗୀତ, ରଚନାତ୍ମକ କାମରୁ ଉଚ୍ଚ ପ୍ରଶଂସା ମିଳିବ। ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡ଼ାନୁଭବ କରିପାରନ୍ତି।

**କନ୍ୟା** ଅଷ୍ଟମସ୍ଥ ଶୁକ୍ର ଅର୍ଥାଗମର ମାର୍ଗକୁ ପ୍ରଶସ୍ତ କଲେ ମଧ୍ୟ ବିଭିନ୍ନ ସମସ୍ୟା ସୃଷ୍ଟି କରିପାରନ୍ତି। କଠିନ ଶ୍ରମ ଓ ଭ୍ରମଣଜନିତ ସ୍ୱାସ୍ଥ୍ୟ କିମ୍ବା ମାନସିକ ସ୍ଥିତି ଭଲ ରହିବ ନାହିଁ। ମିତ୍ରମାନେ ଶତ୍ରୁତା ଆଚରଣ କରିପାରନ୍ତି। ଗୃହ ମରାମତି, ଜମିଜମା କ୍ରୟବିକ୍ରୟ, ମାଲିମକଦ୍ଦମା ସମ୍ପର୍କିତ ଆଲୋଚନାରେ ସାଧାରଣ ଅଗ୍ରଗତି ହୋଇପାରେ।

**ତୁଳା** ରାଶ୍ୟାଧିପତି ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। କିନ୍ତୁ କର୍ମକ୍ଷେତ୍ରରେ ଶତ୍ରୁତାଜନିତ ପ୍ରତିବନ୍ଧକର ସମ୍ମୁଖୀନହୋଇ କର୍ମବାଧା ଭୋଗ କରିପାରନ୍ତି। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁନାମ ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ, ପ୍ଲଟିଂ କାରବାର, କଚେରି ମାମଲା କ୍ଷେତ୍ରରେ ଶୁଭଫଳ ମିଳିବ।

**ବିଛା** ଆଜି ଭାଗ୍ୟାଧିପତି ଉଚ୍ଚସ୍ଥ ଯୋଗୁ ଆପଣଙ୍କ ଯାତ୍ରା, ବନ୍ଧୁସମ୍ପର୍କ ଓ କର୍ମକ୍ଷେତ୍ର ଦୃଢ଼ୀଭୂତ ହେବ। ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି କାମକୁ ଆସିପାରେ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ଖରାପ ରହୁଥିବାରୁ ତାହାର ସ୍ଥାୟୀ ସମାଧାନ ସକାଶେ ଚିନ୍ତା କରିପାରନ୍ତି। ପିଲାଙ୍କ ପାରସ୍ପରିକ ସୁସମ୍ପର୍କର ଅଭାବଜନିତ ଅନ୍ତର୍ଦ୍ୱନ୍ଦ୍ୱ ଅଶାନ୍ତିର କାରଣ ହେବ।

**ଧନୁ** ଆଜିର ଗ୍ରହ ସ୍ଥିତିର ଅନୁକୂଳ ପ୍ରଭାବରେ ସମ୍ପର୍କୀୟଙ୍କ ସହଯୋଗ ଅବ୍ୟାହତ ରହିବ। ଦୀର୍ଘଦିନରୁ ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟାକରି ସଫଳ ହୋଇ ପାରନ୍ତି। ବାଣିଜ୍ୟ,ବ୍ୟବସାୟ,ପରିବହନରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଗୁରୁଙ୍କ ଦୃଷ୍ଟିଜନିତ ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ।

**ମକର** ମନର ଇଚ୍ଛା ଓ ଅଭିଳାଷ ପୂରଣକରିବାରେ ସଫଳତା ପାଇବା କଷ୍ଟକର ହେବ। ସପ୍ତମାଧିପତି କୋଣଭାବସ୍ଥ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ଅନ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ। ଆନୁଷ୍ଠାନିକ କାମ, ବନ୍ଧୁମିଳନ ଓ କର୍ମକ୍ଷେତ୍ର ପାଇଁ ଅସୁବିଧା ହେବନାହିଁ।

**କୁମ୍ଭ** ପରିସ୍ଥିତିକୁ ସ୍ୱାଭାବିକ କରିବା ସକାଶେ ବନ୍ଧୁଙ୍କୁ ମନ ବୁଝିଲାଭଳି କଥା କହିପାରନ୍ତି। ବ୍ୟବସାୟରେ ସମସ୍ୟା ସୁଧାରିନେବେ ଓ ନୂତନ ବାଣିଜ୍ୟ ଯୋଡ଼ିବା ପାଇଁ ଚିନ୍ତା କରିବେ। ବନ୍ଧୁମାନେ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ। କୋଣଭାବସ୍ଥ ବୁଧାଦିତ୍ୟ ଯୋଗ ଫଳ ସ୍ୱରୂପ ପିଲାଙ୍କ ସଫଳତାରେ ଆନନ୍ଦିତ ହେବେ।

**ମୀନ** ଧନଭାବସ୍ଥ ଶୁକ୍ରଙ୍କ ଯୋଗୁ ବନ୍ଧୁଙ୍କ କଥାରେ ବିଶ୍ୱାସକରି କୌଣସି କାମରେ ହାତ ଦେଇପାରନ୍ତି। ଚତୁର୍ଥଭାବ ପାପଯୁକ୍ତ ଯୋଗୁ ପରିବାରରେ ମତଭେଦ ଘଟିପାରେ। ବନ୍ଧୁମିଳନ, ସଭାସମିତି, ଆଲୋଚନା କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ। ଆଜିର ଯାତ୍ରା, ବାଣିଜ୍ୟ ଓ ଅର୍ଥପ୍ରାପ୍ତିର ଆଶା ସଫଳତା ଲାଭ କରିବ।

ଆଜି ଜୁନ୍ ୨୪ତାରିଖ, ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ ମଙ୍ଗଳବାର, ଚକା ଅପସାରଣ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅମାବାସ୍ୟାର ନିଶାପାଳନ। ରାଶିନକ୍ଷତ୍ର–ଦିବା ଘ.୧୨।୫୪ ଗତେ ମୃଗଶିରା/ବୃଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୩ ଗତେ, ଘ.୦୬।୫୨ ମଧ୍ୟେ, ଘ.୦୯।୩୭ ଗତେ, ଘ.୧୨।୧୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୭ ଗତେ, ଘ.୦୪।୪୬ ମଧ୍ୟେ ରାହୁକାଳ।

# ଶ୍ୟାମାପ୍ରସାଦଙ୍କ ଆଦର୍ଶ ଯୁବବର୍ଗଙ୍କ ପାଇଁ ଅନୁସରଣୀୟ: ମୁଖ୍ୟମନ୍ତ୍ରୀ



ଜୟଦେବ ଭବନଠାରେ ସୋମବାର ଆୟୋଜିତ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ମହାସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି। ନିକଟରେ ଅଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ବାବୁ ସିଂ ଏବଂ ଅନ୍ୟମାନେ।

ଭୁବନେଶ୍ୱର,୨୩।୬ (ରବିନାରାୟଣ ଜେନା/ସୁନିତ୍ ମିଶ୍ର)

ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନ ଓ ଆଦର୍ଶକୁ ରାଜ୍ୟର ଯୁବବର୍ଗ ଅନୁସରଣ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଡ. ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଉପହାର, ଯାହା ପ୍ରତିଟି ଦେଶବାସୀଙ୍କୁ ଆଦର୍ଶ ଓ ପ୍ରେରଣା ଦିଏ। ତାଙ୍କ ଭାବନା, ସମଗ୍ର ଦେଶ ପାଇଁ ଏକ ଦିଗ୍‌ଦର୍ଶନ। ଜମ୍ମୁ-କଶ୍ମୀର ଭିତରେ ଭାରତର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସେ ଜଣେ ଦୃଢ଼ ଯୋଦ୍ଧା ଭାବେ ନିଜ କର୍ତ୍ତବ୍ୟରେ ଅଦମ୍ୟ ରହିଥିଲେ। ତାଙ୍କର ଅଭିମତ ଥିଲା, କଶ୍ମୀର ଭାରତର ଅଭିନ୍ନ ଓ ଅବିଚ୍ଛେଦ୍ୟ ଅଙ୍ଗ। ଏହି ଭାବନା ଗଭୀର ରାଷ୍ଟ୍ରପ୍ରେମର ପ୍ରତିଫଳନ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୁବ ଶକ୍ତି ହିଁ ଦେଶର ଭବିଷ୍ୟତ। ବର୍ତ୍ତମାନ ରାଜ୍ୟ ସରକାର ଏକବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ସାରା ଓଡ଼ିଶାରେ ଯୁବ ଶକ୍ତି ବିକାଶ କାର୍ଯ୍ୟକ୍ରମ କରୁଛନ୍ତି। ଆମେ ଯେତେବେଳେ ଏକ ନୂଆ ଓଡ଼ିଶା ଗଢୁଛେ, ଏକ ଶକ୍ତିଶାଳୀ ଭାରତର ଦିଗକୁ ବଢୁଛେ, ସେହି ସମୟରେ ଡ. ମୁଖାର୍ଜୀଙ୍କ ନୀତି ଓ ଦୃଷ୍ଟିକୋଣ ଆମକୁ ଠିକ ମାର୍ଗ ଦେଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବିଧାନର ୩୭୦ ଧାରା ଓ ୩୫(କ)ର ଉଚ୍ଛେଦ କରିଛନ୍ତି। ଏହି ସାହସିକ ପଦକ୍ଷେପ କେବଳ ଯେ ଦେଶପାଇଁ ମଙ୍ଗଳମୟ ତାହା ନୁହେଁ, ଏହା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପାଇଁ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ମୁଖାର୍ଜୀଙ୍କ ସ୍ୱପ୍ନ ଓ ସଂଘର୍ଷକୁ ପ୍ରଧାନମନ୍ତ୍ରୀ ପୂରଣ କରିଛନ୍ତି। ଓଡ଼ିଶାରେ ପୂର୍ବ ସରକାର ମୁଖାର୍ଜୀଙ୍କର ବଳିଦାନ ଦିବସକୁ ପାଳନ କରୁ ନ ଥିଲେ। କିନ୍ତୁ ଭାଜପା ସରକାର ଏହାକୁ ଜାତୀୟ କର୍ତ୍ତବ୍ୟ ଭାବେ ସ୍ୱୀକାର କରି ପାଳନ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖାର୍ଜୀଙ୍କୁ ଯୁବ ଶକ୍ତିର ପ୍ରେରଣା ବୋଲି କହିବା ସହିତ ତାଙ୍କ ଜୀବନକୁ ମହାକାଶର ଉଲ୍‌କା ସହିତ ତୁଳନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ପାଲଲହଡା ବିଧାୟକ ଅଶୋକ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ, ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଗଞ୍ଜାମର ଯୁବଶକ୍ତି ସବୁଠୁ ଆଗରେ: ମୋହନ

ଆସିକା,୨୩।୬(ସୁରେନ୍ଦ୍ର ନାଥ ସାହୁ)




ଯୁବ ସମାବେଶରେ ମୁଖ୍ୟମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନେ କ୍ରୀଡ଼ା ସମ୍ବନ୍ଧୀୟ ପୁସ୍ତିକା 'ତୃଣମୂଳରୁ ଶୀର୍ଷକ ସୋପାନ' ଉନ୍ମୋଚନ କରୁଛନ୍ତି।

- ବିଜେଡିର ୨୪ବର୍ଷ ଶାସନରେ ରାଜ୍ୟବାସୀଙ୍କୁ କିଛି ମିଳିନାହିଁ
- ଜିଲାର ବିକାଶ ଲାଗି ୫୫୦ କୋଟିର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ

ଗଞ୍ଜାମ ଜିଲାବାସୀ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ୨୪ ବର୍ଷ ଶାସନ କ୍ଷମତାରେ ବସାଇଲେ। ତେବେ ଜିଲା ଓ ରାଜ୍ୟବାସୀଙ୍କୁ କିଛି ଲାଭ ମିଳିଲାନାହିଁ। ବରଂ କେତେଜଣ ବ୍ୟୁରୋକ୍ରାଟଙ୍କୁ ଆଣି ଶାସନ ନାଁରେ ରାଜ୍ୟକୁ ଓ ଗଞ୍ଜାମକୁ ଲୁଟିନେଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଆସିକା ବିଜ୍ଞାନ ମହାବିଦ୍ୟାଳୟ ପଡିଆରେ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଯୁବଶକ୍ତି ସମାବେଶରେ କହିଛନ୍ତି।

ରାଜ୍ୟରେ ଭାଜପା ସରକାରର ୧ ବର୍ଷ ପୂର୍ତ୍ତି ଅବସରରେ ହୋଇଥିବା ଏହି ସମାବେଶରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଗଞ୍ଜାମର ଯୁବଶକ୍ତି ସବୁଠୁ ଆଗରେ। କଳା, ସାହିତ୍ୟ ଓ ସଂସ୍କୃତି ଲାଗି ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି। ଜିଲାବାସୀ ରାଜନୈତିକ କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ପରିଚୟ ରଖି ଆସିଛନ୍ତି। ଏଠାରେ ଡବଲ ନୁହେଁ, ଟ୍ରିପଲ୍ ଇଞ୍ଜିନ ସରକାର ଗଠନ କରିଛନ୍ତି। ଯୁବବର୍ଗଙ୍କ ସାମର୍ଥ୍ୟ ଉପରେ ଭରସା ରଖି ରାଜ୍ୟ ସରକାର ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛନ୍ତି। ଏ ସରକାର ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଲାଗି ଜାତୀୟ ଶିକ୍ଷାନୀତି ଲାଗୁ କରିଛି। ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ଲାଗି ଉଚ୍ଚଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ସହ ସେମାନଙ୍କ ନିଯୁକ୍ତି ଲାଗି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଛି। ୪୮ଟି କଲେଜରେ ଶିଳ୍ପ ସମ୍ପର୍କ ଓ ବ୍ୟାବହାରିକ ଶିକ୍ଷାଦାନ ଉପରେ ତାଲିମ ଦିଆଯାଉଛି। ସରକାର ପ୍ରତିଶ୍ରୁତି ମୁତାବକ ଏକ ବର୍ଷ ମଧ୍ୟରେ ୧୦ଟି ନିଯୁକ୍ତିମେଳା ମାଧ୍ୟମରେ ୨୮,୩୪୬ ଜଣଙ୍କୁ ଚାକିରି ସୁଯୋଗ ଦେଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଆଉ ୪୦ ହଜାର ନିଯୁକ୍ତି ଦେବା ଲାଗି ଉଦ୍ୟମ ଜାରି ରହିଛି। ଶିଳ୍ପ କ୍ଷେତ୍ରରେ ରାଜ୍ୟକୁ ଅଧିକ ସୁଦୃଢ଼ କରିବା ସହ ଯୁବବର୍ଗଙ୍କ ନିଯୁକ୍ତି ପ୍ରତି ଧ୍ୟାନ ଦିଆଯାଇଛି। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ୧୬ଲକ୍ଷ କୋଟିର ପୁଞ୍ଜି ନିବେଶ ସହ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଯୁବଗୋଷ୍ଠୀଙ୍କ ଲାଗି କ୍ରୀଡ଼ା ଭିତ୍ତିଭୂମିର ବିକାଶ ନିମନ୍ତେ ୩୧୪ ବ୍ଲକରେ ୪ହଜାର ୧୨୪ କୋଟି ଟଙ୍କା ବ୍ୟୟରେ ଷ୍ଟାଡିୟମ ନିର୍ମାଣ ଲାଗି ପଦକ୍ଷେପ ନିଆଯାଇଛି। ବ୍ରହ୍ମପୁର, ଢେଙ୍କାନାଳ, ସମ୍ବଲପୁର, ଭଦ୍ରକ ଓ କୋରାପୁଟରେ କ୍ରୀଡ଼ାର ହବ୍ କରିବା ଲାଗି ଯୋଜନା ହାତକୁ ନିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲାର ବିକାଶ ନିମନ୍ତେ ୫୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରକାଶିତ ପୁସ୍ତିକା 'ତୃଣମୂଳରୁ ଶୀର୍ଷକ ସୋପାନ' ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜିଲାର ବରପୁତ୍ରମାନଙ୍କ ସହ ମହାନ୍ ଜନନେତା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମାବେଶରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ବ୍ରହ୍ମପୁର ଏମ୍‌ପି ପ୍ରଦୀପ କୁମାର ପାଣିଗ୍ରାହୀ, କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ସୋରଡା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ବ୍ରହ୍ମପୁର ବିଧାୟକ ଅନିଲ କୁମାର, ରାଜ୍ୟ କ୍ରୀଡା ଓ ଯୁବ କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ବିଧାୟକ ପାଢୀ ଧନ୍ୟବାଦ ଦେଇଥିଲେ। ଗଞ୍ଜାମ ଜିଲାର ବିଭିନ୍ନ କଲେଜରୁ ବହୁ ସଂଖ୍ୟକ ଛାତ୍ରୀଛାତ୍ର ଓ ଯୁବକ କାର୍ଯ୍ୟକ୍ରମରେ ସାମିଲ ଥିଲେ। କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ଆସିକାର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରିବା ସହ ଦର୍ଶନ କରିଥିଲେ।

# ୩୦ରୁ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା

## ବୋର୍ଡ ୱେବ୍‌ସାଇଟ୍‌ରେ ଆଡ୍‌ମିଟ୍ କାର୍ଡ

କଟକ,୨୩।୬(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା (୨ୟ) ଜୁନ୍ ୩୦ ତାରିଖରୁ ଅନୁଷ୍ଠିତ ହେବ। ଉଭୟ ପରୀକ୍ଷା ଜୁଲାଇ ୧୦ରେ ଶେଷ ହେବ। ଏଥିପାଇଁ ବୋର୍ଡ ପକ୍ଷରୁ ପୂର୍ବରୁ ପରୀକ୍ଷା ସୂଚୀ ପ୍ରକାଶ ପାଇସାରିଛି। ଏବେ ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ତେବେ ସପ୍ଲିମେଣ୍ଟାରି ପରୀକ୍ଷା ପାଇଁ ୯୮ଟି ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୧୦୩ଟି କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ସପ୍ଲିମେଣ୍ଟାରି ପରୀକ୍ଷା ନିମନ୍ତେ ୩୨୩୨ଜଣ ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୧୦,୮୦୯ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବୋର୍ଡ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୋମବାର ସୂଚନା ଦିଆଯାଇଛି।

# ଦଳିତଙ୍କ ଉପରେ ନିର୍ଯାତନା: ରାହୁଲଙ୍କ ନିନ୍ଦା

ଭୁବନେଶ୍ୱର,୨୩।୬(ରବିନାରାୟଣ ଜେନା)



ରାହୁଲ ଗାନ୍ଧୀ

ଗଞ୍ଜାମ ଜିଲାର ଧରାକୋଟ ବ୍ଲକ୍ ଅନ୍ତର୍ଗତ ସିଙ୍ଗିପୁରଗ୍ରାମର ଦଳିତବ୍ୟକ୍ତିବାବୁଲା ନାୟକ ଓ ଅନ୍ୟ ଜଣେ ଯୁବକଙ୍କୁ ସର୍ବସାଧାରଣରେ ନିର୍ଯାତନା ଦେବା ଘଟଣାକୁ ନେଇ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ତୀବ୍ର ନିନ୍ଦା କରିଛନ୍ତି।

ସେ କହିଛନ୍ତି, ଦଳିତ ବ୍ୟକ୍ତିଙ୍କୁ ଆଣ୍ଠୁ ମାଡ଼ି ବସାଇବା, ଘାସ ଖୋଇବା, ଅର୍ଦ୍ଧ ମୁଣ୍ଡନ କରିବା ଏବଂ ମଇଳା ପାଣି ପିଇବାକୁ ବାଧ କରି ରାସ୍ତାରେ ଚଲେଇ ଚଲେଇ ନେବା କେବଳ ଅମାନବୀୟ ନୁହେଁ ବରଂ ମନୁବାଦୀ ଚିନ୍ତାଧାରାର ବର୍ବରତା । ଦେଶ ମନୁସ୍ମୃତି ଦ୍ୱାରା ନୁହେଁ, ସମ୍ବିଧାନ ଦ୍ୱାରା ପରିଚାଳିତ ହୋଇଥାଏ। ଏହି ଘଟଣା ସେମାନଙ୍କ ପାଇଁ ଏକ ଦର୍ପଣ, ଯେଉଁମାନେ କୁହନ୍ତି, ଜାତି ଆଉ ଏକ ପ୍ରସଙ୍ଗ ନୁହେଁ। ଦଳିତଙ୍କ ସମ୍ମାନକୁ ଦଳି ଦେଉଥିବା ପ୍ରତ୍ୟେକ ଘଟଣା ବାବା ସାହେବଙ୍କ ସମ୍ବିଧାନ ଉପରେ ଆକ୍ରମଣ। ସମାନତା, ନ୍ୟାୟ ଏବଂ ମାନବିକତା ବିରୋଧରେ ଏକ ଷଡ଼ଯନ୍ତ୍ର। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଏପରି ଘଟଣା ସାଧାରଣ ହେବାରେ ଲାଗିଛି, କାରଣ ସେମାନଙ୍କର ରାଜନୀତି ଘୃଣା ଏବଂ ଭେଦଭାବ ଉପରେ ଆଧାରିତ। ବିଶେଷକରି ଓଡ଼ିଶାରେ ଏସ୍‌ସି, ଏସ୍‌ଟି ଏବଂ ମହିଳାଙ୍କ ବିରୋଧରେ ଉଦ୍‌ବେଗଜନକ ଭାବେ ନିର୍ଯାତନା ବୃଦ୍ଧି ପାଇଛି। ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଇ କଠୋର ଦଣ୍ଡ ଦିଆଯିବା ଉଚିତ ବୋଲି ରାହୁଲ କହିଛନ୍ତି।

# ଲଭର୍ସ ପଏଣ୍ଟର ସୁରକ୍ଷା ନେଇ ୨ ଥର ବୈଠକ କଲେଣି ସରକାର

ଭୁବନେଶ୍ୱର,୨୩।୬(ସୁନିତ୍ ମିଶ୍ର)

ଗୋପାଳପୁର ଗଣବଳାତ୍କାର ଘଟଣା ପରେ ଏବେ ରାଜ୍ୟ ସରକାର କଡ଼ା ପଦକ୍ଷେପ ନେବାକୁ ଚିନ୍ତା କରିଛନ୍ତି। ରାଜ୍ୟ ସରକାର ଲଭର୍ସ ପଏଣ୍ଟଗୁଡ଼ିକର ସୁରକ୍ଷାକୁ ନେଇ ଚିନ୍ତା କଲେଣି। ରାଜ୍ୟରେ ଥିବା ସବୁ ଲଭର୍ସ ପଏଣ୍ଟକୁ ସୁରକ୍ଷା ଯୋଗାଇଦେବା ଲାଗି ଏହାରି ଭିତରେ ୨ ଥର ବୈଠକ ବସିସାରିଲାଣି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ ଯେତେ ପର୍ଯ୍ୟଟନସ୍ଥଳୀ ଅଛି, ଯେଉଁଠି ସବୁ ଲଭର୍ସ ପଏଣ୍ଟ ଅଛି, ତା'ର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ତେବେ ଗୋପାଳପୁର ଘଟଣାରେ ପ୍ରଥମ ଥର ଲାଗି ରାତିକ ଭିତରେ ସବୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଟିଆଇ ପରେଡ କରାଯାଇଛି। ଆଇନ ତା' କାମ କରୁଛି ବୋଲି ପ୍ରଭାତୀ କହିଛନ୍ତି।

ସୂଚନାଯୋଗ୍ୟ, ନିକଟରେ ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଘେରିଯାଇ ୪ ନାବାଳକଙ୍କ ସହ ମୋଟ୍ ୧୦ ଜଣ ଯେଭଳି ଲୋମଟାଙ୍କୁରା କାଣ୍ଡ ଭିଆଇଛନ୍ତି ତାହା ସାରା ରାଜ୍ୟରେ ଚିନ୍ତା ବଢ଼ାଇ ଦେଇଛି। କ୍ରାଇମ୍ ସ୍ପଟରେ କ୍ରାଇମବ୍ରାଞ୍ଚ ଟିମ୍ ଖୋଳତାଡ଼ କରିଥିଲା। ଗ୍ରାଉଣ୍ଡ ଜିରୋରେ କ୍ରାଇମବ୍ରାଞ୍ଚ ଆଇଜି ଏସ୍.ସାଇନି ପହଞ୍ଚି ଟିକିନିଖି ତଦନ୍ତ କରିଥିଲେ। ଏବେ ଏହି ଘଟଣାକୁ ନେଇ ବିରୋଧୀମାନେ ମଧ୍ୟ ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି।

# ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ଭିତ୍ତିଭୂମି ନିର୍ମାଣ ବିପଦ ସାଜିବ

ଭୁବନେଶ୍ୱର, ୨୩।୬ (ବନ୍ଦନା ସେଠୀ)

ରାଜ୍ୟର ବିଭିନ୍ନ ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ଭିତ୍ତିଭୂମି ନିର୍ମାଣ କରାଯାଇ ବାଣିଜ୍ୟ ପାଇଁ ଉପଯୋଗ କରାଯିବ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ଅନୁରୋଧ କରାଯିବାକୁ ପ୍ରସ୍ତାବ ରହିଛି। ରାଜ୍ୟର ପରିବେଶ-ସମ୍ବେଦନଶୀଳ ଅଞ୍ଚଳ (ଇଏସ୍‌ଜେଡ୍), ରାଷ୍ଟ୍ରୀୟ ଉଦ୍ୟାନ, ବାଘ ଆଶ୍ରୟସ୍ଥଳ, ଉପକୂଳ ଅଞ୍ଚଳ ଓ ରାମସାର୍ ଆର୍ଦ୍ରଭୂମି ମଧ୍ୟରେ ପର୍ଯ୍ୟଟନ ବିକାଶ ପାଇଁ ପରିବେଶ ସମ୍ବନ୍ଧୀୟ ନିୟମ ବ୍ୟବସ୍ଥା ନମନୀୟ ହେବ ବୋଲି ଆଶା କରାଯାଉଛି। ତେବେ ଏହାକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ଭିତ୍ତିଭୂମି ନିର୍ମାଣ ହେଲେ ଏହା ପରିବେଶ, ବନ୍ୟଜୀବଜନ୍ତୁ ଏବଂ ମନୁଷ୍ୟଙ୍କ ପାଇଁ ବିପଦ ସାଜିବ ବୋଲି ଆଶଙ୍କା କରିଛନ୍ତି।

## କ'ଣ କୁହନ୍ତି ଏମାନେ...

### ଅପରିଣାମଦର୍ଶିତାର ପ୍ରମାଣ ହେବ

ପ୍ରତି କଥାରେ ବିକାଶ ନାମରେ ଜଙ୍ଗଲକୁ ଧ୍ୱଂସ କରିବା ଆମ ଅପରିଣାମଦର୍ଶିତାର ପ୍ରମାଣ ହେବ। ବର୍ତ୍ତମାନ ସମୟରେ ଜଙ୍ଗଲଜମିକୁ ଭିତ୍ତିଭୂମି ନିର୍ମାଣ ପାଇଁ ବ୍ୟବହାର କରିବା ଉଚିତ ନୁହେଁ। ଜଳବାୟୁ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି, ପ୍ରଦୂଷଣ ସମସ୍ୟା ଆଦି ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟର ଜଳବାୟୁକୁ ଠିକ୍ ବାଟରେ ନେବା ପାଇଁ ହେଲେ ଜଙ୍ଗଲକୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ କରି ରଖିବାକୁ ପଡିବ। ଏଥିସହ ବୃକ୍ଷରୋପଣ ମାଧ୍ୟମରେ ସବୁଜିମା ବୃଦ୍ଧି କରିବା ଆବଶ୍ୟକ।

**- ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍**

### ଜୀବଜନ୍ତୁଙ୍କ ପ୍ରତି ଅନ୍ୟାୟ ହେବ

ଏବେ ଜୀବଜନ୍ତୁ ସଙ୍କଟରେ ଅଛନ୍ତି। ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କରିଡର ନାହିଁ। ଫଳରେ ଅନେକ ସମୟରେ ସେମାନେ ଜନବସତିମୁହାଁ ହେଉଛନ୍ତି। ଏଭଳିସ୍ଥଳେ ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ଭିତ୍ତିଭୂମି ନିର୍ମାଣ କରିବାକୁ ଚିନ୍ତା କରିବା ଦୁଃଖଦାୟକ। ରାଜସ୍ୱ ବୃଦ୍ଧି ଏବଂ ଲୋକଙ୍କ ବିଳାଶବ୍ୟସନ ପାଇଁ ରାଜ୍ୟ ସରକାର ଏଭଳି କରିବାକୁ ସ୍ଥିର କରୁଛନ୍ତି। ମାତ୍ର କେବଳ ମଣିଷଙ୍କ ପାଇଁ ଚିନ୍ତା କଲେ ହେବନାହିଁ, ଜୀବଜନ୍ତୁଙ୍କର ମଧ୍ୟ ବଞ୍ଚିବାର ଅଧିକାର ରହିଛି। ତେଣୁ ଜୀବଜନ୍ତୁଙ୍କ ପ୍ରତି ଅନ୍ୟାୟ ନ କରିବା ଦରକାର।

**- ସଂଯୁକ୍ତା ବାସା, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷିକା**

### ବଡ଼ ନିର୍ମାଣ କରିବା ଆଦୌ ସହଜ କଥା ନୁହେଁ

ରାଜ୍ୟରେ ଥିବା ସମସ୍ତ ଅଭୟାରଣ୍ୟକୁ ଇକୋ ସେନ୍‌ସିଟିଭ୍ ଜୋନ୍ ଭାବେ ପରିଗଣନା କରାଯାଇନାହିଁ। ଯେଉଁ କେତୋଟି ଇକୋ ସେନ୍‌ସିଟିଭ୍ ଜୋନ୍ ରହିଛି, ତା' ମଧ୍ୟରେ କୌଣସି ବ୍ୟବସାୟ ବାଣିଜ୍ୟ କଲେ କିମ୍ବା ଅନ୍ୟ କୌଣସି ଭିତ୍ତିଭୂମି ନିର୍ମାଣ କରିବାକୁ ହେଲେ ପରିବେଶ ମଞ୍ଜୁରୀ ଆବଶ୍ୟକ। ତେବେ ରାଜ୍ୟ ସରକାର ଚାହିଁଲେ ଜଙ୍ଗଲଜମିର କିସମ ପରିବର୍ତ୍ତନ କରି ସ୍ଥାନୀୟ ଅଞ୍ଚଳର ସାମୂହିକ ସ୍ୱାର୍ଥ, ଯେପରିକି ଅଙ୍ଗନୱାଡି, ପ୍ରାଇମେରୀ ସ୍କୁଲ, ପ୍ରାଇମେରୀ ହସ୍ପିଟାଲ ଆଦି ନିର୍ମାଣ କରିପାରିବେ। କିନ୍ତୁ ଅନ୍ୟକିଛି ବଡ ନିର୍ମାଣ କରିବା ଆଦୌ ସହଜ କଥା ନୁହେଁ।

**- ବିଜୟ କେତନ ପଟ୍ଟନାୟକ, ପୂର୍ବତନ ପିସିସିଏଫ୍**

### ପରିବେଶ, ଜୀବଜନ୍ତୁଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉ

ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ଉନ୍ନତି କରିବାକୁ ହେଲେ ପ୍ରଥମେ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିବା ଦରକାର। ଭିତ୍ତିଭୂମି ନିର୍ମାଣ ସମୟରେ ଟେକ୍ନୋଲୋଜି ଏବଂ ପ୍ରକୃତିର ସୁରକ୍ଷା ଉଭୟ ଉପରେ ଦୃଷ୍ଟି ଦିଆଯିବା ଆବଶ୍ୟକ। ସେହିପରି କିଛି ନିର୍ମାଣ ପୂର୍ବରୁ ସରକାର ଶହେଥର ଚିନ୍ତା କରିବା ଦରକାର। ପରିବେଶବିତ୍ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ତର୍ଜମା କରାଯିବା ସହିତ ନିର୍ମାଣ ଫଳରେ ଜୀବଜନ୍ତୁଙ୍କ ଉପରେ ଏହାର କିଭଳି ପ୍ରଭାବ ପକାଇବ ତାହାର ତର୍ଜମା କରାଯିବା ଆବଶ୍ୟକ। ତେବେ ଆମ ପାଇଁ ପରିବେଶ ସୁରକ୍ଷା ଏବଂ ଜୀବଜନ୍ତୁଙ୍କ ଜୀବନ ପ୍ରାଥମିକତା ହେବା ଦରକାର।

**- ସତ୍ୟବ୍ରତ ସାମଲ, ପ୍ରତିଷ୍ଠାତା, ସାତ୍ତ୍ୱିକ୍ ସୋଲ୍ ଫାଉଣ୍ଡେଶନ**

## ପ୍ରକାଶ ପାଇଲା ପିଜି ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା

# ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇନାହାନ୍ତି ୬,୧୨୮ ଛାତ୍ରୀଛାତ୍ର

ଭୁବନେଶ୍ୱର,୨୩।୬(ସୁଚିସ୍ମିତା ସାହୁ)

ପିଜି ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେରିଟ ଲିଷ୍ଟ ସୋମବାର ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ୭,୫୨୯ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ସେଥିରୁ ୨,୩୫୬ଜଣ ଛାତ୍ର ଓ ୫,୧୭୩ଜଣ ଛାତ୍ରୀ ରହିଛନ୍ତି। ଯେଉଁ ଛାତ୍ରୀଛାତ୍ର ଫ୍ରିଜ୍ ଅପ୍ସନ ଦେଇଛନ୍ତି, ସେମାନେ ଜୁନ୍ ୨୩ ସନ୍ଧ୍ୟା ୬ଟାରୁ ୨୬ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅନ୍‌ଲାଇନ ମାଧ୍ୟମରେ ଫି'ଜମା କରିପାରିବେ। ୨୪ରୁ ୨୬ ତାରିଖ ସକାଳ ୧୦ଟାରୁ ଅପରାହ୍ନ ୫ଟା ଭିତରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନକୁ ଯାଇ ରିପୋର୍ଟ କରିପାରିବେ। ସେହିପରି ଯେଉଁ ଛାତ୍ରୀଛାତ୍ର ସ୍ଲାଇଡ୍ ଓ ଫ୍ଲଟ୍ ଅପ୍ସନ ଦେଇଥିବେ, ସେମାନେ ଅନ୍‌ଲାଇନ ଜରିଆରେ ନାମଲେଖା ଫି' ଜମା କରି ତୃତୀୟ ମେରିଟ ଲିଷ୍ଟ ବାହାରିବା ଯାଏ ଅପେକ୍ଷା କରିବେ। ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ସ୍ଲାଇଡ୍ ଅପ୍ସନ ଦେଇଥିଲେ କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟରେ ନାମଲେଖା ପାଇଁ ଚୟନ ହୋଇନାହାନ୍ତି, ସେମାନେ ତୃତୀୟ ପର୍ଯ୍ୟାୟକୁ ଅପେକ୍ଷା କରିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

ଚଳିତବର୍ଷ ପିଜି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ୨୦ ବିଶ୍ୱବିଦ୍ୟାଳୟ ଓ ୧୦୧ଟି କଲେଜରେ ୩୧,୧୫୪ଟି ସିଟ ରହିଛି। ଏଥିରେ ୬୨,୩୨୧ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିବାବେଳେ ୫୬,୯୭୬ଜଣ ଛାତ୍ରୀଛାତ୍ର ନାମଲେଖା ପାଇଁ ଚୟନ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୧,୨୮୮ଜଣ ନିଜ ପସନ୍ଦର ଶିକ୍ଷାନୁଷ୍ଠାନ ଚୟନ କରିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ୨୨,୨୨୬ଜଣ ଛାତ୍ରୀଛାତ୍ରଙ୍କୁ ନାମଲେଖା ପାଇଁ ଚୟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୭,୮୭୪ଜଣ ଛାତ୍ରୀଛାତ୍ର ନାମଲେଖାଇଥିବା ବେଳେ ୮,୨୨୪ଜଣ ସ୍ଲାଇଡ୍ ଓ ଫ୍ଲଟ୍ ଅପ୍ସନ ଦେଇଛନ୍ତି ଏବଂ ୬,୧୨୮ଜଣ ଛାତ୍ରୀଛାତ୍ର ନାମ ଲେଖାଇ ନ ଥିବା ଜଣାପଡିଛି।

# ଉଡ଼ିଲା ପ୍ରଥମ ବିଦ୍ୟୁତ୍‌ଚାଳିତ ପାସେଞ୍ଜର ବିମାନ

ନ୍ୟୁୟର୍କ, ୨୩।୬




ଏରୋସ୍ପେସ୍ କମ୍ପାନୀ ବେଟା ଟେକ୍ନୋଲୋଜିର ସମ୍ପୂର୍ଣ୍ଣ ବିଦ୍ୟୁତ୍ ଚାଳିତ ଏୟାରକ୍ରାଫ୍ଟ 'ଆଲିଆ ସିଏକ୍ସ ୩୦୦' ସୋମବାର ଇତିହାସ ରଚିଛି। ପ୍ରଥମ ବିଦ୍ୟୁତ୍ ଚାଳିତ ବିମାନ ଭାବେ ଏହା ଯାତ୍ରୀମାନଙ୍କୁ ନେଇ ଉଡ଼ାଣ ଭରିଥିଲା। ଆମେରିକାର ନ୍ୟୁୟର୍କସ୍ଥିତ ଇଷ୍ଟ ହାମ୍ପଟନ୍‌ରୁ ଜନ୍ ଏଫ୍ କେନେଡି ଏୟାରପୋର୍ଟ ପର୍ଯ୍ୟନ୍ତ ୪ ଯାତ୍ରୀଙ୍କୁ ଧରି ଏହି ବିମାନ ଉଡ଼ାଣ କରିଥିଲା। ମାତ୍ର ୩୦ ମିନିଟ୍ ମଧ୍ୟରେ ଏହା ୭୦ ନଟିକାଲ ମାଇଲ (ପ୍ରାୟ ୧୩୦ କି.ମି.)ର ଯାତ୍ରା କରିଥିଲା। ଏହି ଉଡ଼ାଣରେ ଖର୍ଚ୍ଚ ମାତ୍ର ୮ ଡଲାର (ପ୍ରାୟ ୬୯୪ ଟଙ୍କା) ରହିଛି। ଯଦି ଏହି ଯାତ୍ରା ହେଲିକପ୍ଟରରେ ହୋଇଥାନ୍ତା, ତେବେ ଏହାର ଇନ୍ଧନ ଖର୍ଚ୍ଚ ଆନୁମାନିକ ୧୬୦ ଡଲାର (୧୩,୮୮୫ ଟଙ୍କା) ରହିଥାନ୍ତା ବୋଲି ବେଶେଷଜ୍ଞମାନେ କହିଛନ୍ତି। ତେଣୁ ଏହି ବିଦ୍ୟୁତ୍ ଚାଳିତ ବିମାନ ହେଲିକପ୍ଟର ଅପେକ୍ଷା ପ୍ରାୟ ୨୦ ଗୁଣା ଶସ୍ତା ରହିଛି। ସେହିପରି ଏହି ବିମାନରେ ଶବ୍ଦପୂର୍ଣ୍ଣ ଇଞ୍ଜିନ ଏବଂ ପ୍ରୋପେଲର କମ୍ ଥିବାରୁ ଯାତ୍ରୀମାନେ ପରସ୍ପର ସହ ସ୍ପଷ୍ଟ ଭାବେ କଥାବାର୍ତ୍ତା କରିପାରିଥିଲେ। ବେଟା ଟେକ୍ନୋଲୋଜିର ପ୍ରତିଷ୍ଠାତା ଏବଂ ସିଇଓ କାଇଲ କ୍ଲାର୍କ କହିଛନ୍ତି, ଆଲିଆ ସିଏକ୍ସ ୩୦୦ ଏୟାରକ୍ରାଫ୍ଟ ସମ୍ପୂର୍ଣ୍ଣ ବିଦ୍ୟୁତ୍ ଶକ୍ତିରେ ଚାଳିତ। ଥରେ ଚାର୍ଜ କଲେ ଏହା ୨୫୦ ନଟିକାଲ ମାଇଲ (ପ୍ରାୟ ୪୬୦ କି.ମି.) ପର୍ଯ୍ୟନ୍ତ ଉଡ଼ାଣ କରିପାରିବ। ବିଭିନ୍ନ ସହର ଏବଂ ଉପନଗର ମଧ୍ୟରେ ଅଳ୍ପ ଦୂରତାର ଉଡ଼ାଣ ପାଇଁ ଏହି ବିମାନ ଉପଯୁକ୍ତ। ଏହି ବିମାନ ଯାତ୍ରା କେବଳ ଶସ୍ତା ନୁହେଁ ବରଂ ଏହା ଯାତ୍ରୀମାନଙ୍କ ପାଇଁ ଆରାମଦାୟକ ଏବଂ ପରିବେଶ ଉପଯୋଗୀ ମଧ୍ୟ। ତେବେ ଏହି ବିଦ୍ୟୁତ୍ ଚାଳିତ ଏୟାରକ୍ରାଫ୍ଟକୁ ବର୍ତ୍ତମାନ ସୁଦ୍ଧା ଆମେରିକାର ଫେଡେରାଲ ଆଭିଏଶନ ଆଡ୍‌ମିନିଷ୍ଟ୍ରେଶନ (ଏଫ୍‌ଏଏ)ଠାରୁ ମଞ୍ଜୁରୀ ମିଳିନାହିଁ। ୨୦୨୬ ପ୍ରାରମ୍ଭରେ ଏହି ବିମାନକୁ ଏଫ୍‌ଏଏ ମଞ୍ଜୁରୀ ମିଳିବ ଏବଂ ଏହା ସାଧାରଣ ଲୋକଙ୍କ ପାଇଁ ଉପଲବ୍ଧ ହୋଇପାରିବ ବୋଲି କାଇଲ ଆଶା ପ୍ରକଟ କରିଛନ୍ତି।



ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ– ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। –ଶ୍ରୀମା

–ଶିବ ଚତୁର୍ଦ୍ଦଶୀ ଓ ବେଢ଼ା



# ଇଲେକ୍‌ଟ୍ରିକ୍ ଏୟାରକ୍ରାଫ୍ଟ

ମହାକାଶରେ ପ୍ରଯୁକ୍ତି ଦୌଡ଼ ଶୀର୍ଷରେ ପହଞ୍ଚିଛି। ଯାତ୍ରୀ ଓ ପଣ୍ୟବାହୀ ବିମାନ, ଜେଟ୍, ଯୁଦ୍ଧବିମାନ, କୃତ୍ରିମ ଉପଗ୍ରହ ଓ ରକେଟ୍ ପ୍ରେରଣ ଆଦି ସବୁଥିରେ ପ୍ରତିଯୋଗିତା ଚାଲିଛି। ଏସବୁରେ ଜୀବାଶ୍ମ ଓ ରାସାୟନିକ ଇନ୍ଧନ ବ୍ୟବହାର ହେଉଥିବାରୁ ବାୟୁ ପ୍ରଦୂଷଣ ହେଉଛି। ଭୂପୃଷ୍ଠରେ ଯାତାୟାତ କରୁଥିବା ଗାଡ଼ିମୋଟର ଓ ରେଳଗାଡ଼ିଗୁଡ଼ିକୁ ଇଲେକ୍‌ଟ୍ରିକ୍ ଚାଳିତ ଯାନରେ ପରିଣତ କରି ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଦିଗରେ ବହୁବିଧ ପଦକ୍ଷେପ ନିଆଗଲାଣି। କେତେକାଂଶରେ ଏହା ସଫଳ ହୋଇଛି। ଏବେ ଏକ ନୂଆ ଦିଗ ଫିଟିଛି। ଆମେରିକାର ଭର୍ମୋଣ୍ଟ ପ୍ରଦେଶର ସାଉଥ୍ ବର୍ଲିଂଟନ୍‌ସ୍ଥିତ ଇଲେକ୍‌ଟ୍ରିକ୍ ଏରୋସ୍ପେସ୍ କମ୍ପାନୀ ବିଟା ଟେକ୍ନୋଲୋଜି ନିର୍ମିତ ଅଲିଆ ସି–୩୦୦ ପ୍ରଥମ ଥର ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟ ଉଡ଼ାଇ ଇତିହାସ ସୃଷ୍ଟି କରିଛି। ନ୍ୟୁୟର୍କର ଇଷ୍ଟ ହାମ୍ପଟନଠାରୁ ଜନ୍ ଏଫ୍ କେନେଡି ବିମାନବନ୍ଦର ପର୍ଯ୍ୟନ୍ତ ପ୍ରାୟ ୧୩୦ କିଲୋମିଟର ଦୂରତାକୁ ୩୦ ମିନିଟରେ ଉଡ଼ିଥିବା ଇଲେକ୍‌ଟ୍ରିକ୍ ଏୟାରକ୍ରାଫ୍ଟରେ ୪ ଜଣ ଯାତ୍ରୀ ଥିଲେ। ଏହାର ଚାର୍ଜିଂ ଓ ଉଡାଣ ଖର୍ଚ୍ଚ ମାତ୍ର ୮ ଆମେରିକୀୟ ଡଲାର ବା ଭାରତୀୟ ମୁଦ୍ରାରେ ୬୯୪ ଟଙ୍କା ହୋଇଥିବା ସୂଚନା ମିଳିଛି। ପାଇଲଟ ଓ ଏୟାରକ୍ରାଫ୍ଟ ପାଇଁ ଯାତ୍ରୀଙ୍କୁ କିଛି ଅର୍ଥ ଦେବାକୁ ପଡ଼ିବ, ଯାହା ଇନ୍ଧନଚାଳିତ ବିମାନଠାରୁ ବହୁତ କମ୍ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସାଧାରଣତଃ ସମାନ ଦୂରତାକୁ ହେଲିକପ୍ଟର ଯାତ୍ରା କଲେ ପାରମ୍ପରିକ ଇନ୍ଧନ ଖର୍ଚ୍ଚ ୧୬୦ ଆମେରିକୀୟ ଡଲାର ବା ୧୩ହଜାରରୁ ଅଧିକ ଟଙ୍କା ଲାଗିଥାଏ। ଇଲେକ୍‌ଟ୍ରିକ୍ ଏୟାରକ୍ରାଫ୍ଟ ଉଡ଼ାଣ ଶସ୍ତା ଓ ପରିବେଶ ଉପଯୋଗୀ ବୋଲି ସମ୍ପୃକ୍ତ ବିଟା ଟେକ୍ନୋଲୋଜିର ପ୍ରତିଷ୍ଠାତା ତଥା ସିଇଓ କେଲି କ୍ଲାର୍କ କହିଛନ୍ତି। ୨୦୧୭ରେ ପ୍ରତିଷ୍ଠା କରାଯାଇଥିବା ଏହି କମ୍ପାନୀର ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟର ଉଡ଼ାଣ ସଫଳତାର ସହ ପରୀକ୍ଷା କରାଯାଇଥିଲା। ତେବେ ୨୩ ଜୁନ୍‌ରେ ଏହାର ପ୍ରଥମ ଯାତ୍ରୀବାହୀ ଉଡ଼ାଣ ହେବା ପରେ ଆଗକୁ ଅନ୍ୟ କମ୍ପାନୀମାନେ ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟ ନିର୍ମାଣ କରିବାକୁ ଆଗଭର ହେବେ ବୋଲି ଆଲୋଚନା ହେଲାଣି।

**ସବୁ ବଡ଼ ବିମାନ ଚଳାଚଳ କମ୍ପାନୀ କେବଳ ଲାଭ ପଛରେ ଧାଇଁଛନ୍ତି। ସ୍ପେସ୍ ମିଶନଠାରୁ ଆରମ୍ଭ କରି ମହାକାଶ ପର୍ଯ୍ୟଟନ ପର୍ଯ୍ୟନ୍ତ ବିପୁଳ ଅର୍ଥ ବିନିଯୋଗ କରାଯାଉଛି। ତେବେ ଏହି ଦୌଡ଼ରେ ଯାତ୍ରୀଙ୍କ ସୁରକ୍ଷା ଦିଗ ଯେଭଳି ପଛରେ ନ ପଡ଼ିଯାଉ ତାହା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ।**

ନିକଟରେ ଅହମଦାବାଦଠାରେ ଘଟିଯାଇଥିବା ଏୟାର ଇଣ୍ଡିଆର ଉଡ଼ାଜାହାଜ ଦୁର୍ଘଟଣା ବିଷୟ ସମସ୍ତଙ୍କ ମନରେ ତାଜା ହୋଇ ରହିଛି। ବିମାନଟି କେଉଁ ସ୍ଥିତିରେ ବିପଦର ସମ୍ମୁଖୀନ ହେଲା ସେହି ବିଷୟରେ ଅଧିକ ତଥ୍ୟ ଆସିପାରି ନାହିଁ। କିନ୍ତୁ ଜଣାପଡ଼ିଥିଲା ଯେ, ସେହି ବିମାନରେ ଅଧିକ ଇନ୍ଧନ ଥିଲା। ଯେତେବେଳେ ସେଥିରେ ବୈଷୟିକ ତ୍ରୁଟିକୁ ପାଇଲଟ ଅନୁଭବ କଲେ ଓ ଏୟାର ଟ୍ରାଫିକ୍ କଣ୍ଟ୍ରୋଲରଙ୍କ ସହ ଯୋଗାଯୋଗ ସମସ୍ୟା ଉପୁଜୁଥିବା ଜଣାଇଲେ, ଠିକ୍ ସେହି ସମୟରେ ବିମାନ ଜଳିଗଲା। ଖବର ଆସିଲା ସେଥିରେ ପର୍ଯ୍ୟାପ୍ତ ତୈଳ ଭରିଦିଆଯାଇଥିବାରୁ ତାହା ଅସ୍ୱାଭାବିକ ସ୍ଥିତି ସୃଷ୍ଟି କଲା। ଏପଟେ ଏହି ମର୍ମନ୍ତୁଦ ଦୁର୍ଘଟଣାର ୮ ଦିନ ପରେ ଏୟାର ଇଣ୍ଡିଆର କେତେକ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏକ ପାର୍ଟିରେ ନାଚୁଥିବାର ଦୃଶ୍ୟ ଏବେ ଭାଇରାଲ ହୋଇଛି। ଟାଟା କମ୍ପାନୀର ଏୟାର ଇଣ୍ଡିଆ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଏ ପ୍ରକାର ବ୍ୟବହାର ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ଏବର ସ୍ଥିତିରେ ଇଲେକ୍‌ଟ୍ରିକ୍ ଏୟାରକ୍ରାଫ୍ଟ ଆକାଶରେ ଉଡୁଥିବା ବ୍ୟକ୍ତିଙ୍କ ଚାହିଦାକୁ ସହସା ମେଣ୍ଟାଇବ ବୋଲି କହି ହେଉନାହିଁ। ଏହାସହ ଏହାର ସୁରକ୍ଷା ଓ ଦକ୍ଷତା ମଧ୍ୟ ସମ୍ପୂର୍ଣ୍ଣ ପରଖାଯାଇ ପାରିନାହିଁ। ୨୦୧୭ରେ ନିର୍ମିତ କମ୍ପାନୀର ଉତ୍ପାଦ ଏବେ ପ୍ରାରମ୍ଭିକ ଲକ୍ଷ୍ୟସ୍ଥଳରେ ପହଞ୍ଚିଲା। ପୁଣି ତା'ର ବେଗକୁ ଦେଖିଲେ ଗନ୍ତବ୍ୟସ୍ଥଳରେ ଶୀଘ୍ର ପହଞ୍ଚିବା ଲାଗି ଆହୁରି ଗବେଷଣାର ଆବଶ୍ୟକତା ରହିଛି। ତେଣୁ ଏକ ମିଶନ ନେଇ ପ୍ରତ୍ୟେକ ରାଷ୍ଟ୍ର ଓ ଘରୋଇ ଏରୋସ୍ପେସ୍ କମ୍ପାନୀ ନିଜ ସ୍ତରରେ ଏ ଦିଗରେ ଉଦ୍ୟମ କଲେ ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟ ଅଧିକ ବିକଶିତ ହୋଇପାରନ୍ତା। ଏରୋସ୍ପେସ୍ କମ୍ପାନୀଗୁଡ଼ିକ ଏ ଦିଗରେ ସେମାନଙ୍କ ଗବେଷଣା ଓ ବିକାଶ (ଆର୍ ଆଣ୍ଡ୍ ଡି) ବିଭାଗକୁ ଅଧିକ ତ୍ୱରାନ୍ୱିତ କରିବା ଦରକାର। ସବୁ ବଡ଼ ବିମାନ ଚଳାଚଳ କମ୍ପାନୀ କେବଳ ଲାଭ ପଛରେ ଧାଇଁଛନ୍ତି। ସ୍ପେସ୍ ମିଶନଠାରୁ ଆରମ୍ଭ କରି ମହାକାଶ ପର୍ଯ୍ୟଟନ ପର୍ଯ୍ୟନ୍ତ ବିପୁଳ ଅର୍ଥ ବିନିଯୋଗ କରାଯାଉଛି। ତେବେ ଏହି ଦୌଡ଼ରେ ଯାତ୍ରୀଙ୍କ ସୁରକ୍ଷା ଦିଗ ଯେଭଳି ପଛରେ ନ ପଡ଼ିଯାଉ ତାହା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ।

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | | 5 |
| | | | | 4 | | 3 | | |
| 9 | | | | 5 | 2 | | | |
| 5 | | 2 | | | 7 | 6 | | |
| | 8 | | | | | | | |
| 4 | 9 | | | | | | 3 | |
| 2 | | | | 8 | | | | 9 |
| | | | 6 | | | 8 | | 7 |
| | 1 | 7 | 5 | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 8 | 1 | 9 | 7 | 3 | 6 | 5 |
| 7 | 5 | 1 | 3 | 6 | 4 | 9 | 8 | 2 |
| 3 | 9 | 6 | 8 | 5 | 2 | 7 | 4 | 1 |
| 8 | 7 | 5 | 2 | 1 | 9 | 6 | 3 | 4 |
| 4 | 3 | 2 | 7 | 8 | 6 | 5 | 1 | 9 |
| 6 | 1 | 9 | 4 | 3 | 5 | 2 | 7 | 8 |
| 5 | 8 | 3 | 6 | 2 | 1 | 4 | 9 | 7 |
| 9 | 6 | 7 | 5 | 4 | 8 | 1 | 2 | 3 |
| 1 | 2 | 4 | 9 | 7 | 3 | 8 | 5 | 6 |

ଗତକାଲିର ଉତ୍ତର

# ଧନୀଗୋଷ୍ଠୀଙ୍କୁ ଲାଭ



ଡ. ସନ୍ତୋଷ କୁମାର ମହାପାତ୍ର

ଟିଭି ଖୋଲିଲେ ଶୁଣିବେ ଜିଡିପି ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଖବରକାଗଜରେ ବି ପଢ଼ିବେ ୨୦୪୭ରେ ଭାରତ ବିକଶିତ ରାଷ୍ଟ୍ର ହେବାକୁ ଯାଉଛି। ଆଉ କିଏ କହିଲାଣି, ଭାରତ ବିଶ୍ୱରେ ଏକ ଉଜ୍ଜ୍ୱଳ ତାରକା। ପୁନଶ୍ଚ ପ୍ରଚାର ହେଉଛି, ସରକାର ଏତେ ଯୋଜନା କଲେ ଓ ବିଭିନ୍ନ ବାବଦରେ ଏତେ ଖର୍ଚ୍ଚ କଲେ। କିନ୍ତୁ ସରକାର ଯେଉଁ ଅର୍ଥ ବ୍ୟୟ କରୁଛନ୍ତି, ତାହାକୁ ଆମ ପରି ଟିକସଦାତାଙ୍କ ଠାରୁ ଟିକସ ବାବଦରେ ବା ଋଣ କରି ସଂଗ୍ରହ କରୁଛନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଯୋଜନା ବାବଦରେ ଯେତିକି ଲୋକ ପାଉଛନ୍ତି, ତା'ର ବହୁଗୁଣ ଶିକ୍ଷା ଓ ସ୍ୱାସ୍ଥ୍ୟ ଏବଂ ଦରଦାମ୍ ବୃଦ୍ଧି ଯୋଗୁଁ ହରାଇବାକୁ ପଡୁଛି। ବେକାରି ଭୟଙ୍କର ଓ ସଙ୍ଗଠିତ କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି ପାଉନି। ଜିଡିପି କ'ଣ ଲୋକ ଖାଇବେ? ଜିଡିପି ଏକ ବର୍ଷର ଅର୍ଥନୈତିକ କାର୍ଯ୍ୟକଳାପର ପ୍ରତିଫଳନ। ଭାରତ ପରି ଅର୍ଥ ବ୍ୟବସ୍ଥାରେ ୧୪୫ କୋଟି ଲୋକରୁ ଯଦି ଧନୀ ୨୦ କୋଟି ବହୁ ମାତ୍ରାରେ ବ୍ୟୟ ବା ଉପଭୋଗ କରିବେ, ତେବେ ଜିଡିପି ଆକାର ସ୍ୱାଭାବିକ ଭାବେ ବୃଦ୍ଧି ପାଇବ। ଋଣ କରି ବ୍ୟୟ କଲେ ଜିଡିପି ମଧ୍ୟ ବୃଦ୍ଧି ପାଇବ।

ପ୍ରଶ୍ନ ହେଉଛି ଜିଡିପି ବୃଦ୍ଧି ଯୋଗୁଁ ସାଧାରଣ ଜନତାଙ୍କ ଜୀବନ ଧାରଣର ମାନରେ କେତେ ଉନ୍ନତି ଘଟୁଛି। ଏହା କେତେ ସମତୁଲ ଓ ସମାନୁପାତିକ ହେଉଛି। ବାସ୍ତବରେ ଜିଡିପି ବୃଦ୍ଧିର ସୁଫଳ ଧନିକ ଶ୍ରେଣୀକୁ ଯାଉଛି। ସେମାନଙ୍କ ସମ୍ପଦ ବୃଦ୍ଧି ପାଇଲା ବେଳେ ଗରିବର ଅବସ୍ଥାରେ ସେପରି ଗୁଣାତ୍ମକ ଉନ୍ନତି ଘଟୁନି। ଏହା ହୋଇନଥିଲେ ସରକାରଙ୍କୁ ୮୦ କୋଟି ଲୋକଙ୍କୁ ଖାଦ୍ୟ ସହାୟତା ଦେବାକୁ ପଡ଼ନ୍ତା ନାହିଁ। ବିଶ୍ୱର ସର୍ବାଧିକ ଭୋକିଲା, ଗରିବ, ବାସହୀନ ଏବଂ ଆଧୁନିକ କ୍ରୀତଦାସ ଭାରତରେ ଅଛନ୍ତି। ଜୁଲାଇ, ୨୦୨୪ରେ ପ୍ରକାଶିତ ଜାତିସଂଘର ବିଶ୍ୱ ଖାଦ୍ୟ ସୁରକ୍ଷା ଏବଂ ପୁଷ୍ଟିସାର ସ୍ଥିତି ରିପୋର୍ଟ ଅନୁଯାୟୀ, ବିଶ୍ୱ ସ୍ତରରେ, ୩୫.୪% ଲୋକ ସୁସ୍ଥ ଖାଦ୍ୟ କିଣି ପାରୁନଥିଲାବେଳେ ଭାରତର ଏହା ମୋଟ ଜନସଂଖ୍ୟାର ଅଧାରୁ ଅଧିକ (୫୫.୬ %) ସୁସ୍ଥ ଖାଦ୍ୟ କିଣି ପାରୁନାହାନ୍ତି। ବିଶ୍ୱ ଖାଦ୍ୟ ନୀତି ରିପୋର୍ଟ ୨୦୨୪ ଅନୁସାରେ ଭାରତୀୟ ଜନସଂଖ୍ୟାର ଅତିକମ୍‌ରେ ୩୮% ଲୋକ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତି। ଭାରତରେ ୨୦୨୧ରୁ ୨୦୨୩ ମଧ୍ୟରେ ୧୯.୪୬ କୋଟି ଅପପୁଷ୍ଟିର ଶିକାର ଲୋକ ଥିଲେ। ଏହା ମୋଟ ଜନସଂଖ୍ୟାର ୧୩.୭% ଥିଲା। ବିଶ୍ୱ କ୍ଷୁଧା ସୂଚକାଙ୍କ ୨୦୨୪ ରେ, ଭାରତ ୧୨୭ ଦେଶ ମଧ୍ୟରୁ ୧୦୫ତମ ସ୍ଥାନରେ ଅଛି



ଏବଂ କ୍ଷୁଧା ସ୍ତର 'ଗମ୍ଭୀର ବା ସାଙ୍ଘାତିକ' ବର୍ଗରେ ରହିଛି। ୨୦୧୪ରେ ୫୫ତମ ସ୍ଥାନରେ ଥିଲା।

ଅନେକଙ୍କ ଧାରଣା ଯେ, ଭାରତୀୟମାନେ ସୁଖଶାନ୍ତିରେ ଅଛନ୍ତି। କିନ୍ତୁ ବାସ୍ତବରେ ଏହା ସଂପୂର୍ଣ୍ଣ ଓଲଟା। ଇନ୍‌ଷ୍ଟିଚ୍ୟୁଟ ଫର୍ ଇକୋନୋମିକ୍ସ ଆଣ୍ଡ ପିସର ବିଶ୍ୱ ଶାନ୍ତି ସୂଚକାଙ୍କ ୨୦୨୪ରେ ୧୬୩ଟି ଦେଶ ମଧ୍ୟରୁ ଭାରତ ୧୧୬ତମ ସ୍ଥାନରେ ରହିଛି। ଅର୍ଥାତ୍ ୧୧୫ଟି ଦେଶ ତଳେ। ଭାରତ 'ମଧ୍ୟମ' ଶାନ୍ତି ଦେଶ ଭାବେ ସ୍ଥାନିତ ହୋଇଛି। ସେହିପରି ବିଶ୍ୱ ଖୁସି ସୂଚକାଙ୍କ ରିପୋର୍ଟ ୨୦୨୫ରେ, ଭାରତ ୧୪୭ ଦେଶ ମଧ୍ୟରୁ ୧୧୮ତମ ସ୍ଥାନରେ ଅଛି। ଭାରତ ନେପାଳ (୯୨) ଏବଂ ପାକିସ୍ତାନ (୧୦୯) ପରି ଦେଶ ତଳେ ଅଛି। ମିଳିତ ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଦ୍ୱାରା ସଦ୍ୟ ପ୍ରକାଶିତ ମାନବ ଉନ୍ନୟନ ରିପୋର୍ଟ ୨୦୨୫ରେ ପ୍ରମାଣିତ ହୋଇଛି। ୨୦୧୪ ସୂଚକାଙ୍କରେ ୧୮୮ ଦେଶ ମଧ୍ୟରେ ଭାରତ ୧୩୦ସ୍ଥାନରେ ଥିଲା। କିନ୍ତୁ ୨୦୨୫ ସୂଚକାଙ୍କରେ ଭାରତ ସେହି ୧୩୦ତମ ସ୍ଥାନରେ ରହିଛି। ଚାଇନା (୭୫ତମ), ଶ୍ରୀଲଙ୍କା (୭୮ତମ) ଏବଂ ଭୁଟାନ୍ (୧୨୭ତମ) ଆଦି ଭାରତ ଆଗରେ ଅଛନ୍ତି। ବାଂଲାଦେଶ ଭାରତ ସହିତ ସମାନ ସ୍ଥାନରେ ଅଛି। ଉଚ୍ଚ ଓ ଅତ୍ୟଧିକ ଉଚ୍ଚ ମାନବିକ ବିକାଶ ପରି ଦୁଇଟି ସୋପାନ ଏବେବି ଅଭେଦ୍ୟ ହୋଇ ରହିଛି। ଅତ୍ୟନ୍ତ ଚିନ୍ତାର ବିଷୟ ହେଉଛି, ଆୟ ବୈଷମ୍ୟ ଏତେ ଭୟଙ୍କର ଯେ, ଏହା ଯୋଗୁଁ ଭାରତରେ ମାନବ ବିକାଶ ସୂଚକାଙ୍କ (ଏଚ୍‌ଡିଆଇ) ମୂଲ୍ୟ ୩୦.୭% ହ୍ରାସ ପାଇଛି। ମିଳିତ ଜାତିସଂଘର ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ଭାରତ ୯ଟି କ୍ଷେତ୍ରରେ ବିଶ୍ୱର ହାରାହାରି ଲକ୍ଷ୍ୟ ହାସଲଠାରୁ ପଛରେ ଅଛି।

ବିଶ୍ୱ କ୍ରୀତଦାସ ସୂଚକାଙ୍କ ୨୦୨୩ ଅନୁସାରେ ଭାରତରେ ବିଶ୍ୱରେ ସର୍ବାଧିକ ଆଧୁନିକ କ୍ରୀତଦାସ ଅଛନ୍ତି, ଯାହାର ସଂଖ୍ୟା ୧.୧ କୋଟି। ଅର୍ଥାତ୍ ପ୍ରତି ୧୧ ଜଣରେ ଜଣେ କ୍ରୀତଦାସ। ବିଶ୍ୱରେ ୧୬୦ ଦେଶ ମଧ୍ୟରୁ ୩୪ ସ୍ଥାନରେ ରହିଛି। ବିଶ୍ୱ ବ୍ୟାଙ୍କର ମାନବ ପୁଞ୍ଜି ସୂଚକାଙ୍କ ୨୦୨୪ରେ, ଭାରତ ୧୫୭ଦେଶ ମଧ୍ୟରୁ ୧୧୫ତମ ସ୍ଥାନରେ ଅଛି। ଏହି ସୂଚକାଙ୍କ ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ଏବଂ ସମ୍ପୂର୍ଣ୍ଣ ଶିକ୍ଷାର ମାନଦଣ୍ଡକୁ ଭିତ୍ତି କରିବା ସହିତ ଆଜି ଜନ୍ମ ହୋଇଥିବା ଏକ ଶିଶୁର ଭବିଷ୍ୟତ ଶ୍ରମିକ ଭାବରେ ଉତ୍ପାଦକତା ମାପ କରେ। ଏହି ସୂଚକାଙ୍କରେ ଭାରତର ସ୍କୋର ୦.୪୪, ଯାହା ଏହିପରି ଆୟକାରୀ ରାଷ୍ଟ୍ର ବା ଏହାର ଅଞ୍ଚଳର ହାରାହାରିଠାରୁ କମ୍। ଏହା ସୂଚିତ କରେ ଯେ, ଭାରତରେ ଜନ୍ମିତ ଏକ ଶିଶୁ ପୂର୍ଣ୍ଣ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସହିତ ଯେତିକି ଉତ୍ପାଦନକ୍ଷମ ହୋଇପାରିବ ତା'ର ମାତ୍ର ୪୪% ହେବ।

ଚିନ୍ତାର ବିଷୟ ହେଉଛି, ଜିଡିପି ବୃଦ୍ଧିଜନିତ ଯେଉଁ ସମ୍ପଦ ସୃଷ୍ଟି ହେଉଛି, ତାହାର ମୁଖ୍ୟ ଭାଗ ଧନୀଙ୍କ ପାଖକୁ ଚାଲିଯାଉଛି। ବୈଷମ୍ୟ ବୃଦ୍ଧି ପାଉଛି। ୨୦ ଜାନୁଆରୀ ୨୦୨୫ରେ ଅକ୍ସଫାମର ରିପୋର୍ଟ 'ଟେକର୍ସ ନଟ୍ ମେକର୍ସ' ରିପୋର୍ଟ ଅନୁସାରେ ଅଧିକାଂଶ କୋଟିପତି ସମ୍ପତ୍ତି ନିଜ ଦକ୍ଷତା, ପରିଶ୍ରମ ଓ ପ୍ରତିଭା ଯୋଗୁଁ ଅର୍ଜନ କରିନଥାନ୍ତି, ୬୦% ଉତ୍ତରାଧିକାର, ସମ୍ପର୍କବାଦ ଏବଂ ଦୁର୍ନୀତି କିମ୍ବା ଏକାଧିକାର ଶକ୍ତିରୁ ଆସିଥାଏ। ଆମର ଗଭୀର ଅସମାନ ବିଶ୍ୱର ଉପନିବେଶବାଦୀ ଆଧିପତ୍ୟର ଏକ ଲମ୍ବା ଇତିହାସ ରହିଛି, ଯାହା ଧନୀ ଲୋକଙ୍କୁ ବହୁଳ ଭାବରେ ଲାଭ ଦେଇଛି। ବିଶ୍ୱ ବୈଷମ୍ୟ ଡାଟା ବେସ ଅନୁଯାୟୀ, ଆୟ ଓ ସମ୍ପଦ ବୈଷମ୍ୟ ବ୍ୟାପକ ଭାବେ ବୃଦ୍ଧି ପାଉଛି। ଭାରତରେ ରାଷ୍ଟ୍ରର ସମ୍ପଦ ଧନୀଙ୍କ ହାତକୁ ଚାଲିଯାଉଛି। ୨୦୨୩ରେ ଦେଶର ଧନୀ ୧%ଙ୍କ ହାତରେ ଜାତୀୟ ସମ୍ପଦର ୪୦.୧% ଓ ଜାତୀୟ ଆୟର ୨୧.୮% ରହିଛି। ୧୦%ଙ୍କ ହାତରେ ଜାତୀୟ ସଂପଦ ୧୯୬୧ରେ ୪୪.୯%ଥିଲା ବେଳେ ୨୦୨୩ରେ ୬୪.୬%କୁ ବୃଦ୍ଧି ପାଇଛି, କିନ୍ତୁ ନିମ୍ନରେ ଥିବା ୫୦% ଜନତାଙ୍କ ସମ୍ପଦ ସେହି ସମୟରେ ୧୧.୪%ରୁ ୬.୪%କୁ ହ୍ରାସ ପାଇଛି। ସେହି ସମୟରେ ୦.୧% ଧନୀଙ୍କ ସମ୍ପଦ ୩.୨%ରୁ ୨୯%କୁ ବୃଦ୍ଧି ପାଇଲ ବେଳେ ମଧ୍ୟମ ୪୦%ଙ୍କ ସମ୍ପଦ ୪୩.୭%ରୁ ୨୯%କୁ ହ୍ରାସ ପାଇଛି। ସେହିପରି ୧୯୯୦ରେ ୧୦ ଶତାଂଶ ଲୋକଙ୍କର ଆୟ ଦେଶର ସମୁଦାୟ ଆୟର ୩୪% ଥିଲା, ଯାହା ୨୦୨୩ରେ ୫୭.୭%କୁ ବୃଦ୍ଧି ପାଇଛି। ବୈଷମ୍ୟ ବ୍ରିଟିଶ୍‌ରାଜଠାରୁ ଅଧିକ। ଡିସେମ୍ବର ୨୦୨୪ ସୁଦ୍ଧା ଭାରତୀୟ ଆରବପତି (ବିଲିଓନେୟାର)ଙ୍କ ସମ୍ପଦ ୯୦୫ ବିଲିୟନ ଡଲାର, ଯାହା ଗତବର୍ଷ ତୁଳନାରେ ୪୨% ଅଧିକ। ଏହାର ଅର୍ଥ ହେଉଛି ଦେଶର ସମ୍ପତ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏକ କ୍ଷୁଦ୍ର ସମ୍ପ୍ରଦାୟଙ୍କ ହାତରେ ଠୁଳ ହୋଇ ରହିଛି, ଠିକ୍ ଯେତେବେଳେ ଜନସଂଖ୍ୟାର ଏକ ବୃହତ୍ ଅଂଶ ସୀମିତ ସମ୍ବଳ ଯୋଗୁଁ ବଞ୍ଚିବାପାଇଁ ସଂଘର୍ଷ କରୁଛନ୍ତି।

ମୋ:୯୪୩୭୨୦୮୭୬୨

# ଅସହାୟ ମଣିଷ




ମୀରା ବେଉରା

ଏଲିଜାବେଥ ଗିଲବର୍ଟ ଆମେରିକାର ଜଣେ ଔପନାସିକ, ସ୍ମୃତିକାର ଓ ଅଭିନେତ୍ରୀ, ଯିଏ ଅନେକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ରଚିତ EAT, PRAY, LOVE ଅର୍ଥାତ ଖାଅ, ପ୍ରାର୍ଥନା କର ଓ ଭଲପାଅ ଗ୍ରନ୍ଥଟି ସେଦିନ ଲକ୍ଷ ଲକ୍ଷ ସଂଖ୍ୟାରେ ବିକ୍ରିହୋଇ ଲୋକପ୍ରିୟତା ହାସଲ କରିଥିଲା। ପ୍ରେମକୁ ନେଇ ସେ ତାଙ୍କ ଜୀବନର ଅନେକ ଘଟଣା ଏଥିରେ ବର୍ଣ୍ଣନା କରିଥିଲେ। ଗୋଟିଏ କଥା ଆଶ୍ଚର୍ଯ୍ୟ ଲାଗେ ଯେ ଆଜିର ମଣିଷ ପକ୍ଷୀ ପରି ଆକାଶରେ ଉଡିପାରୁଛି, ମୋବାଇଲ ଧରି ସମଗ୍ର ବିଶ୍ୱକୁ ଦେଖୁଛି ଏବଂ ସୁସମ୍ପର୍କ ମଧ୍ୟ ରଖିପାରୁଛି ଅଥଚ ମଣିଷ ଭଳି ମଣିଷ ମେଳରେ ରହିବା ଶିଖିପାରୁନି। ସବୁଠୁ ଅଧିକ ଆଶ୍ଚର୍ଯ୍ୟର କଥା ହେଉଛି ମଣିଷମେଳରେ ମଧ ମଣିଷଟିଏ ସୁରକ୍ଷିତ ନୁହେଁ। ବେଳେବେଳେ ଦେଖାଯାଉଛି ମଣିଷଟିଏ ପାଖ ମଣିଷଠାରୁ ସ୍ନେହ,ପ୍ରେମ,ଶ୍ରଦ୍ଧା, ସମ୍ମାନ ପାଇବା ପରିବର୍ତ୍ତେ ଈର୍ଷା, ଘୃଣା ଓ ନିରାଶର ଶିକାର ହୋଇ ଅସହାୟ ଅବସ୍ଥାରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ଗ୍ରହଣ କରିବାକୁ ମଧ୍ୟ ଭୁଲୁନାହିଁ।

ସତ କହିବାକୁ ଗଲେ ଆଜିର ମଣିଷ ଯେତିକି ଯେତିକି ଉନ୍ନତିର ଚରମ ଶିଖରରେ ପହଞ୍ଚୁଛି ସେତିକି ସେତିକି ଦୁଃଖ ଦୁର୍ଦ୍ଦଶାକୁ ଭେଟୁଛି। ଏମିତି କୌଣସି କ୍ଷେତ୍ର ନାହିଁ ଯେଉଁ କ୍ଷେତ୍ରରେ ସେ ତା'ର ସଫଳତା ହାସଲ କରିପାରିନାହିଁ। ମଣିଷ ଯେମିତି ଗୋଟିଏ ଯନ୍ତ୍ର ପାଲଟି ଯାଇଛି କହିଲେ ଭୁଲ୍ ହେବନାହିଁ। ଖୁସିକୁ ଖୋଜି ଦୁଃଖ ପାଉଛି। ଖୁସିର ସଂଜ୍ଞା ତା'ର ଚେତନାରେ ଭିନ୍ନ ଏକ ରୂପ ନେଇଛି। ପ୍ରତି ମୁହୂର୍ତ୍ତରେ ପ୍ରତିଯୋଗିତା ଭିତ୍ତିରେ ଦୌଡୁଛି ଆଗକୁ। ଆଜି ଯଦିଓ ରୋଗ ପ୍ରତିଷେଧକ ଟିକା ଦ୍ୱାରା ମୃତ୍ୟୁହାର କମିଯାଇଛି, କିନ୍ତୁ ଆଉ ଗୋଟିଏ ଦିଗରେ ଆତ୍ମହତ୍ୟାଜନିତ ମୃତ୍ୟୁ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ଯୁବ ପିଢ଼ି ଭିତରେ ପ୍ରଥମେ ପ୍ରେମ ଓ ପରେ ବିବାହ ହେଉଛି ଏବଂ ତା'ପରେ ପ୍ରତାରଣା ଓ ବିବାହ ବିଚ୍ଛେଦ ଘଟଣା ଅଧିକ ଦେଖିବାକୁ ମିଳୁଛି। ଶେଷରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ସେମାନେ ପଛାଉନାହାନ୍ତି। ପ୍ରତିଦିନ ଏହିଭଳି ଅନେକ ଘଟଣା ଘଟିଯାଉଛି। ଶରୀର ଯେତିକି ରୋଗମୁକ୍ତ ହେଉଛି ଜୀବନ ଆହୁରି ସେତିକି ଦୁର୍ବିଷହ ହୋଇପଡିଛି। ନିଜକୁ ସୋସିଆଲ ମିଡ଼ିଆରେ ଯେତିକି ଖୁସିଅଛି ବୋଲି ପ୍ରଦର୍ଶନ କରୁଛି ପ୍ରକୃତରେ ସେତିକି ଖୁସି ରହିପାରୁନି। ବାହାରକୁ ଖୁସି ଦେଖାଯାଉଥିବା ମଣିଷଟି ସତରେ ଅସହାୟ ହୋଇ ମୃତ୍ୟୁ ସହ ଲଢୁଛି। ଜୀବନ ଜିଇବାର କଳାକୁ ଭୁଲିବାରେ ଲାଗିଛୁ। ଫଳରେ ଯୁବପିଢ଼ି ନୈରାଶ୍ୟରେ ପୀଡ଼ିତ। ସେ ଭୁଲିଯାଉଛି ଯେ ସଂଘର୍ଷ ହିଁ ସୁସ୍ଥ ସୁନ୍ଦର ନିରାମୟ ଜୀବନର ରହସ୍ୟ। ସଂଘର୍ଷହୀନ ଜୀବନ ମୂଲ୍ୟହୀନ । ଛୋଟ ଛୋଟ ଖୁସି ଆମକୁ ଆଉ ଆନନ୍ଦ ଦେଇପାରୁନାହିଁ। ଯାହା ମିଳିଛି ସେ ପ୍ରାପ୍ୟ ବିଷୟରେ ଆମେ ଖୁସି ନ ରହି କେତେକ ଅପ୍ରାପ୍ୟ ବସ୍ତୁ ପଛରେ ଗୋଡ଼ାଇ ଗୋଡ଼ାଇ ନିଜ ହାତମୁଠାରେ ପାଉଥିବା ଖୁସିକୁ ନଷ୍ଟ କରିଦେଉଛି।

କିଏ ଜାଣିଥିଲା ଇତିହାସରେ ବାରମ୍ବାର ଫେଲ୍ ହେଉଥିବା ଛାତ୍ରଟି ଦିନେ କେବଳ ଭାରତବର୍ଷରେ ନୁହେଁ ସମଗ୍ର ବିଶ୍ୱରେ ଇତିହାସ ରଚିବ ବୋଲି। ସାମାନ୍ୟ ଲୁଣମରା ଅଭିଯାନରୁ ଦେଶରେ ଏତେବଡ଼



ସ୍ୱରାଜ ଆଣିପାରିବ। ଜେକେ ରୋଲିଁ କେତେ ସଂଘର୍ଷ ପରେ ହ୍ୟାରିପୋର୍ଟର ପୁସ୍ତକ ଲେଖି ରାତାରାତି ଲୋକପ୍ରିୟତା ହାସଲ କରିଥିଲେ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହାମ ଲିଙ୍କନ୍ ବାରମ୍ବାର ପରାଜୟ ହେବା ପରେ ୧୭ଥରରେ ଆମେରିକାର ରାଷ୍ଟ୍ରପତି ହୋଇଥିଲେ। ଡ. ଏ ପି ଜେ ଅବଦୁଲ କଲାମ, ଲାଲବାହାଦୁର ଶାସ୍ତ୍ରୀ, ବିଦ୍ୟୁତ ବଲ୍‌ବ ଆବିଷ୍କାର କରିଥିବା ଥୋମାସ ଏଡିଶନ ଏମାନେ ସମସ୍ତେ ଜୀବନରେ ସଫଳତା ପାଇବା ପାଇଁ ସଂଘର୍ଷ କରିନଥିଲେ। ସାମାନ୍ୟ କୀଟ ଶଅଁବାଳୁଆଟିଏ କେତେ ସଂଘର୍ଷ ପରେ ସୁନ୍ଦର ପ୍ରଜାପତି ହୁଏ। ଆଜି ପରିବାରଗୁଡ଼ିକ ଧୀରେ ଧୀରେ ଛୋଟ ହୋଇ ସମ୍ପର୍କରେ ଫାଟ ସୃଷ୍ଟି ହେଉଛି। ପ୍ରେମର ଅର୍ଥ କ'ଣ ବୁଝିବା ପୂର୍ବରୁ ପ୍ରେମର ସଂଜ୍ଞା ତାଙ୍କ ପାଇଁ ଘୃଣା ପାଲଟି ଯାଉଛି। କେବଳ ଭୌତିକ, ଦୈହିକ ସୁଖକୁ ସେମାନେ ପ୍ରେମରେ ବୁଝୁଛନ୍ତି। କେବଳ ଶ୍ୱାସ, ପ୍ରଶ୍ୱାସ ଓ ହୃଦ୍‌କମ୍ପନକୁ ଯଦି ଜୀବନ କୁହାଯାଏ ତେବେ ଏ କେମିତିକା ଜୀବନ ଯେଉଁଠି ସ୍ନେହ ପ୍ରେମ ଶ୍ରଦ୍ଧା ଭଲପାଇବାକୁ ସହଯୋଗ ନଥାଏ।

ଆଜିର ମଣିଷ ସମାଜ ଓ ପରିବାରକୈନ୍ଦ୍ରିକ ହେବା ପରିବର୍ତ୍ତେ ବ୍ୟକ୍ତିକୈନ୍ଦ୍ରିକ ହୋଇଯାଉଛି। ସବୁଠି ଅହଙ୍କାର ଚେକା ମାଡ଼ି ବସିଛି। ସବୁକିଛି ଥାଇ ମଣିଷ ନିଃସ୍ୱ, କାଙ୍ଗାଳ ହୋଇପଡ଼ିଛି। ବୌଦ୍ଧିକ ଚେତନା ହଜିଯାଉଛି। ଏଇଠି ମଦର୍ ଟେରେସାଙ୍କ କଥା ମନେପଡୁଛି। ସେ କହୁଥିଲେ ଯଦି ଲୋକଙ୍କ ଦୋଷ ଦୁର୍ବଳତା ଦେଖିବାରେ ତୁମେ ସମୟ ନଷ୍ଟ କରିଦେବ ତେବେ ତାଙ୍କୁ ଭଲ ପାଇବା ପାଇଁ ତୁମ ପାଖରେ ସମୟ ରହିବ ନାହିଁ। ଲର୍ଡ ଚେଷ୍ଟର ଫିଲ୍ଡ ମଧ କହନ୍ତି, ଅନ୍ୟକୁ ଖୁସି କରିବା ଏକ ଉପହାର ଓ ଏହା ଏକ ବିରାଟ ସାମାଜିକ ଶକ୍ତି। ଏକ ଗବେଷଣାରୁ ଲବ୍ଧ ତଥ୍ୟ ଅନୁଯାୟୀ ଅନାହାରର ମୃତ୍ୟୁସଂଖ୍ୟା ଅପେକ୍ଷା ଦାମୀ ଗରିଷ୍ଠ ଖାଦ୍ୟ ଜନିତ ଦୁରାରୋଗରେ ପୀଡ଼ିତଙ୍କ ମୃତ୍ୟୁସଂଖ୍ୟା ଅଧିକ। ତେଣୁ ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ,ଅର୍ଥାଭାବ କଦାପି ମାନସିକ ଅବସାଦର କାରଣ ହୋଇପାରେନା। ପ୍ରକୃତ ଭଲ ପାଇବା, ପ୍ରେମ ଓ ଶ୍ରଦ୍ଧାର ଅଭାବ ହିଁ ଯୁବପିଢ଼ି ଭିତରେ ଅବସାଦ ଜନିତ ବ୍ୟାଧି ସୃଷ୍ଟି କରି ସେମାନଙ୍କୁ ଆତ୍ମହତ୍ୟା କରିବାକୁ ପ୍ରେରିତ କରିଥାଏ। ପ୍ରେମର ପରିଭାଷା ଆଜି ପରିବର୍ତ୍ତିତ ହୋଇଛି। ପ୍ରକୃତ ପ୍ରେମ ଯେ ଭୋଗରେ ନଥାଏ ତ୍ୟାଗରେ ଥାଏ, ଏହା ସେମାନେ ଜାଣିବା ଆବଶ୍ୟକ। ପ୍ରତ୍ୟେକ ସ୍କୁଲ କଲେଜରେ ଅଭିଜ୍ଞ ମନସ୍ତତ୍ତ୍ୱବିତଙ୍କ ଦ୍ୱାରା କାଉନସେଲିଂ ବ୍ୟବସ୍ଥା ରହିବା ଆବଶ୍ୟକ।

ପ୍ରେମ ସବୁଠାରୁ ଶକ୍ତିଶାଳୀ। ପ୍ରେମ ଏଭଳି ଏକ ମହୋଷଧି ଯାହା ପଶୁପକ୍ଷୀ, ବନ୍ୟଜନ୍ତୁ, ଉଦ୍ଭିଦ ଓ ପ୍ରାଣୀ ଜଗତ ସମସ୍ତଙ୍କୁ ଆୟତ୍ତ କରିନିଏ। ଏ ପୃଥିବୀର ସବୁଠୁ ବଡ଼ ଅସ୍ତ୍ର ହେଲା ପ୍ରେମ, ଯାହା ସମସ୍ୟାର ସମାଧାନ କରିଦିଏ। ସବୁ ତିକ୍ତତାକୁ ନିମିଷକରେ ମିଳାଇଦିଏ। ପ୍ରେମ ଚିର ଶାଶ୍ୱତ, ସତ୍ୟ, ଶିବ ଓ ସୁନ୍ଦର। ନିରଳସ ଶାଶ୍ୱତ ସ୍ୱାର୍ଥହୀନ ପ୍ରେମ ପରମାଣୁ ବୋମାଠାରୁ ମଧ୍ୟ ଆହୁରି ଶକ୍ତିଶାଳୀ।

**ରଘୁନାଥଜୀଉ ମହାବିଦ୍ୟାଳୟ**
**ଦେଉଳସାହି, ତୁଳସୀପୁର, କଟକ**
**ମୋ: ୭୮୪୬୯୨୧୪୦୦**

## ଏଇ ଭାରତରେ

ବୟସ ବଢ଼ିଲେ କେତେଜଣ ଲୋକ ଆରାମକରି ଦିନ କଟେଇଦେବାକୁ ଭାବନ୍ତି। ହେଲେ ଆଉ କେତେକେ ବୟସକୁ ଏକ ସଂଖ୍ୟା ଭାବି ଯୁବସୁଲଭ ଉତ୍ସାହରେ ନୂଆ କିଛି କରିବାର ଚେଷ୍ଟା କରନ୍ତି। ଠିକ୍ ସେମିତି ଜଣେ ମଣିଷ ହେଉଛନ୍ତି ଉତ୍ତରପ୍ରଦେଶ ମେରଠର ଜୀବନ ସିଂହ। ଚାକିରିରୁ ଅବସର ନେବା ପରେ ଏବେ ସେ ସୃଷ୍ଟି କରିଛନ୍ତି ଏକ ସ୍ୱତନ୍ତ୍ର ପରିଚୟ। ସେ ୭୨ ପ୍ରକାର ୫ ଟଙ୍କିଆ ମୁଦ୍ରା ସଂଗ୍ରହକରି ରେକର୍ଡ ସୃଷ୍ଟିକରି ପାରିଛନ୍ତି। ଭିନ୍ନ ଭିନ୍ନ ପ୍ରକାରର ୫ ଟଙ୍କିଆ ମୁଦ୍ରା ଏବେ ତାଙ୍କ ପାଖରେ ଦେଖିବାକୁ ମିଳୁଛି। ସବୁଠୁ ଅଧିକ ପ୍ରକାରର ଏଭଳି ଏକ ସଂଗ୍ରହ କରିଥିବାରୁ ତାଙ୍କ ନାଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ଓ ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ପ୍ରଥମେ ସେ ଯେତେବେଳେ ଭିନ୍ନ ଭିନ୍ନ ୫ ଟଙ୍କିଆ ମୁଦ୍ରା ଦେଖିଥିଲେ ସେତେବେଳେ ସେସବୁ ନିଜ ପାଖରେ ରଖି ଦେଉଥିଲେ। ତା'ପରେ ଅଧିକରୁ ଅଧିକ ଏଭଳି ମୁଦ୍ରା ସଂଗ୍ରହ ଆରମ୍ଭ କଲେ। ଏବେ ତାଙ୍କ ପାଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ଜବାହରଲାଲ୍ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ରମଣ ସିଂହଙ୍କ ଫଟୋ ଥିବା ୫ଟଙ୍କିଆ ମୁଦ୍ରା ବି ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ଜୁନ୍ ୧୯୭୬

- ସମଗ୍ର ଦେଶର ୪୫ ଭାଗ ଲୁହାପଥର ଓଡ଼ିଶାରେ ଗଚ୍ଛିତ ରହିଥିବା ଭାରତୀୟ ଭୂତତ୍ତ୍ୱ ସର୍ଭେ ସଂସ୍ଥା ତରଫରୁ କରାଯାଇଥିବା ଏକ ସର୍ଭେରୁ ଜଣାଯାଇଛି।
- ଆସାମର କାଚାର ଜିଲାରେ ସାମ୍ପ୍ରତିକ ବନ୍ୟା ବିପର୍ଯ୍ୟୟ ଯୋଗୁ ୨୨ ଜଣଙ୍କ ପ୍ରାଣହାନୀ।
- ସୋଭିଏତ୍ ରୁଷ ପକ୍ଷରୁ ପୃଥିବୀ କକ୍ଷକୁ ଏକ ନୂଆ ମହାକାଶ କେନ୍ଦ୍ର ସାଲ୍ୟୁଟ–୫ ଉତ୍‌କ୍ଷେପଣ କରଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଗଞ୍ଜେଇ ଚାଷ ପାଇଁ ନୂଆ ଆଇନ ହେଉ

ମହାଶୟ,

ରାଜ୍ୟରେ ଭାଙ୍ଗ, ଗଞ୍ଜେଇକୁ ନିଷିଦ୍ଧ କରିବା ଠିକ୍ ନୁହେଁ। କିନ୍ତୁ ଏକଥା ସତ ଯେ, ଭାଙ୍ଗ ଓ ଗଞ୍ଜେଇର ଉତ୍ପାଦନ ଏବଂ ବିକ୍ରି ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ। ରାଜ୍ୟ ସରକାର ଭାଙ୍ଗଚାଷ ଓ ବିକ୍ରି ପାଇଁ ଲାଇସେନ୍ସ ଦେଇଥାନ୍ତି ଓ ଏଥିରୁ ପ୍ରବଳ ରାଜସ୍ୱ ପାଆନ୍ତି। ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଭାରତୀୟ ଚିକିତ୍ସା ଶାସ୍ତ୍ରର ଜନକ ଚରକ ସ୍ୱରଚିତ 'ଚରକ ସଂହିତା'ରେ ଗଞ୍ଜେଇର ଔଷଧୀୟ ଗୁଣ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଯାହା ଆଧୁନିକ ଯୁଗର ସାଂପ୍ରତିକ ବୈଜ୍ଞାନିକ ଗବେଷଣା ଦ୍ୱାରା ପ୍ରତିପାଦିତ ହୋଇଛି। ଭାରତୀୟ ସମାଜରେ ଆବାହମାନ କାଳରୁ ଭାଙ୍ଗର ବ୍ୟବହାର କରାଯାଇଆସୁଛି। ବିଶେଷକରି ହୋଲି, ଶିବରାତ୍ରି, ଦଶହରା ଓ ଶୀତଳଷଷ୍ଠୀ ଆଦି ବିଶେଷ ଧାର୍ମିକ ଅବସରରେ ଏହାର ସେବନ ସାମାଜିକ ଗ୍ରହଣୀୟତା ଲାଭ କରିଛି। ଅନ୍ତର୍ଜାତୀୟ ଭେଷଜ ପତ୍ରିକା ଲାନ୍‌ସେଟରେ ପ୍ରକାଶିତ ଏକ ସନ୍ଦର୍ଭରେ କୁହାଯାଇଛି ଯେ, ଲମ୍ବା ସମୟ ଧରି ଗଞ୍ଜେଇ ସେବନ କଲେ ମଧ୍ୟ ଶରୀର ଉପରେ ଏହାର କୌଣସି ଗୁରୁତର ପ୍ରଭାବ ପଡ଼େ ନାହିଁ। ଔଷଧୀୟ ବ୍ୟବହାର ପାଇଁ ଗଞ୍ଜେଇ ଉତ୍ପାଦନ ଏବେବି ଭାରତରେ ଆଇନସମ୍ମତ ଭାବେ ଚାଲିଛି। ଗଞ୍ଜେଇ ଚାଷ ପାଇଁ ନୂଆ ଆଇନ ପ୍ରଣୟନ କରି ସମସ୍ତଙ୍କୁ ଚାଷ କରିବାକୁ ଅନୁମତି ଦିଆଗଲେ ରାଜ୍ୟ ସରକାର ଏଥିରୁ ଯଥେଷ୍ଟ ରାଜସ୍ୱ ଆଦାୟ କରିପାରନ୍ତେ।

**– ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ଭବିଷ୍ୟର ଅନ୍ଧକାର–ପଥ ସେ ଯେ
କଲା ନିରାମୟ
ତବ ଅଭିଜ୍ଞତା ତହିଁ ଆଶୀର୍ବାଦ
ଦେଲା ବରାଭୟ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୮ ଥର ପୁରୀ ବାହାରେ ହୋଇଥିଲା ମହାପ୍ରଭୁଙ୍କ ରଥଯାତ୍ରା

ପୁରୀ, ୨୩।୬
(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ରଥାରୂଢ଼ ହୋଇ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି। ସେହିଭଳି ଦଶମୀ ତିଥିରେ ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଥାନ୍ତି। ତେବେ ଅତୀତରେ ବିଧର୍ମୀମାନଙ୍କ ଆକ୍ରମଣ କାରଣରୁ ୮ଥର ପୁରୀ ବାହାରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା। ଗଡ଼କୁଜଙ୍ଗରେ ୫, ଚିଲିକା ଚକନାସୀରେ ଥରେ, ଚିଲିକାର ଉତ୍ତର ଦିଗରେ ଥିବା ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ନଇରୀରେ ଥରେ, ଗଡ଼ମାଣତ୍ରୀରେ ଥରେ ଏବଂ ଶ୍ରୀମନ୍ଦିର ଭିତରେ ଥରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ସୂଚନା ଦେଇଛନ୍ତି।

ଐତିହ୍ୟ ବିଶାରଦ ଡ. ମିଶ୍ର କହିଛନ୍ତି ଯେ, ୧୬୨୧ ମସିହାରେ ଅହମ୍ମଦ ବେଗ୍ ଖାଁ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ। ସେହି ସମୟରେ ଗଜପତି ମହାରାଜାଙ୍କ ପରାମର୍ଶକ୍ରମେ ନଦୀ ପଥରେ ସେବକମାନେ ପାଇକମାନଙ୍କ ସହାୟତାରେ ମହାପ୍ରଭୁଙ୍କୁ ନେଇ ପ୍ରଥମେ ମାଣିକପାଟଣା ନିକଟ ଅନ୍ଧାରୀଗଡ଼ରେ ବିଜେ କରାଇଥିଲେ। ଖବର ମିଳିଲା ଯେ, ନିଶାର୍ଦ୍ଧରେ ଆକ୍ରମଣ କରିବାକୁ ଅହମ୍ମଦ ବେଗ ଖାଁ ଆଗେଇ ଆସୁଛନ୍ତି। ତେଣୁ ଶ୍ରୀବିଗ୍ରହଙ୍କୁ ସ୍ଥାନାନ୍ତର କରିବାକୁ ସମୟ ମିଳି ନ ଥିଲା। ବୋଧହୁଏ ମହାପ୍ରଭୁଙ୍କର ଏହା ଥିଲା ଇଚ୍ଛା। ଲୀଳାମୟଙ୍କ ଲୀଳାର ରହସ୍ୟ ଭେଦ କରିବା ସମ୍ଭବ ନୁହେଁ। ଶେଷରେ ବିଚାରବିମର୍ଶ କରି ମହାପ୍ରଭୁଙ୍କ ବ୍ରହ୍ମ ଗଡ଼ମାଣିତ୍ରୀକୁ ସ୍ଥାନାନ୍ତର କରାଯାଇଥିଲା। ଗଡ଼ମାଣିତ୍ରୀରେ ଭୋଇବଂଶର ଗଜପତି ପୁରୁଷୋତ୍ତମ ଦେବ ବିଜେ କରି ନବକଳେବର ଆୟୋଜନ କରିଥିଲେ। ଅବେଳରେ ସେଠାରେ ନବକଳେବର ହୋଇଥିଲା। ଏହାପରେ ଗଜପତିଙ୍କର ୧୬୨୨ ମସିହାରେ ଦେହାନ୍ତ ହୋଇଥିଲା। ତାଙ୍କ ପୁତ୍ର ଗଜପତି ନରସିଂହ ଦେବ ଶ୍ରୀକ୍ଷେତ୍ରରେ ଗୋଳମାଳ କମିବା ପର୍ଯ୍ୟନ୍ତ ମହାପ୍ରଭୁଙ୍କୁ ସେଇ ଗଡ଼ରେ ଉପାସନା କରିବାର ସମସ୍ତ ବ୍ୟବସ୍ଥା କରାଇଥିଲେ। ଇତିହାସରୁ ଜଣାଯାଏ ଯେ, ସେଠାରେ ମହାପ୍ରଭୁ ହାରାହାରି ଅଢ଼େଇ ବର୍ଷ ରହିଯାଇଥିଲେ। ସେଠାରେ ରଥଯାତ୍ରା ଓ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁ ବିଜେ କରିଥିବା ବର୍ତ୍ତମାନର ଶ୍ରୀତୃତୀୟା ଦେବଙ୍କ ମନ୍ଦିର ସ୍ଥାନରୁ ଗଡ଼ ପୂର୍ବ ଦିଗରେ ଥିବା ଶ୍ରୀକପିଳେଶ୍ୱର ମହାଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ରଥରେ ଶ୍ରୀଗୁଣ୍ଡିଚା ଦିନ ଯାଇଥିଲେ। ଶ୍ରୀକପିଳେଶ୍ୱର ମହାଦେବଙ୍କ ଦକ୍ଷିଣ ପାର୍ଶ୍ୱକୁ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର ନିର୍ମାଣ କରାଯାଇଥିଲା। ମହାପ୍ରଭୁ ୯ଦିନ ଯାତ୍ରା କରି ପୁଣି ସେଠାରୁ ପୂର୍ବସ୍ଥାନକୁ ଫେରି ଆସିଥିଲେ। ମହାପ୍ରଭୁ ରଥରେ ଯିବା-ଆସିବା ରାସ୍ତାଟି ହାରାହାରି ୪୦୦ ବର୍ଷ ପରେ ବି 'ବଡ଼ଦାଣ୍ଡ' ରୂପେ ଆଜି ପରିଚିତ ଅଛି। ମାତ୍ର ପରବର୍ତ୍ତୀ କାଳରେ ଆଉ ରଥଯାତ୍ରା ଅନୁଷ୍ଠିତ ନ ହେବାରୁ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରଟି ଭାଙ୍ଗିରୁଜି ଗଲା। ତାହା ଆଜି 'ଗୁଣ୍ଡିଚାଘର ପଦା' ଭାବେ ଚିହ୍ନିତ ହେଉଛି। ୨୦୧୫ ମସିହାରେ ଡ. ସୁରେନ୍ଦ୍ର କୁମାର ମିଶ୍ର ଦ୍ୱିତୀୟଥର ଐତିହ୍ୟ ଅନୁସନ୍ଧାନ କରିବାକୁ ଯାଇ ଅବଗତ ହୋଇଥିଲେ ଯେ, ଗଡ଼ମାଣିତ୍ରୀରେ ୨୨ ପୋଖରୀ ୨୩ ଦଣ୍ଡା ଜମି ରହିଥିଲା। ବଗିଚାରେ ବାରଟି ଦଣ୍ଡା ରୂପାନ୍ତରିତ ହୋଇଯିବା ପରେ ଏବେ ୧୧ଟି ଦଣ୍ଡା ରହିଛି। ସେହିପରି ପୋଖରୀଗୁଡ଼ିକର ଅବସ୍ଥା ଦେଖିବାକୁ ମିଳିଛି। ୨୨ଟି ପୋଖରୀ ମଧ୍ୟରୁ ୧୦ଟି ପୋଖରୀର ସ୍ଥିତି ବାରି ହୋଇପଡୁଛି। ତନ୍ମଧ୍ୟରୁ ଗୋଟିଏ ଚନ୍ଦନ ପୋଖରୀ ଆଜି ବି ରହିଛି। ଏହି ପୋଖରୀର ପୂର୍ବ-ଦକ୍ଷିଣ ଦିଗର ଅନତି ଦୂରରେ ରହିଛି 'କୁରୁମପାହାଡ଼'। ଶ୍ରୀକପିଳେଶ୍ୱର ମହାଦେବଙ୍କ ମନ୍ଦିରର ପୂର୍ବଦିଗକୁ ରହିଛି ଚନ୍ଦନ ପୋଖରୀ। ଏହି ମହାଦେବଙ୍କୁ ରଣପୁର ରାଜା ପ୍ରତିଷ୍ଠା କରାଇଥିଲେ। ସେତେବେଳେ ଓଡ଼ିଶାରେ କେଶରୀ ବଂଶ ରାଜତ୍ୱ କରୁଥିଲେ। ଗଡ଼ମାଣିତ୍ରୀ ସେକାଳରେ ରଣପୁର ରାଜ୍ୟ ଅଧୀନରେ ରହିଥିଲା। ପୁରାତନ କାଗଜାତରୁ ଜଣାପଡୁଛି ଯେ, ୧୬୨୨ ମସିହାରେ ଏହି ପୋଖରୀରେ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ହୋଇଥିଲା। ଚନ୍ଦନ ଯାତ୍ରାରେ ଭାଗ ନେଇଥିବା ମହାପ୍ରଭୁଙ୍କ ବିଜେ ପ୍ରତିମା ଏହି ଗଡ଼ର ଶ୍ରୀତୃତୀୟା ଦେବ (ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା)ଙ୍କ ମନ୍ଦିରରେ ଉପାସିତ ହେଉଛନ୍ତି। ସ୍ମରଣଯୋଗ୍ୟ ଯେ, ମହାପ୍ରଭୁଙ୍କ ଅର୍ଚ୍ଚାବିଗ୍ରହ ଶ୍ରୀଦୋଳଗୋବିନ୍ଦ ଏକ ସ୍ୱତନ୍ତ୍ର ମନ୍ଦିର (ଶ୍ରୀଗୋବିନ୍ଦ ଜୀଉ ମନ୍ଦିର)ରେ ଏହି ଗଡ଼ରେ ଉପାସିତ ହେଉଛନ୍ତି। ଚନ୍ଦନ ପୋଖରୀ ଚନ୍ଦନ ଚକଡ଼ାର ଦକ୍ଷିଣପଟ ଦିଗକୁ ହାତୀ ଗାଧୁଆ ପୋଖରୀ ରହିଛି। ଅଦ୍ୟାବଧି ଏହି ପୋଖରୀ ଅଛି।




ଗଡ଼ମାଣତ୍ରିରେ ଭଗ୍ନାବସ୍ଥାରେ ଥିବା ମନ୍ଦିର ଏବଂ ଚନ୍ଦନ ପୋଖରୀ।

# ଦାରୁଦିଅଁଙ୍କୁ ଲାଗିହେଲା ଘଣା, ଖଳି

## ଆଜି ରାଜନଅରକୁ ଖଡ଼ିପ୍ରସାଦ ବିଜେ

ଆଷାଢ଼ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଘଣାଲାଗି ନୀତି ସମ୍ପନ୍ନ ହେବା ସହ ଶୁଦ୍ଧସୁଆରଙ୍କ ଘରୁ ଖଳି ଶ୍ରୀମନ୍ଦିରକୁ ବିଜେ କରିଥିଲା। ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଦଇତାପତି ସେବକମାନେ ଖଳିମହାପ୍ରସାଦ ଲାଗି ନୀତି ସମ୍ପନ୍ନ କରିଥିଲେ। ସେହିପରି ଦତ୍ତମହାପାତ୍ରଙ୍କ ଘରୁ ଆସିଥିବା ଖଡ଼ି ମହାପ୍ରଭୁଙ୍କୁ ଲାଗି କରାଯାଇଛି।

ସ୍ନାନପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇଥିବାବେଳେ ଅଣସର ପିଣ୍ଡିରେ ଦଇତାପତି ଓ ପତିମହାପାତ୍ର ସେମାନଙ୍କର ଗୁପ୍ତ ସେବା କରୁଛନ୍ତି। ଏହି କ୍ରମରେ ଅଣସରର ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କ ଘଣା, ଖଳି ପ୍ରସାଦ ଏବଂ ଖଡ଼ି ପ୍ରସାଦ ଲାଗି ନୀତି କରାଯାଇଛି। ଶ୍ରୀପୟର ମୁଦ ଉପଲକ୍ଷେ ପାଟଡୋର, ଖଳି ପ୍ରସାଦ ଓ ଖଡ଼ିପ୍ରସାଦ ଲାଗି ହୋଇଛି। ଘଣାଲାଗି ସମ୍ପନ୍ନ ପରେ ଘଣ୍ଟ, ଛତା, କାହାଳୀ ସହ ଖଳିପ୍ରସାଦ ଶୁଦ୍ଧସୁଆରଙ୍କ ଘରୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଏହି ଖଳିକୁ ଶୁଦ୍ଧସୁଆରମାନେ ନିଜ ବାସଭବନରେ ଶୁଦ୍ଧପୂତ ଭାବେ ପ୍ରସ୍ତୁତ କରିଥାନ୍ତି। ଖଳିହାଣ୍ଡିକୁ ଘରର ମହିଳାମାନେ ବନ୍ଦାପନା କରିଥିଲେ। ବିଜେ କାହାଳୀ ବାଜିବା ପରେ ଖଳି ଶ୍ରୀମନ୍ଦିରକୁ ବିଜେ କରିଥିଲା। ଶୁଦ୍ଧସୁଆର ଖଳିପ୍ରସାଦକୁ ନେଇ ଦଇତାପତିଙ୍କୁ ହସ୍ତାନ୍ତର କରିବା ପରେ ସେମାନେ ଏହି ଦିବ୍ୟ ପ୍ରଲେପକୁ ରୁପାପିଙ୍ଗଣରେ ରଖି ଶ୍ରୀଅଙ୍ଗରେ ଲାଗି କରିଥିଲେ। ଦଇତାପତି ଓ ପତିମହାପାତ୍ର ସେବକମାନେ ଏକ ସ୍ୱତନ୍ତ୍ର ଶୈଳୀରେ ମହାପ୍ରଭୁଙ୍କୁ ରକ୍ତବସ୍ତ୍ର ଆବରଣ କରିଥିଲେ। ସେହିପରି ପ୍ରଥମ ଭୋଗମଣ୍ଡପ ପରେ ଘଣ୍ଟ, ଛତା, କାହାଳୀ, ବୈଜୟନ୍ତୀ ବାଜା ମଧ୍ୟରେ ଦତ୍ତମହାପାତ୍ରଙ୍କ ଘରୁ ଖଡ଼ିପ୍ରସାଦ ଶ୍ରୀମନ୍ଦିରକୁ ବିଜେ ହୋଇଥିଲା। ପରେ ଖଡ଼ିଲାଗି ନୀତି ସମ୍ପନ୍ନ ହୋଇଥିଲା। ଚତୁର୍ଦ୍ଦଶୀ ଅବସରରେ ଶ୍ରୀମନ୍ଦିରରୁ ଖଡ଼ିପ୍ରସାଦକୁ ଦଇତାପତି ଓ ପତିମହାପାତ୍ରମାନେ ରାଜନହରକୁ ବିଜେ କରାଇବାର ପରମ୍ପରା ରହିଛି।



ଶୁଦ୍ଧସୁଆରଙ୍କ ଗୃହରୁ ଶ୍ରୀମନ୍ଦିରକୁ ଖଳିପ୍ରସାଦ ବିଜେ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ୩ ରେଳ କର୍ମଚାରୀ ସମ୍ବର୍ଦ୍ଧିତ




୩ଜଣ ରେଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସହ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର, ୨୩।୬ (ଅନୁରାଧା ମହାରଣା)

ଟ୍ରେନ ପରିଚାଳନା ସଂକ୍ରାନ୍ତ ନିରାପତ୍ତା ଏବଂ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ୩ଜଣ ରେଳ କର୍ମଚାରୀଙ୍କୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ମାନିତ କରିଛନ୍ତି। ସେମାନେ ହେଲେ ଲକ୍ଷ୍ମୀପୁର ଷ୍ଟେଶନ ମ୍ୟାନେଜର ଉତ୍ତମ କୁମାର, ସିମାଞ୍ଚଳମ୍ ନର୍ଥ ଷ୍ଟେଶନଠାରେ କାର୍ଯ୍ୟରତ ବରିଷ୍ଠ ପଣ୍ୟବାହୀ ଟ୍ରେନ୍ ମ୍ୟାନେଜର ପି. ଗୌରୀ ଶଙ୍କର ଏବଂ ରାହାମା ଷ୍ଟେଶନରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର-୩ ମନୋଜ କୁମାର ହାଁସଦା। ସେମାନଙ୍କ ନିୟମିତ କର୍ତ୍ତବ୍ୟପରାୟଣତା ଟ୍ରେନ୍‌ଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନାରେ ଅବଦାନ ରଖିଛି। ଏହି କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସମୟରେ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସେମାନଙ୍କ ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ରେଳ କର୍ମଚାରୀମାନେ ପ୍ରାୟତଃ କଷ୍ଟକର ପରିସ୍ଥିତିରେ କାମ କରନ୍ତି। ରେଳ ସେବାର ନିରାପତ୍ତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍ ମେଣ୍ଟେନର୍ସ, ଲୋକୋ ପାଇଲଟ୍, ଟେକ୍ନିସିଆନ ଏବଂ ଷ୍ଟେଶନ ଅପରେଟରଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ କହିଥିଲେ।

# ଶିକ୍ଷାନୁଷ୍ଠାନରେ ପାଳନ ହେବ 'ସମ୍ବିଧାନ ହତ୍ୟା ଦିବସ'

ଭୁବନେଶ୍ୱର, ୨୩।୬ (ସୁଚିସ୍ମିତା ସାହୁ)

ଆସନ୍ତା ୨୫ ତାରିଖରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ 'ସମ୍ବିଧାନ ହତ୍ୟା ଦିବସ' ପାଳନ କରାଯିବ। ସରକାରୀ ବିଶ୍ୱବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ଡିଗ୍ରୀ ମହାବିଦ୍ୟାଳୟ ଏବଂ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଗୁଡିକରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯିବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ବିଭାଗ ପକ୍ଷରୁ ସମସ୍ତ ରେଜିଷ୍ଟ୍ରାର ଓ ପ୍ରିନ୍ସିପାଲଙ୍କୁ ଚିଠି ଲେଖାଯାଇଛି।

୧୯୭୫ ମସିହା ୨୫ ଜୁନରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ଏବେ ଏହାର ୫୦ତମ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ଏହି ଅବସରରେ ପାଠପଢୁଥିବା ଛାତ୍ରୀଛାତ୍ରଙ୍କୁ ସମ୍ବିଧାନର ସୁରକ୍ଷା ବିଷୟରେ ସଚେତନ କରାଯିବ। ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ନେଇ ସଚେତନା ଶୋଭାଯାତ୍ରା କରାଯିବ। ସେମାନେ ସମ୍ବିଧାନ ମୂଲ୍ୟବୋଧ ସମ୍ପର୍କରେ ଲେଖାଯାଇଥିବା ପ୍ଲାକାର୍ଡ ଓ ସ୍ଲୋଗାନ ଦେଇ ପରିକ୍ରମା କରିବେ। ସମ୍ବିଧାନର ଅଧିକାର, କର୍ତ୍ତବ୍ୟ ଏବଂ ଆପତକାଳୀନ ପରିସ୍ଥିତି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା, ୱାର୍କସପ ଏବଂ ରାଜନୀତି ବିଜ୍ଞାନ ପକ୍ଷରୁ ସମ୍ବିଧାନ ସମ୍ପର୍କରେ ସେମିନାର କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି।

# ଡ୍ୟୁଟି ପାଇଁ 'ପୁରୀ ପୋଲିସ ରଥଯାତ୍ରା ଆପ୍'

ପୁରୀ, ୨୩।୬ (ଅଜିତ୍ କୁମାର ମହାନ୍ତି)

ଆଗାମୀ ୨୭ତାରିଖରେ ରଥଯାତ୍ରା। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ 'ପୁରୀ ପୋଲିସ ରଥଯାତ୍ରା ଆପ୍' ନାମକ ଏକ ଡିଜିଟାଲ୍ ମୋବାଇଲ ଆପ୍ ବିକଶିତ କରାଯାଇଛି। ଏହି ଆପ୍ ଦ୍ୱାରା ବିଭିନ୍ନ ଜିଲାରୁ ନିୟୋଜିତ ହେଉଥିବା ଅଧିକାରୀମାନେ ନିଜ ଡ୍ୟୁଟି ସ୍ଥାନ, ଡ୍ୟୁଟି ସମୟ ଓ ଅଧୀନସ୍ଥ ଅଧିକାରୀମାନଙ୍କ ଅବସ୍ଥାନ ସମ୍ପର୍କରେ ସହଜରେ ଅବଗତ ହେବା ସହ ଡ୍ୟୁଟି ଚେକିଂ ଓ ଲୋକେଶନ ଟ୍ରାକିଂ କରିପାରିବେ। ବୃହତ ମନିଟରିଂ ଆଧାରରେ ଅପ୍ରୀତିକର ଅବସ୍ଥାରେ ଡିପ୍ଲୟମେଣ୍ଟ ପୁନଃ ନିର୍ଦ୍ଦେଶ ହେବ। ରିଅଲ୍ ଟାଇମ୍ ଅପଡେଟ୍‌ର ସୂଚନା ଦେବ। ସମସ୍ତ ଟିମ୍ ଲିଡର, ଡିଉଟି ଅଫିସର୍ ଓ ସିନିୟର ଅଧିକାରୀ ତାଙ୍କ ଅଧୀନସ୍ଥଙ୍କ ଉପସ୍ଥିତି ଓ ଅବସ୍ଥାନ ଅନଲାଇନ୍ ଦେଖିପାରିବେ। ଏହି ଆପ୍ ଗୁଗଲ୍ କ୍ଲାଉଡ ଉପରେ ହୋଷ୍ଟ ହୋଇଥିବାରୁ ଯେକୌଣସି ମୋବାଇଲ୍‌ରେ ଖୋଲି ଉପଲବ୍ଧ ହେବା ସହଜ। ଡାଟା ଲାଇଭ୍ ରହିଥାଏ ଓ ଅପଡେଟ୍ ହୁଏ। ଆପ୍ ମାଧ୍ୟମରେ ଡ୍ୟୁଟି ନିର୍ଦ୍ଦେଶନା, ରୁଟ୍ ମ୍ୟାପ୍, ବ୍ଲକିଂ ପଏଣ୍ଟ ଉପରେ ଏକ ଡିଜିଟାଲ୍ ହ୍ୟାଣ୍ଡବୁକ୍ ମିଳିଥାଏ। ଏହି ଆପ୍‌ରେ ନିଜ ଡ୍ୟୁଟି ସ୍ଥାନ ଯାଞ୍ଚ କରି ଲଗ୍ ଇନ୍ କରନ୍ତୁ ଓ ସିନିୟରଙ୍କ ସହ ସମନ୍ୱୟ ରଖନ୍ତୁ। ଏହି ଆଧୁନିକ ବ୍ୟବସ୍ଥାରେ ନୂତନ ପଦକ୍ଷେପ ଦ୍ୱାରା ପୁରୀ ପୋଲିସ ଓଡ଼ିଶାରେ ଏକ ଆଦର୍ଶ ତଥା ଯୁଗୋପଯୋଗୀ ପ୍ରଯୁକ୍ତି ପରିଚାଳନା ରୂପେ ସ୍ଥାପିତ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରଥଯାତ୍ରାରେ ଶିଶୁଙ୍କ ସୁରକ୍ଷା ପାଇଁ ୨୪ ଘଣ୍ଟିଆ ସେବା

ପୁରୀ, ୨୩।୬ (ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସରରେ ସୋମବାର ୩୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ଶିଶୁମାନଙ୍କ ସୁରକ୍ଷା ନିମନ୍ତେ ଉଦ୍ଧାର ଓ ଥଇଥାନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଶିଶୁ ମଙ୍ଗଳ ସମିତି କାର୍ଯ୍ୟାଳୟରେ କାର୍ଯ୍ୟ କରିବ। ଏହା ସହିତ ଚାଇଲ୍ଡ ହେଲ୍ପଲାଇନ, ଜିଲା ଶିଶୁ ସୁରକ୍ଷା ୟୁନିଟ, ସମସ୍ତ ଶିଶୁଯତ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସ୍ଥିତି ଉପରେ ନିରନ୍ତର ନଜର ରଖିବେ ଏବଂ ଶିଶୁଙ୍କ ସୁରକ୍ଷା ନିଶ୍ଚିତ କରିବେ। ପୂର୍ବବର୍ଷ ଭଳି ଶିଶୁସୁଲଭ ପୂର୍ଣ୍ଣ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯିବା ସହ ଅନ୍‌ଲାଇନ ଉପସ୍ଥାପନା ନିମନ୍ତେ ନିଷ୍ପତ୍ତି ହୋଇଛି। ତୁରନ୍ତ ସେବା ପ୍ରଦାନ ସହିତ ଶିଶୁଙ୍କ ସୁରକ୍ଷା ପାଇଁ ଥିବା ସବୁ ପ୍ରତିବନ୍ଧକ ଦୂରେଇଦେବାକୁ ଯୋଜନା କରାଯାଇଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ୍
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା ସ୍ଥିତ ନିଜର ଅଫିସର କ୍ୱାର୍ଟର୍ସରେ ବ୍ଲକ ଏ ରୁ ଇ ଏବଂ କମ୍ୟୁନିଟି ହଲ୍ ରେ ଥିବା ୱିଣ୍ଡୋଗୁଡିକୁ uPVC ୱିଣ୍ଡୋ ସହିତ ବଦଳାଇବା ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୁତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଅଗଷ୍ଟ 01, 2025 ଅପରାହ୍ନ 02:00 ଟା** ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

# ଜୁଲାଇ ପ୍ରଥମ ସପ୍ତାହରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବିଜୁ ମହିଳା ଜନତା ଦଳ

ଭୁବନେଶ୍ୱର, ୨୩।୬ (ସୁନିତ୍ ମିଶ୍ର)

ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ମହିଳାଙ୍କ ଉପରେ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଡ଼ଭାଇଜରି ଓଡ଼ିଶାକୁ ବିଶ୍ୱସ୍ତରରେ ନିନ୍ଦିତ କରିଛି। ଭାଜପା କ୍ଷମତାକୁ ଆସିବା ପରେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। ତେଣୁ ରାଜ୍ୟରେ ଦେଖାଦେଇଥିବା ଏଭଳି ପରିସ୍ଥିତିକୁ ନେଇ ବିଜୁ ମହିଳା ଜନତା ଦଳ ଜୁଲାଇ ପ୍ରଥମ ସପ୍ତାହରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ବିଜେଡି ବିଧାୟକ ତଥା ବରିଷ୍ଠ ନେତା ଅରୁଣ କୁମାର ସାହୁ କହିଛନ୍ତି।

ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅରୁଣ କହିଛନ୍ତି, ଭାଜପା ସରକାର ପ୍ରତ୍ୟେକ କ୍ଷେତ୍ରରେ ଚରମ ଅବହେଳା କରୁଥିବାରୁ ଓଡ଼ିଶା ବର୍ତ୍ତମାନ ବିଶ୍ୱରେ ଲଜ୍ଜିତ ଓ ନିନ୍ଦିତ ହେଉଛି। ଆମେରିକା ରାଷ୍ଟ୍ରପତିଙ୍କ ତରଫରୁ ନିକଟରେ ଜାରି କରାଯାଇଥିବା ଏକ ଟ୍ରାଭେଲ ଆଡ଼ଭାଇଜରିରେ ଓଡ଼ିଶା ସମେତ ଭାରତର ୬ଟି ରାଜ୍ୟକୁ ଯିବାକୁ ସେମାନଙ୍କ ନାଗରିକମାନଙ୍କୁ ବାରଣ କରାଯାଇଛି। ଏହି ରାଜ୍ୟଗୁଡିକରେ ଅଧିକ ସଂଖ୍ୟାରେ ମହିଳାମାନେ ବଳାତ୍କାରର ଶିକାର ହେଉଥିବା ଓ ଉଗ୍ରବାଦ ଉପଦ୍ରବ ଅଞ୍ଚଳ ଭାବେ ଚିହ୍ନିତ ହୋଇଥିବାରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଆମେରିକା ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମା ଓଡ଼ିଶା ପାଇଁ ଲଜ୍ଜା ଓ ଅପବାଦ ଆଣିଛି। ଓଡ଼ିଆ ଅସ୍ମିତାର ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ଓ ବର୍ଷ ପୂର୍ତ୍ତିରେ ନିଜ ସଫଳତାର ଡିଣ୍ଡିମ ପିଟୁଥିବା ରାଜ୍ୟ ଭାଜପା ସରକାରଙ୍କ ମୁହଁରେ ଏହା କାଳି ବୋଳି ଦେଇଛି। ଏହାଦ୍ୱାରା ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହୋଇଛି। ରାଜ୍ୟର ମନ୍ତ୍ରୀମାନେ ଟ୍ରମ୍ପଙ୍କ କଥାକୁ ପ୍ରତିବାଦ କରିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଏହାର ସଫେଇ ଦେବାର ଆବଶ୍ୟକତା ରହିଛି। ଟ୍ରମ୍ପଙ୍କ କଥାକୁ ଭାଜପା ସର୍ବଦା ଗୁରୁତ୍ୱ ଦେଇ ଆସୁଥିବାବେଳେ ଏବେ ଏହି ଆଡ଼ଭାଇଜରିକୁ ନେଇ କେନ୍ଦ୍ର ସରକାର କାହିଁକି ଚୁପ୍ ବୋଲି ଅରୁଣ ପ୍ରଶ୍ନ ଉଠାଇଛନ୍ତି। ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା କହିଛନ୍ତି, ଏବେ ଭାଜପା ସରକାର ରାଜ୍ୟ ପାଇଁ ନିନ୍ଦା ଓ ଅପବାଦ ଆଣୁଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ମିଳିତ ଜାତିସଂଘ ଦ୍ୱାରା ପ୍ରଶଂସିତ ହୋଇଥିଲା। ଏକ ସମୀକ୍ଷା କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ତାଙ୍କ ବକ୍ତବ୍ୟରେ ରାଜ୍ୟରେ ସାଇବର ଅପରାଧ ବୃଦ୍ଧି ପାଇଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସରକାରୀ ଯୋଜନା ବାବଦରେ ସରକାରୀ କର୍ମଚାରୀମାନେ ମଧ୍ୟ ଅବଗତ ନାହାନ୍ତି ବୋଲି କହିଛନ୍ତି।




ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।



## ସଂକ୍ଷେପରେ

### ଇରାନରେ ଆକ୍ରମଣ ପାଇଁ ଆମେରିକା ଭାରତୀୟ ବାୟୁସୀମା ବ୍ୟବହାର କରିଥିବା ଖବରକୁ କେନ୍ଦ୍ରର ଖଣ୍ଡନ

ନୂଆଦିଲ୍ଲୀ,୨୩।୬

ଇରାନର ୩ ଆଣବିକ ସ୍ଥଳ ଉପରେ ଆକ୍ରମଣ କରିବା ପାଇଁ ଆମେରିକାର ଯୁଦ୍ଧବିମାନ ଭାରତୀୟ ବାୟୁସୀମା ବ୍ୟବହାର କରିଥିଲା ବୋଲି କେତେକ ନିର୍ଦ୍ଦିଷ୍ଟ ସୋସିଆଲ ମିଡିଆରେ ଖବର ପ୍ରକାଶ ପାଇଥିଲା। ଏହା ମିଛ ଖବର କହି କେନ୍ଦ୍ରସରକାର ଖଣ୍ଡନ କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ପ୍ରେସ୍ ଇନ୍‌ଫର୍ମେଶନ ବ୍ୟୁରୋ (ପିଆଇବି)ର ସତ୍ୟତା ଯାଞ୍ଚ ବିଭାଗ ଅନୁଧ୍ୟାନ କରିବା ପରେ ଆମେରିକା ଭାରତୀୟ ବାୟୁସୀମା ବ୍ୟବହାର କରି ନ ଥିବା କହିଛି। ଆମେରିକୀୟ ଯୁଦ୍ଧବିମାନ କେଉଁ ରୁଟ୍ ବ୍ୟବହାର କରିଥିଲା, ସେନେଇ ଏହାର ଜଏଣ୍ଟ ଚିଫ୍‌ସ ଅଫ୍ ଷ୍ଟାଫ୍ ମୁଖ୍ୟ ଜେନେରାଲ ଡାନ୍ କେଇନ୍ ଗଣମାଧ୍ୟମକୁ ଜଣାଇଛନ୍ତି।

### ୩ ବିଧାୟକଙ୍କୁ ବହିଷ୍କାର କଲା ଏସ୍‌ପି

ଲକ୍ଷ୍ନୌ, ୨୩।୬

ସମାଜବାଦୀ ପାର୍ଟି (ଏସ୍‌ପି) ସୋମବାର ନିଜର ୩ ବିଧାୟକଙ୍କୁ ବହିଷ୍କାର କରିଛି। ଦଳର ମୂଳ ନୀତିକୁ ଉଲ୍ଲଂଘନ କରି ସାମ୍ପ୍ରଦାୟିକ ଏବଂ ବିଭାଜନକାରୀ ରାଜନୀତିକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗରେ ଏସ୍‌ପି ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଗୋସାଇଗଞ୍ଜ ବିଧାୟକ ଅଭୟ ସିଂ, ଗୌରୀଗଞ୍ଜ ବିଧାୟକ ରାକେଶ ପ୍ରତାପ ସିଂ ଏବଂ ଉନ୍‌ଚହର ବିଧାୟକ ମନୋଜ କୁମାର ପାଣ୍ଡେ ଏସ୍‌ପିରୁ ବହିଷ୍କୃତ ହୋଇଛନ୍ତି। ଗତ କିଛି ଦିନ ଧରି ଏହି ୩ ବିଧାୟକ କେନ୍ଦ୍ରର କୃଷକ ବିରୋଧୀ, ମହିଳା ବିରୋଧୀ, ଯୁବ ବିରୋଧୀ ନୀତିକୁ ସମର୍ଥନ କରିଆସୁଥିଲେ ବୋଲି ଏସ୍‌ପି ପକ୍ଷରୁ ଏକ୍ସ'ରେ କୁହାଯାଇଛି।

### କମ୍ ମାର୍କ ଆଣିଥିବାରୁ ଝିଅକୁ ପିଟି ମାରିଦେଲେ



ଧୋଣ୍ଡିରାମ ଓ ସାଧନା

ସାଙ୍ଗଲି, ୨୩।୬

ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)ର ମକ୍‌ଟେଷ୍ଟରେ କମ୍ ନମ୍ବର ଆଣିଥିବାରୁ ମହାରାଷ୍ଟ୍ରର ସାଙ୍ଗଲି ଜିଲାରେ ଜଣେ ଶିକ୍ଷକ ଧୋଣ୍ଡିରାମ ଭୋଁସ୍‌ଲେ ନିଜ ଝିଅ ସାଧନା ଭୋଁସ୍‌ଲେ (୧୭)ଙ୍କୁ ଏକ ବାଡ଼ିରେ ପିଟି ହତ୍ୟା କରିଛନ୍ତି। ବାପାଙ୍କ ମାଡ଼ରେ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ସାଧନାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ଘଟଣାକୁ ନେଇ ସାଧନାଙ୍କ ମା' ନିଜ ସ୍ୱାମୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ସୋମବାର ପୋଲିସ ଧୋଣ୍ଡିରାମଙ୍କୁ ଗିରଫ କରିଛି।

# ଇରାନ ଆଣବିକ ସ୍ଥଳ, ଜେଲରେ ଇସ୍ରାଏଲ୍‌ର ଆକ୍ରମଣ

## ଜେରୁଜେଲମ୍‌ରେ ତେହରାନ୍‌ର ମିଶାଇଲ ମାଡ଼

ତେଲ୍ ଆଭିଭ୍/ତେହରାନ,୨୩।୬

ଇରାନର ୩ଟି ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକା ଜୋର୍‌ଦାର ଆକ୍ରମଣ କରିବାର ଦିନକ ପରେ ସୋମବାର ଇସ୍ରାଏଲ୍ ପୁନର୍ବାର ତେହରାନ୍‌ର ଆଣବିକ ସ୍ଥଳକୁ ଟାର୍ଗେଟ କରିଛି। ଆମେରିକା ରବିବାର ଇରାନର ୩ ଆଣବିକ ସ୍ଥଳ ଉପରେ ଶକ୍ତିଶାଳୀ ବଙ୍କର ବଷ୍ଟର ବୋମାମାଡ଼ କରିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ଆକ୍ରମଣ ପରେ ତେହରାନ୍ ସୋମବାର ଇସ୍ରାଏଲ୍ ଉପରେ ପ୍ରବଳ ମିଶାଇଲ୍ ମାଡ଼ କରିଥିଲା। ଜେରୁଜେଲମ୍‌ରେ ବିସ୍ଫୋରଣ ଶବ୍ଦ ଶୁଣାଯିବା ସହ ଉତ୍ତର ଇସ୍ରାଏଲ୍‌ରେ ସାଇରନ୍ ବାଜିଥିଲା। ଦକ୍ଷିଣ ଭାଗରେ ଥିବା ଆଶ୍‌ଡୋଡ୍‌ରେ ମଧ୍ୟ ମିଶାଇଲ ମାଡ଼ ହୋଇଥିବା ଇରାନ ସେନା ସ୍ପଷ୍ଟ କରିଛି। ଫଳରେ ଉତ୍ତେଜନା ବଢ଼ିବା ସହ ଇସ୍ରାଏଲୀ ଡିଫେନ୍ସ ଫୋର୍ସ ଏହାର ଜବାବ ଦେବାକୁ ଯାଇ ଫର୍‌ଦୋ ନ୍ୟୁକ୍ଲିୟର ସାଇଟ୍ ଉପରେ ସାନି ଆକ୍ରମଣ କରିବା ସହ ତେହରାନରେ ଥିବା ଇରାନ ସରକାରଙ୍କ ବିଭିନ୍ନ ପ୍ରତିଷ୍ଠାନ ଏବଂ ଜେଲ ଉପରେ ଆକ୍ରମଣ କରିଛି।



ତେହରାନ୍‌ର ଏଭିନ୍ ଜେଲ ଉପରେ ଇସ୍ରାଏଲୀ ସେନା ବୋମାମାଡ଼ କରିଛି।

ଅଣୁଅସ୍ତ୍ର ସ୍ତର ପାଖାପାଖି ୟୁରାନିୟମ୍‌କୁ ଏନ୍‌ରିଚ୍‌ମେଣ୍ଟ କରିବା କ୍ଷମତା ଫର୍‌ଦୋ ନ୍ୟୁକ୍ଲିୟର ଫାସିଲିଟିର ରହିଛି। ଏହା ଭୂପୃଷ୍ଠଠାରୁ ୮୦ରୁ ୯୦ ମିଟର ତଳେ ରହିଥିବାରୁ ଏହାକୁ ଭେଦ କରିବା ପାଇଁ ଆବଶ୍ୟକ ଅସ୍ତ୍ର କେବଳ ଆମେରିକା ପାଖରେ ରହିଛି। ଆମେରିକାର 'ଅପରେଶନ ମିଡ୍‌ନାଇଟ୍ ହାମର'ର ପ୍ରଭାବ ସମ୍ପର୍କରେ ଏହାର ପ୍ରତିରକ୍ଷା ଅଧିକାରୀମାନେ ଏପର୍ଯ୍ୟନ୍ତ ନିର୍ଣ୍ଣୟ କରି ନ ଥିବାବେଳେ ବୋମାମାଡ଼ ଯୋଗୁ ଫର୍‌ଦୋ ଭୂତଳ ଅଞ୍ଚଳର ଉଲ୍ଲେଖନୀୟ କ୍ଷତି ହୋଇଥାଇପାରେ ବୋଲି ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) କହିଛି। ୩ ଆଣବିକ ସ୍ଥଳକୁ ଟାର୍ଗେଟ କରିବା ପାଇଁ ଆମେରିକା ୩୦,୦୦୦ ପାଉଣ୍ଡ ବଙ୍କର- ବଷ୍ଟର ବୋମା ବ୍ୟବହାର କରିଥିଲା। ତେବେ ଏହା ପୂର୍ବରୁ ତେହରାନ ଉକ୍ତ ସ୍ଥଳରୁ ଆଣବିକ ସାମଗ୍ରୀ ଅନ୍ୟତ୍ର ନେଇଯାଇଥିଲା ବୋଲି କେତେଜଣ ଇରାନୀୟ ଅଧିକାରୀ ଏବଂ ସେଠାର ଆଣବିକ ଶକ୍ତି ସଂଗଠନ ମୁଖପାତ୍ର ବେହରୋଜ କମଲଭାଣ୍ଡି କହିଛନ୍ତି। ଆଣବିକ ଉପକରଣ ଏବଂ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଇସ୍ରାଏଲ୍ ସ୍ୱତନ୍ତ୍ର ପଦକ୍ଷେପ ଆପଣାଇବ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ଆବ୍ବାସ ଆରାଘଚି ପୂର୍ବରୁ ସୂଚନା ଦେଇଥିବା ଆଇଏଇଏ ମୁଖ୍ୟ ରାଫେଲ ଗ୍ରୋସି ଏହାର ଗଭର୍ନର ବୋର୍ଡକୁ ସୋମବାର କହିଛନ୍ତି।

ଇରାନର ଆକ୍ରମଣ ପରେ ଇସ୍ରାଏଲୀ ସେନା ତେହରାନରେ ଥିବା ଦୁର୍ଦ୍ଧର୍ଷ ଏଭିନ୍ ଜେଲ ଉପରେ ଆକ୍ରମଣ କରିବା ସହ ରିଭୋଲ୍ୟୁଶନାରି ଗାର୍ଡ୍‌ର ସୁରକ୍ଷା ମୁଖ୍ୟାଳୟକୁ ଟାର୍ଗେଟ କରିଛି। ଆକ୍ରମଣ ପାଇଁ ଇରାନର ଏକଛତ୍ରବାଦୀ ଶାସକ ଦଣ୍ଡିତ ହେବେ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଇରାନ ସୋମବାରର ଆକ୍ରମଣକୁ ଅପରେଶନ ଟ୍ରୁ ପୋମିଜ୍-୩ ବୋଲି କହିଛି। ଏହା ଇସ୍ରାଏଲ୍‌ର ହାଇଫା ଏବଂ ତେଲ୍ ଆଭିଭ୍‌କୁ ଟାର୍ଗେଟ କରିଥିବା ଇରାନ ସରକାରଙ୍କ ଟେଲିଭିଜନରେ ପ୍ରସାରିତ ଖବରରୁ ଜଣାପଡ଼ିଛି।

### କାଳୀଗଞ୍ଜରେ ବୋମା ବିସ୍ଫୋରଣ: ନାବାଳିକା ମୃତ

କୋଲକାତା,୨୩।୬

ପଶ୍ଚିମବଙ୍ଗର ନଦିଆ ଜିଲା ଅନ୍ତର୍ଗତ କାଳୀଗଞ୍ଜଠାରେ ସୋମବାର ଅପରାହ୍ନରେ ଏକ ବୋମା ବିସ୍ଫୋରଣରେ ଜଣେ ୧୩ ବର୍ଷୀୟ ବାଳିକାଙ୍କ ମୃତ୍ୟୁ ଘଟିଛି। କାଳୀଗଞ୍ଜ ଆସନ ପାଇଁ ଭୋଟଗଣତି ଚାଲିଥିବାବେଳେ ବରୋଚାନ୍ଦଗରଠାରେ ବିସ୍ଫୋରଣ ଘଟିଥିଲା। ଅପରାଧୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

### ମୁମ୍ବାଇ ଶୁଟିଂ ସେଟ୍‌ରେ ନିଆଁ

ମୁମ୍ବାଇ,୨୩।୬

ମୁମ୍ବାଇର ଗୋରେଗାଁଓ ଇଷ୍ଟ ଫିଲ୍ମ ସିଟିରେ ସୋମବାର ସକାଳେ ଲୋକପ୍ରିୟ ଟେଲିଭିଜନ ଧାରାବାହିକ 'ଅନୁପମା'ର ଶୁଟିଂ ଚାଲିଥିବାବେଳେ ଶୁଟିଂ ସେଟ୍‌ରେ ନିଆଁ ଲାଗିଯାଇଥିଲା। ମରାଠୀ ବିଗ୍ ବସ୍ ସେଟ୍ ପଛପଟେ ଥିବା ଟେଣ୍ଟରେ ନିଆଁ ଲାଗିଥିବାବେଳେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଏହାକୁ ଆୟତ୍ତ କରିଛନ୍ତି। ଏଥିରେ କେହି ଆହତ ହୋଇନାହାନ୍ତି। ନିଆଁ ଯୋଗୁ ପ୍ରାୟ ୫,୦୦୦ ବର୍ଗଫୁଟ୍ ଅଞ୍ଚଳ ପ୍ରଭାବିତ ହୋଇଥିବା ଆକଳନ କରାଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି।



ଇରାନର ଆକ୍ରମଣ ଭୟରେ ତେଲ୍ ଆଭିଭ୍‌ରେ ଥିବା ଏକ ଭୂତଳ ପାର୍କିଂ ସ୍ଥଳରେ ଲୋକେ ଆଶ୍ରୟ ନେଇଛନ୍ତି।

## ବନ୍ଦେ ଭାରତ ଟ୍ରେନ୍‌ରେ ଯାତ୍ରୀଙ୍କୁ ମାଡ଼

### ଭାଜପା ବିଧାୟକଙ୍କ ସହ ଆସନ ବଦଳାଇବାକୁ ମନା କରିଥିଲେ

ଝାନ୍ସି, ୨୩।୬

ନୂଆଦିଲ୍ଲୀରୁ ଭୋପାଳ ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ରେ ଜଣେ ଯାତ୍ରୀଙ୍କୁ ମାଡ଼ ମରାଯାଇଥିବାର ମାମଲା ସାମ୍ନାକୁ ଆସିଛି। ଗଭର୍ନମେଣ୍ଟ ରେଲୱେ ପୋଲିସ (ଜିଆର୍‌ପି)ର ସୂଚନା ଅନୁଯାୟୀ, ଗତ ଗୁରୁବାର ସନ୍ଧ୍ୟାରେ ନୂଆଦିଲ୍ଲୀ-ଭୋପାଳ ବନ୍ଦେ ଭାରତ ଟ୍ରେନ୍‌ରେ ସିଟ୍ ବଦଳାଇବା ଏବଂ ଆପତ୍ତିଜନକ ଭାବେ ବସିବାକୁ ନେଇ ବିବାଦ ଦେଖାଦେଇଥିଲା। ଝାନ୍ସିର ବବିନାରୁ ବିଧାୟକ ରାଜୀବ ସିଂଙ୍କ ସହ ସିଟ୍ ବଦଳାଇବାକୁ ନେଇ ରାଜପ୍ରକାଶ ନାମକ ଜଣେ ଯାତ୍ରୀ ମନା କରିଥିଲେ। ଫଳରେ ରାଜୀବଙ୍କ ସମର୍ଥକମାନେ ରାଜପ୍ରକାଶଙ୍କୁ ମାଡ଼ ମାରିଥିଲେ। ଏହାର ଏକ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଘଟଣାକୁ ନେଇ ସୋମବାର ଭାଜପା ରାଜୀବଙ୍କୁ କାରଣ ଦର୍ଶାଇ ନୋଟିସ୍ ଜାରି କରିଛି। ତେବେ ରାଜପ୍ରକାଶ ପ୍ରଥମେ ତାଙ୍କୁ ଏବଂ ତାଙ୍କ ପରିବାରକୁ ଅଭଦ୍ର ବ୍ୟବହାର କରିଥିଲେ ବୋଲି ରାଜୀବ କହିଛନ୍ତି। ଘଟଣାକୁ ନେଇ ଝାନ୍ସିସ୍ଥିତ ଜିଆର୍‌ପି ତଦନ୍ତ ଜାରି ରଖିଛି।

### ଡ୍ରଗ୍ସ ମାମଲାରେ ଅଭିନେତା ଶ୍ରୀକାନ୍ତ ଗିରଫ

ଚେନ୍ନାଇ,୨୩।୬

ଡ୍ରଗ୍ସ କାରବାର ମାମଲାରେ ଗ୍ରେଟର ଚେନ୍ନାଇ ପୋଲିସ ସୋମବାର ତାମିଲ ଚଳଚ୍ଚିତ୍ର ଅଭିନେତା ଶ୍ରୀକାନ୍ତଙ୍କୁ ଗିରଫ କରିଛି। ୧୧ ଗ୍ରାମ କୋକେନ ସହ ଘାନା ନାଗରିକ ଜନ୍‌ଙ୍କୁ ଗିରଫ କରାଯାଇଥିବାବେଳେ ତାଙ୍କ ବୟାନ ଆଧାରରେ ପୋଲିସ ଶ୍ରୀକାନ୍ତଙ୍କୁ ଜେରା ପାଇଁ ନେଇଥିଲା। ଜନ୍‌ଙ୍କଠାରୁ ଶ୍ରୀକାନ୍ତ ଡ୍ରଗ୍ସ ସଂଗ୍ରହ କରୁଥିବା ସୂଚନା ମିଳିଛି।

## ଏକକ ମା'ଙ୍କ ପିଲାର ଓବିସି ସାର୍ଟିଫିକେଟ ପାଇଁ ନିୟମ ବଦଳିବା ଗୁରୁତ୍ୱପୂର୍ଣ୍ଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୩।୬ (ପି.ଟି.)

ନିର୍ଦ୍ଦିଷ୍ଟ ବର୍ଗର ଏକକ ମା'ଙ୍କ ପିଲାଙ୍କୁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ସାର୍ଟିଫିକେଟ ଇସ୍ୟୁ ପାଇଁ ନିୟମାବଳୀରେ ସଂଶୋଧନ ହେବା ଗୁରୁତ୍ୱପୂର୍ଣ୍ଣ ବୋଲି ସୋମବାର ସୁପ୍ରିମକୋର୍ଟ କହିଛନ୍ତି। ଏଥିପାଇଁ ଗାଇଡ୍‌ଲାଇନ ଆଣିବାକୁ ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ଦେଇଛନ୍ତି, ଯାହା ଦ୍ୱାରା ପିତୃତ୍ୱ ପକ୍ଷର କାଗଜାତ ବିନା ଏକକ ମା'ଙ୍କ ପିଲା ସାର୍ଟିଫିକେଟ ପାଇପାରିବେ ବୋଲି ଜଷ୍ଟିସ୍ କେ.ଭି. ବିଶ୍ୱନାଥନ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି। ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୨କୁ ଧାର୍ଯ୍ୟ ହୋଇଛି। ଦିଲ୍ଲୀର ଜଣେ ମହିଳା କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଜାନୁଆରୀ ୩୧ରେ କେନ୍ଦ୍ର




ଓ ଦିଲ୍ଲୀ ସରକାରଙ୍କୁ ଜବାବ ମାଗିଥିଲେ। ସତ୍ୟପାଠ ଦାଖଲ ହୋଇଥିବା ନେଇ କେନ୍ଦ୍ର ସରକାରଙ୍କ ଓକିଲ ଜଣାଇଥିଲେ। ତେବେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଅଧିକ ଶୁଣାଣି ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

## ପଞ୍ଜାବ, ଗୁଜରାଟରେ ଆପ୍‌କୁ ୨ ଆସନ

ନୂଆଦିଲ୍ଲୀ,୨୩।୬(ପି.ଟି.)

ଗତ ୧୯ ତାରିଖରେ ୪ ରାଜ୍ୟର ୫ ବିଧାନସଭା ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ସୋମବାର ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇଛି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଗୁଜରାଟର ବିସାବଦ ଏବଂ ପଞ୍ଜାବର ଲୁଧିଆନା ପଶ୍ଚିମ ଆସନରେ ବିଜୟୀ ହୋଇଛି। ସେହିପରି କେରଳର ନିଲାମ୍ବୁର ଆସନକୁ ବାମ ସାମ୍ମୁଖ୍ୟଠାରୁ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଛଡ଼ାଇଆଣିଛି। ଗୁଜରାଟର ଶାସକ ଭାଜପା କଡି ଆସନକୁ ବଜାୟ ରଖିଥିବାବେଳେ ପଶ୍ଚିମବଙ୍ଗ ନଦିଆ ଜିଲାର କାଳିଗଞ୍ଜ ଆସନ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଯାଇଛି। ବିବାସଦ ଆସନରେ ଗୁଜରାଟ ଆପ୍‌ର ପୂର୍ବତନ ସଭାପତି ଗୋପାଳ ଇଟାଲିଆ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର କିରୀଟ



ପଶ୍ଚିମବଙ୍ଗର କାଳୀଗଞ୍ଜ ଆସନରେ ବିଜୟୀ ହେବା ପରେ ଟିଏମ୍‌ସି ପ୍ରାର୍ଥୀ ଅଲିଫା ଅହମଦ ଲୋକଙ୍କ ଗହଣରେ ବିଜୟ ସଙ୍କେତ ଦେଉଛନ୍ତି।

ପଟେଲଙ୍କୁ ୧୭,୫୫୪ ଖଣ୍ଡ ଭୋଟରେ ପରାଜିତ କରିଥିବା ନିର୍ବାଚନ କମିଶନଙ୍କ ତଥ୍ୟରୁ ଜଣାପଡ଼ିଛି। ପଞ୍ଜାବର ଲୁଧିଆନା ପଶ୍ଚିମ ଆସନରେ ଆପ୍ ପ୍ରାର୍ଥୀ ସଞ୍ଜୀବ ଆରୋରା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଭରତଭୂଷଣ ଆଶୁଙ୍କୁ ୧୦,୬୩୭ ଭୋଟରେ ପରାଜିତ କରିଛନ୍ତି। କଡ଼ି ଆସନରେ ଭାଜପା ପ୍ରାର୍ଥୀ ରାଜେନ୍ଦ୍ର ଚାଭଡ଼ା କଂଗ୍ରେସର ରମେଶ ଚାଭଡ଼ାଙ୍କଠାରୁ ୩୯,୪୫୨ ଖଣ୍ଡ ଅଧିକ ଭୋଟ ପାଇ ଜିତିଛନ୍ତି। କେରଳର ନିଲାମ୍ବୁର ଆସନରେ ୟୁଡିଏଫ୍ ପ୍ରାର୍ଥୀ ଆର୍ଯ୍ୟଦନ ସୌକତ୍ ସିପିଆଇଏମ୍‌ର ଏମ୍. ସ୍ୱରାଜଙ୍କଠାରୁ ୧୧,୦୭୭ ଖଣ୍ଡ ଅଧିକ ଭୋଟ ପାଇ ଜିତିଥିବାବେଳେ ପିନାରାୟୀ ବିଜୟନଙ୍କ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାରଙ୍କୁ ଶକ୍ତ ଧକ୍କା ଲାଗିଛି। ପଶ୍ଚିମବଙ୍ଗର କାଳୀଗଞ୍ଜରେ ଟିଏମ୍‌ସି ପ୍ରାର୍ଥୀ ଅଲିଫା ଅହମଦ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଆଶିଷ ଘୋଷଙ୍କଠାରୁ ୫୦,୦୪୯ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି।

### ବିଧାନସଭା ଉପନିର୍ବାଚନ

**କେରଳରେ କଂଗ୍ରେସ, ପଶ୍ଚିମବଙ୍ଗରେ ଟିଏମ୍‌ସି ବିଜୟୀ**

## ଡିଏନ୍‌ଏ ବ୍ୟବହାରରେ ୧୦,୫୦୦ ବର୍ଷ ତଳର ମହିଳାଙ୍କ ଚେହେରା ସୃଷ୍ଟି

### ଗେଣ୍ଟ ବିଶ୍ୱବିଦ୍ୟାଳୟ ଗବେଷକଙ୍କୁ ସଫଳତା

ବ୍ରସେଲ୍ସ

ବୈଜ୍ଞାନିକମାନେ ଡିଏନ୍‌ଏର ବ୍ୟବହାର କରି ୧୦,୫୦୦ ବର୍ଷ ତଳର ଜଣେ ମହିଳାଙ୍କ ଚେହେରା ସୃଷ୍ଟି କରିଛନ୍ତି। ମ୍ୟୁଜ୍ ଉପତ୍ୟକାରେ ବସବାସ କରୁଥିବା ଏହି ମହିଳାଙ୍କ ଆକୃତିକୁ ବେଲଜିୟମର ଗେଣ୍ଟ ବିଶ୍ୱବିଦ୍ୟାଳୟର ଗବେଷକମାନେ ପୁନଃନିର୍ମାଣ କରିବାରେ ସଫଳ ହୋଇଛନ୍ତି। ୧୯୮୮ ମସିହାରେ ବେଲଜିୟମର ଡିନାଣ୍ଟ ନିକଟସ୍ଥ ମାର୍ଗାକ୍ସ ଗୁମ୍ଫାରେ ମଧ୍ୟପ୍ରସ୍ତର ଯୁଗର ଜଣେ ମହିଳାଙ୍କ ଅବଶେଷ ମିଳିଥିଲା। ସେ ପଶ୍ଚିମ ୟୁରୋପର ଜଣେ ଶିକାରୀ



ଭାବେ ନିଜ ଜୀବିକା ନିର୍ବାହ କରୁଥିଲେ ବୋଲି ଗବେଷକମାନେ କହିଛନ୍ତି।

ଡିଏନ୍‌ଏ ଅଧ୍ୟୟନରୁ ଏହି ମହିଳାଙ୍କ ଆଖି ନୀଳ ରହିଥିବା ଜଣାପଡ଼ିଛି। ତେବେ ବର୍ତ୍ତମାନ ସୁଦ୍ଧା ପଶ୍ଚିମ ୟୁରୋପରେ ପରୀକ୍ଷା କରାଯାଇଥିବା ମଧ୍ୟପ୍ରସ୍ତର ଯୁଗର ଅନ୍ୟ ବ୍ୟକ୍ତିଙ୍କ ଅପେକ୍ଷା ଏହି ମହିଳାଙ୍କ ରଙ୍ଗ କିଛିଟା ହାଲୁକା ରହିଛି। ଆନୁବଂଶିକ ଏବଂ ପ୍ରତ୍ନତାତ୍ତ୍ୱିକ ତଥ୍ୟର ମିଶ୍ରଣ ଦ୍ୱାରା ମହିଳାଙ୍କ ଚେହେରାର ପୁନଃଗଠନ ସମ୍ଭବ ହୋଇପାରିଥିଲା ବୋଲି ଗେଣ୍ଟ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱବିତ୍ ଇସାବେଲ୍ ଡି ଗ୍ରୁଟ୍ କହିଛନ୍ତି। ଏହି ମହିଳାଙ୍କ ରଙ୍ଗ ହାଲୁକା ଥିବା ସହ ଖପୁରିରୁ କରାଯାଇଥିବା ଅନୁଧ୍ୟାନରୁ ସେ ୩୫ରୁ ୬୦ ବର୍ଷ ବଞ୍ଚିଥିବା ନେଇ ଜଣାପଡ଼ିଥିବା ଇସାବେଲ୍ କହିଛନ୍ତି। ଗେଣ୍ଟ ବିଶ୍ୱବିଦ୍ୟାଳୟର ଅନ୍ୟତମ ବରିଷ୍ଠ ପ୍ରତ୍ନତତ୍ତ୍ୱବିତ୍ ଫିଲିପ୍ କ୍ରାମ୍ବେ କହିଛନ୍ତି, ଉକ୍ତ ମହିଳାଙ୍କ ଖପୁରିରୁ ଯଥେଷ୍ଟ ଭଲ ଗୁଣବତ୍ତାର ଡିଏନ୍‌ଏ ବାହାର କରାଯାଇଥିଲା, ଯାହା ତାଙ୍କ ଚେହେରାର ବିସ୍ତୃତ ପୁନଃନିର୍ମାଣରେ ସହାୟକ ହୋଇଥିଲା। ମ୍ୟୁଜ୍ ନଦୀ ଅବବାହିକାରେ ଖନନ ବେଳେ ସଂଗୃହୀତ ପ୍ରତ୍ନତାତ୍ତ୍ୱିକ ତଥ୍ୟକୁ ଭିତ୍ତିକରି ମହିଳାଙ୍କ ଚେହେରାରେ ଥିବା ଅଳଙ୍କାର ଏବଂ ଟାଟୁ ଭଳି ବିଭିନ୍ନ ବୈଶିଷ୍ଟ୍ୟକୁ ତିଆରି କରାଯାଇଛି।

**ଫୁର୍‌ସତ୍**

## ଦିଲ୍‌ଜିତ ଦୋସାଞ୍ଜଙ୍କ ଉପରେ ପାଠ୍ୟକ୍ରମ

### ଭାରତରେ ରିଲିଜ ହେବନି 'ସରଦାର ଜୀ ୩'

ଟରଣ୍ଟୋ/ମୁମ୍ବାଇ

କାନାଡାର ଟରଣ୍ଟୋ ମେଟ୍ରୋପଲିଟାନ ୟୁନିଭର୍ସିଟି (ଟିଏମ୍‌ୟୁ)ପକ୍ଷରୁ ପଞ୍ଜାବୀ ଗାୟକ ତଥା ଅଭିନେତା ଦିଲ୍‌ଜିତ ଦୋସାଞ୍ଜଙ୍କ ପାଇଁ ଉତ୍ସର୍ଗୀକୃତ ଏକ ପାଠ୍ୟକ୍ରମର ଘୋଷଣା କରାଯାଇଛି। ପପ୍ ସଂସ୍କୃତି ଉପରେ ଦିଲ୍‌ଜିତଙ୍କ ବୈଶ୍ୱିକ ପ୍ରଭାବକୁ ଅନୁସନ୍ଧାନ କରିବାକୁ ଥିବା ଏହି ପାଠ୍ୟକ୍ରମ ୨୦୨୬ ଶେଷ ଭାଗରେ ଆରମ୍ଭ ହେବ ବୋଲି ଟିଏମ୍‌ୟୁ କହିଛି। ରବିବାର ରାତିରେ ଏହି ଖବରକୁ ଦିଲ୍‌ଜିତ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରିରେ ଶେୟାର କରିଥିଲେ। ବିଲବୋର୍ଡ କାନାଡାର ରିପୋର୍ଟ ଅନୁଯାୟୀ, ଏହି ପାଠ୍ୟକ୍ରମ ଟିଏମ୍‌ୟୁର କ୍ରିଏଟିଭ୍ ସ୍କୁଲରେ ଉପଲବ୍ଧ ହେବ। ଏହାସହ କାନାଡାରେ କୌଣସି ପଞ୍ଜାବୀ କଳାକାରଙ୍କ ଉପରେ କେନ୍ଦ୍ରିତ ଏହା ପ୍ରଥମ ପାଠ୍ୟକ୍ରମ ହେବ। ଏହି ପାଠ୍ୟକ୍ରମରେ ସଙ୍ଗୀତ କ୍ଷେତ୍ରରେ ଦିଲ୍‌ଜିତଙ୍କ କାର୍ଯ୍ୟ ସହ ସାଂସ୍କୃତିକ, ପ୍ରବାସୀ ପ୍ରାସଙ୍ଗିକତା ତଥା ବୈଶ୍ୱିକ ସ୍ତରରେ ତାଙ୍କର ବଢୁଥିବା ପ୍ରଭାବ ସମ୍ପର୍କରେ ଆଲୋଚନା କରାଯିବ। ଅନ୍ୟପକ୍ଷେ ରବିବାର ଦିଲ୍‌ଜିତ ନିଜର ପଞ୍ଜାବୀ ଫିଲ୍ମ 'ସରଦାର ଜୀ ୩'ର ଟ୍ରେଲରକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଆସନ୍ତା ୨୭ରୁ ଏହି ଫିଲ୍ମ ବିଦେଶରେ ରିଲିଜ୍ ହେବ ବୋଲି ଦିଲ୍‌ଜିତ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି। ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତରେ ପାକିସ୍ତାନୀ କଳାକାରଙ୍କ ଉପରେ କଟକଣା ଲାଗିଛି। 'ସରଦାର ଜୀ ୩' ଫିଲ୍ମରେ ପାକିସ୍ତାନୀ ଅଭିନେତ୍ରୀ ହନିଆ ଆମିର ଅଭିନୟ କରିଥିବାରୁ ଏହାକୁ ଭାରତରେ ରିଲିଜ୍ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଟ୍ରେଲରରେ ହାନିଆଙ୍କ ସହ ଦିଲ୍‌ଜିତ ରୋମାନ୍ସ କରୁଥିବାର ନଜରକୁ ଆସିଥିବାରୁ ଏହାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଦିଲ୍‌ଜିତଙ୍କୁ ଟ୍ରୋଲ୍ କରିଛନ୍ତି। ସେହିପରି ଏହି ଫିଲ୍ମରେ ପାକିସ୍ତାନୀ ଅଭିନେତ୍ରୀଙ୍କୁ କାଷ୍ଟ କରିଥିବାରୁ ଆଗାମୀ ଦିନରେ ଦିଲ୍‌ଜିତ ଏବଂ 'ସରଦାର ଜୀ ୩' ଫିଲ୍ମ ନିର୍ମାତାଙ୍କ କୌଣସି ମଧ୍ୟ ଫିଲ୍ମ କିମ୍ବା ପ୍ରୋଜେକ୍ଟକୁ ଭାରତରେ ରିଲିଜ୍ ନ କରିବାକୁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସୋମବାର ଫେଡେରେଶନ ଅଫ୍ ୱେଷ୍ଟର୍ନ ଇଣ୍ଡିଆ ସିନେ ଏମ୍ପ୍ଲଇଜ୍ (ଏଫ୍‌ଡବ୍ଲୁଆଇସିଇ)ର ଅଧ୍ୟକ୍ଷ ବି. ଏନ୍. ତିୱାରୀ କହିଛନ୍ତି।



# ମଦ ଦୋକାନ କର୍ମଚାରୀଙ୍କୁ ଗୁଳିମାଡ଼

■ ଜାତୀୟ ରାଜପଥରେ ଦୁର୍ବୃତ୍ତଙ୍କ ଆତଙ୍କରାଜ
■ ୮ଲକ୍ଷ ଲୁଟ୍ ଉଦ୍ୟମ ପଣ୍ଡ

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ କୁଳିଅଣା(ଆଦିକନ୍ଦ ସାହୁ) ୨୩।୬

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥ ବାଇଗଣବାଡ଼ିଆ-କୁଚେଇ ନିକଟ ଜଗନ୍ନାଥପୁରଠାରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ମଦ ଦୋକାନ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ କୁଳିଅଣା ଥାନା କାମତା ଗ୍ରାମର ଶିବାନନ୍ଦ ବାରିକ(୩୦)। ତାଙ୍କ ମୁଣ୍ଡ ଓ ଜଂଘରେ ଗୁଳି ବାଜିଥିବା ବେଳେ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍ଏମ୍ ମେଡିକାଲରେ ଭର୍ତ୍ତିହୋଇଛନ୍ତି। ପୋଲିସ ପହଞ୍ଚି ତନାଘନା ଚଳାଇଥିବାବେଳେ ଦୁର୍ବୃତ୍ତଙ୍କ ପତ୍ତା ମିଳି ପାରିନାହିଁ। ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ମେଡିକାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

ସୂଚନାଯୋଗ୍ୟ, ଶିବାନନ୍ଦ କୁଳିଅଣାସ୍ଥିତ ଏକ ବିଦେଶୀ ମଦ ଦୋକାନରେ ରହି କାର୍ଯ୍ୟ କରୁଥିଲେ। ସୋମବାର ପୂର୍ବାହ୍ନ ୧୧ଟା ୩୦ ସମୟରେ ଦୋକାନରୁ ୮ଲକ୍ଷ ଟଙ୍କା ଧରି ବାଇକ୍ ଯୋଗେ ବାରିପଦା ଆସୁଥିଲେ। ଏହି ସମୟରେ ୨ଟି ବାଇକ୍‌ରେ ୪ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ଜଗନ୍ନାଥପୁର ପାଖରେ ଶିବାନନ୍ଦଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଶିବାନନ୍ଦ ଭୟଭୀତ ହୋଇ ବାଇକ୍ ଅଟକାଇବା ପରେ ୨ ଦୁର୍ବୃତ୍ତ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଭର୍ତ୍ତି ବ୍ୟାଗ୍ ନେବା ପାଇଁ ଉଦ୍ୟମ କରିଥିଲେ। ଶିବାନନ୍ଦ ନିଜକୁ ସୁରକ୍ଷା ଦେବାକୁ ଉଦ୍ୟମ ଜାରି ରଖିଥିବାବେଳେ ଦୁର୍ବୃତ୍ତମାନେ ୫ ରାଉଣ୍ଡ ଗୁଳି ଫୁଟାଇଥିଲେ। ଗୋଟିଏ ଗୁଳି ତାଙ୍କ ମୁଣ୍ଡରେ ଓ ଅନ୍ୟ ଏକ ତାଙ୍କ ଜଂଘରେ ବାଜିଥିଲା। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ଦୁର୍ବୃତ୍ତମାନେ ଟଙ୍କା ବ୍ୟାଗ୍ ନେଇ ନ ପାରି ସେଠାରୁ ଚମ୍ପଟ ମାରିଥିଲେ। ତେବେ ଦୁର୍ବୃତ୍ତମାନେ ବଙ୍ଗଳା ଭାଷାରେ କଥାବାର୍ତ୍ତା ହେଉଥିବା ନେଇ ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। କୁଳିଅଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁଳିର ଖୋକା ଜବତ କରି ତଦନ୍ତ ଜାରି ରଖିଛି। ଘଟଣା ପରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟର ଅପରାଧୀମାନେ ମୟୂରଭଞ୍ଜ ଜିଲାରେ ଆତଙ୍କ ସୃଷ୍ଟି କରି ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି, ଯାହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ନ ଆସିଲେ ଆନ୍ଦୋଳନ ହେବ ବୋଲି ଭଞ୍ଜସେନା ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।



ଗୁଳିମାଡ଼ରେ ଗୁରୁତର ମଦ ଦୋକାନ କର୍ମଚାରୀଙ୍କ ଚିକିତ୍ସା ଚାଲିଛି।

# ୨ ଦଳିତଙ୍କୁ ଅଧା ଲଣ୍ଡାକରି ଆଣ୍ଠୁରେ ଚଲେଇବା ଘଟଣାରେ ୯ ଅଟକ

ଧରାକୋଟ,୨୩।୬ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

**ଗୋଚାଲାଣକୁ ନେଇ କଙ୍ଗାରୁ କୋର୍ଟ**

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗାଁରେ ଗୋଚାଲାଣ ଅଭିଯୋଗରେ ୨ଜଣ ଦଳିତ ବ୍ୟକ୍ତିଙ୍କୁ ଅଧାଲଣ୍ଡା କରି ଆଣ୍ଠୁରେ ଚଲାଇବା ସହ ନିର୍ଯାତନା ଦେବା ଘଟଣାରେ ପୋଲିସ ମାମଲା(ନଂ.୨୪୦/୨୫) ରୁଜୁ କରି ୯ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗୋରକ୍ଷକ ନାମରେ ବେଆଇନ ଭାବେ ଅର୍ଥ ଆଦାୟ କରି କେତେଜଣ ଆଇନକୁ ହାତକୁ ନେଇଛନ୍ତି। ଏଥିରେ ଜଡିତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଛି ବୋଲି ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି। ଅପରପକ୍ଷରେ ପୀଡ଼ିତ ୨ଜଣଙ୍କୁ ମେଡିକାଲରେ ଚିକିତ୍ସିତ କରାଯିବା ପରେ ସୁରକ୍ଷିତଭାବେ ସେମାନଙ୍କୁ ସିଙ୍ଗିପୁର ଗ୍ରାମରେ ଛଡ଼ାଯାଇଛି। ଘଟଣାର ତଦନ୍ତ ଦାୟିତ୍ୱ ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା ନେଇଛନ୍ତି ବୋଲି ଥାନା ଅଧିକାରୀ ସ୍ୱାଇଁ କହିଛନ୍ତି।

ସୂଚନାଯୋଗ୍ୟ, ଝିଅକୁ ଯୌତୁକ ଦେବା ପାଇଁ ସମ୍ପୃକ୍ତ ୨ଜଣ ଦଳିତ ବ୍ୟକ୍ତି ରବିବାର ହରିପୁରରୁ ୩ଟି ଗାଈ ଧରି ସିଙ୍ଗିପୁର ଯାଉଥିଲେ। ଖାରିଗୁମ୍ମାରେ ତାଙ୍କୁ କେତେଜଣ ଲୋକ ଅଟକାଇ ଗୋଚାଲାଣ କରୁଥିବା ଅଭିଯୋଗ କରି ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସେମାନେ ଉଭୟଙ୍କୁ ମାଡ଼ ମାରିଥିଲେ। ପରେ ସେଲୁନକୁ ନେଇ ଅଧାଲଣ୍ଡା କରି ୨ ଦଳିତଙ୍କୁ ଖାରିଗୁମ୍ମାରୁ ଚଲାଇ ଦୁଇ କି.ମି. ଦୂର ଜାହାଡା ପର୍ଯ୍ୟନ୍ତ ଆଣିଥିଲେ। କଙ୍ଗାରୁ କୋର୍ଟ ବସାଇ ଉଭୟଙ୍କୁ ଜାହାଡ଼ା ଗାଁଦାଣ୍ଡରେ ୨କିଲୋମିଟର ଆଣ୍ଠୁରେ ଚଲାଇଥିଲେ। ସେମାନଙ୍କୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମା ପାଣି ପିଇବାକୁ ବାଧ କରିଥିଲେ। ଏହି ଘଟଣା ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲ୍‌ରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ଗୋରକ୍ଷକ ନାମରେ ଅମାନବୀୟ ଅତ୍ୟାଚାର କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ସିଡିପିଓ, କିରାଣି

ରାୟଗଡ଼ା/ବିଷମକଟକ ୨୩।୬(ଆଶିଷ ରଞ୍ଜନ ପଣ୍ଡା/ ପ୍ରସନ୍ନ କୁମାର ପଣ୍ଡା)

ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ପାଇଁ ଜଣଙ୍କଠାରୁ ୮୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ରାୟଗଡା ଜିଲା ବିଷମକଟକ ବ୍ଲକ ସିଡିପିଓ ଓ କିରାଣି। ଭିଜିଲାନ୍ସ କର୍ତ୍ତୃପକ୍ଷ ସିଡିପିଓ ସୁଶୀଳା ଶବରଙ୍କ ନିକଟରୁ ନଗଦ ୮୦ହଜାର ଲାଞ୍ଚ ଟଙ୍କା ଜବତ କରିଛନ୍ତି। ସିଡିପିଓ ସୁଶୀଳାଙ୍କ ସହ ତାଙ୍କ ସହଯୋଗୀ ତଥା ବିଭାଗୀୟ କିରାଣି ରାମଚନ୍ଦ୍ର ପାତ୍ରଙ୍କୁ ସୋମବାର ରାୟଗଡ଼ା ଭିଜିଲାନ୍ସ ଗିରଫ କରି କାର୍ଯ୍ୟାଳୟକୁ ଆଣି ପଚରାଉଚରା ଜାରି ରଖିଛି।

ବିଷମକଟକ ବ୍ଲକ୍ ଅଧୀନ କୁର୍ଲି ପଞ୍ଚାୟତର ହୁତେଶି ଗ୍ରାମରେ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ପାଇଁ ୩ଜଣ ମହିଳା ଆବେଦନ କରିଥିଲେ। ହୁତେଶି ଗ୍ରାମର ଜଣେ ଡଙ୍ଗରିଆ ମହିଳା ସୀତା ୱାଡ଼କା ମଧ୍ୟ ଆବେଦନ କରିଥିଲେ। ସୀତାଙ୍କୁ ଅଙ୍ଗନୱାଡ଼ି କର୍ମୀ ଭାବେ ନିଯୁକ୍ତି ପାଇଁ ତାଙ୍କ ସ୍ୱାମୀ ଲାଲୁ ସିକକା ସିଡିପିଓଙ୍କ ସହ ଆଲୋଚନା କରିଥିଲେ। ଲକ୍ଷେ ଟଙ୍କା ଦେଲେ ସୀତାଙ୍କୁ ନିଯୁକ୍ତି ମିଳିବ ବୋଲି ସିଡିପିଓ ଏବଂ ଲାଲୁଙ୍କ ମଧ୍ୟ ଡିଲ୍ ହୋଇଥିଲା। ଏହାପରେ ଲାଲୁ ଅନଲାଇନ୍ ଯୋଗେ ପ୍ରଥମେ ୨୦ ହଜାର ଟଙ୍କା ସୁଶୀଳାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ସୋମବାର ବିଷମକଟକ ବ୍ଲକ କୁମାରଢ଼ାମୁଣି ଛକଠାରେ ସିଡିପିଓ ସୁଶୀଳା ବଳକା ୮୦ ହଜାର ଟଙ୍କା ଲାଲୁଙ୍କଠାରୁ ନେବାବେଳେ ପୂର୍ବରୁ ସୂଚନା ପାଇ ଯୋଜନାବଦ୍ଧ ଭାବେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଏବଂ କିରାଣି ରାମଚନ୍ଦ୍ରଙ୍କୁ କାବୁ କରିଥିଲା। ଏହି ଚଢ଼ାଉରେ ଜୟପୁର ଭିଜିଲାନ୍ସ ଟିମ୍‌ର ୨ଜଣ ଡିଏସ୍‌ପି ସଦାନନ୍ଦ ପାଣି ଓ ଅଭୟ ପ୍ରଧାନ, ରାୟଗଡ଼ା ଭିଜିଲାନ୍ସ ଇନସ୍ପେକ୍ଟର ତରୁଲତା ବେହେରା ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟପଟେ ଅଧିକ ତଦନ୍ତ ପାଇଁ ସୁଶୀଳା ଓ କିରାଣି ରାମଚନ୍ଦ୍ରଙ୍କ ଘରେ ମଧ୍ୟ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।



ବିଷମକଟକ ବ୍ଲକ ସିଡିପିଓ ସୁଶୀଳା ଶବରଙ୍କୁ ଭିଜିଲାନ୍ସ ଅଧିକାରୀ ଗିରଫ କରି ନେଉଛନ୍ତି।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ,୨୩।୬(ମାନସ ବିଶ୍ୱାଳ)

ଅନୁଗୋଳସ୍ଥିତ ଅତିରିକ୍ତ ଜିଲା ଆଡହକ୍ ଏବଂ ସେସନ ଜଜ୍ ତଥା ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ସୋମବାର ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ କିଶୋରନଗର ଥାନା ଡୁରୁଡ଼ାର ପ୍ରଜାରଞ୍ଜନ ରାଉଳଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୨୧ ଅଗଷ୍ଟ ୯ରେ ଅନୁଗୋଳ ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକା ଘରେ ଏକାକି ଥିଲେ। ଏହି ସମୟରେ ଅଭିଯୁକ୍ତ ପ୍ରଜାରଞ୍ଜନ ତାଙ୍କୁ ଅପହରଣ କରିନେଇଥିଲେ। ନାବାଳିକାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫ ହଜାର ଏବଂ ଘରେ ଥିବା ୨ ଲକ୍ଷ ଟଙ୍କା ନେଇଯିବା ସହ ନାବାଳିକାଙ୍କୁ ବଳାତ୍କାର କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ପ୍ରଜାରଞ୍ଜନଙ୍କୁ ଗିରଫ କରିଥିଲା। ଏହି ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ଆଡହକ୍ ଏବଂ ସେସନ ଜଜ୍ ତଥା ଫାଷ୍ଟଟ୍ରାକ କୋର୍ଟ ବିଚାରପତି ୧୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଥିଲେ।

# ୨ ସପ୍ତାହରେ ରିପୋର୍ଟ ଦେବାକୁ ଏନ୍ଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ

ବ୍ରହ୍ମପୁର,୨୩।୬ (ସୁବାସ ଚନ୍ଦ୍ର ପାଢ଼ୀ)

**ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା**

**ଜେଲରେ ଥିବା ଅଭିଯୁକ୍ତଙ୍କୁ କ୍ରାଇମ୍‌ବ୍ରାଞ୍ଚ ରିମାଣ୍ଡରେ ନେବ ଆଜି**

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍ଏଚ୍ଆର୍‌ସି) ନିଜଆଡୁ ମାମଲା ରୁଜୁ କରିଛି। ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରି ୨ ସପ୍ତାହ ଭିତରେ ରିପୋର୍ଟ ଦେବାକୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛି। ପୂର୍ବରୁ ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) ମଧ୍ୟ ଘଟଣାକୁ ଗୁରୁତ୍ୱର ସହ ନେଇ ନିଜଆଡୁ ମାମଲା ରୁଜୁ କରି ଓଡ଼ିଶା ସରକାରଙ୍କଠାରୁ ରିପୋର୍ଟ ତଲବ କରିଛି।

ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ଉପସ୍ଥିତିରେ ଯେଭଳି ଅମାନୁଷିକ ଭାବେ ଗଣବଳାତ୍କାର କରାଯାଇଥିଲା ତାହାକୁ ସବୁ ବର୍ଗର ଲୋକେ ନିନ୍ଦା କରିଛନ୍ତି। କ୍ରାଇମବ୍ରାଞ୍ଚ ଉକ୍ତ ମାମଲା ହାତକୁ ନେବା ପରେ ପ୍ରଥମେ ପୋଲିସ ଜବତ କରିଥିବା ସାମଗ୍ରୀଗୁଡିକୁ ନିଜ ଜିମାରେ ନେଇ କୋର୍ଟରେ ଦାଖଲ କରିଥିଲା। ସେହିପରି ଅନ୍ୟ କେତେକ ଆପତ୍ତିଜନକ ସାମଗ୍ରୀ ଜିମାକୁ ନେଇ କେମିକାଲ ପରୀକ୍ଷା ପାଇଁ ଏସ୍ଏଫ୍ଏସ୍ଏଲ୍‌କୁ ପଠାଇଛି। କ୍ରାଇମ୍‌ବ୍ରାଞ୍ଚ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ୬ ଅଭିଯୁକ୍ତ ଓ ପରେ ବାଳ ସୁଧାର ଗୃହରେ ଥିବା ୪ ଜଣଙ୍କ ଟିଆଇ ପରେଡ୍ କରିଥିଲା। ଜେଲରେ ଥିବା ଅଭିଯୁକ୍ତଙ୍କୁ ମଙ୍ଗଳବାର ଦିନିକିଆ ରିମାଣ୍ଡରେ ନେବା ପାଇଁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ସୋମବାର ବ୍ରହ୍ମପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଗ୍ରାମାଞ୍ଚଳ) ରିତିକା ଜେନାଙ୍କ କୋର୍ଟରେ ଆବେଦନ କରିଥିଲା। ମାଜିଷ୍ଟ୍ରେଟ ତାହାକୁ ମଞ୍ଜୁର କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ୧୫ ତାରିଖରେ କଲେଜ ଛାତ୍ରୀ ଜଣଙ୍କ ତାଙ୍କ ପୁରୁଷବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମି ବୁଲିବାକୁ ଯାଇଥିଲେ। ସନ୍ଧ୍ୟାରେ ସେମାନେ ଏକ ନିରୋଳା ସ୍ଥାନରେ ବସିଥିବା ବେଳେ ୧୦ ଯୁବକ ସେଠାରେ ପହଞ୍ଚି ଉଭୟଙ୍କୁ ଭୟଭୀତ କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଛାତ୍ରୀଙ୍କୁ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର କରିଥିଲେ। ରାତି ସାଢ଼େ ୧୦ଟାରେ ପୀଡ଼ିତା ଛାତ୍ରୀ ତାଙ୍କ ପୁରୁଷବନ୍ଧୁଙ୍କ ସହ ଗୋପାଳପୁର ଥାନାକୁ ଆସି ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ୪ ନାବାଳକଙ୍କ ସମେତ ୧୦ ଜଣଙ୍କୁ ଧରିଥିଲା।

# ୭ ଲକ୍ଷରୁ ଊର୍ଦ୍ଧ୍ୱର ଗହଣା ଲୁଟ୍

ଛେଣ୍ଡିପଦା,୨୩।୬(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପୋଡ଼ାପଡ଼ା ଗାଁରେ ବିଳମ୍ବିତ ରାତିରେ ୨ ଦୁର୍ବୃତ୍ତ ଘରେ ପଶି କଳାକନା ବୁଲାଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପରିବାର ଲୋକ ଶୋଇଥିବାବେଳେ ଗଡରେଜ୍‌ଖୋଲିପ୍ରାୟ ୭ ଲକ୍ଷରୁଊର୍ଦ୍ଧ୍ୱଟଙ୍କାର ସୁନା ଓ ରୁପା ଗହଣା ଲୁଟି ନେଇଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ପୋଡ଼ାପଡ଼ା ଗାଁ ମଝିରେ ଥିବା ରଞ୍ଜନ କୁମାର ଗଡ଼ନାୟକଙ୍କ ପରିବାର ଲୋକେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଘର ପଛପଟ ଗ୍ରିଲ୍ ଖୋଲି ଘର ଭିତରକୁ ପଶିଥିଲେ। ଘରେ ପଶିବା ପରେ ଘରର ଲାଇନ୍ କାଟି ରଞ୍ଜନଙ୍କ ପୁଅ ବୋହୂ ଶୋଇବା ଘରର ଗଡରେଜ୍ ଖୋଲି ବୋହୂଙ୍କର ଥିବା ପ୍ରାୟ ୭ ଲକ୍ଷ ଟଙ୍କାର ସୁନାଗହଣା ଓ ଲାପଟପ୍ ଲୁଟି ନେଇ ଫେରାର ହୋଇଯାଇଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଏନ୍ଆଇଟି ନଂ.: ଏସ୍ଟି ପି ଏସ୍‌ଇଆର୍ ୨୫ କେଏଡିଏସିଏଚ୍ ଏଚ୍ୟୁଏନ୍ ୦୮, ତାରିଖ: ୧୯।୦୬।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ସିଏସ୍‌ଟିଇ/ୱାର୍କସ/ଏଚ୍ୟୁ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। **କାର୍ଯ୍ୟର ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର, ଆଦ୍ରା, ରାଞ୍ଚି ଓ ଚକ୍ରଧରପୁର ମଣ୍ଡଳ ସେକ୍ସନରେ ସମ୍ବନ୍ଧିତ କାର୍ଯ୍ୟ ସମେତ ଏଚ୍ୟୁଏନ୍ ରୁଟ୍ (୧୦୪୦ ଆର୍‌କେଏମ୍)ରେ କବଚର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ। **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୨୫୭,୬୨,୩୯,୪୯୪। **ଅମାନତ ରାଶି:** ₹୧,୦୦,୦୦,୦୦୦। **ସମାପ୍ତି ତାରିଖ ଓ ସମୟ:** ତା୨୮।୦୭।୨୦୨୫ରିଖ ୧୬.୦୦ ଘଟିକାରେ। ଉପରୋକ୍ତ ଟେଣ୍ଡର ପାଇଁ ସବିଶେଷ ଟେଣ୍ଡର ବିଜ୍ଞପ୍ତି ୱେବ୍‌ସାଇଟ୍ www.ireps.gov.in ରେ ପ୍ରକାଶିତ ହୋଇସାରିଛି। (PR-303)

# ଅଭିଯୁକ୍ତଙ୍କୁ ୧୨ବର୍ଷ ଜେଲଦଣ୍ଡ

ସମ୍ବଲପୁର,୨୩।୬(ପ୍ରମୋଦ ବହିଦାର)

**ବିବାହର ପ୍ରଲୋଭନ ଦେଖାଇ ନାବାଳିକା ବଳାତ୍କାର ମାମଲା**

ଚାରମାଲ ଥାନା ଅଞ୍ଚଳରେ ୨୦୧୫ ମସିହାରେ ସଂଘଟିତ ଏକ ନାବାଳିକା ବଳାତ୍କାର ମାମଲାର ରାୟ ସମ୍ବଲପୁର ଅତିରିକ୍ତ ଜିଲାଜଜ୍ ତଥା ପୋକ୍‌ସୋ ଅଦାଲତ ଶୁଣାଇଛନ୍ତି। ସୋମବାର ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଅଭିଯୁକ୍ତ ଚାରମାଲ ଥାନା ଅନ୍ତର୍ଗତ ଭତରା ଗ୍ରାମର ରବି ପ୍ରଧାନ(୨୮)ଙ୍କୁ ଦଫା ୩୭୬(୨)(୩) ଓ ୬ ପୋକ୍‌ସୋ ଆଇନ୍‌ରେ ୧୨ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ତାଙ୍କ ରାୟରେ ଆଦେଶ ଦେଇଛନ୍ତି ବିଚାରପତି। ସେହିପରି ପୀଡ଼ିତାଙ୍କୁ ୧୫ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ସେନାପତି ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ ଚାରମାଲ ଥାନା ଅଞ୍ଚଳର ୧୭ ବର୍ଷୀୟା ପୀଡ଼ିତାଙ୍କୁ ପ୍ରେମ ଜାଲରେ ଫସାଇ ଅଭିଯୁକ୍ତ ରବି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖି ଆସିଥିଲେ। ବିବାହର ପ୍ରଲୋଭନ ଦେଖାଇ ୨୦୧୪ ମସିହାରୁ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ଫଳରେ ପୀଡିତା ଗର୍ଭବତୀ ହୋଇଥିଲେ। ୮ ମାସର ଗର୍ଭବତୀ ହେବା ପରେ ସେ ରବିଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ମାତ୍ର ସେ ବିବାହ କରିବାକୁ ମନା କରି ଦେଇଥିଲେ। ଏଥିରେ ହତାଶ ହୋଇ ପୀଡ଼ିତାଙ୍କ ପରିବାର ଲୋକେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମସଭାର ନିଷ୍ପତ୍ତି ଅନୁସାରେ ଅଭିଯୁକ୍ତ ରବି ପୀଡ଼ିତାଙ୍କୁ ରେଢ଼ାଖୋଲରେ ଏକ ଭଡ଼ାଘର ନେଇ ଏକାଠି ରହିଥିଲେ। ମାତ୍ର କିଛିଦିନ ପରେ ରବି ସେଠାରେ ପୀଡ଼ିତାଙ୍କୁ ଏକାକୀ ଛାଡ଼ି ଫେରାର ହୋଇ ଯାଇଥିଲେ। ଏହା ପରେ ସେ ବୌଦ୍ଧ ଯାଇ ସେଠାରେ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଥିଲେ। ଏହା ଜାଣିବା ପରେ ପୀଡ଼ିତା ଗତ ୨୦୧୫ ମେ ୧୫ରେ ଚାରମାଲ ଥାନାରେ ରବିଙ୍କ ବିରୋଧରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ରବିଙ୍କୁ ଗିରଫ କରିଥିଲା। ଏହି ମାମଲାରେ ପୋଲିସ ଚାର୍ଜସିଟ୍ ଦାଖଲ ପରେ ପୋକ୍‌ସୋ ଅଦାଲରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ଅଦାଲତରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ମାମଲାକୁ ପରିଚାଳନା କରିଥିଲେ।

# ଭବାନୀପାଟଣାରେ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ

ଭବାନୀପାଟଣା,୨୩।୬ (ଉତ୍ତମ କୁମାର ଦାଶ)

ରାଜ୍ୟର ବିଭିନ୍ନ ସ୍ଥାନରେ ଝାଡ଼ାବାନ୍ତିରେ ଲୋକେ ଆକ୍ରାନ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି କଳାହାଣ୍ଡି ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଭବାନୀପାଟଣା ସହରରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବିଭିନ୍ନ ରାସ୍ତା କଡ଼ ହୋଟେଲ ଉପରେ ଚଢ଼ାଉ ହୋଇଥିଲା। ଏଥିରେ ସହରର ହସ୍ପିଟାଲ ଛକ, ଘୋଡାଘାଟ ଛକ, ବିଶାଳ ମେଗାମାର୍ଟ ଛକ, ବ୍ୟାଙ୍କ ଛକ ଆଦି ସ୍ଥାନରେ ୪୩ ଦୋକାନ ଉପରେ ଚଢ଼ାଉ ହୋଇଥିଲା। ଏହା ମଧ୍ୟରୁ ୧୫ଟି ଦୋକାନରେ ଦୂଷିତ ଖାଦ୍ୟ ଓ ଖାଦ୍ୟରେ ରଙ୍ଗ ଥିବା ନେଇ ୧୩,୨୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାସହିତ ପ୍ରାୟ ୩୫କେଜିରୁ ଊର୍ଦ୍ଧ୍ୱ ଖାଦ୍ୟ ନଷ୍ଟ କରାଯାଇଛି। ପଦସ୍ଥ ଅଧିକାରୀ ସନ୍ତୋଷ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଚଢ଼ାଉରେ ଖାଦ୍ୟ ସୁରକ୍ଷା ଅଧିକାରୀ ବିଶ୍ୱଜିତ ନାୟକ, ଏମ୍‌ଟିଏସ୍ ଅଧିକାରୀ ନିମାଇଁ ଚରଣ ନାଏକ ପ୍ରମୁଖ ସାମିଲ ହୋଇଥିଲେ।



ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଏକ ଦୋକାନରେ ଚଢ଼ାଉ କରାଯାଉଛି।

**GOVERNMENT OF ODISHA** No.B-224
**OFFICE OF THE SUPERINTENDING ENGINEER**
**BALANGIR (R&B) DIVISION : BALANGIR**
Email - eepwd.bgr@rediffmail.com, eepwd.bgr@gmail.com
Ph. No. 06652-232374

**e-Procurement Notice**
**BID IDENTIFICATION NO : BGR R&B/05/2025-26**
**No.4209//Dtd.18.06.2025**

1. The **Superintending Engineer, Balangir (R&B) Division, Balangir** on behalf of Governor of Odisha invites percentage rate **Composite** bid in **Double** cover system in **ONLINE MODE** for the construction of works detailed in the table below from **B** Class Contractors registered with the State Governments and contractors of equivalent Grade/Class registered with Central Government/ MES/Railways for execution of Road/Building/Bridge works. The proof of registration from the appropriate authority shall be enclosed along with the bid.
2. Nature of Work : Building work
3. No. of tender : Building work : 02 Nos.
4. Tender Cost : Rs.10,000/-
5. Class of Contractor : **"B" Class (Registered with CDMS)**
6. Date & Time of sale & Receipt of Bids : From Dt.25.06.25, 10.00 A.M. to Dt.10.07.25 up to 05.00 P.M.
7. Date of opening Bid : Dt.11.07.25 at 11.00 A.M.
8. The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendums will be available on ONLINE MODE only.

Sd./- Superintending Engineer
Balangir (R&B) Division
OIPR-34028/11/0028/2526

**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, देवघर**

पत्रांक 498/ देवघर, दिनांक 21/06/2025

**शुद्धि-पत्र**

इस कार्यालय से प्रकाशित ई-निविदा आमंत्रण सूचना संख्या- RDD/SD/DEOGHAR/ 11/RE1/2025-26 (3rd Call) तथा PR No. 355634 (25-26), dtd. 21.06.2025 में आंशिक संशोधन निम्नरूपेण किया जाता है:-

| क्र0 | विवरणी | पूर्व में प्रकाशित तिथि/समय | संशोधित तिथि/समय |
|---|---|---|---|
| 1 | वेबसाइट में निविदा प्रकाशन की तिथि | 23.06.2025 | 25.06.2025 समय 11:00 बजे पूर्वाह्न |
| 2 | ई-निविदा प्राप्ति की तिथि एवं समय | दिनांक 24.06.2025 से दिनांक 02.07.2025 को अपराह्न 05:00 बजे तक | दिनांक 25.06.2025 से दिनांक 15.07.2025 को अपराह्न 05:00 बजे तक |
| 3 | ई-निविदा खोलने की तिथि एवं समय | 04.07.2025 अपराह्न 2:00 बजे | 17.07.2025 अपराह्न 2:00 बजे |

निविदा की शेष नियम एवं शर्त्ते यथावत् रहेगें।

ह0/-
कार्यपालक अभियंता
ग्रामीण विकास विशेष प्रमंडल, देवघर।
PR 355776 Rural Development(25-26)#D

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

**अल्पकालीन पुर्न ई-निविदा आमंत्रण सूचना संख्या -**
**07RI/2024-25/EE/RWD/DALTONGANJ**
कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है ।

दिनांक-23.06.2025

1. कार्य का नाम :

| क्र0 सं0 | आईडेन्टी फिकेशन संख्या /पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/ DALTONGAN J /24/2024-25 | नौडीहा में पिपल पेड़ से सोनबरसा होते हुए तेतरियाडीह चौक तक पथ निर्माण कार्य।, 2.85कि0मी0 | 300.739 | तीन करोड़ तिहतर लाख नौ सौ रू0 मात्र | 12 माह | द्वितीय |

2. बेवसाईट में निविदा प्रकाशन की तिथि : 26.06.2025
3. ई-निविदा प्राप्ति की अंतिम तिथि एवं समय : 10.07.2025 up to 5.00 PM
4. निविदा खोलने की तिथि एवं समय 12.07.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6. ई-निविदा प्रकोष्ठ का दूरभाष सं0 -06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज
PR 355759 Rural Development(25-26)#D

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 15-SBP-TRD-OT-2025-26, ତା.18.06.2025ରିଖ

**କାର୍ଯ୍ୟର ନାମ :** 'ସରଳା ୟାର୍ଡ ଠାରେ କ୍ରସ୍‌ଓଭର (Crossover) ପଏଣ୍ଟ 127A ଏବଂ 127B ରେ ତ୍ରୁଟିପୂର୍ଣ୍ଣ (Defective) ୟାର୍ଡ ଲେଆଉଟ୍‌ର ସଂଶୋଧନ' କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।
**ଆନୁମାନିକ ମୂଲ୍ୟ :** ₹ 54,53,586.68, **EMD :** ₹ 1,09,100/-, ଶେଷ ହେବା ଅବଧି : 06 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.07.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-269/Q/25-26




# ଦେଶର ରାଜନୀତିର ମୋଡ଼ ପରିବର୍ତ୍ତନ କରିଥିଲେ ଶ୍ୟାମାପ୍ରସାଦ: ମନମୋହନ

ଭୁବନେଶ୍ୱର,୨୩।୬(ସୁନିତ୍ ମିଶ୍ର)

ଶ୍ୟାମାପ୍ରସାଦ ମୁଖାର୍ଜୀ ହେଲେ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ତାଙ୍କ ବଳିଦାନ ଦିବସ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ଓ ପ୍ରତିବଦ୍ଧତାର ଦିନ। ସେ ଦେଶର ରାଜନୀତିରେ ମୋଡ଼ ପରିବର୍ତନ କରିଥିଲେ। ତାଙ୍କ ଦୃଢ଼ତା ଏବଂ ଆତ୍ମବିଶ୍ୱାସ ପାଇଁ ଦେଶର ଏକତା ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ହୋଇପାରିଛି। ସେ ଥିଲେ ତ୍ୟାଗ, ତପସ୍ୟା ଓ ବଳିଦାନର ପ୍ରତୀକ ବୋଲି ୭୩ ତମ ବଳିଦାନ ଦିବସରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନମୋହନ କହିଛନ୍ତି, ମୁଖାର୍ଜୀଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶ ଆଜି ଏଭଳି ସ୍ଥିତିରେ ପହଞ୍ଚିଛି। ଦେଶର ବିକାଶ, ସାମାଜିକ ନୀତି, ରାଷ୍ଟ୍ରୀୟ ସୁରକ୍ଷା ନୀତି ଏବଂ ରାଷ୍ଟ୍ରୀୟ ଏକତା ପାଇଁ ସେ ସଂକଳ୍ପବଦ୍ଧ ଥିଲେ। ଶିକ୍ଷା ମାଧ୍ୟମରେ ଦେଶର ଲୋକଙ୍କ ମଧ୍ୟରେ ରାଷ୍ଟ୍ରୀୟତା, ଜାତୀୟତାବାଦ ଓ ଦେଶଭକ୍ତି ବଢ଼େଇବା ସହ ପୂର୍ବତନ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତନ ଉପରେ ଡ. ମୁଖାର୍ଜୀ ଜୋର ଦେଇଥିଲେ। ୧୯୫୧ରେ ପ୍ରତିଷ୍ଠା ହୋଇଥିବା ଭାରତୀୟ ଜନସଂଘ ପରବର୍ତୀ ସମୟରେ ଭାଜପା ଭଳି ବିଶାଳ ରାଜନୈତିକ ଦଳରେ ପରିଣତ ହୋଇଛି। ଏବେ ସାରା ଦୁନିଆ ଭାଜପାର ବିଶ୍ୱରୂପ ଦେଖୁଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଦଳୀୟ ନେତୃବୃନ୍ଦ।

# ରଥଯାତ୍ରା ପାଇଁ ୨୬୫ ଅତିରିକ୍ତ ହସ୍ପିଟାଲ୍ ବେଡ୍

## ତାଳବଣିଆରେ ହେବ ଶୀତତାପ ନିୟନ୍ତ୍ରିତ ହିଟ୍‌ଷ୍ଟ୍ରୋକ କେନ୍ଦ୍ର

ଭୁବନେଶ୍ୱର, ୨୩।୬ (ବନ୍ଦନା ସେଠୀ)

ବିଶ୍ୱପ୍ରସିଦ୍ଧ 'ରଥଯାତ୍ରା' ପାଇଁ ସ୍ୱାସ୍ଥ୍ୟ ଓ ଚିକିତ୍ସା ବ୍ୟବସ୍ଥାକୁ ବ୍ୟାପକ କରାଯାଇଥିବା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଚଳିତବର୍ଷ ୨୬୫ଟି ଅତିରିକ୍ତ ହସ୍ପିଟାଲ ବେଡ୍‌ର ବ୍ୟବସ୍ଥା କରାଯାଇଛି। ଏଥିମଧ୍ୟରେ ପୁରୀ ସରକାରୀ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟରରେ ୧୦୦ଟି ଅତିରିକ୍ତ ଶଯ୍ୟା ଏବଂ ଟିବିଆଇଡିଏଚ୍‌ରେ ୧୫ଟି ଆଇସିୟୁ ଶଯ୍ୟା ଅନ୍ତର୍ଭୁକ୍ତ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ ୫୦ଟି ସାଧାରଣ ଶଯ୍ୟା, ୮ଟି ବର୍ନଖ୍ୱାର୍ଡ ବେଡ୍ ଏବଂ ୧୦ଟି ଆଇସିୟୁ ଶଯ୍ୟା ସମେତ ୬୮ଟି ଶଯ୍ୟା ସଂରକ୍ଷିତ ରହିଛି। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ୍ ବ୍ୟାଙ୍କରେ ୨୦୦ ୟୁନିଟ ରକ୍ତ ସଂରକ୍ଷିତ ହୋଇଛି ଏବଂ ଯେକୌଣସି ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଦୁଇଟି ଛୋଟ ଅପରେଶନ ଥିଏଟର ଓ ସ୍ୱତନ୍ତ୍ର ଡ୍ରେସିଂ ରୁମ୍ ସ୍ଥାପନ କରାଯାଇଛି। ରଥଯାତ୍ରା ସମୟରେ ଅତିରିକ୍ତ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରଥମଥର ପାଇଁ ଏମ୍ସ ଭୁବନେଶ୍ୱର ପକ୍ଷରୁ ଚିକିତ୍ସାକେନ୍ଦ୍ରରେ ସ୍ୱତନ୍ତ୍ର ଡାକ୍ତର ଟିମ୍ ନିୟୋଜିତ କରାଯିବ। ୬୯ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ରର ବ୍ୟାପକ ନେଟ୍‌ୱର୍କ କାର୍ଯ୍ୟ କରିବ। ଏଥିରେ ୩୨ଟି ସରକାରୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଜୁନ୍ ୨୭ରୁ ଜୁଲାଇ ୮ ପର୍ଯ୍ୟନ୍ତ କାର୍ଯ୍ୟ କରିବ ଏବଂ ୩୭ଟି ସ୍ୱେଚ୍ଛାସେବୀ ସଂଗଠନ-ସହାୟତାପ୍ରାପ୍ତ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରହିବ। ପ୍ରତ୍ୟେକ କେନ୍ଦ୍ରରେ ଏମ୍‌ବିବିଏସ/ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଏବଂ ସହାୟକ କର୍ମଚାରୀ ନିୟୋଜିତ ରହିବେ। ରଥଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନବେଶରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଜାରି ରହିବ। ସିଂହଦ୍ୱାର, ଗୁଣ୍ଡିଚା ମନ୍ଦିର ଏବଂ ଜଗନ୍ନାଥ ବଲ୍ଲଭ ପାର୍କିଂ ସମେତ ୯ଟି କେନ୍ଦ୍ର, ପୁରୀ-ଭୁବନେଶ୍ୱର ରାସ୍ତାରେ ୮ଟି କେନ୍ଦ୍ର, ସ୍ୱର୍ଗଦ୍ୱାର ଏବଂ ଲାଇଟ୍‌ହାଉସ ସମେତ ସମୁଦ୍ର ବେଳାଭୂମି ସ୍ଥାନରେ ୫ଟି କେନ୍ଦ୍ର, ପୁରୀ-କୋଣାର୍କ ରାସ୍ତାରେ ୪ଟି ଏବଂ ପୁରୀ ସହରରେ ୨ଟି କେନ୍ଦ୍ର କାର୍ଯ୍ୟ କରିବ।

ସେହିପରି ପାଣିପାଗ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ତାଳବଣିଆରେ ୧୦ ଶଯ୍ୟାବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ହିଟ୍‌ଷ୍ଟ୍ରୋକ କେନ୍ଦ୍ର ସ୍ଥାପନ କରାଯାଇଛି। ଜରୁରିକାଳୀନ ଚିକିତ୍ସା ପରିବହନ ପାଇଁ ୩୧ଟି ସରକାରୀ ଆମ୍ବୁଲାନ୍ସ ଏବଂ ସ୍ୱେଚ୍ଛାସେବୀ ସହାୟତାରେ ୪୩ଟି ଆମ୍ବୁଲାନ୍ସକୁ ମିଶାଇ ମୋଟ ୭୪ଟି ଆମ୍ବୁଲାନ୍ସ ଉପଲବ୍ଧ ରହିବ। ଏହାବାଦ୍ ଅନ୍ୟ ଜିଲାରୁ ୩୭୮ଜଣ ଅତିରିକ୍ତ ସ୍ୱାସ୍ଥ୍ୟ ବିଶେଷଜ୍ଞ ନିୟୋଜିତ ହେବେ। ବିଶେଷଜ୍ଞ ଟିମ୍‌ରେ ୨ଜଣ କାର୍ଡିଓଲୋଜିଷ୍ଟ ଏବଂ ୨ଜଣ ନ୍ୟୁରୋସର୍ଜନଙ୍କ ସମେତ ୪ଜଣ ବିଶେଷଜ୍ଞ, ୯୮ଜଣ ଡାକ୍ତର, ୧୫ଜଣ ଏମ୍ସ ଡାକ୍ତର, ୫୦ଜଣ ଆୟୁଷ ଚିକିତ୍ସା ଅଧିକାରୀ, ଜଣେ ଏପିଡେମିଓଲୋଜିଷ୍ଟ, ଜଣେ ମାଇକ୍ରୋବାୟୋଲୋଜିଷ୍ଟ, ୫୦ଜଣ ଫାର୍ମାସିଷ୍ଟ, ୫୦ଜଣ ଚିକିତ୍ସା କର୍ମଚାରୀ, ୩୦ଜଣ ନର୍ସିଂ ଅଧିକାରୀ, ୫ଜଣ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ସମେତ ଚିକିତ୍ସା ପରିବହନ ସେବା ପାଇଁ ୨୪ଜଣ ଡ୍ରାଇଭର ରହିବେ।

### କଣ୍ଟ୍ରୋଲ ରୁମ୍ ନମ୍ବର ଜାରି କଲା ସ୍ୱାସ୍ଥ୍ୟ ବିଭାଗ

ରଥଯାତ୍ରା ପାଇଁ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଖାଦ୍ୟ ପ୍ରତିଷ୍ଠାନରେ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇ ୪୯୪ କିଲୋଗ୍ରାମ ଅସ୍ୱାସ୍ଥ୍ୟକର ଖାଦ୍ୟ ନଷ୍ଟ କରାଯାଇଛି। ଏଥିସହ ପରୀକ୍ଷା ପାଇଁ ୮୪ଟି ଖାଦ୍ୟ ଓ ୨୨ଟି ପାଣି ନମୁନା ସଂଗ୍ରହ କରାଯାଇଛି। ହଇଜା ପ୍ରତିରୋଧ ପାଇଁ ୧୦ଟି ଷ୍ଟୁଲ କଲ୍‌ଚର୍ ପରୀକ୍ଷା କରାଯିବା ସହ ୮୨ଟି ପାଣି ବିଶ୍ଳେଷଣ ସମ୍ପୂର୍ଣ୍ଣ ହୋଇଛି। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକଳାପର ସମନ୍ୱୟ ଏବଂ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା କାର୍ଯ୍ୟ କରିବ। ଯେକୌଣସି ଚିକିତ୍ସା ସହାୟତା କିମ୍ବା ସ୍ୱାସ୍ଥ୍ୟସେବା ସମ୍ପର୍କିତ ସୂଚନା ପାଇଁ କଣ୍ଟ୍ରୋଲ ରୁମ୍ ମୋବାଇଲ ନମ୍ବର ନଂ. ୯୧-୬୩୭୦୫୬୦୨୪୭ ଏବଂ ଲ୍ୟାଣ୍ଡଲାଇନ ନମ୍ବର ୦୬୭୫୨-୨୨୨୧୭୫ରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ।

# ନବୀନ ସୁସ୍ଥ ବୋଲି ଭିଡିଓ ବାର୍ତ୍ତାରେ କହିଲେ ପ୍ରେମ୍



ଭୁବନେଶ୍ୱର,୨୩।୬(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବଡ଼ ଭାଇ ପ୍ରେମ୍ ପଟ୍ଟନାୟକ ସୋମବାର ସମସ୍ତ ଓଡ଼ିଆଙ୍କ ପାଇଁ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ମାତ୍ର ୩୬ ସେକେଣ୍ଡର ଏହି ଭିଡିଓ ବାର୍ତ୍ତା ଜରିଆରେ ପ୍ରେମ୍ ପଟ୍ଟନାୟକ କହିଛନ୍ତି, ସେ ହେଉଛନ୍ତି ନବୀନ ବାବୁଙ୍କ ବଡ଼ ଭାଇ। ଗତ ରବିବାର ନବୀନଙ୍କ ଅସ୍ତ୍ରୋପ୍ରଚାର ହୋଇଛି, ସେ ଏବେ ବହୁତ ଭଲ ଅଛନ୍ତି। ସେ ଶୌଚାଳୟ ପର୍ଯ୍ୟନ୍ତ ଚାଲିକି ମଧ୍ୟ ଯାଇପାରୁଛନ୍ତି। ତାଙ୍କ ବିଷୟରେ ଚିନ୍ତା କରୁଥିବା ସମସ୍ତ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଯେଉଁମାନେ ତାଙ୍କୁ ଏତେ ଭଲ ପାଉଛନ୍ତି। ସମସ୍ତଙ୍କ ଶୁଭେଚ୍ଛା ଏବଂ ପ୍ରାର୍ଥନା ଯୋଗୁ ସେ ତୁରନ୍ତ ସୁସ୍ଥ ହୋଇ ଫେରିବେ। ସମସ୍ତଙ୍କୁ ନମସ୍କାର ଏବଂ ଜୟ ଜଗନ୍ନାଥ ବୋଲି ଭିଡିଓ ଜରିଆରେ ପ୍ରେମ୍ କହିଛନ୍ତି।

# ଚା' ଖଟିରେ ମାଙ୍କଡ଼

ମୋରଡ଼ା,୨୩।୬ (ସ୍ମାରକ ମାଜୀ)

ସ୍ନେହରେ ବନ୍ଧା ଏ ଜଗତ। ଟିକେ ଭଲପାଇବା ମିଳିଲେ ପ୍ରାଣୀ ବି ମଣିଷର ଆପଣାର ହୋଇଯାନ୍ତି। ଯେଉଁ ମାଙ୍କଡ଼ ବାଡ଼ିରେ ଥିବା ଫସଲ ଖାଇ ନଷ୍ଟ କରେ ଆଉ ମଣିଷ ତାକୁ ଟେକାପଥର ମାରି ଘଉଡ଼ାଇ ଦିଏ, ସେହି ମାଙ୍କଡ଼କୁ ପୁଣି ଭଲପାଇବା ଦେଇ ମଣିଷ ଖାଇବାକୁ ଦିଏ। ଚା' ଖଟିରେ ମଣିଷଙ୍କ ସହ ଚା' ପିଏ। ଏମିତି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଅଞ୍ଚଳରେ।

ସୂଚନା ଅନୁଯାୟୀ, ରବିବାର ଜଣେ ଯୁବକ ବାଇକ୍‌ରେ ରାସଗୋବିନ୍ଦପୁର ଆଡକୁ ଯାଉଥିବା ସମୟରେ ସାରୁମୂଳା ପଞ୍ଚାୟତର ବାଗସାହି ନିକଟରେ ଏକ ମାଙ୍କଡ଼ ଉକ୍ତ ଯୁବକଙ୍କ ବାଇକ ପଛରେ ଆସି ବସିପଡ଼ିଥିଲା। ଏହାପରେ ଯୁବକ ଜଣକ ଉକ୍ତ ମାଙ୍କଡ଼କୁ ରାସଗୋବିନ୍ଦପୁର ବଜାର ନିକଟରେ ଛାଡ଼ି ପଳାଇଥିଲେ। ତେବେ ସ୍ଥାନୀୟ ଦୁର୍ଗାମଣ୍ଡପ ନିକଟସ୍ଥ ଏକ ଚା' ଖଟିକୁ ଉକ୍ତ ମାଙ୍କଡ଼ ଆସିଥିଲା। ଖଟିରେ ବସିଥିବା କେତେଜଣ ଯୁବକଙ୍କୁ ଉକ୍ତ ମାଙ୍କଡ଼ଟି ତାର ନିରୀହ ଆଖିରେ ଚାହିଁ ରହିଥିଲା। ରାସଗୋବିନ୍ଦପୁର ଅଞ୍ଚଳର ଇନ୍ଦ୍ରଜିତ ଦାସ ମାଙ୍କଡ଼କୁ ସ୍ନେହ ଆଦରରେ ଖାଇବାକୁ ଦେଲେ। ଇନ୍ଦ୍ରଜିତ ପ୍ରଥମେ ମାଙ୍କଡ଼କୁ ଚା' ପିଇବାକୁ ଦେଇଥିଲେ। ବେଶ୍ ଖୁସିର ସହିତ ମାଙ୍କଡ଼ଟି ଚା' ପିଇଥିଲା। ପରେ ମୁଢ଼ି ସହିତ ତରକାରି ଏବଂ ପରେ କଦଳୀ ମଧ୍ୟ ଖାଇଥିଲା। ତେବେ କୌତୂହଳର କଥା ଉକ୍ତ ମାଙ୍କଡ଼ ସାଦା ପାନ ମଧ୍ୟ ଖାଇଥିଲା। ଏସବୁ ଖାଇସାରିବା ପରେ ମାଙ୍କଡ଼ଟି ସ୍ଥାନୀୟ ଅଞ୍ଚଳ ଲୋକଙ୍କ ଘରକୁ ଯାଉଛି। ସବୁଠି ତାକୁ ଖୁସି ଆଦରରେ ଖାଦ୍ୟ, ପାନୀୟ ମଧ୍ୟ ଦିଆଯାଉଥିବା ଦେଖିବାକୁ ମିଳୁଛି।


ମାଙ୍କଡ଼ ଚା' ପିଉଛି।

# ଧୈର୍ଯ୍ୟ, ସାହସ, ମାର୍ଗଦର୍ଶନ ଦ୍ୱାରା ନିଶା ନିବାରଣ ସମ୍ଭବ: ରାଜ୍ୟପାଳ

## ରାଜଭବନରେ ନିଶା ନିବାରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୩।୬ (ରବିନାରାୟଣ ଜେନା)

ନିଶା କେବଳ ବ୍ୟକ୍ତିଙ୍କୁ ନୁହେଁ, ସେମାନଙ୍କ ପରିବାର ଏବଂ ସମାଜକୁ ପ୍ରଭାବିତ କରିଥାଏ। ନିଶା ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ, ସମ୍ପର୍କ ଭାଙ୍ଗେ ଏବଂ ସାମାଜିକ ଓ ଆଇନଗତ ସମସ୍ୟା ସୃଷ୍ଟି କରେ। ଉପଯୁକ୍ତ ଚିକିତ୍ସା ସହିତ ଧୈର୍ଯ୍ୟ, ସାହସ ଏବଂ ଉପଯୁକ୍ତ ମାର୍ଗଦର୍ଶନ ଦ୍ୱାରା ନିଶା ନିବାରଣ ସମ୍ଭବ ହୋଇପାରିବ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି କହିଛନ୍ତି।

ସୋମବାର ରାଜଭବନର ନ୍ୟୁ-ଅଭିଷେକ ହଲ୍‌ରେ ଆୟୋଜିତ ନିଶା ନିବାରଣ ସମ୍ପର୍କିତ ସଚେତନତା ଅଭିଯାନରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି, ନିଶା ନିବାରଣ ଏକ ଶୀଘ୍ର ସମାଧାନର ପ୍ରସଙ୍ଗ ନୁହେଁ। ନିଶା ନିବାରଣ ପାଇଁ ସମୟ, ସାହସ, ପରିବାରର ଭୂମିକା, ଗୋଷ୍ଠୀ ସଚେତନତା ଏବଂ ପ୍ରାରମ୍ଭରୁ ହସ୍ତକ୍ଷେପ ରହିଲେ ଲୋକମାନେ ନିଶାଠୁ ଦୂରେଇ ନିଜ ଜୀବନକୁ ପୁନଃ ନିର୍ମାଣ କରିପାରିବେ। ହେଲେ ଅଧିକାଂଶ ଲୋକେ ଏଥିପ୍ରତି ସଚେତନ ହୋଇ ନ ଥାନ୍ତି।

ରାଜ୍ୟପାଳ ପୁଣି କହିଛନ୍ତି, ସାଙ୍ଗସାଥୀଙ୍କ ଚାପ, ମାନସିକ, ସ୍ୱାସ୍ଥ୍ୟଗତ ସମସ୍ୟା କିମ୍ବା କୌତୂହଳ ଯୋଗୁ ଲୋକମାନେ ନିଶାଗ୍ରସ୍ତ ହୋଇ ସମୟକ୍ରମେ ନିଶା ଉପରେ ନିର୍ଭରଶୀଳ ହୋଇଯାଆନ୍ତି ଏବଂ ନିଶା ଛାଡ଼ି ପାରନ୍ତି ନାହିଁ। ନିଶାଦ୍ରବ୍ୟ ଅପବ୍ୟବହାର ଜାଲରେ ଯୁବପିଢ଼ିଙ୍କୁ ଫସିବାରୁ ରୋକିବା ପାଇଁ ପରିବାରର ଦୃଢ଼ ସମର୍ଥନ, ବ୍ୟାପକ ଗୋଷ୍ଠୀ ସଚେତନତା ଏବଂ ପ୍ରାରମ୍ଭିକ ହସ୍ତକ୍ଷେପର ଗୁରୁତ୍ୱ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଟିଏଫ୍ ଡିଆଇଜି ପିନାକ ମିଶ୍ର ନିଜ ବକ୍ତବ୍ୟରେ ବର୍ଦ୍ଧିତ ନିଶା ସମସ୍ୟା, ଏହାକୁ ହ୍ରାସ କରାଯିବା ନିମନ୍ତେ ସରକାରୀସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରୟାସ ଏବଂ ଏହାର ସମାଧାନର ଉପାୟ ଉପରେ ଆଲୋକପାତ କରିଥିଲେ। ଆରକ୍ଷୀ ମହାନିର୍ଦ୍ଦେଶକ(କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଓ ରାଜଭବନର ଅଧିକାରୀ ଏବଂ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲକ୍ଷପତି ଦିଦି ଭାବେ ପୁରସ୍କୃତ ହେଲେ ବଣ୍ଡା ମହିଳା

ମାଲକାନଗିରି,୨୩।୬ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ଜଣେ ବଣ୍ଡା ମହିଳା ଲକ୍ଷପତି ଦିଦି ପୁରସ୍କାର ପାଇ ଜିଲାକୁ ଗୌରବାନ୍ୱିତ କରିଛନ୍ତି। ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଓ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭବନେଶ୍ୱରଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମାଲକାନଗିରି ଜିଲା ଖଇରପୁଟ ବ୍ଲକ କଦମଗୁଡା ଗ୍ରାମର ଆଦିମ ବଣ୍ଡା ଜନଜାତି ମହିଳା ସମାରୀ ଜିଗିଡିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସମାରୀ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକରି ବିକ୍ରି କରିବା, ଧାନ ଓ ପରିବା ବିକ୍ରିକରି ବାର୍ଷିକ ୨ ଲକ୍ଷ ୮୦ ହଜାର ଟଙ୍କା ଆୟ କରୁଥିବାରୁ ତାଙ୍କୁ ଲକ୍ଷପତି ଦିଦି ଭାବେ ଭୁବନେଶ୍ୱରସ୍ଥିତ ଜନତା ମଇଦାନ ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପୁରସ୍କୃତ ସହ ସମ୍ମାନିତ କରିଥିଲେ। ଏହି ଖବର ପାଇ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ସାନୀ ଓ କଦମଗୁଡା ସରପଞ୍ଚ ସୂର୍ଯ୍ୟ ନାରାୟଣ ଜିଗିଡିଙ୍କ ସହିତ ବଣ୍ଡା ମହିଳା ଓ ପୁରୁଷମାନଙ୍କ ସହିତ ଜିଲାର ସମସ୍ତ ଆଦିବାସୀ ସମାଜ ଓ ବଣ୍ଡାସମାଜ ସମାରୀ ଜିଗିଡିଙ୍କୁ ଭବ୍ୟ ସ୍ୱାଗତ ଜଣାଇବା ସହ ଅନ୍ୟ ମହିଳାମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଛନ୍ତି।


ବଣ୍ଡା ଆଦିବାସୀଙ୍କ ସହ ଜନପ୍ରତିନିଧିମାନେ।

# ଚିକିତ୍ସା ଅବହେଳାରୁ ପ୍ରାଣ ହରାଇଲେ କଏଦୀ

- ସରକାରୀ ଡାକ୍ତରଖାନାରେ ମିଳିଲାନି ଉପଯୁକ୍ତ ଚିକିତ୍ସା
- ଏସ୍‌ସିବିରେ ଦୀର୍ଘ ସମୟ ପଡ଼ି ରହିଲା ମୃତଦେହ

କଟକ,୨୩।୬(ଶିଳ୍ପା ପ୍ରିୟଦର୍ଶିନୀ)

ଏମ୍‌କେସିଜି, ଏମ୍ସ ହସ୍ପିଟାଲ ପରେ ଏସ୍‌ସିବିରେ ବିଚାରାଧୀନ କଏଦୀଙ୍କୁ ମିଳିଲାନି ଉପଯୁକ୍ତ ଚିକିତ୍ସା। ଫଳରେ ରବିବାର ବିଳମ୍ବିତ ରାତିରେ କଏଦୀଙ୍କ ମୃତ୍ୟୁ ଘଟିଛି। ବିଚାରାଧୀନ କଏଦୀ ଜଣକ ହରିୟାଣା ରୋହତକ ଅଞ୍ଚଳର ନରେଶ(୪୪)। ଗତ ୩ଦିନ ତଳେ ପ୍ରଥମେ ଏମ୍‌କେସିଜିରେ ନରେଶ ଭର୍ତ୍ତି ହୋଇଥିବାବେଳେ ସେଠାରେ ବେଡ୍ ମିଳି ନ ଥିଲା। ପ୍ରାଥମିକ ଚିକିତ୍ସା ପରେ ନରେଶଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏମ୍ସ ହସ୍ପିଟାଲରେ ମଧ୍ୟ ସମାନ ଚିକିତ୍ସା କରାଯାଇ ରବିବାର ବିଳମ୍ବିତ ରାତିରେ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ନରେଶ ଏସ୍‌ସିବିର ଭେଷଜ ବିଭାଗକୁ ଗୁରୁତର ଅବସ୍ଥାରେ ଆସିଥିବାବେଳେ ଏଠାରେ ବେଡ୍ ମିଳି ନ ଥିଲା ଏବଂ ଡାକ୍ତର କୌଣସି ସହାୟତା କରିପାରିବେ ନାହିଁ ବୋଲି କହି ରୋଗୀଙ୍କୁ ମେଡିକାଲରୁ ନେଇ ଯିବାକୁ କହିଥିଲେ। ଫଳରେ ଏସ୍‌ସିବିରେ ଉପଯୁକ୍ତ ଚିକିତ୍ସା ନ ପାଇ ନରେଶଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ରୋହତକ ଅଞ୍ଚଳର ନରେଶ ଗତ ନଭେମ୍ବରରେ ପୁରୀ ବୁଲିବାକୁ ଆସିଥିଲେ। ଟ୍ରେନ୍‌ରେ କେତେଜଣ ଯାତ୍ରୀଙ୍କ ସହ ଝଗଡ଼ା ପରେ ପୋଲିସ ନରେଶଙ୍କୁ ଗିରଫ କରିଥିଲା। ପୋଲିସ ନରେଶଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ ପରେ କୋର୍ଟ ଚାଲାଣ କରିଥିଲା ଏବଂ ତାଙ୍କୁ ବ୍ରହ୍ମପୁର ଜେଲରେ ରଖାଯାଇଥିଲା। ଗତ ୩ଦିନ ତଳେ ନରେଶଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ଜେଲ ପକ୍ଷରୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ ନିଆଯାଇଥିଲା। ହେଲେ ସେଠାରେ ତାଙ୍କୁ ବେଡ୍ ମିଳିଲା ନାହିଁ। ପ୍ରାଥମିକ ଚିକିତ୍ସା ସହ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ପରୀକ୍ଷା ରିପୋର୍ଟରୁ ନରେଶଙ୍କର ବ୍ରେନ୍ ହାମରେଜ୍ ହୋଇଥିବା ମେଡିକାଲ ପକ୍ଷରୁ କୁହାଯାଇଥିଲା। ପରେ ତାଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଜେଲର ପୋଲିସ କର୍ମଚାରୀ ଓ ପରିବାର ଲୋକେ ନରେଶଙ୍କୁ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରି ରବିବାର ରାତିରେ ଏସ୍‌ସିବିକୁ ସ୍ଥାନାନ୍ତର କରିଥିଲେ। ଏସ୍‌ସିବିର ଭେଷଜ ବିଭାଗରେ ନରେଶ ଗୁରୁତର ଅବସ୍ଥାରେ ପହଞ୍ଚିଥିଲେ। ଏଠାରେ ଆଇସିୟୁ କିମ୍ବା ୱାର୍ଡରେ ବେଡ୍ ଉପଲବ୍ଧ ନାହିଁ ବୋଲି ମେଡିକାଲର କର୍ମଚାରୀ ମନା କରିଥିଲେ। ଡାକ୍ତର କୌଣସି ସହାୟତା କରିପାରିବେ ନାହିଁ କହିବା ସହ ଏଠାରୁ ନେଇ ଯିବାକୁ କହିଥିଲେ। ପରିବାର ଲୋକ ଅନୁରୋଧ କରିବାରୁ ଉକ୍ତ ବିଭାଗରେ କାଁ ଭାଁ ଚିକିତ୍ସା କରାଯାଇଥିଲା। ହେଲେ ଯାହା ଚିକିତ୍ସା କରାଗଲା ତାହା ଉପଯୁକ୍ତ ନ ଥିଲା। ଫଳରେ ରାତି ପ୍ରାୟ ୩ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ନରେଶଙ୍କ ମୃତ୍ୟୁ ରାତିରୁ ହୋଇଥିବାବେଳେ ସୋମବାର ମଧ୍ୟାହ୍ନ ୨ଟା ଯାଏ ବ୍ୟବଚ୍ଛେଦ କରାଯାଇ ନ ଥିଲା। ପରିବାର ଲୋକ ଉପସ୍ଥିତ ପୋଲିସ, ମେଡିକାଲ କର୍ମଚାରୀଙ୍କୁ ବହୁ ଅନୁରୋଧ କରିଥିଲେ। ଏହାର କିଛି ସମୟ ପରେ ଏସ୍‌ସିବିରେ ନରେଶଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମରଶରୀର ହସ୍ତାନ୍ତର କରାଯାଇଥିଲା। ତେବେ ଏମ୍‌କେସିଜି, ଏମ୍ସ ଓ ଖାସ୍ କରି ଏସ୍‌ସିବିରେ ଏଭଳି ଅବ୍ୟବସ୍ଥାକୁ ପରିବାର ଲୋକେ ନିନ୍ଦା କରିଛନ୍ତି। ଏ ନେଇ ନରେଶଙ୍କ ସମ୍ପର୍କୀୟ ନଶିବ କହିଛନ୍ତି, ପୋଲିସ ବହୁ ଅତ୍ୟାଚାର କରିଛି। ସେଥିପାଇଁ ମୋ ଦାଦାଙ୍କ ଏଭଳି ଅବସ୍ଥା ହୋଇଛି। ଏହାସହ ଓଡ଼ିଶାର ସରକାରୀ ଡାକ୍ତରଖାନାରେ ଚିକିତ୍ସା ଅବହେଳା ଓ ଅବ୍ୟବସ୍ଥା ଯୋଗୁ ମୋ ଦାଦାଙ୍କ ମୃତ୍ୟୁ ହୋଇଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଏସ୍‌ସିବିରେ ଏଭଳି ଚିକିତ୍ସା ଅବହେଳା ହେବା ଓ କଏଦୀ ଜଣଙ୍କ ମୃତ୍ୟୁ ପରେ ମଧ୍ୟ ଦୀର୍ଘ ସମୟ ଧରି ଶବ ବ୍ୟବଚ୍ଛେଦ ନ କରିବା ଘଟଣା ସମ୍ପର୍କରେ ମେଡିକାଲର ଭାରପ୍ରାପ୍ତ ଅଧିକାରୀ ପ୍ରଫେସର ଡା. ଗୌତମ ଶତପଥୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ଏସ୍‌ସିବିରେ ମୃତଦେହ ପଡ଼ିରହିଛି।

# ୨୫ରେ ହେବ ନବନିର୍ମିତ ଉମପଡ଼ା ଦେୱାନୀ ଅଦାଲତ କାର୍ଯ୍ୟକ୍ଷମ

କଟକ,୨୩।୬(କାର୍ତ୍ତିକ ସାହୁ)

ଉମପଡ଼ାଠାରେ ନବ ନିର୍ମିତ ହୋଇଥିବା ଦେୱାନୀ ଅଦାଲତ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଆସନ୍ତା ୨୫ ତାରିଖରେ କାର୍ଯ୍ୟକ୍ଷମ ହେବ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଆନୁଷ୍ଠାନିକ ଭାବେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି ଅଦାଲତର ଶୁଭାରମ୍ଭ କରିବେ। ପ୍ରଶାସନିକ ବିଚାରପତି ପଦରେ ଅବସ୍ଥିତ ହାଇକୋର୍ଟ ବିଚାରପତି ଏସ.କେ. ସାହୁ ଏବଂ ଅନ୍ୟ ବିଚାରପତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ କଟକ ଦେୱାନୀ ଅଦାଲତ ରେଜିଷ୍ଟ୍ରାର ପ୍ରେସ୍ ଇସ୍ତାହାରରେ ସୋମବାର ସୂଚନା ଦେଇଛନ୍ତି।

# ରଥଯାତ୍ରାରେ ବର୍ଷା

ଭୁବନେଶ୍ୱର,୨୩।୬ (ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ଧରି ବର୍ଷା ଜାରି ରହିଛି। ସୋମବାର ଦାରିଙ୍ଗବାଡ଼ିରେ ସର୍ବାଧିକ ୬୭.୦ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ବଲାଙ୍ଗୀରରେ ୪୫.୪ ମିମି, କୋରାପୁଟରେ ୨୩.୦ ମିମି, ଗୋପାଳପୁରରେ ୨୧.୯ ମିମି, ଢେଙ୍କାନାଳରେ ୧୪.୦ ମିମି, ନବରଙ୍ଗପୁରରେ ୧୨.୪ ମିମି, ପାରଳାଖେମୁଣ୍ଡିରେ ୮.୪ ମିମି, ବରଗଡ଼ରେ ୮.୦ ମିମି ଓ ଖୋର୍ଦ୍ଧାରେ ୭.୦ ମିମି ବର୍ଷା ହୋଇଛି। ବାକି ଅନ୍ୟ କେତେକ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ୨୭ ତାରିଖ ରଥଯାତ୍ରା ପଡୁଥିବାବେଳେ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଯାଜପୁର ଆଦି ଜିଲାକୁ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ରହିଛି। ସେହିପରି ପୁରୀ ସମେତ ଅନ୍ୟାନ୍ୟ ଜିଲାରେ ବର୍ଷା ଓ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ମଙ୍ଗଳବାର ସମସ୍ତ ୩୦ ଜିଲାରେ ବର୍ଷା ହେବାକୁ ଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ପୁରୀ, ଜଗତ୍‌ସିଂହପୁର, ବୌଦ୍ଧ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଖୋର୍ଦ୍ଧା, କଟକ, ନୟାଗଡ଼ ଓ କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ବଜ୍ରପାତ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, ନୟାଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୋନପୁର, ନୂଆପଡ଼ା, ବଲାଙ୍ଗୀର ଓ ମାଲକାନଗିରିକୁ ସତର୍କ କରାଯାଇଛି।

# ମୁଡ୍ ରହିବ ଫ୍ରେଶ୍

**କାମର ଚାପ ଓ ବିଭିନ୍ନ ଦାୟିତ୍ୱ ତୁଲାଇବା ଭିତରେ ଅନେକ ସମୟରେ ଚିନ୍ତାରେ ରହିବା ସାଧାରଣ କଥା। ତେବେ ମନରେ ଏହି ଅବସ୍ଥା ଲାଗି ରହିଲେ ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ତେଣୁ ଏହି ଅବସ୍ଥାରୁ ମୁକୁଳିବା ପାଇଁ ଜାଣିରଖନ୍ତୁ କିଛି ସହଜ ଉପାୟ...**

➔ମନର ବିଚାର ଓ ଭାବନାକୁ ପ୍ରଥମେ ଡାଏରୀରେ ଲେଖନ୍ତୁ। ଦେଖିବେ ମନ କିଛି ମାତ୍ରାରେ ହାଲ୍‌କା ହୋଇଯିବ। ପ୍ରତିଦିନ ଏଭଳି ଅଭ୍ୟାସ କରି ଡାଏରୀ ଲେଖିଲେ ବହୁତ ଭଲ ଲାଗିବ। ପର ମୁହୂର୍ତ୍ତରେ ନିଜେ ସେସବୁ ପଢ଼ିଲେ ବି ଏକ ଭିନ୍ନ ଆନନ୍ଦ ପାଇପାରିବେ ଓ କାମରେ ଅଧିକ ଫୋକସ୍ କରିପାରିବେ।

➔ମନ ଅଶାନ୍ତ ଥିଲେ ଆପଣଙ୍କୁ ଭଲ ଲାଗୁଥିବା ଭଳି ବିଭିନ୍ନ ପ୍ରକାର ସଙ୍ଗୀତ ଶୁଣନ୍ତୁ। ଏହା ଏକ ଥେରାପୀ ଭଳି କାମ ଦେଇଥାଏ। ମନ ବି ଭଲ ଲାଗିବ।

➔ଯଦି କାମ କରିବାକୁ ଇଚ୍ଛା ହେଉ ନ ଥାଏ ତେବେ କିଛି ସମୟର ବ୍ରେକ୍ ନିଅନ୍ତୁ। ଏହି ସମୟରେ ଘର ବାହାରେ ଏକ ଖୋଲା ପରିବେଶରେ ଅଥବା ନିଜ ବଗିଚାରେ ଥିବା ଗଛମୂଳରେ କିଛି ସମୟ କଟାନ୍ତୁ। ନଚେତ୍ ସୁବିଧା ହେଲେ କିଛି ସମୟ ପାଇଁ ବାହାରେ କୌଣସି ସ୍ଥାନ କିମ୍ବା ପାର୍କକୁ ଯାଆନ୍ତୁ। ଏହା ପରେ ଫ୍ରେଶ୍ ଲାଗିବ।

➔ସବୁଠୁ ବଡ଼ କଥା ହେଉଛି



ଘରେ ହେଉ ଅବା ଅଫିସ ଯେଉଁଠି କାମ କରୁଛନ୍ତି ସେହି ସ୍ଥାନକୁ ନିଜ ଢଙ୍ଗରେ ପ୍ରଥମେ ସଜାଇ ରଖନ୍ତୁ। ଫଳରେ କାମ କରିବା ପାଇଁ ଆଗ୍ରହ ସୃଷ୍ଟି ହେବ।

➔ମାନସିକ ଶାନ୍ତି ପାଇଁ ଭଲଭାବେ ଶୋଇବା ଜରୁରୀ। ରାତିରେ ୭ ଘଣ୍ଟା ଭଲ ନିଦରେ ଶୁଅନ୍ତୁ। ଥକ୍କାପଣ ଦୂରହେବା ସହ ଫଳରେ ଏଙ୍ଗ୍‌ଜାଇଟି କମ୍ ହେବା ସହ ମନ ଶାନ୍ତ ରହିଥାଏ।

# ଘରେ ରହିବେନି ମଶା

❖ଘରେ ନିମ୍ବପତ୍ରକୁ ବିଭିନ୍ନ ଭାବରେ ବ୍ୟବହାରକରି ମଶାଙ୍କୁ ବାହାର କରିହେବ। ଏହି ପତ୍ରକୁ ଘରେ ଆଣି ବିଭିନ୍ନ ସ୍ଥାନରେ କେବଳ ରଖିଦେଲେ ତା'ର ଗନ୍ଧରେ ମଶା ଆସିବେ ନାହିଁ। ଏହା ବ୍ୟତୀତ ଯଦି ପତ୍ରକୁ ଶୁଖାଇ ତା'ର ଧୂଆଁ ଘରର ସବୁଆଡ଼େ ଭଲଭାବରେ ଦିଆଯାଏ ତେବେ ମଶା କିଛି ସମୟ ପରେ ବାହାରିଯିବେ।

❖ମଶା ଘଉଡ଼ାଇବା ପାଇଁ କର୍ପୂର ଓ ତେଜପତ୍ର ମଧ୍ୟ ବେଶ୍ ଉପଯୋଗୀ ହୋଇଥାଏ। ଏଥିପାଇଁ ପ୍ରଥମେ ଏକ ପାତ୍ରରେ ୫-୬ଟି ତେଜପତ୍ର ନିଅନ୍ତୁ। ସେଥିରେ କିଛି ଲବଙ୍ଗ, କର୍ପୂର ଓ ୨ଚାମଚ ସୋରିଷତେଲ ପକାନ୍ତୁ। ଏଥିରେ ନିଆଁ ଲଗାଇ ଧୂଆଁ କରନ୍ତୁ। ଏହି ଧୂଆଁକୁ ଘରର ସବୁଆଡ଼େ ବୁଲାଇ ଦିଅନ୍ତୁ। କିଛି ସମୟ ପରେ ମଶା ଘରୁ ବାହାରି ଯିବେ।



❖ଏହା ବ୍ୟତୀତ ଘରର ଭିତର ତଥା ବାହାର ପରିବେଶ ସଫାକରିବା ଜରୁରୀ। ପରିବେଶ ଅପରିଷ୍କାର ହେଲେ ମଶା ସେମାନଙ୍କ ବଂଶବିସ୍ତାର କରିବାର ସୁଯୋଗ ପାଆନ୍ତି। ତେଣୁ ଘର ଭିତରେ କୌଣସି ସ୍ଥାନରେ ଅଳିଆ ଜମାକରନ୍ତୁ ନାହିଁ। ଏହା ସହ ସବୁ ଜିନିଷକୁ ଠିକ୍ ଭାବରେ ସଜାଇ ରଖନ୍ତୁ। ଘର ଚାରିପାଖରେ କୌଣସି ଅଳିଆ ଆବର୍ଜନା ପକାନ୍ତୁ ନାହିଁ। ଏହା ବ୍ୟତୀତ କୌଣସି ସ୍ଥାନରେ ଯେପରି ପାଣି ଜମାହୋଇ ରହିବ ନାହିଁ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। କୌଣସି ଭଙ୍ଗା ପାତ୍ର ଅଥବା ଅଦରକାରୀ ଜିନିଷ ରଖନ୍ତୁ ନାହିଁ। ଏ ସବୁ ଭିତରେ ପାଣି ଜମାହୋଇ ରହିଲେ ମଶାଙ୍କ ସଂଖ୍ୟା ବୃଦ୍ଧି ହୋଇଥାଏ। ତେଣୁ ସଚେତନ ରହିବା ଜରୁରୀ।

# ସମୟର ସଦୁପଯୋଗ



**କାମରୁ ଫୁର୍‌ସତ୍ ପାଇଲେ ଅଧିକାଂଶ ମହିଳା ଗପର ପେଡ଼ି ଖୋଲିବସନ୍ତି, ଯାହାଦ୍ୱାରା କେବଳ ସମୟର ଅପଚୟ ହୁଏ। କିନ୍ତୁ ସେମାନେ ଚାହିଁଲେ ଫାଙ୍କା ସମୟକୁ ବିଭିନ୍ନ ଢଙ୍ଗରେ ଉପଯୋଗ କରିପାରିବେ।**





କାମରୁ ଟିକିଏ ଫୁର୍‌ସତ ମିଳିଲେ ନିଜ ମନ ପସନ୍ଦରେ କିଛି କରିବାକୁ ଇଚ୍ଛା ହୁଏ। କିଏ ମନୋରଞ୍ଜନ କରିବାକୁ ପସନ୍ଦ କରନ୍ତି ତ କିଏ ଭବିଷ୍ୟତ ପାଇଁ କିଛି ଯୋଜନା କରନ୍ତି। ହେଲେ ଅଧିକାଂଶ ସମୟରେ ମହିଳାମାନେ ସୁଯୋଗ ପାଇବା ମାତ୍ରେ ଗପସପ କରି ସମୟ ନଷ୍ଟ କରନ୍ତି। ଏହିଭଳି ଗପିବା ଫଳରେ ଅନେକ ସମୟରେ ବହୁ ପ୍ରକାର ସମସ୍ୟା ସୃଷ୍ଟି ହୋଇଥାଏ। କାହିଁକିନା ବେଳେବେଳେ କାହା ବିଷୟରେ ଚର୍ଚ୍ଚା କରିବା ସମୟରେ ଏଭଳି କିଛି କଥା ପାଟିରୁ ବାହାରିଯାଏ, ଯାହା ତାଙ୍କ ମନକୁ ଆଘାତ କରିଥାଏ। ଫଳରେ ସମ୍ପର୍କ ନଷ୍ଟହେବା ଆଶଙ୍କା ଥାଏ। ତେଣୁ ଏହି ସମୟରେ ଚାହିଁଲେ ସେମାନେ ଅନ୍ୟ ଉପାୟରେ ସମୟର ଉପଯୋଗ କରିପାରିବେ।

ଘରେ ମହିଳାମାନେ କାମ ସରିବା ପରେ ଫାଙ୍କା ସମୟ ପାଇଲେ ବିଭିନ୍ନ ପ୍ରକାର ମାଗାଜିନ୍, ଖବରକାଗଜ କିମ୍ବା ଅନ୍ୟାନ୍ୟ ଗପ ଅବା ଶିକ୍ଷଣୀୟ ବହି ସବୁ ପଢ଼ିପାରିବେ। ଏହି ଅଭ୍ୟାସ ସେମାନଙ୍କ ମନକୁ ଶାନ୍ତିଦେବା ସହ ଅନେକ ବିଷୟରେ ଜାଣିବାର ସୁଯୋଗ ଦେଇପାରିବ। ଏହା ବାଦ୍ ଘର ସଜାଡ଼ିବା, ସଫା କରିବା ଓ ମନୋରଞ୍ଜନ ପାଇଁ କିଛି ସମୟ ଟିଭି ଦେଖିବା କିମ୍ବା ମ୍ୟୁଜିକ୍ ଶୁଣିବା ଭଳି କାମ ବି କରିପାରିବେ। କର୍ମଜୀବୀ ମହିଳା ମଧ୍ୟ ଅଫିସ୍‌ରେ ଟିକେ ସମୟ ପାଇଲେ ସହକର୍ମୀମାନଙ୍କ ସହ ବିଭିନ୍ନ ପ୍ରକାର ଗପ କରନ୍ତି। ପରସ୍ପର ସହ କଥାବାର୍ତ୍ତା ହେବା କିଛି ଖରାପ କଥା ନୁହେଁ। ହେଲେ ଅଯଥାରେ ଅଧିକ ସମୟ ଗପର ଆସର ଜମେଇରଖିବା ଭଲ ନୁହେଁ। ଏହି ଅଭ୍ୟାସ ବି ଅନେକ ସମୟରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। କେବେ କାହା ବିଷୟରେ ଗପିବା ଫଳରେ ହେଉ କିମ୍ବା ଗପିବା ସମୟରେ ଅନ୍ୟ କେହି ବସ୍‌ଙ୍କ ଆଗରେ ଅଭିଯୋଗ କରିବା ଫଳରେ ନିଜ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ। ତେଣୁ ଏଭଳି ପରିସ୍ଥିତିକୁ ଏଡ଼ାଇବା ପାଇଁ ହେଲେ ଅଫିସ୍‌ରେ ମଧ୍ୟ ନିଜ ସମୟକୁ ଠିକ୍ ଭାବରେ ଉପଯୋଗ କରିବା ପାଇଁ ବିଭିନ୍ନ ମାଧ୍ୟମ ଆପଣାଇପାରିବେ। ଅଫିସ୍‌ରେ ଚାହିଁଲେ ଆପଣ ନିଜ କାମ ପାଇଁ ଆଗୁଆ କିଛି ଯୋଜନା କରିପାରିବେ। ବିଭିନ୍ନ ପ୍ରକାର ବହି ପଢ଼ିପାରିବେ, ଯଦି ବହି କିଛି ପାଖରେ ନ ଥାଏ ତେବେ କମ୍ପ୍ୟୁଟର ହେଉ ଅବା ଫୋନ୍‌ରେ ମଧ୍ୟ ଇଣ୍ଟରନେଟ୍‌ରେ ବିଭିନ୍ନ ପ୍ରକାର ପାଠ ପଢ଼ିପାରିବେ। ଏହା ଆପଣଙ୍କ କ୍ୟାରିୟର ପାଇଁ ମଧ୍ୟ ଭଲ ହୋଇପାରିବ। ତେଣୁ ନିଜ ନିଜ ପରିବେଶ ଓ ପରିସ୍ଥିତି ଅନୁସାରେ ସମୟର ସଦୁପଯୋଗ କରିବା ନିମନ୍ତେ ଆପଣ ଉପାୟ ସବୁ ଚିନ୍ତା କରିପାରିବେ। ଅର୍ଥାତ୍ ସଚେତନ ରହିବାକୁ ହେବ ଯେପରି ଅଯଥା ଗପକରି ଅଧିକ ସମୟ ନଷ୍ଟ ନ ହେବ।



## ଏମାନେ କ'ଣ କରନ୍ତି

### ସୋସିଆଲ ମିଡିଆ ଚେକ୍ କରେ



ଘରେ କାମ ସରିବା ପରେ ମତେ ସମୟ ମିଳିଲେ ପ୍ରଥମେ ମୁଁ ଟିକେ ଶୋଇବା ପାଇଁ ପସନ୍ଦକରେ। ତା'ପରେ ଅନ୍ୟ ସମୟରେ ଫୋନ୍‌ରେ ବିଭିନ୍ନ ସୋସିଆଲ ମିଡିଆକୁ ଚେକ୍ କରେ। ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ହ୍ୱାଟ୍ସଆପ୍ ମାଧ୍ୟମରେ ଖବର ସବୁ ଚେକ୍ କରି ନିଜର ପୋଷ୍ଟ ସବୁ ଅପ୍‌ଡେଟ୍ କରେ। ଏଥିରେ ତ ବହୁତ ଟାଇମ୍ ଚାଲିଯାଏ। ତା'ପରେ ବିଭିନ୍ନ ଲୋକଙ୍କ ସହ ଫୋନ୍‌ରେ ବି କଥା ହୁଏ। ଅବଶ୍ୟ ଘର କାମ କରୁଥିବା ସମୟରେ ବି ଫୋନ୍‌ରେ କଥା ହୋଇପାରେ। ତେଣୁ ଫାଙ୍କା ହେବା ମାତ୍ରେ ଫୋନ୍‌କୁ ହିଁ ସବୁଠୁ ବଡ଼ ସାଥୀ କରିଦେଇଥାଏ।

*-**ରାଜଲକ୍ଷ୍ମୀ ପାଣି,** ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର*

### ଗଛର ଯତ୍ନ ନିଏ



କାମରୁ ଫୁର୍‌ସତ ମିଳିଲେ ମୁଁ ସବୁବେଳେ ବଗିଚା କାମ କରିବାକୁ ପସନ୍ଦ କରେ। ବିଭିନ୍ନ ପ୍ରକାର ଗଛ ଲଗାଏ, ତା'ର ଯତ୍ନ ନିଏ। ଆଉ ବେଳେବେଳେ କିଛି କାମ ନ ଥିଲେ ଗଛ ପାଖରେ ଯାଇ ବସେ। ସବୁ ଗଛକୁ ଅନାଏ, ସେଥିରେ ଫୁଟିଥିବା ଫୁଲ ଫଳ ସବୁକୁ ଦେଖିବା, ତୋଳିବା କାମ କରିବା ପାଇଁ ମତେ ବହୁତ ଭଲ ଲାଗେ। ଏମିତିକି ପଡ଼ିଶାଘର କି ବନ୍ଧୁବାନ୍ଧବ କେହି ଘରକୁ ଆସିଥିଲେ ସେମାନଙ୍କୁ ବି ସେଠାକୁ ଡାକି ନେଇ ଗଛ ସବୁ ଦେଖାଇବାକୁ ବହୁତ ଭଲ ଲାଗେ।

*-**ଶ୍ରୀଜାତା ମିଶ୍ର,** ଶିକ୍ଷୟିତ୍ରୀ, ବାଲିଅନ୍ତା, ଭୁବନେଶ୍ୱର*

### ମିଠା ଓ କେକ୍ ତିଆରି କରେ



ଘର କାମରୁ ସମୟ ବାହାରକରି ଅନ୍ୟ କିଛି କରିବା ମୋ ପାଇଁ ବହୁତ କଷ୍ଟ। କାହିଁକିନା ଘରେ ସମସ୍ତଙ୍କ ପାଇଁ ବିଭିନ୍ନ ପ୍ରକାର କାମ କରିବାରେ ମୋର ବହୁ ସମୟ ଚାଲିଯାଏ। ତା'ପରେ ବି ସମୟ ବାହାରିଲେ ମୁଁ ଘରକୁ ଆସୁଥିବା ଆଧ୍ୟାତ୍ମିକ ମାଗାଜିନ୍ ଟିକେ ସମୟ ପଢ଼େ। ବେଳେବେଳେ ନୂଆ ନୂଆ ରୋଷେଇରେ ଏକ୍ସପେରିମେଣ୍ଟ କରେ। କେତେବେଳେ ବିସ୍କୁଟ ତ କେବେ କେକ୍ ଆଉ କେବେ ମିଠା, ପିଠା ଆଦି ବିଭିନ୍ନ ପ୍ରକାର ଜିନିଷ ତିଆରି କରେ। ଏସବୁ ଅଲଗା ଅଲଗା ଖାଦ୍ୟ ଖାଇବାକୁ ପିଲାମାନେ ବହୁତ ପସନ୍ଦ କରନ୍ତି ଆଉ ଖୁସି ହୁଅନ୍ତି। ଏଇ ମାଧ୍ୟମରେ ମୁଁ ବି ବହୁ ଖୁସି ହୋଇଥାଏ।

*-**ସୁମିତ୍ରା ଦାଶ,** ଗୃହିଣୀ, ଫୁଲନଖରା, କଟକ*

### ମାର୍କେଟିଂ କରେ



ଏକା ରହିବାକୁ ମତେ ଜମାରୁ ଭଲ ଲାଗେନି। ସେଥିପାଇଁ ଘରେ କାମ କରୁଥିବା ସମୟରେ ବି ପାଖରେ ଥିବା ଲୋକଙ୍କ ସହ ଗପୁଥାଏ। ଏମିତିରେ ମତେ ତ ପ୍ରାୟ ଫୁର୍‌ସତ ମିଳେନାହିଁ। ଯଦି ଘରେ ଫାଙ୍କା ସମୟ ପାଏ ତା'ହେଲେ ବିଭିନ୍ନ ପ୍ରକାରର ବହି ଓ ମାଗାଜିନ୍ ପଢେ। ଘରେ ବହୁତ ପ୍ରକାରର ବହି କଲେକ୍ସନ କରି ରଖିଛି। ତାପରେ ସମୟ ମିଳିଲେ ଘର ସଜାଏ ଆଉ ମାର୍କେଟିଂ କରିବାକୁ ଯାଏ। ଘର ପାଇଁ ହେଉ କି ନିଜ ପାଇଁ ବିଭିନ୍ନ ପ୍ରକାର ଜିନିଷ କିଣିବାକୁ ମତେ ବହୁତ ଭଲ ଲାଗେ। ସେଥିପାଇଁ ପ୍ରାୟ ସମୟ ମୁଁ ବିଭିନ୍ନ ଶପିଂ ମଲ୍‌କୁ ଯାଏ। *-**ମଧୁସ୍ମିତା ସ୍ୱାଇଁ, ଅଧ୍ୟାପିକା, ଭୁବନେଶ୍ୱର***

## ସୌନ୍ଦର୍ଯ୍ୟ

# କମ୍ ସମୟରେ ଫେସିଆଲ

**କାମର ବ୍ୟସ୍ତତା ଭିତରେ ଫେସିଆଲ କରିବା ନିମନ୍ତେ ଅନେକଙ୍କୁ ପ୍ରାୟତଃ ସମୟ ହୁଏନି। ଫଳରେ ସ୍କିନ୍ ଖରାପ ହେବାକୁ ଲାଗେ। ଏହି ସମସ୍ୟାରୁ ମୁକ୍ତିପାଇବା ପାଇଁ ଆପଣ ସହଜରେ ଫେସିଆଲ କରିବାର ଉପାୟ ଜାଣନ୍ତୁ...**



କମ୍ ସମୟରେ ଫେସିଆଲକରି ତ୍ୱଚାକୁ ନରମ ଓ ମୁଲାୟମ କରିବାକୁ ଚାହୁଁଥିଲେ ମାତ୍ର ଦୁଇଟି ଷ୍ଟେପ୍ ଆପଣାନ୍ତୁ। ପ୍ରଥମେ ସ୍କ୍ରବିଂ ଓ ଦ୍ୱିତୀୟରେ ଫେସ୍ ପ୍ୟାକ୍।

**ସ୍କ୍ରବିଂ-** ଫେସିଆଲ ନିମନ୍ତେ ପ୍ରଥମେ ସ୍କ୍ରବିଂ କରିବା ଦରକାର। ଏଥିପାଇଁ ମୁହଁକୁ ଭଲଭାବେ ଧୋଇ ସଫା କପଡ଼ାରେ ପୋଛିଦିଅନ୍ତୁ। ଏହାପରେ ଏକ ପାତ୍ରରେ ୧ ଚାମଚ କଫି ଗୁଣ୍ଡ, ୧ ଚାମଚ ନଡ଼ିଆତେଲକୁ ମିଶାଇ ଭଲଭାବେ ମୁହଁରେ ଲଗାଇ ହାଲ୍‌କାଭାବରେ ମସାଜ୍ କରନ୍ତୁ। ସର୍କୁଲାର ମୋସନରେ ହିଁ ମସାଜ୍ କରନ୍ତୁ। ଏପରି କରିବା ଫଳରେ ତ୍ୱଚାରେ ଥିବା ମୃତ କୋଷଗୁଡ଼ିକ ବାହାରିଯିବ। ଏଭଳିଭାବେ ପ୍ରାୟ ୧୦ ମିନିଟ୍ ମସାଜ୍ କରିବା ପରେ ଉଷୁମପାଣିରେ ମୁହଁ ଧୋଇଦିଅନ୍ତୁ। ଫ୍ରେଶ୍ ଲାଗିବ। ଏହା ପରେ ଫେସିଆଲର ଦ୍ୱିତୀୟ ଷ୍ଟେପ୍ ନିମନ୍ତେ ଏକ ଫେସ୍‌ପ୍ୟାକ୍ ଲଗାଇବାକୁ ହେବ।

**ଫେସ୍‌ପ୍ୟାକ୍-** ବାହାରୁ କୌଣସି ଫେସ୍‌ପ୍ୟାକ୍ କିଣିବା ବଦଳରେ ଘରେ ଥିବା ବିଭିନ୍ନ ସାମଗ୍ରୀରେ ମଧ୍ୟ ଭଲଭାବେ ଫେସିଆଲ କରାଯାଇପାରିବ। ଏଥିପାଇଁ ଏକ ପାତ୍ରରେ ଅଧା ଚାମଚ ହଳଦୀ, ୧ ଚାମଚ ଦହି, ୧ ଚାମଚ କଫି ଓ ୧ ଚାମଚ ନଡ଼ିଆ ତେଲ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହି ପ୍ୟାକ୍‌କୁ ମୁହଁ ଓ ବେକରେ ଭଲଭାବେ ଲଗାଇ ଦିଅନ୍ତୁ। ୧୫-୨୦ ମିନିଟ୍ ପରେ ମୁହଁ ଧୋଇ ଦିଅନ୍ତୁ। ସପ୍ତାହରେ ଅତିକମ୍‌ରେ ଥରେ ଏଭଳି ଫେସିଆଲ କରନ୍ତୁ। କିଛି ଦିନ ପରେ ତ୍ୱଚା ମୁଲାୟମ ହେବା ସହ ସୁନ୍ଦର ଦେଖାଯିବ।



## ଖାଦ୍ୟରୁଚି

# ଆଳୁ ପାମ୍ପଡ଼

**ଆବଶ୍ୟକ ସାମଗ୍ରୀ**

ଆଳୁ- ୧କେଜି, ଲେମ୍ବୁରସ- ୨ ଚାମଚ, ଗୋଲମରିଚ ଗୁଣ୍ଡ- ୧ ଚାମଚ, ଜିରା- ୧ ଚାମଚ, ହେଙ୍ଗୁ- ୧ ଚୁଟ୍‌କି, ଲୁଣ- ସ୍ୱାଦ ଅନୁସାରେ, ସୁଖାଇବା ପାଇଁ ପ୍ଲାଷ୍ଟିକ୍ ଜରି।



**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଆଳୁକୁ ସିଝାଇ ଏହାର ଚୋପା ଛଡ଼ାଇ ରଖନ୍ତୁ। ଏବେ ଏହାକୁ ହାତରେ ଭଲଭାବରେ ଚକଟି ଦିଅନ୍ତୁ କିମ୍ବା ଗ୍ରାଣ୍ଡିଂ ମଧ୍ୟ କରିପାରିବେ। ତେବେ ଏଥିରେ ପାଣି ଆଦୌ ଦିଅନ୍ତୁ ନାହିଁ। ଏହି ମିଶ୍ରଣ ଯେତେ ବହଳିଆ ହେବ ପାମ୍ପଡ଼ ସେତେ ଅଧିକ ସ୍ୱାଦିଷ୍ଟ ହେବ। ଏହି ମିଶ୍ରଣରେ ଲେମ୍ବୁରସ, ଗୋଲମରିଚ ଗୁଣ୍ଡ, ଜିରା, ଲୁଣ ଓ ହେଙ୍ଗୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହାକୁ ଛୋଟ ଛୋଟ ଗୋଲକରି ପତଳା କରି ବେଲନ୍ତୁ। ତେବେ ଅଧିକ ପତଳା କରନ୍ତୁ ନାହିଁ, କାରଣ ଶୁଖିବା ପରେ ଭାଙ୍ଗିବା ସମସ୍ୟା ମଧ୍ୟ ଦେଖାଦେଇପାରେ। ବେଲାହୋଇଥିବା ଏହି ପାମ୍ପଡ଼କୁ ଖରାରେ ଏକ ମୋଟା ପଲିଥିନ୍ ଅବା ପଟା ଉପରେ ଶୁଖାଇ ଦିଅନ୍ତୁ। ଟାଣ ଖରାରେ ୨ରୁ ୩ ଦିନ ଶୁଖିବା ପରେ ପାମ୍ପଡ଼ ପ୍ରସ୍ତୁତ ହୋଇଯିବ। ଏହାପରେ ତେଲରେ ଛାଣି ଏହାକୁ ଖାଆନ୍ତୁ। ଏୟାର ଟାଇଟ୍ ଡବା ଭିତରେ ଏହି ପାମ୍ପଡ଼କୁ ଢେର ଦିନ ଯାଏଁ ସାଇତି ରଖାଯାଇପାରିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରିଟେଲ କ୍ଷେତ୍ରରେ ଡିଜିଟାଲୀକରଣକୁ ଗୁରୁତ୍ୱ

**ଭୁବନେଶ୍ୱର,୨୩।୬ (ଅଭୟ ଦାଶ)**

ବର୍ତ୍ତମାନର ବ୍ୟସ୍ତବହୁଳ ସମୟ ମଧ୍ୟରେ ଲୋକମାନେ ଦିନକୁ ଦିନ ଡିଜିଟାଲ ସେବା ପ୍ରତି ଆକୃଷ୍ଟ ଓ ଅଭ୍ୟସ୍ତ ହୋଇପଡୁଛନ୍ତି। ଫଳରେ ରିଟେଲ କ୍ଷେତ୍ରର କାରବାର ଧୀରେ ଧୀରେ ମାନ୍ଦା ହେବା ସହିତ ଅନଲାଇନ ଓ ଇ-କମର୍ସ ପ୍ଲାଟଫର୍ମର ଚାହିଦା ବୃଦ୍ଧି ପାଉଛି। ଏହି ପରିପ୍ରେକ୍ଷୀରେ ରିଟେଲ କ୍ଷେତ୍ରର ଡିଜିଟାଲକରଣକୁ ସବୁ ସ୍ତର ଓ ବର୍ଗର ରିଟେଲ ବ୍ୟବସାୟୀମାନେ ଗୁରୁତ୍ୱ ଦେବା ସହ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାକୁ ଆଖି ଆଗରେ ରଖି ରିଟେଲ ଅପ୍ଟିମାଇଜେଶନ୍ ଏବଂ ଯୋଗାଣ ଶୃଙ୍ଖଳା ସମାଧାନ କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ ଲୋଜାଇଲର ନୂତନ ଗ୍ଲୋବାଲ୍ ଇନୋଭେଶନ୍ ସେଣ୍ଟରକୁ ଭୁବନେଶ୍ୱରଠାରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ସେହିଭଳି କମ୍ପାନୀର ଏହି ସମ୍ପ୍ରସାରଣ ବୈଷୟିକ ଉଦ୍ଭାବନ ପ୍ରତି ଲୋଜାଇଲର ପ୍ରତିବଦ୍ଧତା ଏବଂ ଅନ୍ତର୍ଜାତୀୟ ଟେକ୍ନୋଲୋଜିରେ ନିବେଶ ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବେ ଓଡ଼ିଶାର ଅଗ୍ରଗତିକୁ ହାଇଲାଇଟ କରୁଛି।



ଭୁବନେଶ୍ୱରରେ ଗ୍ଲୋବାଲ ଇନୋଭେଶନ ସେଣ୍ଟରକୁ ଅତିଥିମାନେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରୁଛନ୍ତି।

ଏହି ଅବସରରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଏଆଇ ବିପ୍ଲବରେ ଅଗ୍ରଣୀ ହେବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛନ୍ତି।

ସେ କହିଛନ୍ତି, ଆମର ଏଆଇ ନୀତି ରାଜ୍ୟ କ୍ୟାବିନେଟ ଦ୍ୱାରା ଅନୁମୋଦନ ପାଇଛି, ଯାହା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଓଡ଼ିଶାକୁ ଏକ ନେତୃତ୍ୱ ଭାବେ ସ୍ଥାନିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଲଟିଛି। ସେହିପରି ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରମୁଖ ସଚିବ ବିଶାଳ ଦେବ ଭୁବନେଶ୍ୱରକୁ ଏକ ଅଗ୍ରଣୀ ଆଇଟି ଗନ୍ତବ୍ୟସ୍ଥଳ ଭାବେ ଉନ୍ନୀତ କରିବା ପାଇଁ ରାଜ୍ୟର ମହତ୍ତ୍ୱାକାଂକ୍ଷୀ ଯୋଜନା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଲୋଜାଇଲର ପ୍ରତିଷ୍ଠାତା ତଥା ସିଇଓ ପୂର୍ଣ୍ଣ ମିଶ୍ର କହିଛନ୍ତି, ଏହି କେନ୍ଦ୍ର ଉଦ୍ଭାବନ ପାଇଁ ଆମର ଦୃଷ୍ଟିକୋଣ ଏବଂ ଏକ ଟେକ୍ନୋଲୋଜି ହବ୍ ଭାବେ ଓଡିଶାର ବିକାଶ ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାର ପ୍ରତିନିଧିତ୍ୱ କରୁଛି। ଆମେ ବିଶ୍ୱସ୍ତରୀୟ ରିଟେଲ ସମାଧାନ ନିର୍ମାଣ କରିବା ପାଇଁ ଉଚ୍ଚମାନର ନିଯୁକ୍ତି ସୃଷ୍ଟି କରି ଏବଂ ସ୍ଥାନୀୟ ପ୍ରତିଭାମାନଙ୍କ ସହ ସହଭାଗିତା କରି ଉତ୍ସାହିତ ଅଛୁ।

ଏହି ସେଣ୍ଟର ଭାରତ ଓ ବିଦେଶରୁ ପେସାଦାରମାନଙ୍କୁ ଆକର୍ଷିତ କରି କ୍ଲାଉଡ-ନେଟିଭ ଡେଭ୍‌ଲପମେଣ୍ଟ, ଏଆଇ/ଏମଏଲ, ଡାଟା ଇଞ୍ଜିନିୟରିଂ, ଡେଭ୍‌ଓପ୍‌ସ, ୟୁଆଇ/ୟୁଏକ୍ସ ଡିଜାଇନ ଓ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ କ୍ଷେତ୍ରରେ କ୍ୟାରିୟର ସୁଯୋଗ ପ୍ରଦାନ କରିବ। ଭୁବନେଶ୍ୱରର ବିକଶିତ ଟେକ୍ ଇକୋସିଷ୍ଟମ, ଜୀବନଯାପନ ପାଇଁ କମ୍ ଖର୍ଚ୍ଚ ଏବଂ ସୁଦୃଢ ପ୍ରତିଭା ଆଧାର ଏହାକୁ ଲଜାଇଲର ସମ୍ପ୍ରସାରଣ ପାଇଁ ଏକ ଆଦର୍ଶ ସ୍ଥାନରେ ପରିଣତ କରୁଛି।

ମିଶ୍ର ଆହୁରି ମଧ୍ୟ କହିଛନ୍ତି, ଆମେ ଏକ 'ମେକ୍ ଇନ ଓଡିଶା' ସଫଳ କାହାଣୀ ସୃଷ୍ଟି କରୁଛୁ, ଯାହା ବିଶ୍ୱବ୍ୟାପୀ ରିଟେଲରମାନଙ୍କୁ ସେବା ଯୋଗାଇବ। ଆମେ ରିଟେଲ ଟେକ୍ନୋଲୋଜିର ଭବିଷ୍ୟତକୁ ନୂଆ ରୂପ ଦେବାରେ ଆମ ସହ ଯୋଗ ଦେବା ପାଇଁ ଦକ୍ଷ ପେସାଦାରମାନଙ୍କୁ ଆମନ୍ତ୍ରଣ କରୁଛୁ।

ସ୍ୱତନ୍ତ୍ର ସଚିବ (ଆଇଟି ଆଣ୍ଡ ଇ) ମାନସ ପଣ୍ଡା ଏବଂ ଲଜାଇଲର ଭାରତ ମୁଖ୍ୟ ଶୁଭାଶିଷ ପଟ୍ଟନାୟକ ଏହି ଅବସରରେ ଯୋଗ ଦେଇଥିଲେ ଏବଂ ରାଜ୍ୟ ଆଇଟି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଏବଂ ଓଡ଼ିଶା କିପରି ଦେଶର ଏକ ପ୍ରମୁଖ ଆଇଟି ହବ୍‌ରେ ପରିଣତ ହୋଇଛି ତାହା ଉପରେ ଆଲୋକପାତ କରିଥିଲେ।

# ପିଏନ୍‌ବିର ନୂତନ ଶାଖା ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ବାଲିଗଡ଼ା,୨୩।୬(ସଞ୍ଜୟ କୁମାର ପାଣିଗ୍ରାହୀ)**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ନୂତନ ଶାଖା କନ୍ଧମାଳ ଜିଲା ବାଲିଗୁଡ଼ା ଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏପରିକି ପିଏନ୍‌ବି ବ୍ରହ୍ମପୁର ସର୍କଲର ଏହା ୫୬ତମ ଶାଖା ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ବ୍ରହ୍ମପୁର ସର୍କଲର ମୁଖ୍ୟ ପ୍ରତାପ କୁମାର ବୈରିଗଞ୍ଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପିଏନ୍‌ବି ଭୁବନେଶ୍ୱରର ଜୋନାଲ ମ୍ୟାନେଜର ଭୂଷଣ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଲମ୍ବୋଦର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସର୍କଲ ମୁଖ୍ୟ ବୈରିଗଞ୍ଜନ ପିଏନବିର ୧୩୦ ବର୍ଷର ଐତିହ୍ୟ ଉପରେ ଆଲୋକପାତ କରି ବାଲିଗୁଡ଼ା ଅଞ୍ଚଳର ବାସିନ୍ଦାଙ୍କୁ ସର୍ବୋତ୍ତମ ଗ୍ରାହକ ସେବା ପ୍ରଦାନ ଲାଗି ପ୍ରତିଶ୍ରୁତି ଦେଇଥିଲେ। ଜୋନାଲ ମ୍ୟାନେଜର ଶର୍ମା ଉପସ୍ଥିତ ଜନସାଧାରଣଙ୍କୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସହ ଜଡିତ ହେବାକୁ ଆହ୍ୱାନ ଦେଇ ବ୍ୟାଙ୍କ ସମ୍ପତ୍ତି ଏବଂ ଜମାକ୍ଷେତ୍ରରେ ଅନେକ ସେବା ପ୍ରଦାନ କରୁଥିବା ସୂଚନା ଦେଇଥିଲେ। ଜନସାଧାରଣଙ୍କୁ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧାର ଲାଭ ଉଠାଇବାକୁ ସେ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଶାଖା ପରିଚାଳକ ସତ୍ୟ ନାରାୟଣ ସାହୁ, କୋଷାଧ୍ୟକ୍ଷ ପ୍ରତାପ କୁମାର ମୁଦୁଲି, ଅଫିସର ଦୀପ୍ତିମୟୀ ପ୍ରଧାନୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଶତାଧିକ ଗ୍ରାହକ ଉପସ୍ଥିତ ଥିଲେ।

# ୪୦ ଦିନରେ ୨ଲକ୍ଷ କ୍ଷତିକାରକ ଲିଙ୍କ୍ ବ୍ଲକ୍

**ଭୁବନେଶ୍ୱର,୨୩।୬**

ବର୍ତ୍ତମାନ ସମୟରେ ଡିଜିଟାଲ ଠକେଇ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏପରିକି ସବୁ ବର୍ଗର ଲୋକ/ ଉପଭୋକ୍ତା ଏହି ଠକେଇରେ ଶିକାର ହେଉଛନ୍ତି। ଏ ନେଇ ସର୍ବଭାରତୀୟସ୍ତରରେ ଭାରତୀ ଏୟାରଟେଲ ପକ୍ଷରୁ ଏକ ଉନ୍ନତ ଠକାମି ଚିହ୍ନଟ ପ୍ରଣାଳୀ କାର୍ଯ୍ୟକାରୀ କରାଯାଇଛି। ବିଶେଷକରି ଏହାର ଏଆଇ-ଚାଳିତ ଠକାମି ଚିହ୍ନଟ ପ୍ରଣାଳୀକୁ ସାରା ଦେଶରେ ଶୁଭାରମ୍ଭ ସହ ପ୍ରୟୋଗ କରିବାର ଅଂଶ ଭାବେ କମ୍ପାନୀ ଓଡ଼ିଶାର ଗ୍ରାହକମାନଙ୍କୁ ମଧ୍ୟ ଏହି ସୁବିଧା ଯୋଗାଇ ଦେଉଛି। ଅପରପକ୍ଷରେ ଓଡ଼ିଶାରେ ବୃଦ୍ଧି ପାଉଥିବା ଅନଲାଇନ୍ ଠକାମିରୁ ଉପଭୋକ୍ତାଙ୍କୁ ସୁରକ୍ଷିତ ରଖିବା ମିଶନରେ କମ୍ପାନୀ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଛି। ସେହିଭଳି ଶୁଭାରମ୍ଭ ହେବାର ୪୦ ଦିନ ମଧ୍ୟରେ ଏୟାରଟେଲ୍ ପ୍ରାୟ ୨ ଲକ୍ଷ (୧,୮୮,୦୦୦ ରୁ ଅଧିକ) କ୍ଷତିକାରକ ଲିଙ୍କକୁ ବ୍ଲକ୍ କରିଛି ଏବଂ ସାରା ଦେଶରେ ୮୬ ନିୟୁତ ଉପଭୋକ୍ତାଙ୍କୁ ସୁରକ୍ଷା ଦେଇଛି। ଏହା ବାସ୍ତବ ସମୟ ବିପଦ ବୁଦ୍ଧିମତ୍ତା ବ୍ୟବସ୍ଥା ବ୍ୟବହାର କରି ପ୍ରତିଦିନ ୧ ବିଲିୟନରୁ ଅଧିକ ୟୁଆରଏଲ ଯାଞ୍ଚ ଏବଂ ୧୦୦ ମିଲିସେକେଣ୍ଡ୍ ମଧ୍ୟରେ କ୍ଷତିକାରକ ସାଇଟଗୁଡିକୁ ବ୍ଲକ୍ କରୁଛି। ଏୟାରଟେଲର ଏହି ଉନ୍ନତ ଠକାମି ଚିହ୍ନଟ ପ୍ରଣାଳୀ କାର୍ଯ୍ୟକାରୀ କରିବାର ମାତ୍ର ୪୦ ଦିନ ଭିତରେ ରାଜ୍ୟର ୩.୧ ନିୟୁତରୁ ଅଧିକ ଗ୍ରାହକଙ୍କୁ ସୁରକ୍ଷା ପ୍ରଦାନ କରିଛି।

# ଦିନକରେ ୨ ଗିନିଜ ବିଶ୍ୱ ରେକର୍ଡ

**ଭୁବନେଶ୍ୱର,୨୩।୬**

ଚଳିତ ବର୍ଷର ଅନ୍ତର୍ଜାତୀୟ ଯୋଗ ଦିବସରେ ଏକ ଅବିଶ୍ୱସନୀୟ ସଫଳତା ସହ ଦିନକ ମଧ୍ୟରେ ୨ଟି ଗିନିଜ ବିଶ୍ୱ ରେକର୍ଡ଼ ପ୍ରାପ୍ତ ହୋଇଛି। ଆୟୁଷ ମନ୍ତ୍ରଣାଳୟ ସହାୟତାରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଆୟୁଷ ବିଭାଗ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସରେ ଏହି ସଫଳତା ମିଳିଛି। ଆନ୍ଧ୍ରପ୍ରଦେଶର ଶାନ୍ତ ଉପକୂଳବର୍ତ୍ତି ସହର ବିଶାଖାପାଟଣାଠାରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଏହି ରେକର୍ଡ ଗିନିଜ ରେକର୍ଡ଼ବୁକରେ ସ୍ଥାନ ପାଇଛି। ଏହି କାର୍ଯ୍ୟକ୍ରମରେ ଲକ୍ଷ ଲକ୍ଷ ଲୋକଙ୍କ ଅଂଶଗ୍ରହଣ ଓ ରାଜନେତାଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଉତ୍ସବର ନେତୃତ୍ୱ ନେଇଥିଲେ। ସମାବେଶକୁ ସମ୍ବୋଧିତ କରି ସେ ବ୍ୟକ୍ତିଗତ ଭାବେ ଜୀବନକୁ ପରିବର୍ତ୍ତନ କରିବା ଓ ଏକ ସୁସ୍ଥ ସମାଜ ଗଠନ କରିବାରେ ଯୋଗର ମହତ୍ତ୍ୱ ବିଷୟ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଉପକୂଳବର୍ତ୍ତି ସହର ଦୁଇଟି ଗିନିଜ ବିଶ୍ୱ ରେକର୍ଡ଼ ସ୍ଥାପନ କରିଛି।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୨୩।୬**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୫୧୧(୫୧୧.୩୮) ପଏଣ୍ଟ ହ୍ରାସ ଘଟି ୮୧,୮୯୭ (୮୧,୮୯୬.୭୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୦(୧୪୦.୫୦) ପଏଣ୍ଟ କମି ୨୪,୯୭୨ (୨୪,୯୭୧.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# କେ୧୩ଏକ୍ସ ୫ଜିର ଶୁଭାରମ୍ଭ

**ଭୁବନେଶ୍ୱର,୨୩।୬**


ଓପୋ ଇଣ୍ଡିଆର ନୂତନ ଉତ୍ପାଦ ତଥା ସେଗମେଣ୍ଟର ସବୁଠାରୁ ମଜବୁତ ୫ଜି ସ୍ମାର୍ଟଫୋନ ଓପୋ କେ୧୩ଏକ୍ସ ୫ଜିର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ କରାଯାଇଛି। ଏହି ସ୍ମାର୍ଟଫୋନକୁ ସ୍ଥାୟିତ୍ୱ ଓ ସାମଗ୍ରିକ କାର୍ଯ୍ୟଦକ୍ଷତା ଚାହୁଁଥିବା ଛାତ୍ରୀଛାତ୍ର ଓ ଯୁବ ପେସାଦାରଙ୍କ ପାଇଁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଛି। ଏପରିକି କେ୧୩ଏକ୍ସ ୫ଜି ଏସ୍‌ଜିଏସ ଗୋଲ୍ଡ ଡ୍ରପ ସାର୍ଟିଫିକେଶନ, ଏସ୍‌ଜିଏସ ମିଲିଟାରୀ ଷ୍ଟାଣ୍ଡାର୍ଡ ସାର୍ଟିଫିକେଶନ ଓ ଏମ୍‌ଆଇଏଲ-ଏସ୍‌ଟିଡି ୮୧୦ଏଚ ମିଲିଟାରୀ-ଗ୍ରେଡ ଷ୍ଟାଣ୍ଡାର୍ଡ ସହ ଆସୁଛି। ଯାହା ଏହାକୁ ନିଜ ଶ୍ରେଣୀର ସବୁଠାରୁ ମଜବୁତ ଡିଭାଇସରେ ପରିଣତ କରୁଛି। ଏହାର ୩୬୦ ଡିଗ୍ରୀ ଡ୍ୟାମେଜ-ପ୍ରୁଫ ଆର୍ମର ବଡିକୁ ଏରୋସ୍ପେଶ-ଗ୍ରେଡ ଏଏମ୦୪ ଆଲୁମିନିୟମ ଆଲୟର ବ୍ୟବହାର କରି ନିର୍ମାଣ କରାଯାଇଥିବାବେଳେ କ୍ରିଷ୍ଟାଲ ସିଲ୍ଡ ଗ୍ଲାସ ସହ ସୁଦୃଢ କରାଯାଇଛି ଏବଂ ଡିପ୍-ସି ସ୍ପ ଦ୍ୱାରା ଅନୁପ୍ରାଣିତ ଏକ ବାୟୋମିମେଟିକ ସ୍ପ ସକ୍ ଆବ୍‌ଜରପ୍ସନ ସିଷ୍ଟମ ଦ୍ୱାରା ଉନ୍ନତ କରାଯାଇଛି। ଏଥିରେ ଆଇପି୬୫ ୱାଟର ଓ ଡଷ୍ଟ ରେଜିଷ୍ଟାନ୍ସ ରହିଛି। ଏ ସମ୍ପର୍କରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ, ସାଭିଓ ଡି'ସୁଜା କହିଛନ୍ତି, ଓପୋ ୧୩ଏକ୍ସ୫ଜି ସହିତ ଆମେ ଜେନ୍ ଜିଙ୍କ ବାସ୍ତବ ଦୁନିଆର ଆବଶ୍ୟକତା ଯେପରିକି ଚମତ୍କାର ସ୍ଥାୟିତ୍ୱ, ସୁଗମ କାର୍ଯ୍ୟଦକ୍ଷତା ଓ ଉନ୍ନତ ଶକ୍ତି ଦକ୍ଷତାକୁ ସୁଲଭ ମୂଲ୍ୟରେ ପୂରଣ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ କରିଛୁ।


# Classified Everyday

**0674-2580101, 9692975378**




**Ready to move 3BHK apartment sale at Palasuni Bhubaneswar & Duplex available in Patia after Railway Station. Price 1CR. onwards. 8763887357, 7992736330.** D-76276




2nos of 2BHK Residential flat with all facilities with 2wheeler parking available for Rent at Cuttack, Shivajee Nagar. Contact: 9040029298 D-990

**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391

**To-Let (For Office/ NGO/Store House only) 1. 1400sqft. fully furnished (Racks, Tables, Chairs, Ac) 2. Two Bed Rooms, One Drawing Room, One Dining Space, One Kitchen, Two Bath Room. At Shree Vihar, Chandras hekharpur, Patia. Contact No- 7030757614, 9438730447, 9437300287.** D-1048




Newly open Jyoti SPA positively health benefits (expert therapist). 8458067955. D-76923

Newly open health benefits SPA by expert therapist. Contact- 8280961126. D-76924

Positively health benefits SPA expert female therapist homely atmosphere. 8658088274. D-974

Full body massage by odia therapist in homely atmosphere. 9556498382. D-75392

## AFFIDAVIT

ସତ୍ୟପାଠ ସି.ଏଫ୍. ନଂ.-୭୩, ତା୦୪ ନଭେମ୍ବର ୨୦୨୪ରେ ଘୋଷଣା କରୁଅଛି କି ଏବେଠାରୁ ଝିଅର ନାମ ବର୍ଷା ଭୋଇ, ପିତା- କିଶୋର ଭୋଇ, ମାତା- ସୁଜାତା ଭୋଇ, ଗ୍ରାମ- ହାତିଶାଳ ଲୋକନାଥ ରୋଡ୍, ଜିଲ୍ଲା/ପୋଷ୍ଟ- ପୁରୀ, ଥାନା- ବାସୁଳିସାହି ସ୍ଥାୟୀ ଠିକଣାରେ ଆମ୍ଭେମାନେ ପରିଚିତ ହେବୁ। ଧ-୭୬୪୬୮

By virtue of an affidavit sworn before the Notary Public, Kalahandi, dated 16.05.2025, I, Taruna Majhi, R/o. Village/ P.O.- D.Karlakhunta, P.S.- M.Rampur, Dist.- Kalahandi, Odisha declare that I have changed my son's name from Pradip Majhi to Hemsagar Majhi. Henceforth, he shall be known as Hemsagar Majhi for all purposes.
Taruna Majhi D-1049

By virtue of an affidavit sworn before the Executive Magistrate, Anandapur, Dated 21.06.2025, I, Karunakar Shiala, Address: At-Aranyamadana, P.O.-Pataranga, P.S.-Korei, Dist.-Jajpur, Odisha-755019 declare that I have changed my name from Balaram Shiala to Karunakara Shiala. Henceforth, I shall be known as Karunakara Shiala for all purposes. D-1043

By virtue of an affidavit before the Executive Magistrate, Balasore, I, Smt. Binodini Gupta, W/o- Harihar Das, At./P.O.-Garadihi, P.S.-Berhampur, Dist.- Balasore, PIN-756041 do hereby declare that I have changed my minor grand daughter's name from Samarpita Routray to Kotishree Routray which was mentioned in her Birth Certificate. Samarpita Routray and Kotishree Routray is one and same person. Henceforth, Samarpita Routray shall be known as Kotishree Routray for all purposes. D-1045

By virtue of an affidavit sworn before the Executive Magistrate, Anandapur, dated 21.06.2025, I, Pravash Parida, Address: At-Natapada, P.O./P.S.-Jajpur Road, Dist.-Jajpur, Odisha-755019 declare that I have changed my son's name from Pritam Parida to Punyasloke Parida. Henceforth, he shall be known as Punyasloke Parida for all purposes. D-1044

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit sworn before Executive Magistrate, Bhuban, dated 19.06.2025, I, Santosh Kumar Swain, resident of 27, Deogan School Sahi, Badasasi, Budhamba, P.S.- Kabisuryanagar, Dist.- Ganjam, Odisha, PIN- 761105 declare that I have changed my name from Swain Santoshbhai Kartik to Santosh Kumar Swain. Henceforth, I shall be known as Santosh Kumar Swain for all purposes.
Santosh Kumar Swain D-1051

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ଜୟନ୍ତୀ ବାଗସିଂହ (ଟୁନି)**
ବଡ଼ପୋଖରୀ, ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଆବିର୍ଭାବ: ୦୨।୧୦।୧୯୬୩
ତିରୋଧାନ: ୧୪।୦୬।୨୦୨୫
ତୁମ ଆଦର୍ଶ, ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ସମସ୍ତଙ୍କ ପାଇଁ ଅଭୁଲା ହୋଇରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ। ଧ-୭୬୨୭୭

**ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ମୃତି ପରଦାରେ ୰ପ୍ରମିଳା ପାତ୍ର ଶତପଥୀ (ପମି)**
ମହାଦେବ ନଗର, ଭୁବନେଶ୍ୱର
ତିରୋଧାନ: ତା୦୧।୦୭।୨୦୧୫
ଦଶବର୍ଷ ବିତିଗଲାଣି କିନ୍ତୁ ତୁମ ସହିତ ବିତାଇଥିବା ସମୟର ସ୍ମୃତି ସବୁ ଆଜିବି ଜୀବନ୍ତ ଏବଂ ଭାବବିହ୍ୱଳ କରେ। ତୁମର ଶ୍ରଦ୍ଧାଦୀପ ମୁଖମଣ୍ଡଳ ଏବେବି ମଳିନ ପଡ଼ିନି। ତୁମ ଅଧାଗଡ଼ା ପରିବାରରେ ବର୍ଷେ ହେବ ଆମ୍ଭୋଜା (ରେଭା) ଆମ୍ଭୋଚନ କରିଅଛି। ତୁମେ ତାକୁ ସଶରୀରେ ଦେଖିପାରିଲ ନାହିଁ। କିନ୍ତୁ ସେ ତୁମ ଫଟୋକୁ ଦେଖି ସବୁବେଳେ ହାତଠାରି ତୁମକୁ ଆ-ଆ-ବୋଲି ଡାକିଅଛି। ତୁମେ ଯେଉଁଠି ଥାଅ ତାକୁ ଆଶୀର୍ବାଦ କର ସେ ଦୀର୍ଘାୟୁ, ଯଶସ୍ୱୀ, କୀର୍ତ୍ତିମାନୀ ହେଉ। ତୁମ ପୁଣ୍ୟ ଆତ୍ମାର ଶାନ୍ତି, ମୁକ୍ତି, ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ନିବେଦନ ଜଣାଉଛୁ।
ଶୋକସନ୍ତପ୍ତ: ନାତୁଣୀ: ରେଭା, ସ୍ୱାମୀ: ମକର, କନ୍ୟା: କିଟି, ବୋହୂ: ଲିନୁ ଓ ପୁଅ: ବବି ତଥା ଅନ୍ୟମାନେ। ଧ-୯୭୧

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ କୋର୍ଟ ଚାଲାଣ

**ଭବାନୀପାଟଣା,୨୩।୬(ଉତ୍ତମ କୁମାର ଦାଶ):** କଳାହାଣ୍ଡିଜିଲା ଭବାନୀପାଟଣା ଟାଉନ ଥାନା ପୋଲିସ ସୋମବାର ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିରେ ଜଣେ ମହିଳା ଓ ପୁରୁଷ ରହିଛନ୍ତି। ସେମାନେ ହେଲେ ବିହାର ରାଜ୍ୟ ମୁଜାଫରପୁର କୁରହାନୀ ଥାନା ଅନ୍ତର୍ଗତ ବସୁଲି ଗ୍ରାମର ଶଶିକାନ୍ତ ସାହାନି (୩୩) ଓ ସୁଲେଖା ଦେବୀ (୪୨)। ସେମାନଙ୍କଠାରୁ ପୋଲିସ ୭ କେଜି ୭୬୦ ଗ୍ରାମ ଗଞ୍ଜେଇ ଜବତ କରିଥିବାବେଳେ ଗୋଟିଏ ସ୍କୁଟି, ଦୁଇଟି ମୋବାଇଲ ଫୋନ ଓ ୬ଟି ଏଟିଏମ୍ ସହ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛି। ଏହାକୁ ନେଇ ଟାଉନ ଥାନାରେ ଏକ ମାମଲା (ନଂ.୨୪୨/୨୫) ରୁଜୁ ହୋଇଛି। ଟାଉନ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭବାନୀପାଟଣା ସଦର ଏସ୍‌ଡିପିଓ ଆଜିକ୍ୟ ମାନେ ଏହି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ସହରର ଟିଭି ସେଣ୍ଟର ପଡାରେ ଉପରୋକ୍ତ ୨ ଅଭିଯୁକ୍ତ ଏକ ଟ୍ରଲି ସୁଟକେସରେ ଗଞ୍ଜେଇ ଭର୍ତ୍ତି କରି ରାଜ୍ୟ ବାହାରକୁ ଚାଲାଣ କରିବା ପାଇଁ ପ୍ରୟାସ କରୁଥିବାବେଳେ ପୋଲିସ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା ।

### ବ୍ଲକ ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କଲେ ଜ୍ୟୋତି ନାଏକ

**କଲମପୁର,୨୩।୬(ଗଣେଶରାମ ବାଗ):** କଲମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାବେ ଜ୍ୟୋତି ନାଏକ ସୋମବାର ଅନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବାହ୍ନରେ ଜ୍ୟୋତି ନିଜ ସମର୍ଥକମାନଙ୍କ ସହିତ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ସମୟରେ ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗି, ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା ତାଙ୍କୁ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ବିଧାୟକ ପ୍ରତିନିଧି ସୁଶାନ୍ତ ରାଉତ, ବରିଷ୍ଠ ଭାଜପା ନେତା ବିଜୟ କୁମାର ପଣ୍ଡା, ଭାଜପା କଲମପୁର ମଣ୍ଡଳ ସଭାପତି ହିତେଶ କୁମାର ପାତ୍ର, ବିଜମରା ମଣ୍ଡଳ ସଭାନେତ୍ରୀ ସରିତା ସରାପ ପ୍ରମୁଖ ଉପସ୍ଥିତ ଥିଲେ। ସମର୍ଥକ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗତ ୧୮ ତାରିଖରେ ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନରେ ଜ୍ୟୋତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

### ଶିବିରରେ ୫୩ ଅଭିଯୋଗ ପଞ୍ଜୀକୃତ

**କୋକସରା,୨୩।୬ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କୋକସରା ବ୍ଲକ ସଭାଗୃହଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଡ଼. ହିମାଞ୍ଚଳ ମାଝୀଙ୍କ ଅଧ୍ୟକ୍ଷତାରେ ଜିଲାପାଳ ପାୱାର ସଚିନ ପ୍ରକାଶ, ଏସ୍‌ପି ନାଗରାଜ ଦେବରକୋଣ୍ଡା, ଧର୍ମଗଡ଼ ଭାରପ୍ରାପ୍ତ ଉପଜିଲାପାଳ ଅଜୟ ପ୍ରକାଶ ଟାର୍କି, ସିଡିଓ ଦୟାମୟ ପାଢ଼ୀ, କୋକସରା ତହସିଲଦାର କ୍ଷୀରୋଧ ନାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ବ୍ଲକର ୨୨ ପଞ୍ଚାୟତରୁ ୫୩ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରୁ ୩୦ ସାମୂହିକ ଓ ୨୩ ଗୋଟି ବ୍ୟକ୍ତିଗତ ରହିଥିଲା। ଜିଲାପାଳ ଅଭିଯୋଗ ଶୁଣିବା ସହ ବିଭାଗୀୟ ଅଧିକାରୀଙ୍କୁ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଚେତନ ନାଗରିକ ମଞ୍ଚ ପକ୍ଷରୁ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ପ୍ରସ୍ତାବିତ ଆଦର୍ଶ ଶ୍ମଶାନ ନିର୍ମାଣ ପ୍ରକ୍ରିୟା ଆରମ୍ଭ, ପୋଲିସ ପାଟ୍ରୋଲିଂ କଡାକଡି କରିବା, ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ଭଳି ଅଭିଯୋଗ ହୋଇଥିଲା। ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ଜିପିଡ଼ିଓ ରାଜେନ୍ଦ୍ର ପାତ୍ର, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ମଣ୍ଡିରୁ ଧାନ ନ ଉଠିଲେ ଜୁଲାଇ ୧ରେ ଧାରଣା

**ନୂଆପଡ଼ା,୨୩।୬ (ମକାରୁ ବେମାଲ):** ନୂଆପଡ଼ା ଜିଲା ଯୁବ କଂଗ୍ରେସ ସଭାପତି ଅମିତ କୁମାର ଅହିରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ମଧୁସୂଦନ ଦାଶଙ୍କୁ ସାକ୍ଷାତ କରି ମଣ୍ଡି ସମସ୍ୟା ଉପରେ ଆଲୋଚନା କରି ଶୀଘ୍ର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ସମାଧାନ ନ ହେଲେ ଜୁଲାଇ ୧ରୁ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଜିଲାର ବିଭିନ୍ନ ମଣ୍ଡିରେ ୫୦ ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ପଡିରହିଥିବା କର୍ମକର୍ତ୍ତା ଦର୍ଶାଇଥିଲେ।

# ଟୋକନ୍ ଅବଧି ସରିଲା, ଉଠିଲାନି ଧାନ

**ଭବାନୀପାଟଣା,୨୩।୬(ଉତ୍ତମ କୁମାର ଦାଶ)**


ଜିଲାର ଦେଉଣ୍ଡି ମଣ୍ଡିରେ ଧାନ ବିକ୍ରି ନ ହୋଇ ପଡିରହିଛି।

କଳାହାଣ୍ଡି ଜିଲାରେ ଚଳିତ ରବି ଧାନ କିଣା ଅବ୍ୟସ୍ଥାରେ ଚାଲିଥିବା ଦେଖିବାକୁ ମିଳିଛି। ଅନେକ ମଣ୍ଡିରେ ଏବେ ମଧ ହଜାର ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ଲଗାଣ ବର୍ଷା ଚାଷୀଙ୍କ ସମସ୍ୟାକୁ ଆହୁରି ଦ୍ୱିଗୁଣିତ କରି ଦେଉଛି। ବର୍ଷାରେ ଧାନ ଭିଜୁଥିବାରୁ ଗଜା ହେବା ସହ ରଙ୍ଗ ବିହୀନ (ଡିସ୍‌କଲର) ହେଉଛି। ଏଥିଯୋଗୁ ମିଲର ଧାନ ଉଠାଉ ନାହିଁ। ଟୋକନ ଅବଧି ମଧ ଶେଷ ହୋଇଯାଉଛି। ହେଲେ ମଣ୍ଡିରୁ ଧାନ ଉଠୁନାହିଁ। ଜିଲାର ଜୁନାଗଡ଼ ବ୍ଲକ ଦେଉଣ୍ଡି ମଣ୍ଡିରେ ୬ ଜଣ ଚାଷୀଙ୍କ ଟୋକନ ଅବଧି ଶେଷ ପରେ ମଧ ଧାନ ଉଠିପାରି ନ ଥିଲା। ସ୍ଥାନୀୟ ଧାନକ୍ରୟ ଅଧିକାରୀ ମଧୁସୂଦନ ହଂସ ଧାନ ଡିସ୍‌କଲର ଯୋଗୁ ଧାନ ଉଠି ନ ଥିଲା ବୋଲି ସଫେଇ ଦେଇଛନ୍ତି। ତେବେ ସପ୍ତାହରୁ ଉର୍ଦ୍ଧ୍ୱ ଧରି ଏହି ଚାଷୀଙ୍କ ଧାନ ମଣ୍ଡିରୁ ଉଠାଣ କରାଯାଇ ନ ଥିଲା। ଫଳରେ ବର୍ଷା ଯୋଗୁ ସେମାନଙ୍କ ଧାନ ଡିସ୍‌କଲର ହୋଇଯାଇଥିଲା। ସ୍ଥାନୀୟ ଧାନ କ୍ରୟ ଅଧିକାରୀଙ୍କ ଅବହେଳା ପାଇଁ ସେମାନଙ୍କ ଧାନ ଉଠି ନ ଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଏହି ମଣ୍ଡିରେ ଏବେ ମଧ ୮୫ ଜଣ ଚାଷୀଙ୍କ ୪୬୭୮ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି।

ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ରବିବାର ସୁଦ୍ଧା ୪୦ ହଜାର ୯୦୪ ଚାଷୀଙ୍କ ୨୮ ଲକ୍ଷ ୭୧ ହଜାର ୨୦୮ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ସେଥିମଧ୍ୟରୁ ରବିବାର ଗୋଟିଏ ଦିନରେ ୧୧୮୨ ଜଣ ଚାଷୀଙ୍କ ୮୮ ହଜାର ୮୯୭ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ଜିଲାରେ ରବି ଧାନ କିଣା ଟାର୍ଗେଟ ବର୍ତ୍ତମାନ ସୁଦ୍ଧା ୩୨ ଲକ୍ଷ ୨୨ ହଜାର ରହିଥିବାବେଳେ ଅବଶିଷ୍ଟ ଧାନ ଏବେ ବି ବିକ୍ରି ନ ହୋଇ ମଣ୍ଡିରେ ପଡିଛି। ସେହିପରି ଚଳିତ ରବି ଧାନ ସଂଗ୍ରହ ପାଇଁ ଜିଲାରେ ୧୪୪ ଟି ଧାନ ମଣ୍ଡି ରହିଥିବାବେଳେ ସେଥିମଧ୍ୟରୁ ବର୍ତ୍ତମାନ ୪୬ ଟି ମଣ୍ଡିରେ ଧାନ କିଣା ସରିଥିବା ଜଣାପଡିଛି। ପ୍ରକାଶ ଯେ, ଏହି ସମୟରେ ଚାଷୀମାନେ ରବି ଧାନ ଅମଳ ପ୍ରକ୍ରିୟା ସାରି ଖରିଫ ଚାଷ ପାଇଁ ସଜବାଜ ହେବା କଥା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ରବି ଧାନ ବିକ୍ରି ଶେଷ ହୋଇ ନାହିଁ। ଜିଲାର ଆଟିଗାଁ, ବାଲିଛଡ଼ା, ନକଟିଗୁଡା, ମାଟିଗାଁ, ଦାସିଗାଁ, କୁଲିହାରି, କଲେଇଗାଁ, ଚିଟୈଗୁଡା, ମହିଚଳା, କଳିଆକୁଣ୍ଡଲ, ଦେଉଣ୍ଡି, ଟିଙ୍ଗୁଡ଼ିସର ଆଦି ମଣ୍ଡିରେ ଅନେକ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡି ରହିଛି।

**ଅବ୍ୟବସ୍ଥାରେ କଳାହାଣ୍ଡିରେ ଧାନ କିଣା**

## ସରିଲା ବିକାଶ ବାହନ ରଥ ଭ୍ରମଣ


ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ଥୁଆମୂଳ ରାମପୁର,୨୩।୬(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍‌ର ୨୩ ପଞ୍ଚାୟତରେ ବିକାଶ ବାହନ ଭ୍ରମଣ ଶେଷ ହୋଇଥିବା ବେଳେ କେରପାଇ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହୋଇପାରି ନ ଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ବିକାଶ ବାହନ ବିଭିନ୍ନ ପଞ୍ଚାୟତ ବୁଲି ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ଶେଷଦିନରେ ରଥକୁ ସିଲେଟ ଗ୍ରାମପଞ୍ଚାୟତଠାରେ ସରପଞ୍ଚ ନିଳାଦେଈ ମାଝୀ ଓ ପଞ୍ଚାୟତ ଅଧିକାରୀ ମୁକେଶ କୁମାର ପଟେଲ ଭବ୍ୟ ସ୍ୱାଗତ କରିଥିଲେ। ଏଥିରେ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ବିପିନ ନାଏକ, ଭାଜପା ନେତା ବାଜ୍ରା ଭୋଇ, ସାନୁର୍ଯ୍ୟ ପ୍ରଧାନୀ, ଆଲୋକ କୁମାର ନାଏକ, ବାମୁନୁ ନାଏକ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ୍ ପ୍ରଶାସନ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ସାଙ୍କୋ ହେମ୍ବ୍ରମ, ବିଏସ୍‌ଏସ୍‌ଓ ସୁନାରାମ ସୋରେନ, ବିପିସି ରାଜେନ୍ଦ୍ର ନାରାୟଣ ସିଂହ ଯୋଗଦେଇ ବର୍ଷକ ମଧ୍ୟରେ ଯାହା ସବୁ ବିକାଶମୂଳକ କାର୍ଯ୍ୟ ହୋଇଛି ତାହା ଅବଗତ କରିଥିଲେ। କେରପାଇ ପଞ୍ଚାୟତରେ ରଥ ମଞ୍ଚକୁ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକେ ଆସିଥିବା ସମସ୍ତ ଅଧିକାରୀ, ଜନପ୍ରତିନିଧି, ଭାଜପା ନେତାଙ୍କୁ ଘେରିଯାଇ ରଥ ପରିକ୍ରମାକୁ ମନାକରି ପଥ ଓଗାଳିଥିଲେ। ବର୍ଷକ ମଧ୍ୟରେ ସରକାର ଆମ ଦୁର୍ଗମ ଅଞ୍ଚଳରେ କ'ଣ ସବୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି ତା'ର ତାଲିକା ମାଗିଥିଲେ। ଅଞ୍ଚଳର ରାସ୍ତାଘାଟ, ପାନୀୟ ଜଳ, ବିଜୁଳି, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ କରାଗଲେ ବିକାଶ ବାର୍ତ୍ତା ନେଇ ଆସିବେ ବୋଲି ଯୁକ୍ତି ବାଢିଥିଲେ।

**କେରପାଇ ପଞ୍ଚାୟତରେ ହୋଇପାରିଲାନି କାର୍ଯ୍ୟକ୍ରମ**

## ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଭବାନୀପାଟଣା,୨୩।୬(ଉତ୍ତମ କୁମାର ଦାଶ)**


ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଧାରଣା ଦେଇଛନ୍ତି।

ଲେଭଲ -୨ରୁ ଲେଭଲ-୧କୁ ପଦୋନ୍ନତି ଦାବି ନେଇ କଳାହାଣ୍ଡି ଜିଲାର ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ସୋମବାରଠାରୁ ସେମାନେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ କାର୍ଯ୍ୟରତ ଏହି ମହିଳା ସ୍ୱାସ୍ଥ୍ୟ କର୍ମୀମାନେ କରୋନା ସମୟରେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କ ସେବା କରିଥିଲେ। ଏପରିକି ସରକାର ମଧ କରୋନା ଯୋଦ୍ଧା ହିସାବରେ ସେମାନଙ୍କୁ ସମ୍ମାନିତ କରିଥିଲେ। ଏପରିସ୍ଥଳେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପତ୍ର ସଂଖ୍ୟା ୩୫୦୦୨ ମାଧମରେ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଗତ ଜାନୁଆରୀ ମାସର ଶେଷ ସପ୍ତାହ ମଧରେ ଡିପିସି ବୈଠକ କରାଇ ସ୍ୱାସ୍ଥ୍ୟକର୍ମୀ (ମହିଳା/ପୁରୁଷ)ଙ୍କୁ ଲେଭଲ -୨ରୁ ଲେଭେଲ-୧କୁ ପଦୋନ୍ନତି ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ରମରେ ଗତ ଏପ୍ରିଲ ୧୦ରେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା)ଙ୍କ ଡିପିସି ବୈଠକ ହୋଇଥିଲା। ଡିପିସି ସୁପାରିଶ କ୍ରମେ ଯୋଗ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ଲେଭଲ -୨ରୁ ଲେଭଲ -୧କୁ ପଦୋନ୍ନତି ହୋଇନାହିଁ। ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀଙ୍କ ପଦୋନ୍ନତି ପାଇଁ ସରକାର ରବିବାର ଘୋଷଣା କରିଥିବାବେଳେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତି କ୍ଷେତ୍ରରେ କିଛି ପଦକ୍ଷେପ ନେଇ ନ ଥିବାରୁ ସେମାନଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପଦୋନ୍ନତି ନ ମିଳିବା ଯାଏ ଏହି ଆନ୍ଦୋଳନ ଚାଲିବ ବୋଲି ଜିଲା ସଭାନେତ୍ରୀ ନମିତା ସାହୁ ପ୍ରକାଶ କରିଛନ୍ତି।

## ମାଉସୀ ମା' ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଲାଞ୍ଜିଗଡ଼,୨୩।୬(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ଠାରେ ମାଉସୀ ମା' ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ପୂର୍ଣ୍ଣାହୁତି ସହ ଶେଷ ହୋଇଛି। ଶନିବାର କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିବାବେଳେ ରବିବାର ନାମଯଜ୍ଞର ଭୂମାତା, ଗୋ-ସାବିତ୍ରୀ, ଗୁରୁପୂଜା ସୂର୍ଯ୍ୟାର୍ଘ୍ୟ, ଶାଳାପୂଜା, ବନଯାଗ, କାରୁଶାଳା ସ୍ନାନ, ହୋମ ସହିତ ରତ୍ନମୁଦ ଅନୁଷ୍ଠିତ ହୋଇଥିଲା। ସୋମବାର ପାର୍ଶ୍ୱ ଦେବତା, ଦ୍ୱାରଦେବତା, ମୁଖ୍ୟ ଦେବତା ସିଂହାସନେ ବିଜେ ଓ ପୂର୍ଣ୍ଣାହୁତି ସହିତ ପ୍ରତିଷ୍ଠା ମହୋତ୍ସବ ସମ୍ପୂର୍ଣ୍ଣ ହୋଇଥିଲା। ଏଥିରେ କର୍ତ୍ତା ଭାବେ ଚନ୍ଦ୍ରଧ୍ୱଜ ପେଶନିଆ ଓ ଧର୍ମପତ୍ନୀ ଶାନ୍ତିଲତା ପେଶନିଆ, ସୁବାସ ଅଗ୍ରୱାଲ ଓ ଧର୍ମପତ୍ନୀ ପିଙ୍କିବାଇ ଅଗ୍ରୱାଲ ଏବଂ ଶରତ ଚନ୍ଦ୍ର ସିଂ ଓ ତାଙ୍କ ଧର୍ମପତ୍ନୀ ସବିତା ସିଂ ଦାୟିତ୍ୱ ତୁଲାଉଥିବା ବେଳେ ମୁଖ୍ୟ ପୂଜକ ଭାବେ ଅନନ୍ତ ଚରଣ ରଥ, ପୂଜକ ଭାବେ ନିକୁଞ୍ଜ ଶତପଥି, ସୁନୀଲ ମିଶ୍ର, ସନ୍ତୋଷ ପାଣିଗ୍ରାହୀ, ସୁଦାମ ରଥ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ଗୌରୀ ଶଙ୍କର ରଥ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଉଥିଲେ।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

**ନୂଆପଡ଼ା,୨୩।୬ (ମକାରୁ ବେମାଲ)**

ନୂଆପଡ଼ା ଭାଜପା ଜିଲା କାର୍ଯ୍ୟାଳୟଠାରେ ସୋମବାର ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପୂଣ୍ୟତିଥି ବା ବଳିଦାନ ଦିବସ ପାଳିତ ହୋଇଯାଇଛି। ଭାଜପା ଜିଲା ସଭାପତି କମଲେସ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ, ସିଭିଲ ବାର ଆସୋସିଏଶନ ପୂର୍ବତନ ଜିଲା ସଭାପତି ସୁଶାନ୍ତ କୁମାର ପତି, ମୁନ୍ନା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତୀୟ ଜନସଂଘର ପ୍ରତିଷ୍ଠାତା ତଥା ରାଷ୍ଟ୍ରବାଦର ପ୍ରତୀକ ଥିଲେ। ତାଙ୍କର ବଳିଦାନକୁ ଆଜି ସାରା ଦେଶ ସ୍ମରଣ କରୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ଶତାଧିକ ଭାଜପା କର୍ମକର୍ତ୍ତା ସାମିଲ ହୋଇଥିଲେ। ଶେଷରେ ଜିଲା ସଭାପତି ଦୀକ୍ଷିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ଶିକ୍ଷାବିତ୍ ଜନସଂଘ ପ୍ରତିଷ୍ଠାତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୭୩ତମ ବଳିଦାନ ଦିବସ ସୋମବାର ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତୀଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ସାଙ୍ଗଠନିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକ ବଗର୍ତ୍ତୀ ମୁଖ୍ୟ ଅତିଥି, ନୂଆପଡ଼ା ଜିଲା ଓବିସି ମୋର୍ଚ୍ଚା ସଭାପତି ଅଜିତ କିଶୋର ଚଲାନ ମୁଖ୍ୟବକ୍ତା ଓ ରିଶିପିଟି ମଣ୍ଡଳ ସଭାପତି ସୁଶାନ୍ତ କୁମାର ବିଶି, ସୁନ୍ଦର ମଣ୍ଡଳ ସଭାପତି ରତ୍ନାକର ହଂସ, କାର୍ଯ୍ୟକର୍ତ୍ତା ପ୍ରଶାନ୍ତ କୁମାର ଦାସ, ହରି ପ୍ରଧାନୀ, ରାତ୍ରାନନ୍ଦ ମନହିରା, ହେମନ୍ତ ସିଂହ ବାବୁ, ଦେବେନ୍ଦ୍ର ବେହେରା, ଗୌରବ ସିଂହ ବାରିକ, ସୌମ୍ୟରଞ୍ଜନ ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

**କୋକସରା(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କଳାହାଣ୍ଡି ଜିଲା କୋକସରା ଭାଜପା ପକ୍ଷରୁ ଜନ ନାୟକ ଡ଼. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କର୍ମକର୍ତ୍ତାମାନେ ତାଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ପରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। କୋକସରା ମଣ୍ଡଳ ସଭାପତି ବସନ୍ତ ନାଗଙ୍କ ସଭାପତିତ୍ୱରେ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ସାଂସଦ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ, ବରିଷ୍ଠ ନେତା ନୀଳକଣ୍ଠ ମାଝୀ ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ମନୋଜ କୁମାର ନାଏକ ପରିଚାଳନା କରିଥିବା ବେଳେ ସମ୍ପାଦକ ଶାରଳା ପ୍ରସାଦ ପ୍ରଧାନୀ, ପଦ୍ମଲୋଚନ ନାଏକ, ଧର୍ମାନନ୍ଦ ନେଗୀ, ରତନ ମାଝୀ, ଭାବଗ୍ରାହୀ ପ୍ରଧାନୀ, ମୁକୁନ୍ଦ ପଟ୍ଟନାୟକ, ବିପିନ ମହାରଣା ଉପସ୍ଥିତ ଥିଲେ।

**ଜୁନାଗଡ଼(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ଭାଜପା କାର୍ଯ୍ୟାଳୟରେ ସୋମବାର ବଳିଦାନ ଦିବସ ପାଳିତ ହୋଇଯାଇଛି। ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୨ ତମ ପୁଣ୍ୟ ତିଥିରେ ସାରା ଦେଶରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ଭାଜପା କାର୍ଯ୍ୟକର୍ତ୍ତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭାଜପାର ହିମାଂଶୁ ଶେଖର ବରାଡ଼, ପୂର୍ବତନ ଏନ୍‌ଏସି ନଗରପାଳ ମୁକେଶ ଅଗ୍ରୱାଲ, ସୁଧାଂଶୁ ବରାଡ଼, ରଞ୍ଜନ ରାଉତ, ଶିବ ରାମ ରାଉତ, କାଳନ୍ଦୀ ପାଣିଗ୍ରାହୀ, ବିକ୍ରାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।


ନୂଆପଡ଼ାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

## ନୋଟିସ୍ ବୋର୍ଡରେ ଟଙ୍ଗା ହେବ ପଞ୍ଚାୟତ ଆୟବ୍ୟୟ ହିସାବ


ଅଧିକାରୀମାନଙ୍କ ଉପସ୍ଥିତିରେ ଜିଲାପାଳ ସମୀକ୍ଷା କରୁଛନ୍ତି।

**ନୂଆପଡ଼ା,୨୩।୬ (ମକାରୁ ବେମାଲ)**

ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପଞ୍ଚାୟତ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ପଞ୍ଚାୟତ ଅଧିକାରୀ ଲଛମନ ଓରାମ ଉପସ୍ଥିତ ଥିଲେ। ଜିଲା ପଞ୍ଚାୟତ ଅଧିକାରୀ ଓରାମ ସମସ୍ତ ପଞ୍ଚାୟତର ଆୟବ୍ୟୟ ହିସାବ ବୈଠକରେ ରଖିଥିଲେ। ସମୀକ୍ଷାରୁ ଜଣାପଡିଲା ଯେ, ଜିଲାର ୧୩୧ ପଞ୍ଚାୟତ ଜୁନ ୨୦ ସୁଦ୍ଧା ପଞ୍ଚମ ରାଜ୍ୟ ଅର୍ଥ କମିଶନରୁ ୩ କୋଟି ୧୯ ଲକ୍ଷ ୫୨ ହଜାର ଟଙ୍କା ଅନୁଦାନ ପାଇ ୧ କୋଟି ୨୧ ଲକ୍ଷ ୫୮ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି । କେନ୍ଦ୍ରୀୟ ଅନୁଦାନରୁ ୨୧ କୋଟି ୯୪ ଲକ୍ଷ ୪୦ ହଜାର ପାଇଥିବା ବେଳେ ୯ କୋଟି ୭୦ ଲକ୍ଷ ୮୬ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ବିଭିନ୍ନ ପଞ୍ଚାୟତର ୧୧୮୨ ପୋଖରୀ ନିଲାମରୁ ୬୭ ଲକ୍ଷ ୪୯ ହଜାର ଟଙ୍କା ଆୟ ହୋଇଥିବା ବେଳେ ୪୪ ସପ୍ତାହିକ ବଜାରରୁ ୧୨ ଲକ୍ଷ ୫୭ ହଜାର ଓ ୫୫୫ ମାର୍କେଟ କମ୍ପ୍ଲେକ୍ସରୁ ୬ ଲକ୍ଷ ଟାଙ୍କା ଆୟ ହୋଇଛି। ଜିଲାପାଳ କହିଥିଲେ, ସମସ୍ତ ବିଡିଓ, ଡିପିଓ, ଜିପିଡିଓ ନିୟମିତ ବ୍ୟବଧାନରେ ସମସ୍ତ ପଞ୍ଚାୟତ ନିରୀକ୍ଷଣ କରିବେ। ମାସ ଆରମ୍ଭରେ ଗତ ମାସର ଆୟବ୍ୟୟର ହିସାବ ସମସ୍ତ ବ୍ଲକ ଓ ପଞ୍ଚାୟତର ନୋଟିସ ବୋର୍ଡରେ ଟଙ୍ଗାଯିବ। ପୂର୍ବ ମାସ ସଭାର ବିବରଣୀ ପାଠ କରାଯିବା ସହ କ'ଣ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଛି ସେଠାରେ ସୂଚନା ଦିଆଯିବ। ପ୍ରତି ବୁଧବାର ସମସ୍ତ ପଞ୍ଚାୟତରେ ରୋଜଗାର ଦିବସ ସହ ସ୍ୱଚ୍ଛତା ଦିବସ ମଧ ପାଳନ ହେବ। ପଞ୍ଚାୟତର ସମସ୍ତ ଜବରଦଖଲ ଜମି ତହସିଲଦାରମାନଙ୍କ ସହାୟତାରେ ମୁକ୍ତ କରାଯିବବୋଲି ଜିଲାପାଳ ସୂଚନା ଦେଇଛନ୍ତି ।

## ଶିବାଂଶ ଷ୍ଟ୍ରାଇକର୍ସକୁ ହରାଇ ଉମେଶ ୟୁ ମୁମ୍ବା ଚାମ୍ପିୟନ

**ନୂଆପଡ଼ା,୨୩।୬ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ସୋମବାର ପ୍ରଥମ କୋମନା ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ଶିବାଂଶ ଷ୍ଟ୍ରାଇକର୍ସ ଓ ଉମେଶ ୟୁ ମୁମ୍ବା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉମେଶ ୟୁ ମୁମ୍ବା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲା। ଜବାବରେ ଶିବାଂଶ ଷ୍ଟ୍ରାଇକର୍ସ ଦଳ ସମାନ ଓଭରରେ ସମସ୍ତ ଉଇକେଟ ହରାଇ ୮୫ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଫଳରେ ଉମେଶ ୟୁ ମୁମ୍ବା ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସମାରୋହରେ ସାମାଜିକ କର୍ମୀ କାର୍ତ୍ତିକ ଦୀପ, ମାଧବ ପ୍ରସାଦ ସାହୁ ଓ କୋମନା ଥାନା ଅଧିକାରୀ ସୁମନ୍ତ କୁମାର ନାୟକ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ନଗଦ ରାଶି ସହ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

## ମମତାଙ୍କୁ ମିଳିଲା ଭତ୍ତା

**କର୍ଲାମୁଣ୍ଡା,୨୩।୬(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଗଜବାହାଲ ପଞ୍ଚାୟତ ଧରାଖମନ ଗାଁର ମମତା ଭୋଇଙ୍କ ସ୍ୱାମୀ ମାଡ୍ରାସ ଭୋଇ (୪୫) କୌଣସି ରୋଗରେ ଆକ୍ରାନ୍ତ ହୋଇ ଗତ ମାର୍ଚ୍ଚ ମାସରେ ମୃତ୍ୟୁବରଣ କରିଥିଲେ।

**ଧରିତ୍ରୀ ପ୍ରଭାବ**

ଏହାପରେ ମମତା ୨ ସନ୍ତାନ ଝିଅ ଡୋଲେଶ୍ୱରୀ ଭୋଇ (୧୮) ଓ ପୁଅ ଦେବ ଭୋଇ (୧୩)ଙ୍କୁ କିପରି ପାଠ ପଢ଼ାଇ ପେଟ ପୋଷିବେ ସେହି ଚିନ୍ତାରେ ଭାଙ୍ଗିପଡ଼ିଥିଲେ। ଏ ନେଇ ଧରିତ୍ରୀରେ 'ମମତାଙ୍କ ମୁଣ୍ଡ ଉପରେ ୨ ସନ୍ତାନଙ୍କ ବୋଝ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହା ପରେ ବ୍ଲକ୍ ପ୍ରଶାସନ ତତ୍ପରତା ଦେଖାଇ ମମତାଙ୍କୁ ବିଧବା ଭତ୍ତା ପ୍ରଦାନ କରିଛି। ସୋମବାର କର୍ଲାମୁଣ୍ଡା ବିଡିଓ ଦେବେନ୍ଦ୍ର ସାମଲ, ଭାରପ୍ରାପ୍ତ ବ୍ଲକ ସାମାଜିକ ସମ୍ପ୍ରସାରଣ ଅଧିକାରୀ (ବିଏସ୍‌ଇଓ) ପ୍ରଦୀପ କୁମାର ମାଝୀ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ସ୍ୱାଗତ କୁମାର ପାଣିଗ୍ରାହୀ, ଗଜବାହାଲ ପିଇଓ ସୁବାସ ସାହୁ ଧରାଖମନ ଗାଁରେ ପହଞ୍ଚି ମମତାଙ୍କୁ ବିଧବା ଭତ୍ତା ପ୍ରଦାନ କରିଛନ୍ତି।


ବିଡିଓ ଦେବେନ୍ଦ୍ର ସାମଲ ମମତାଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି।

# ଜନ ପ୍ରତିନିଧି ଓ ବ୍ଲକ ପ୍ରଶାସନ ମୁହାଁମୁହିଁ

**ବିଡିଓଙ୍କୁ ଘେରିଲେ ଜନପ୍ରତିନିଧି**

**ଲାଞ୍ଜିଗଡ଼, ୨୩।୬(ରମେଶ ଚନ୍ଦ୍ର ନାୟକ)**


ବ୍ଲକ ଅଫିସ ଆଗରେ ଜନପ୍ରତିନିଧି ଓ ଅଞ୍ଚଳବାସୀଙ୍କ ବିକ୍ଷୋଭ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶା ଅନୁଦାନକୁ ନେଇ ଜନ ପ୍ରତିନିଧି ଓ ବ୍ଲକ ପ୍ରଶାସନ ସୋମବାର ମୁହାଁମୁହିଁ ହୋଇଛନ୍ତି। ଏହି ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶାରେ ତିନିକୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଆସିଛି। ଏହି ଅନୁଦାନ ରାଶି ପ୍ରତ୍ୟେକ ପଞ୍ଚାୟତକୁ ଭାଗବଣ୍ଟା ହୋଇଛି। ପୂର୍ବରୁ ପଞ୍ଚାୟତରେ ପଲ୍ଲୀସଭା ଓ ଗ୍ରାମସଭା ମାଧମରେ ପ୍ରକଳ୍ପ ରଖାଯାଇଥିଲା। ହେଲେ ଯେଉଁ ପ୍ରକଳ୍ପ ପାଇଁ ଅନୁଦାନ ରଖାଯାଇଥିଲା ତାହା ନ କରି ବର୍ତ୍ତମାନ ସେହି ପ୍ରକଳ୍ପକୁ ଅନ୍ୟ ଗାଁକୁ ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ଜନପ୍ରତିନିଧି ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସୂଚନାନୁସାରେ ପୂନିଗୁଡା ଗାଁର ଧରଣୀଗୁଡ଼ି ପାଇଁ ତିନି ଲକ୍ଷ ୫୧ହଜାର ଅନୁଦାନ ରାଶି ଆସିଥିବାବେଳେ ସେହି କାମର ଲେଆଉଟ ଯନ୍ତ୍ରୀ ଦେବାପରେ କାମ ସମ୍ପୂର୍ଣ୍ଣ ହୋଇସାରିଛି। ହେଲେ ବର୍ତ୍ତମାନ ସେହି କାମ ଟିମବାଡି ଗାଁକୁ ଚାଲିଯାଇଛି। ସେହିପରି ବେନଗାଁ ପଞ୍ଚାୟତ ପଦ୍ମଥୋପା ଗାଁର କଂକ୍ରିଟ ରାସ୍ତା ପାଇଁ ଚାରିଲକ୍ଷ ଟଙ୍କା ଆସିଥିବା ବେଳେ ସେହି କାମ କୁସୁମବଣ୍ଲେଲ ଗାଁକୁ ଚାଲିଯାଇଥିବା ପଦ୍ମଥୋପା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବ୍ଲକର କାନକୁଟ୍ରୁ, ବିଜ୍ରେପୁର, ଚମ୍ପାଦେଇପୁର, ଛତ୍ରପୁର, କୁମଖାଲ, ଲାଞ୍ଜି ପଞ୍ଚାୟତର କାମଗୁଡିକ ଅନ୍ୟତ୍ର ଚାଲିଯାଇଥିବା ସରପଞ୍ଚ ସଂଘ ସଭାପତି ସାନ୍ଧୁ ମାଝୀ ପ୍ରକାଶ କରିଛନ୍ତି। ଏହାକୁ ନେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଜନ ପ୍ରତିନିଧିଙ୍କ ସମେତ ପଦ୍ମଥୋପା, କୁମଖାଲ, ଲାଞ୍ଜି, ବେନଗାଁ, ବିଜେପୁର ଆଦି ପଞ୍ଚାୟତର ଲୋକେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କାର୍ଯ୍ୟାଳୟ ଭିତରେ ବିଡିଓଙ୍କୁ ୨ରୁ ୩ ଘଣ୍ଟା ଘେରାଉ କରି ରଖିଥିଲେ। ଏହାକୁ ନେଇ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କୁ ପଚାରିବାରୁ ଯେଉଁ କାମପାଇଁ ଆବେଦନ କରାଯାଇଥିଲା ତାହା ଆସିଛି, କିନ୍ତୁ କିଛି କାମ ବଦଳି ଯାଇଛି। ଏହା ଫାଇନାଲ ଲିଷ୍ଟ ନୁହଁ, ପୁଣି ଥରେ ନୂଆ ପ୍ରକଳ୍ପ ପାଇଁ ଦଶଦିନ ପରେ ଆବେଦନ କରାଯିବ। ସେତେବେଳେ ଏହି କାମଗୁଡିକ ପାଇଁ ପ୍ରାଥମିକତା ଦେବି। ବ୍ଲକ ଅଞ୍ଚଳର ବିକାଶ ଦିଗରେ ଆମେ କାମ କରିବାକୁ ଆସିଛୁ, ପ୍ରତ୍ୟେକ ଗ୍ରାମର ଲୋକେ ସରକାରଙ୍କ ସୁବିଧା ପାଇପାରିବେ ବୋଲି ପ୍ରକାଶ କରିଥିଲେ।

# ବର୍ଷାରେ ଭିଜୁଛି ଧାନ, କାନ୍ଦୁଛି ଭାତହାଣ୍ଡିର ଚାଷୀ



କୁମ୍ଭାରୀ ମଣ୍ଡିରେ ପଡ଼ିଥିବା ଧାନକୁ ଚାଷୀମାନେ ସୁରକ୍ଷିତ ରଖୁଛନ୍ତି।

**ବରଗଡ଼,୨୩ା୬(ପ୍ରେମାନନ୍ଦ ଖମାରୀ)**

ସାରାରାଜ୍ୟରେ ବରଗଡ଼ ଜିଲାରୁ ଅଧିକ ଧାନ ଉତ୍ପାଦନ ହୁଏ। ଏହି ଜିଲାରୁ ରାଜ୍ୟ ତଥା ରାଜ୍ୟ ବାହାରକୁ ସର୍ବାଧିକ ଚାଉଳ ମଧ୍ୟ ଯାଇଥାଏ। ଏହି ଦୃଷ୍ଟିରୁ ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ହେଲେ ଭାତହାଣ୍ଡିର ଚାଷୀ ଆଜି କାନ୍ଦୁଛି। ଖରିଫ ଆରମ୍ଭ ହେବାକୁ ସପ୍ତାହେ ବିତି ଗଲାଣି। ହେଲେ ବରଗଡ଼ ଜିଲାର ଚାଷୀ ଏପର୍ଯ୍ୟନ୍ତ କଷ୍ଟୋପାର୍ଜିତ ରବିଧାନକୁ ବିକ୍ରି କରି ପାରି ନାହିଁ। ଚାଷୀଙ୍କ ଖଳାଠାରୁ ଆରମ୍ଭ କରି ମଣ୍ଡି ଯାଏ ସବୁଠି ବିକ୍ରି ଅପେକ୍ଷାରେ ହଜାର ହଜାର ପକେଟ୍ ଧାନ ପଡ଼ି ରହିଛି। ଧାନବିକ୍ରିକୁ ଅପେକ୍ଷା କରି ଚାଷୀମାନେ ଖରିଫ ଚାଷକାର୍ଯ୍ୟ ଆରମ୍ଭ କରିବା ତ ଦୂରର କଥା, ରବିଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ପାରିଶ୍ରମିକ ଦେଇପାରି ନଥିବାବେଳେ ଆଗାମୀ ଚାଷ ପାଇଁ ବିହନ କିଣିବା ପାଇଁ ମଧ୍ୟ ସେମାନଙ୍କ ପାଖରେ ସମ୍ବଳ ନିଅଣ୍ଟ ହୋଇ ପଡ଼ିଛି। ଅନ୍ୟପଟେ କ୍ରମାଗତ ବର୍ଷା ଲାଗି ରହିଛି। ଫଳରେ ବିକ୍ରି ଅପେକ୍ଷାରେ ଖଳା ଏବଂ ମଣ୍ଡିରେ ପଡ଼ି ରହିଥିବା ଧାନ ନଷ୍ଟ ହୋଇ ବସିଛି। କେତେକାଂଶରେ ସେହି ଧାନରୁ ଗଜା ବାହାରି ଗଛ ମଧ୍ୟ ହୋଇ ଗଲାଣି। ଏଭଳି ପରିସ୍ଥିତିରେ ଆଜି ଭାତହାଣ୍ଡିର ଚାଷୀଙ୍କ ଆଖିରେ ଲୁହ ଗଡ଼ୁଛି।

## ଚାଷୀ ଏବଂ ଚାଷୀନେତା କହନ୍ତି....

### ମିଲର୍ସଙ୍କ ଚକ୍ରାନ୍ତ



"ଖୁଣ୍ଟଲିପାଲି ମାର୍କେଟ୍ ୟାର୍ଡ଼ରେ ଆମର ଧାନ ଗଚ୍ଛିତ ହୋଇ ପଡ଼ିଛି। ମିଲର୍ସଙ୍କ ଚକ୍ରାନ୍ତରେ ଧାନ ଠିକ୍ ସମୟରେ ଉଠି ପାରୁନାହିଁ। ଫଳରେ ସାଧାରଣ ଚାଷୀ ତଳିତଳାନ୍ତ ହୋଇ ପଡ଼ିଛନ୍ତି। ଜିଲାପାଳଙ୍କୁ ତୁରନ୍ତ ଧାନ ଉଠାଇବା ପାଇଁ ଅନୁରୋଧ କରୁଛୁ। ଯଦି ଧାନ ମଣ୍ଡିରୁ ଉଠା ନଯାଏ, ଆଗକୁ ଆମେ ଆମରଣ ଅନଶନ କରିବାକୁ ବାଧ୍ୟ ହେବୁ।

**–ଧିରେନ୍ଦ୍ରନାଥ ଦେବତା, ଦେଶପଥର୍ଲା**

### ଖରିଫ ଚାଷ ବିଲମ୍ବିତ



"ଖୁଣ୍ଟଲିପାଲି ମଣ୍ଡିରେ ବିକ୍ରି ଅପେକ୍ଷାରେ ୩୭ହଜାର ପକେଟ୍ ଧାନ ପଡ଼ି ରହିଛି। ହେଲେ ଏଠାରେ ଧାନ ଉଠାଇବା ପାଇଁ କେବଳ ୧୭୦୦ କୁଇଣ୍ଟାଲର ଟାର୍ଗେଟ୍ ମିଳିଛି। ସେହି ୧୭୦୦ କୁଇଣ୍ଟାଲ ଧାନ କିଏ ବିକିବ ଏବଂ ବାକିଧାନ କେଉଁ ମିଲର୍ସ ଉଠାଇବ। ଅନ୍ୟପଟେ ମଣ୍ଡିରେ ଧାନ ଭିଜି ନଷ୍ଟ ହେଉଥିବାବେଳେ ଖରିଫ ଚାଷ ସମୟ ଗଡ଼ି ଚାଲିଛି।

**–ଜି. ଗୋବିନ୍ଦ, ଡାଲବ୍**

### ନେତାମନ୍ତ୍ରୀଙ୍କ ନୀରବତା ବଡ଼ ବିଡ଼ମ୍ବନା



"ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇଯିବା କଥା। ହେଲେ ରବିଧାନ ବିକ୍ରି ହୋଇ ପାରି ନାହିଁ। ମଣ୍ଡିରେ ଧାନ ଗଜା ହୋଇ ଗଲାଣି। ତଥାପି ନେତା, ମନ୍ତ୍ରୀଙ୍କ ଦେଖାନାହିଁ। ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଦେଇ ବଡ଼କାମ କରିଦେଲୁ ବୋଲି ସେମାନେ ଭାବୁଛନ୍ତି। କିନ୍ତୁ ଏବେ ଚାଷୀ କିଭଳି ଦୁର୍ଦ୍ଦଶା ଭୋଗୁଛି, ସେମାନେ ଜାଣି ଅଜଣା ରହିବା ବିଡ଼ମ୍ବନାର ବିଷୟ।

**–ଏକାଦଶିଆ ସାହୁ, ଚାଷୀନେତା, କଳାପାଣି**

### ସମସ୍ୟା ବଢ଼ାଇଲା ଛତିଶଗଡ଼ ଧାନ



"ଛତିଶଗଡ଼ ରାଜ୍ୟରୁ ବରଗଡ଼ ଜିଲାର ବିଭିନ୍ନ ରାଇସ୍ ମିଲକୁ ବହୁ ପରିମାଣରେ ଧାନ ଗଚ୍ଛିତ ହେଲା। ଚାଷୀମାନେ ଏ ନେଇ ବାରମ୍ବାର ଅଭିଯୋଗ ମଧ୍ୟ କଲେ। ହେଲେ ପ୍ରଶାସନ ତାକୁ ହାଲୁକାଭାବେ ନେଲା। କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା। ଏପର୍ଯ୍ୟନ୍ତ ସେଭଳି କୌଣସି ମିଲ୍‌ରେ ଧାନର ଷ୍ଟକ୍ ଯାଞ୍ଚ ସୁଦ୍ଧା ହେଲା ନାହିଁ । ଏଥିପାଇଁ ହିଁ ଜିଲାର ବହୁ ପରିମାଣର ଧାନ ବିକ୍ରି ହୋଇପାରି ନାହିଁ ଏବଂ ବିଭାଗୀୟ ଅଧିକାରୀ କେବଳ ନାନା ଆଳ ଦେଖାଉଛନ୍ତି।

**–କିଶୋର ଦେବତା, ଚାଷୀନେତା, ବରଗଡ଼**

### ସରକାରଙ୍କ ଦାୟିତ୍ୱହୀନତା



"ଖରିଫ ଚାଷ ସମୟ ଆସି ଯାଇଛି। ହେଲେ ଏପର୍ଯ୍ୟନ୍ତ ଚାଷୀମାନେ ରବିଧାନ ବିକ୍ରି କରି ପାରି ନଥିବା ଧାନ କିଣାବିକାରେ ସରକାରୀକଳର ଅପାରଗତାକୁ ପଦାରେ ପକାଇ ଦେଇଛି। ମଣ୍ଡିରେ ଚାଷୀମାନେ ଧାନ ପକାଇବା ପରେ ତାର ସୁରକ୍ଷା ଦାୟିତ୍ୱ ପ୍ରଶାସନର ଅଟେ। କିନ୍ତୁ ମଣ୍ଡିରେ ମଧ୍ୟ ଧାନଗଜା ହେଉଛି ଏବଂ ତାକୁ କିଣିବା ପାଇଁ ଧାନକ୍ରୟ ସଂସ୍ଥା ମନା କରିଦେଉଛନ୍ତି। ଏଥିରୁ ପ୍ରଶାସନ ତଥା ସରକରଙ୍କ ଦାୟିତ୍ୱହୀନତା ବାରି ହୋଇ ପଡୁଛି।

**–ହର ବଣିଆଁ, ଚାଷୀନେତା, ବରଗଡ଼**

# ଧାନ ଉଠାଣ ଦାବି, ଚାଷୀଙ୍କ ବିକ୍ଷୋଭ



ଧାନ ଉଠାଣ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀଙ୍କ ବିକ୍ଷୋଭ।

**ବରଗଡ଼,୨୩ା୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଧାନବିକ୍ରି ସମସ୍ୟା ଥମିବାର ନାଁ ନେଉ ନାହିଁ। ଜିଲାର ବିଭିନ୍ନ ମଣ୍ଡିରେ ବିକ୍ରି ଅପେକ୍ଷାରେ ହଜାର ହଜାର ବସ୍ତା ଧାନ ପଡ଼ି ରହିଛି। ମାତ୍ର ବିଭିନ୍ନ ଆଳ ଦେଖାଇ ତାକୁ ଉଠାଯାଉ ନାହିଁ। କେତେବେଳେ ଧାନର ଗୁଣମାନ ତ ଆଉକେବେ ଟାର୍ଗେଟ୍ ଅଭାବ ଦର୍ଶାଇ ସେଭଳି ପରିସ୍ଥିତି ସୃଷ୍ଟି କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ସୋମବାର ଜିଲାର ଭେଡ଼େନ ବ୍ଲକ ଖୁଣ୍ଟପାଲି ମଣ୍ଡି ଉପରେ ନିର୍ଭରଶୀଳ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ସେମାନେ ଧାନ ଉଠାଣ ଦାବିରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଖୁଣ୍ଟଲିପାଲି ମାର୍କେଟ୍ ୟାର୍ଡ଼(ମଣ୍ଡି)ରୁ ସଂକ୍ରୀଡ଼ା ପ୍ରାଥମିକ କୃଷି ସମବାୟ ସଂସ୍ଥା(ପାକ୍ସ) ଜରିଆରେ ଧାନକିଣା ଚାଲିଛି। ତେବେ ଏହି ମଣ୍ଡିରେ ବିକ୍ରି ଅପେକ୍ଷାରେ ବହୁ ପରିମାଣରେ ଧାନ ପଡ଼ି ରହିଛି। ମାତ୍ର ମିଲର୍ସଙ୍କୁ ଧାନ ଉଠାଣ ଟାର୍ଗେଟ୍(ଆଲଟ୍‌ମେଣ୍ଟ) ମିଳୁ ନଥିବା ଦର୍ଶାଇ ଉକ୍ତ ମଣ୍ଡିରୁ ଧାନ କିଣାଯାଉ ନାହିଁ। ଫଳରେ ଚାଷୀଙ୍କୁ ମିଳିଥିବା ଟୋକନର ଧାନବିକ୍ରି ଅବଧି ସରି ଯାଉଥିବା ଚାଷୀମାନେ କହିଛନ୍ତି। ଏଭଳି ସ୍ଥିତିରେ ଚାଷୀମାନେ ଖରିଫ ଚାଷକାର୍ଯ୍ୟ ମଧ୍ୟ ଆରମ୍ଭ କରି ପାରୁ ନଥିବାବେଳେ ବର୍ଷାରେ ଧାନଭିଜି ନଷ୍ଟ ହୋଇ ବସୁଛି। ଫଳରେ ମଣ୍ଡିରେ ପଡ଼ିଥିବା ଧାନକୁ ତୁରନ୍ତ ଉଠାଇବାକୁ ଚାଷୀମାନେ ଦାବି କରିଛନ୍ତି। ଧିରେନ୍ଦ୍ରନାଥ ଦେବତା, ଜି. ଗୋବିନ୍ଦ, ବିକାଶ ବିଶି, ଗଜାନନ ଝାଙ୍କରଙ୍କ ସମେତ ଅନେକ ଚାଷୀ ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଚାଷୀନେତା ରମେଶ ମହାପାତ୍ର, ସୁରେଶ ନେକାଣ୍ଡି ସେଠାକୁ ପହଞ୍ଚି ଚାଷୀଙ୍କ ଦାବିକୁ ସମର୍ଥନ ଜଣାଇଥିଲେ।

# ଗଜା ହେଉନି ଧାନ ବିହନ

**ବୌଦ୍ଧ,୨୩ା୬(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାରେ ଖରିଫ ଧାନ ଚାଷ ପାଇଁ ଚାଷୀ କିଣିଥିବା ବିହନ ଗଜା ହେଉ ନ ଥିବା ଅଭିଯୋଗ ହୋଇଛି। ହରଭଙ୍ଗା ବ୍ଲକର ଖରଭୂଇଁ ଅଞ୍ଚଳର କିଛି ଚାଷୀ ଶଙ୍ଖୁଲୋଇ ପ୍ୟାକ୍ସରୁ କଳାଚମ୍ପା ଧାନ ବିହନ କ୍ରୟ କରି ତଳି ପକାଇଥିଲେ। କିନ୍ତୁ ଉକ୍ତ ଧାନ ଗଜା ହେଉ ନ ଥିବା ଚାଷୀ ହୃଦାନନ୍ଦ ଦେହୁରୀଙ୍କ ସମେତ କିଛି ଚାଷୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଚାଷୀ ଗଲେ କଲେକ୍ଟୋରେଟ୍ ଗେଟ୍ ପଡୁଛି

## ପୋଲିସ-ଚାଷୀନେତା ମୁହାଁମୁହିଁ

**ବରଗଡ଼,୨୩ା୬(ପ୍ରେମାନନ୍ଦ ଖମାରୀ)**



ଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀନେତା–ପୋଲିସ ଅଧିକାରୀ ମୁହାଁମୁହିଁ ହୋଇଛନ୍ତି।

ବର୍ଷା ସହିତ ଖରିଫ ଚାଷ ଆରମ୍ଭ ହୋଇଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ବରଗଡ଼ ଜିଲାରେ ଚାଷୀଙ୍କ ରବିଧାନ ବିକ୍ରି ହୋଇପାରି ନାହିଁ। ଅନ୍ୟପଟେ ଖଳାଠାରୁ ଆରମ୍ଭ କରି ଖୋଲାମଣ୍ଡିରେ ପଡ଼ିଥିବା ଚାଷୀଙ୍କ ଧାନ ବର୍ଷାରେ ଭିଜି ନଷ୍ଟ ହୋଇ ବସିଛି। ଏଭଳି ସ୍ଥିତି ଚାଷୀଙ୍କ ପାଇଁ ଚିନ୍ତାଜନକ ହୋଇ ପଡ଼ିଛି। ଫଳରେ ବିକ୍ରି ଅପେକ୍ଷାରେ ରହିଥିବା ଧାନକୁ ତୁରନ୍ତ କ୍ରୟ କରିବା ତଥା ମଣ୍ଡିରୁ ଉଠାଇବା ପାଇଁ ଦାବି ହେଉଛି। ସ୍ଥାନୀୟ ଅଧିକାରୀମାନେ ଧାନ ଉଠାଣ ଦିଗରେ ଆଶାନୁରୂପ ପଦକ୍ଷେପ ନେଉ ନଥିବାରୁ ଜିଲାପାଳଙ୍କ ଦୃଷ୍ଟିକୁ ସେହି ସମସ୍ୟା ଆଣିବା ପରେ କିଛି ସୁଫଳ ମିଳିବ ବୋଲି ଚାଷୀମାନେ ମନରେ ଆଶା ବାନ୍ଧିଛନ୍ତି। ଏହି ଆଶା ନେଇ ଜିଲାର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ପ୍ରତିଦିନ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧାନ ଉଠାଣ ଦାବି ନେଇ ଆସୁଛନ୍ତି। କେତେକ ଚାଷୀ ବର୍ଷାରେ ଭିଜି ନଷ୍ଟ ହୋଇଥିବା ତଥା ଗଜା ହୋଇଥିବା ଧାନ ଧରି ମଧ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଛନ୍ତି। କିନ୍ତୁ ସେଠାରେ ଉପସ୍ଥିତ ପୋଲିସ କର୍ମଚାରୀମାନେ ସମ୍ଭାବ୍ୟ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ସେହି ଦାବି ନେଇ ଆସିଥିବା ସମସ୍ତ ଚାଷୀଙ୍କୁ ଜିଲାପାଳ କିମ୍ବା ଅତିରିକ୍ତ ଜିଲାପାଳ ବସୁଥିବା ଚ୍ୟାମ୍ବରକୁ ଛାଡୁ ନାହାନ୍ତି ଏବଂ କିଛି ଚାଷୀ ପ୍ରତିନିଧି ସେମାନଙ୍କ ଅଭିଯୋଗ ନେଇ ସେଠାକୁ ଯିବାକୁ କହୁଛନ୍ତି। ଗୋଟିଏ ପଟେ ଚାଷୀ ଧାନବିକ୍ରି କରି ନ ପାରି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବାବେଳେ ଅନ୍ୟପଟେ ପୋଲିସର ସେଭଳି କଟକଣା ଚାଷୀଙ୍କ ପାଇଁ କଟା ଘାରେ ଚୂନ ଦେବା ଭଳି ହୋଇଛି ଏବଂ ଏହାକୁ ନେଇ ଅସନ୍ତୋଷର ନିଆଁ କୁହୁଳୁଛି।

ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସ୍ଥିତିରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା। ଭେଡ଼େନ ବ୍ଲକ ଖୁଣ୍ଟୁଲିପାଲି ସମେତ ବିଭିନ୍ନ ଅଞ୍ଚଳର ଚାଷୀମାନେ ଧାନ ଉଠାଣ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେମାନେ ଦାବିପତ୍ର ଧରି ଜିଲାପାଳ, ଅତିରିକ୍ତ ଜିଲାପାଳ ବସୁଥିବା ଚ୍ୟାମ୍ବର ଅଭିମୁଖେ ଯାଉଥିଲେ। ମାତ୍ର ସେଠାରେ ଅଳ୍ପ କିଛି ଚାଷୀଙ୍କୁ ଛାଡ଼ି ଲାଗିଥିବା ଏକ ଫାଟକକୁ ଉପସ୍ଥିତ ପୋଲିସ କର୍ମଚାରୀମାନେ ବନ୍ଦ କରି ଦେଇଥିଲେ। ଫଳରେ ଅନେକ ଚାଷୀଙ୍କୁ ଫାଟକ ସମ୍ମୁଖରେ ରହିବାକୁ ପଡ଼ିଥିଲା। ତେବେ ପୋଲିସର ସେଭଳି ଆଭିମୁଖ୍ୟକୁ ବରଗଡ଼ ଜିଲା ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର ସମାଲୋଚନା କରିବା ସହିତ କାହିଁକି ଫାଟକ ବନ୍ଦ କଲେ ବୋଲି ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ପ୍ରଶ୍ନ କରିଥିଲେ। ଏହାକୁ ନେଇ ପୋଲିସ ଏବଂ ଚାଷୀନେତାଙ୍କ ମଧ୍ୟରେ କଟାକଟି ଚାଲିଥିବାବେଳେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ନିଜ ଚ୍ୟାମ୍ବରକୁ ସେହି ବାଟ ଦେଇ ଆସୁଥିଲେ। ତେବେ ସେ ନିଜ ଚ୍ୟାମ୍ବରକୁ ପଶିବା ପୂର୍ବରୁ ଚାଷୀମାନେ ଅଟକାଇ ଦାବିପତ୍ର ପ୍ରଦାନ କରିଥିଲେ। ଗତ କିଛିଦିନ ତଳେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଅନୁରୂପ ସ୍ଥିତି ଉପୁଜିଥିଲା। ଚାଷୀମାନେ ଦୁର୍ଦ୍ଦଶାରେ ଥିବାବେଳେ ସେମାନଙ୍କ ପ୍ରତି ଆନ୍ତରିକତା ବଦଳରେ ଅଧିକାରୀଙ୍କ ସେଭଳି ଆଭିମୁଖ୍ୟ ଏବେ ସାରାଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

# ବିଧାନସଭା ଗୃହ କମିଟିର ବାଉଁଶୁଣୀ ଗସ୍ତ

**ବାଉଁଶୁଣି,୨୩ା୬(ଦେବାଶିଷ ନେପାକ)**

ବିଧାନସଭା ଗୃହ କମିଟି ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ସୋମବାର ଦିନିକିଆ ବୌଦ୍ଧ ଗସ୍ତରେ ଆସି ବୌଦ୍ଧ ବ୍ଲକ ବାଉଁଶୁଣୀ ଶିବ ମନ୍ଦିର ଓ ଗଡଭିତର ମାହେଶ୍ୱରୀ ମନ୍ଦିର ପରିଦର୍ଶନ କରିଛନ୍ତି। ସେମାନେ ପ୍ରଥମେ ମନ୍ଦିର ପରିଦର୍ଶନ କରିବା ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମାହେଶ୍ୱରୀ ମନ୍ଦିର ଓ ଶିବ ମନ୍ଦିର ନିର୍ମାଣ, ପରିଚାଳନା, ଉନ୍ନତି, ସୁରକ୍ଷା ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମାଲକାନଗିରି ବିଧାୟକ ନରସିଂ ମାଡକାମୀ ପ୍ରମୁଖ ଉପସ୍ଥିତ ଥିଲେ। ବୌଦ୍ଧ ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର, ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ସରପଞ୍ଚ ଅଇଁଠୁ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାନସଭା ଗୃହ କମିଟି ସଦସ୍ୟମାନେ ବିଭିନ୍ନ ବିଷୟରେ ଆଲୋଚନା କରୁଛନ୍ତି।

# ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ ପାଇଁ ଦୀପଦାନ



ବିଶ୍ୱେଶ୍ୱର ଶୈବ ପୀଠରେ ଦୀପଦାନ ଅବସରରେ ପୂର୍ବତନ ବିଧାୟିକାଙ୍କ ସହ ନେତୃମଣ୍ଡଳୀ।

**ଅତାବିରା,୨୩ା୬(ଯୁଧିଷ୍ଠିର ମହାପାତ୍ର)**

ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଚାଲିଛି। ତାଙ୍କର ଆଶୁ ଆରୋଗ୍ୟ କାମନା କରି ସୋମବାର ବରଗଡ଼ ଜିଲା ଅତାବିରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସରଣ୍ଡା ସ୍ଥିତ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଅଷ୍ଟଶମ୍ଭୁ ବିଶ୍ୱେଶ୍ୱର ବାବା ଶୈବ ମନ୍ଦିରରେ ବିଜେଡି ପକ୍ଷରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଦୀପ ପ୍ରଜ୍ୱଳନ କରାଯାଇଛି। ବିଜେଡିର ବହୁ ନେତା, କର୍ମୀ ସାମିଲ ହୋଇ ସାମୂହିକ ଦୀପଦାନ କରିଥିଲେ। ପ୍ରାକ୍ତନ ମନ୍ତ୍ରୀ ତଥା ଅତାବିରାର ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ପ୍ରସ୍ତାବ କ୍ରମେ ଅତାବିରା ବ୍ଲକ ଓ ଏନ୍ଏସି ବିଜେଡି ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଓ ବିଜେଡିର ସଭାପତି ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ କାମନା କରି ସରଣ୍ଡା ବିଶ୍ୱେଶ୍ୱର ବାବା ଅଷ୍ଟଶମ୍ଭୁ ଶୈବପୀଠ ପରିସରରେ ସାମୂହିକ ଦୀପଦାନ ପୂର୍ବକ ଆରୋଗ୍ୟ କାମନା କରାଯାଇଥିଲା । ଏଥିରେ ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ସମେତ ଅତାବିରା ଏନ୍ଏସି ଅଧ୍ୟକ୍ଷ ବନମାଳୀ ବରିହା, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ଜିଲାପରିଷଦ ସଭ୍ୟ ରଣଜିତ ସାହୁ, ସୁଦାମ ଜାଲ, ଶମ୍ଭୁନାଥ ସେଠ, ସତ୍ୟଜିତ ପୁରୋହିତ, କାଉନସିଲର ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇ ସାମୂହିକ ଦୀପ ଦାନ କରିଥିଲେ। ସରଣ୍ଡାର ପ୍ରଶାନ୍ତ ମିଶ୍ର, ମନ୍ଦିର କମିଟି ସଭାପତି ସଚ୍ଚିଦାନନ୍ଦ ମିଶ୍ର, ସଭ୍ୟ ମନୋଜ ମହାପାତ୍ର, ଗୁଣନିଧି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିବା ବେଳେ ପୂଜକ ପ୍ରଫୁଲ୍ଲ ମହାପାତ୍ର ପୂଜା ପାଠ କରିଥିଲେ।

# ରକ୍ତଦାନ ଶିବିର, ୨୪ ୟୁନିଟ୍ ସଂଗ୍ରହ

**ବୌଦ୍ଧ,୨୩ା୬(ଅଜିତ କୁମାର ବାରିକ)**

ବୌଦ୍ଧ ସତ୍ୟସାଇ ସଙ୍ଗଠନ ପକ୍ଷରୁ ସହରର ସାଇ ମନ୍ଦିରରେ ରବିବାର ପ୍ରେମ ସଞ୍ଜିବନୀ ନାମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ରକ୍ତଦାତା ସଂଘ ସଭାପତି ଅଧ୍ୟାପକ ପ୍ରବୀର କୁମାର ଦାସ ଅତିଥି ଭାବେ ଯୋଗଦାନ କରିଥିଲେ। ସଙ୍ଗଠନର ୨୪ ଜଣ ସଦସ୍ୟ ରକ୍ତଦାନ କରିଥିଲେ। ସଙ୍ଗଠନ ସଭାପତି ନବ କିଶୋର ସ୍ୱାଇଁ, ସଂଯୋଜକ ପୂର୍ଣ୍ଣଚନ୍ଦ୍ର ଭୋଇ ସହଯୋଗ କରିଥିଲେ। ବ୍ଲଡ ବ୍ୟାଙ୍କ ଅଧିକାରୀ ଡ. ବିକେଆରସି ହେମ୍ବ୍ରମ ଓ ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

**ଅତାବିରା,୨୩ା୬(ଯୁଧିଷ୍ଠିର ମହାପାତ୍ର)**

- ଧାନକିଣାରେ ଅଚଳାବସ୍ଥା
- ଧାନ ଭର୍ତ୍ତି ପାଇଁ ସୋମବାର ସାପ୍ତାହିକ ବଜାର ବନ୍ଦ

ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ଦେଢ଼ମାସ ପୂରିବାକୁ ବସିଲାଣି । ଅଥଚ ପ୍ରାରମ୍ଭରୁ ଆଜି ଯାଏ ଧାନ କିଣାବିକାରେ ଅଚଳାବସ୍ଥା ସ୍ଥିତି ଉପୁଜିଛି। ଜିଲାର ବିଭିନ୍ନ ମଣ୍ଡିରେ ବହୁ ପରିମାଣରେ ଧାନ ବିକ୍ରି ଅପେକ୍ଷାରେ ପଡ଼ି ରହିଛି। ଅନୁରୂପଭାବେ ବିକ୍ରି ପାଇଁ ଅନେକ ଚାଷୀ ସେମାନଙ୍କ ଅମଳ ଧାନ ଘରେ ଓ ଖଳାରେ ରଖିଛନ୍ତି। କିନ୍ତୁ ମଣ୍ଡିରେ ଧାନ ଉଠାଯାଉ ନ ଥିବାବେଳେ ଚାଷୀ ମଣ୍ଡିକୁ ଆଣୁଥିବା ବିକ୍ରିଯୋଗ୍ୟ ଧାନକୁ ମଧ୍ୟ ଏଣ୍ଟ୍ରି କରାଯାଉ ନ ଥିବା ଅଭିଯୋଗ ହୋଇଛି। କଟ୍‌ନୀ ଛଟ୍‌ନୀରେ ରାଜି ନ ହେଲେ ମଣ୍ଡିରୁ ଚାଷୀଙ୍କ ଧାନ ଉଠୁ ନାହିଁ। ଅନ୍ୟ ପକ୍ଷରେ ମୌସୁମୀ ବର୍ଷା ମାଡ଼ି ଆସିଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ମଣ୍ଡିରେ ପଡ଼ିଥିବା ଧାନ ତଳିଆ ବର୍ଷା ପାଣିରେ ବସ୍ତା ଭିଜି ଗଜା ହୋଇଗଲାଣି । ତଥାପି ଚାଷୀଙ୍କ ଧାନ ଉଠାଯାଉନାହିଁ । ଟୋକନ ବ୍ୟବସ୍ଥାରେ ଲାପ୍ସ ହେବାକୁ ଥିବା ଚାଷୀଙ୍କ ଗୋଟିଏ ସପ୍ତାହ ପାଇଁ ବଢ଼ାଯାଇଛି । ହେଲେ ଗତ ମାସେ ହେବ ଚାଷୀ ଧାନ ବିକ୍ରି ପାଇଁ ଅପେକ୍ଷାରେ ଥିବା ବେଳେ ତାଙ୍କ ଧାନ ଉଠାଯାଇ ପାରି ନାହିଁ ବୋଲି କେତେକ ଚାଷୀ ଅଭିଯୋଗ କରିଛନ୍ତି।

ଏ ନେଇ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ସୋମବାର ଅତାବିରା ମଣ୍ଡି ପରିଦର୍ଶନ ବେଳେ ଚାଷୀମାନେ ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଚଳିତବର୍ଷ ବିରୋଧୀ ବିଜେଡି ପକ୍ଷରୁ ସୋମବାର ପ୍ରଥମ କରି ପୂର୍ବତନ ବିଧାୟିକା ଛୁରିଆ ମାର୍କେଟ ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ଅନେକ ଚାଷୀଙ୍କ ଲକ୍ଷାଧିକ ପ୍ୟାକେଟ ଧାନ ମଣ୍ଡିଗୁଡିକରେ ପଡ଼ିଥିବା ଦେଖିଥିଲେ । ରବିବାର ସନ୍ଧ୍ୟା ସୁଦ୍ଧା କେବଳ ଅତାବିରା ମଣ୍ଡିରେ ୫୫ହଜାର ୯ଶହ ୮୮ ପ୍ୟାକେଟ ଧାନ ପଡ଼ିଥିବା ସେ ଦେଖିବାକୁ ପାଇଥିଲେ । ମୁଖ୍ୟ ମଣ୍ଡିରେ ଏଭଳି ଅଭାବୀ ବିକ୍ରି ତାଙ୍କ ୧୫ ବର୍ଷ ରାଜନୈତିକ ଜୀବନରେ ଦେଖି ନ ଥିଲେ ବୋଲି କହିଥିଲେ। ତେବେ ପ୍ରଥମ କରି ଅତାବିରା ଇତିହାସରେ ନୂଆଁ ରେକର୍ଡ ସୃଷ୍ଟି ହୋଇଛି, ଯାହାକି କେବେ ହୋଇ ନ ଥିଲା । ମାର୍କେଟ ୟାର୍ଡରେ ଚାଷୀଙ୍କ ଏତେ ଧାନ ଭର୍ତ୍ତି ହୋଇଛି ଯେ ପ୍ରଶାସନକୁ ସୋମବାର ସାପ୍ତାହିକ ବଜାରକୁ ବନ୍ଦ କରିବାକୁ ପଡ଼ିଲା । ଏ ସବୁ ଦେଖି ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ସମସ୍ତ ଚାଷୀଙ୍କ ସାମ୍ନାରେ ଅତାବିରା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଶଶାଙ୍କ ଶେଖର ସାହାଣୀ, ମଣ୍ଡି ପରିଚାଳକ ଲିଙ୍ଗରାଜ ସୁନା ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ଡକାଇ ମଣ୍ଡି ଅବସ୍ଥାରେ ସୁଧାର କରି ଚାଷୀଙ୍କ ସବୁ ଧାନ କିଣିବା, ଯେଉଁ ଚାଷୀଙ୍କ ଟୋକନ ଲାପ୍ସ ହେବାକୁ ଯାଉଛି ବା ଯେଉଁ ଦିନ ଯେତିକି ଟୋକନ ଅଛି ସେହି ଦିନ ଯେପରି ଧାନ ଉଠିବ ତାହା କରିବାକୁ କହିଥିଲେ। ଏହାର ଖିଲାପ ହେଲେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ଏବଂ ସେଥିରେ ସେ ନିଜେ ସମର୍ଥନ କରିବେ ବୋଲି ରୋକଠୋକ କହିଛନ୍ତି। ମଣ୍ଡି ପରିଦଶର୍ନ ବେଳେ ପୂର୍ବତନ ବିଧାୟିକା ଛୁରିଆଙ୍କ ସମେତ ଅତାବିରା ଏନ୍ଏସି ଅଧ୍ୟକ୍ଷ ବନମାଳୀ ବରିହା, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ଜିଲାପରିଷଦ ସଭ୍ୟ ରଣଜିତ ସାହୁ, ସୁଦାମ ଜାଲ, ଶମ୍ଭୁନାଥ ସେଠ, ସତ୍ୟଜିତ ପୁରୋହିତ, କାଉନସିଲର ନାରାୟଣ ସାହୁ, ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଧାନ କିଣାବିକାରେ ଅଚଳାବସ୍ଥା ନେଇ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଜୁନ ୩୦ ତାରିଖ ସୁଦ୍ଧା ଚାଷୀଙ୍କ ସମ୍ପୂର୍ଣ୍ଣ ଧାନ ସରକାର କିଣି ନେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଚାଷୀଙ୍କ ଧାନ କିଣା ନେଇ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରାଯିବ ବୋଲି ବିଧାୟକ ମହାନନ୍ଦ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟା ଯାଏ ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନରେ ଥିବା ସମସ୍ତ ମଣ୍ଡିରେ ମୋଟ ୬୨ ଲକ୍ଷ ୭୬ହଜାର ୨୨୫ ପ୍ୟାକେଟ ଧାନ ଆସିଥିବା ବେଳେ ୫୫ ଲକ୍ଷ ୮୪ହଜାର ୮୩୩ ପ୍ୟାକେଟ ଧାନ ଉଠିଛିଃ! ଫଳରେ ଏବେ ମଧ୍ୟ ମଣ୍ଡିଗୁଡିକରେ ୬ଲକ୍ଷ ୯୧ହଜାର ୩୯୨ ପ୍ୟାକେଟ ଧାନ ପଡ଼ି ରହିଛି । ଗତ ୨୦୨୩-୨୪ ବର୍ଷରେ ଆଜିର ଦିନରେ କେବଳ ୨୯ହଜାର ୫୪୪ ପ୍ୟାକେଟ ଧାନ ବିଭିନ୍ନ ମଣ୍ଡିରେ ପଡ଼ି ରହିଥିଲା। ବର୍ତ୍ତମାନ ପାଖାପାଖି ୭ଲକ୍ଷରୁ ଊର୍ଦ୍ଧ୍ୱ ପ୍ୟାକେଟ ଧାନ ପଡ଼ି ରହିବା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି।



ଧାନ ମଣ୍ଡି ବୁଲି ପରିଦର୍ଶନ କରୁଛନ୍ତି ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ।

# ରିୟୁଁରେ ହେବ ତୃତୀୟ ଶିଳ୍ପାଞ୍ଚଳ

- ୫୬ଏକର ଜମିରେ ପାଚେରି ନିର୍ମାଣ ଶେଷ
- ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ପ୍ରାଥମିକତା
- ବିଜ୍ଞପ୍ତି ପରେ ଆବେଦନ ପ୍ରକ୍ରିୟା: ଇଡ୍‌କୋ

ରାଉରକେଲା,୨୩।୬(ସଙ୍ଗୀତା ଜେନା)

ଶିଳ୍ପନଗରୀ ରାଉରକେଲାରେ ଇସ୍ପାତ କାରଖାନା ବ୍ୟତୀତ ଅନେକ ଶିଳ୍ପ ରହିଛି। ଏଠାରେ ଉଦ୍ୟୋଗୀମାନଙ୍କ ଚାହିଦା ପୂରଣ କରିବା ପାଇଁ ବିଭିନ୍ନ ସମୟରେ ନୂତନ ଶିଳ୍ପାଞ୍ଚଳ ପାଇଁ ଦାବି ହୋଇଆସୁଥିଲା। ୧୯୮୧ରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ କର୍ପୋରେଶନ (ଇଡ୍‌କୋ) ସ୍ଥାପନ ହେବା ପରେ ରାଉରକେଲା ଏବଂ କଲୁଙ୍ଗା ଶିଳ୍ପାଞ୍ଚଳ ରୂପ ପାଇଥିଲା। ସହରରେ ଦିନକୁ ଦିନ ଉଦ୍ୟୋଗୀମାନଙ୍କ ସଂଖ୍ୟାବୃଦ୍ଧି ଏବଂ ଚାହିଦାକୁ ଦେଖି ନୂତନ ପ୍ରକଳ୍ପ ପାଇଁ ଦାବି କରାଯାଉଥିଲା। ସୁନ୍ଦରଗଡ଼ ଆଦିବାସୀ ବହୁଳ ଜିଲା ହୋଇଥିବା ଯୋଗୁ ଜମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ ପ୍ରକ୍ରିୟା ଇଡ୍‌କୋ ପାଇଁ ନୂତନ ପ୍ରକଳ୍ପ ଆଣିବାରେ ଅନ୍ତରାୟ ସୃଷ୍ଟି କରୁଥିଲା। ତେବେ କିଛି ବର୍ଷ ହେଲା ବିରମିତ୍ରପୁର ନିର୍ବାଚନ ମଣ୍ଡଳୀର କୁଆଁରମୁଣ୍ଡା ବ୍ଲକ ରିୟୁଁ ଗ୍ରାମରେ ନୂତନ ଶିଳ୍ପ ପାଇଁ ଜମି ଓ ଆନୁସଙ୍ଗିକ ସୁବିଧା ପ୍ରଦାନ ପାଇଁ ବାଟ ଖୋଲିଥିବା ସୂଚନା ମିଳିଛି। ଯାହାକି ୩ୟ ଶିଳ୍ପାଞ୍ଚଳ ଭାବେ ପରିଗଣିତ ହେବ ବୋଲି କୁହାଯାଉଛି। ଅପରପକ୍ଷେ ଭୁବନେଶ୍ୱର ଇଡ୍‌କୋ ମୁଖ୍ୟ କାର୍ଯ୍ୟାଳୟରୁ ବିଜ୍ଞପ୍ତି ଜାରି ହେବା ପରେ ନୂତନ ଆବେଦନକାରୀମାନଙ୍କ ପାଇଁ ଜମି ଆବଣ୍ଟନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସ୍ଥାନୀୟ କାର୍ଯ୍ୟାଳୟରୁ ସୂଚନା ମିଳିଛି।



ରିୟୁଁଠାରେ ପ୍ରକଳ୍ପର ପାଚେରି ନିର୍ମାଣ ହୋଇଛି।

ସୂଚନା ଅନୁଯାୟୀ, ରାଉରକେଲା ସଂଲଗ୍ନ କୁଆଁରମୁଣ୍ଡା ବ୍ଲକର ରିୟୁଁଠାରେ ନୂତନ ଶିଳ୍ପାଞ୍ଚଳ ପାଇଁ ୫୬ ଏକର ଜମି ଚିହ୍ନଟ କରାଯାଇଛି। ଏଥିପାଇଁ ଇଡ୍‌କୋ ଦ୍ୱାରା ସୁଦୀର୍ଘ ସଡ଼କ, ପାଚେରି ନିର୍ମାଣ ଶେଷ ହୋଇଛି। ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)କୁ ପ୍ରାଥମିକତା ଦିଆଯାଉଥିବା ଯୋଗୁ ଖୁବ୍‌ଶୀଘ୍ର ଅନ୍‌ଲାଇନ୍‌ରେ ଆବେଦନ କରାଯିବ। ଏହି ଅଞ୍ଚଳରେ ଏକର ପିଛା ୫୬ ଲକ୍ଷ ୪୦ ହଜାର ଟଙ୍କା ଦର ଧାର୍ଯ୍ୟ କରାଯାଇଛି। ଏହାକୁ ପାଇବା ପରେ ଉଦ୍ୟୋଗୀ ନିଜ ଶିଳ୍ପ ଏଠାରେ ଆରମ୍ଭ କରିପାରିବେ। ଖାଦ୍ୟ ପ୍ରକ୍ରିୟାକରଣ, ପ୍ଲାଷ୍ଟିକ, ଚମଡ଼ା, ବିଦ୍ୟୁତ୍ ଉପକରଣ, ଅଟୋମୋବାଇଲ ଓ ଅନ୍ୟ ଗ୍ରୀନ୍ ଜୋନ୍ ଭିତ୍ତିକ ୟୁନିଟ୍ ଏଠାରେ ତିଆରି କରାଯାଇପାରିବ। ଏହାଦ୍ୱାରା ପ୍ରତ୍ୟକ୍ଷ ବା ପରୋକ୍ଷରେ ହଜାର ହଜାର ଲୋକ ରୋଜଗାର ପାଇବେ। ଏହା ରାଉରକେଲା ସମେତ ପାରିପାର୍ଶ୍ୱିକ ଅଞ୍ଚଳରେ ବିକାଶର ରାସ୍ତା ଖୋଲିବ। ଏହାସହ ବିରମିତ୍ରପୁରର ବିକାଶ ମଧ୍ୟ ହୋଇପାରିବ।

ଏ ସମ୍ପର୍କରେ ଇଡ୍‌କୋ ଆସିଷ୍ଟାଣ୍ଟ ମ୍ୟାନେଜର ଶାନ୍ତି ପ୍ରକାଶ ଏକ୍କାଙ୍କୁ ପଚରାଯିବାରୁ ସେ କହିଲେ, ସମ୍ପ୍ରତି ନୂତନ ପ୍ରକଳ୍ପ ପାଇଁ ରିୟୁଁ ଗ୍ରାମକୁ ପ୍ରସ୍ତୁତ କରାଯାଇଛି। ଏଠାରେ ଜମିଚିହ୍ନଟ ଓ ପାଚେରି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ପ୍ଲଟିଂ ହୋଇପାରିନାହିଁ। ପ୍ରଥମେ ଇଡ୍‌କୋ ଦ୍ୱାରା ଏକର ପିଛା ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା। ପରେ ଧାର୍ଯ୍ୟ ମୂଲ୍ୟ ପରିବର୍ତ୍ତନ ସମ୍ଭାବନା ରହିଛି। କଲୁଙ୍ଗା ଓ ରାଉରକେଲା ଶିଳ୍ପାଞ୍ଚଳରେ ରେଡ୍ ଜୋନ୍ ରହିଛି। ଏଥିରେ ସ୍ପଞ୍ଜ କାରଖାନା ଓ ଇସ୍ପାତ ନିର୍ମାଣ ୟୁନିଟ୍ ଗୁଡ଼ିକ ରହିଛି। ତେବେ ନୂତନ ପ୍ରକଳ୍ପରେ ଗ୍ରୀନ୍ ଜୋନ୍ ଅଧୀନରେ ଥିବା ପରିବେଶ ଅନୁକୂଳ ଖାଦ୍ୟ ପ୍ରକ୍ରିୟାକରଣ, ଅଟୋମୋବାଇଲ ୟୁନିଟ୍‌ଗୁଡ଼ିକୁ ପ୍ରାଥମିକତା ଦିଆଯିବ। ମେ ମାସରେ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଭର୍ଚୁଆଲ ବୈଠକରେ ଏହି ନୂତନ ପ୍ରକଳ୍ପର ବିଜ୍ଞପ୍ତି ୨ମାସ ମଧ୍ୟରେ ହେବ ବୋଲି କୁହାଯାଇଥିଲା। ତେବେ ମୁଖ୍ୟ କାର୍ଯ୍ୟାଳୟ ନିର୍ଦ୍ଦେଶ ଅନୁସାରେ ଏହି ପ୍ରକ୍ରିୟା ହେବ ବୋଲି ଏକ୍କା କହିଥିଲେ।

## ସଂକ୍ଷେପରେ

### ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ

ରାଉରକେଲା,୨୩।୬(ଦିନେଶ ମିଶ୍ର)

ସେକ୍ଟର-୧୯ସ୍ଥିତ ମ୍ୟୁଜିକ ସର୍କଲ ପରିସରରେ 'ସେୟାର' ପ୍ରାୟୋଜିତ ସୁରତରଙ୍ଗ ପକ୍ଷରୁ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଇନ୍ଦ୍ରଧନୁର ସପ୍ତରଙ୍ଗ କାର୍ଯ୍ୟକ୍ରମ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସେୟାର ସଭାପତି ସରୋଜ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ କମଲ ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସୁରତରଙ୍ଗର ମୁଖ୍ୟ ଦିଲ୍ଲୀପ କୁମାର ପରିଡାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଥିଲେ ଓଲିଉଡ୍ ଦୁନିଆର ଲୋକପ୍ରିୟ କଣ୍ଠଶିଳ୍ପୀ ତାନସେନ୍ ସିଂ। ତାଙ୍କ ଲୋକପ୍ରିୟ ଗୀତ ଯାହାକୁ ମୁଁ ଏତେ ଭଲ ପାଇଛି, କାଉଧାନ ଖାଇଲା ବୋଲି, ଝୁମକା ଟିକେ ତୁ ତ ହଲେଇ ଦେ, ମୁଁ ଯେ ଏକ ପାଗଳ ଭଅଁର ଆଦି ଗୀତ ଗୁଡ଼ିକ ଉପସ୍ଥିତ ଦର୍ଶକଙ୍କୁ ମନୋରଞ୍ଜନ ଦେଇଥିଲା। ସେହିଭଳି ତାନସେନ୍ ସିଂଙ୍କ ସହ ଆରଏସ୍‌ପି ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଚ୍ଚନା ଶତପଥୀ ଚାନ୍ଦ ନା ତୁମେ ତାରା ସଙ୍ଗୀତ ଗାଇଥିଲେ। ନିବେଦିତା ସ୍ୱାଇଁ, ବନୋଜ ଦାସ, ଦିଲୀପ ପରିଡା, ଜଗନ୍ନାଥ ସାହୁ, ମୀନା ପଟ୍ଟନାୟକ, ଲୀନା ସେନାପତି, ମୀନାକ୍ଷୀ ମହାରଣା, ବିମଳ କୁମାର ସାହୁ, ମନୋଜ ମହନ୍ତ, ସତ୍ୟନାରାୟଣ ମିଶ୍ର ପ୍ରମୁଖ ବିଭିନ୍ନ ଚଳଚ୍ଚିତ୍ରର ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ତାନସେନ୍ ସିଂଙ୍କୁ ଓଡ଼ିଆ ସ୍ୱାଭିମାନ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୀଲ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସମାନ ପ୍ରସଙ୍ଗକୁ ନେଇ ରାଉରକେଲା ଜିଲା କଂଗ୍ରେସରେ ଫାଟ

ରାଉରକେଲା,୨୩।୬(ସଙ୍ଗୀତା ଜେନା)

ସମାନ ପ୍ରସଙ୍ଗକୁ ନେଇ ରାଉରକେଲା କଂଗ୍ରେସର ଦୁଇ ଗୋଷ୍ଠୀ ଭିନ୍ନ ଭିନ୍ନ ସମୟରେ ଖବରଦାତା ସମ୍ମିଳନୀ କରି ସରକାରଙ୍କ ଉପରେ ବର୍ଷିଛନ୍ତି। ଏହାକୁ ନେଇ ରାଉରକେଲା ଜିଲା କଂଗ୍ରେସରେ ଫାଟ ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଏବଂ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ସାରା ରାଜ୍ୟରେ ପାଳନ କରାଯାଉଛି। ତେବେ ରାଉରକେଲା ଏବଂ ରଘୁନାଥପାଲୀ ନିର୍ବାଚନମଣ୍ଡଳୀ ପାଇଁ ଏହି ସମୟ ଧୋକା ଏବଂ ପ୍ରତାରଣାର ବର୍ଷ ବୋଲି ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉମେଶ ଶରଣ, ପୂର୍ବତନ ବିଧାୟକ ପ୍ରାର୍ଥୀ ବି. ଏନ୍. ପଟ୍ଟନାୟକ, ଗୋପାଳ ଦାସ, ରଶ୍ମିରଞ୍ଜନ ପାଢ଼ୀ, ରାମାନନ୍ଦ ଶ୍ରୀଚନ୍ଦନ, ରାଜେଶ ଟପ୍ପୋ, ଅମିତ ବାରା, ଅଜୟ ଖାଲଖୋ ପ୍ରମୁଖ ଉପସ୍ଥିତ ରହି ଉଭୟ ସରକାର ଉପରେ ବର୍ଷିଥିଲେ। ଭାଜପାର ଏକବର୍ଷ ପୂର୍ତ୍ତିରେ ଆର୍‌ଏମ୍‌ସି ନିର୍ବାଚନ, ବେଦବ୍ୟାସ ଝୁଲାପୋଲ, ପୂର୍ଣ୍ଣାଙ୍ଗ କମିଶନରେଟ୍, ପୂର୍ଣ୍ଣକାଳୀନ ବିମାନସେବା, ଆରଜିଏଚ୍‌ରେ ୩୦ କୋଟି ଦୁର୍ନୀତି, ସିସିଟିଭି କାର୍ଯ୍ୟକ୍ଷମ, ୨ ଆଦିବାସୀ ମହିଳା ଅଧିକାରୀଙ୍କ ମୃତ୍ୟୁରହସ୍ୟ ଉନ୍ମୋଚନ, ଜିଲାରେ ଖଣିଜ ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ସମେତ ୧୪ଟି ପ୍ରସଙ୍ଗକୁ ନେଇ କଂଗ୍ରେସ ନେତାମାନେ ସରକାରଙ୍କୁ ସମାଲୋଚନା କରିଥିଲେ। ଏଥିରେ ଡିସିସି ସଭାପତି ରବି ରାୟ ଅନୁପସ୍ଥିତ ଥିବାରୁ ଚର୍ଚ୍ଚା ଜୋର୍ ଧରିଛି। ତେବେ ଏହି ସମାନ ପ୍ରସଙ୍ଗକୁ ନେଇ ଗତ ୪ ଦିନ ତଳେ ଡିସିସି ସଭାପତି ରାୟ ପାର୍ଟି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରିଥିବା ବେଳେ ସୋମବାର କଂଗ୍ରେସର ଅନ୍ୟ ଏକ ଗୋଷ୍ଠୀ ସେକ୍ଟର-୮ସ୍ଥିତ ଶିବ ମନ୍ଦିରରେ ଖବରଦାତା ସମ୍ମିଳନୀ କରିଥିଲେ। ଫଳରେ ରାଉରକେଲା ଜିଲା କଂଗ୍ରେସରେ ଥିବା ବିବାଦ ପଦାକୁ ଆସିଛି। ଏ ସମ୍ପର୍କରେ ଡିସିସି ସଭାପତି ରାୟଙ୍କୁ ପଚରାଯିବାରୁ ସେ କହିଲେ, ଭାଜପାର ଏକବର୍ଷ ପୂର୍ତ୍ତିକୁ ନେଇ ଜିଲା କଂଗ୍ରେସ ପକ୍ଷରୁ ପୂର୍ବରୁ ଖବରଦାତା ସମ୍ମିଳନୀ କରାଯାଇଥିଲା। ତେବେ ସମାନ ପ୍ରସଙ୍ଗରେ ଦଳ ପକ୍ଷରୁ ହୋଇଥିବା ଖବରଦାତା ସମ୍ମିଳନୀ ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। ଦଳର ହଜାର ହଜାର ସମର୍ଥକ ଓ କାର୍ଯ୍ୟକର୍ତ୍ତା ରହିଛନ୍ତି। କିଛି ଲୋକଙ୍କୁ ନେଇ ଦଳ ଗଠନ ହୋଇନାହିଁ। ଏଭଳି ବିଶୃଙ୍ଖଳା ସମ୍ପର୍କରେ ପିସିସିକୁ ଜଣାଇବେ ବୋଲି ରାୟ କହିଥିଲେ।



ସେକ୍ଟର-୮ରେ ଆୟୋଜିତ ଖବରଦାତା ସମ୍ମିଳନୀ।

# ପରିବେଶ ସୁରକ୍ଷା ବ୍ୟବହାରିକ ହେବା ଉଚିତ

ରାଉରକେଲା,୨୩।୬(ସଙ୍ଗୀତା ଜେନା)

ରାଉରକେଲା ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପକ୍ଷରୁ ରବିବାର ପୂର୍ବାହ୍ନ ୧୧ଟାରେ ସେକ୍ଟର-୭ ମଧୁମଣ୍ଡପରେ ଆମେ ଓ ଆମ ପରିବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ସତ୍ୟନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟାଳୟର ଉପପରିବେଶ ଯନ୍ତ୍ରୀ ରଶ୍ମିରଞ୍ଜନ ଦାସ ଅତିଥି, କାନ୍ତ ପ୍ରସାଦ ଚନ୍ଦ୍ରାକର ମୁଖ୍ୟବକ୍ତା, ଅନୁଷ୍ଠାନର ପଶ୍ଚିମ ପ୍ରାନ୍ତ କୋଷାଧ୍ୟକ୍ଷ ଜଗିନ୍ଦ୍ର ନାଥ ପ୍ରଧାନ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଦାସ ତାଙ୍କ ବକ୍ତବ୍ୟରେ କହିଲେ, ପରିବେଶ ସୁରକ୍ଷା ପାଇଁ ବର୍ତ୍ତମାନର ଜୀବନଶୈଳୀ, ବ୍ୟବହାର, ଅଭ୍ୟାସ ଦ୍ୱାରା ପରିବର୍ତ୍ତନ ସମ୍ଭବ ହେବ। ସରକାରୀ ଏବଂ ବେସରକାରୀ ଆଇନ କଟକଣା ଦ୍ୱାରା ପରିବେଶ ପ୍ରଦୂଷଣମୁକ୍ତ ହୋଇପାରିବ ନାହିଁ। ଏହା କେବଳ ଆଚରଣ ଦ୍ୱାରା ସମ୍ଭବ ହେବ ବୋଲି ଦାସ କହିଥିଲେ। ସେହିପରି ମୁଖ୍ୟବକ୍ତା ଚନ୍ଦ୍ରାକର ପରିବେଶ ଓ ଭଗବାନ ଅଙ୍ଗାଙ୍ଗୀ ଜଡ଼ିତ। ଏହାର ସୁରକ୍ଷା ଏକାନ୍ତ ପ୍ରୟୋଜନ। ପରିବେଶ ସୁରକ୍ଷା କେବଳ ଜୀବନ ନିର୍ବାହ ମଧ୍ୟରେ ସୀମିତ ନ ରହି ବ୍ୟବହାରିକ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ସମର୍ପିତା ମହିଳା ସାମାଜିକ କର୍ମୀ ସବିନା ମହାନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ଅମୀୟ ପ୍ରଧାନ, ସବିତା ମହାନ୍ତ, ପ୍ରଦୀପ ଗୌଡ଼, କୈଳାସ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରୋଜ ପତି, ଶିବ ପଟେଲ, କାହ୍ନୁ ପଟ୍ଟନାୟକ, ଟୁଲୁ ପଟ୍ଟନାୟକ, ନିଖିଳ କଳାକାର ପ୍ରଧାନ, ଘନଶ୍ୟାମ ନାୟକ, କିଶୋର ବିଶ୍ୱାଳ, ଗଙ୍ଗାଧର ବେହେରା ପ୍ରମୁଖ ସହଯୋଗ କରିଥିଲେ। ପ୍ରଶାନ୍ତ ମାର୍ଥା ଧନ୍ୟବାଦ ଅର୍ପଣ କରିଥିଲେ।




ଆମେ ଓ ଆମ ପରିବେଶ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଥର୍ମୋ-ଇଲେକ୍ଟ୍ରୋ-ଯାନ୍ତ୍ରିକ ଶକ୍ତି ପରିବର୍ତ୍ତନ ଶୀର୍ଷକ କର୍ମଶାଳା

ରାଉରକେଲା, ୨୩।୬(ବିପ୍ଳବ ରଞ୍ଜନ ଦାଶ)

ଦି ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ (ଭାରତ) ପକ୍ଷରୁ ରାଉରକେଲା କେନ୍ଦ୍ରରେ ଥର୍ମୋ-ଇଲେକ୍ଟ୍ରୋ-ଯାନ୍ତ୍ରିକ ଶକ୍ତି ପରିବର୍ତ୍ତନ ଶୀର୍ଷକ କର୍ମଶାଳା ସୋମବାର ଆୟୋଜିତ ହୋଇଯାଇଛି। ଏଥିରେ ରାଉରକେଲା ଏନ୍‌ଆଇଟିର ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ସରୋଜ କୁମାର ପଟେଲ ଅଧ୍ୟକ୍ଷତା କରିଥିଲେ। ଉଦଘାଟନୀ ଅଧିବେଶନରେ କେନ୍ଦ୍ରର ଅଧ୍ୟକ୍ଷ ଇଂ. ସନ୍ତୋଷ କୁମାର ପୋଲକି ସ୍ୱାଗତ ଭାଷଣ ଦେଇ କହିଥିଲେ, ଏହି କର୍ମଶାଳା ଥର୍ମୋ-ଇଲେକ୍ଟ୍ରୋ-ଯାନ୍ତ୍ରିକ ଶକ୍ତି ପରିବର୍ତ୍ତନ ଉପରେ ଧ୍ୟାନ ଦେବ। କର୍ମଶାଳାର ଲକ୍ଷ୍ୟ ହେଉଛି ଥର୍ମୋ ଇଲେକ୍ଟ୍ରୋମେକାନିକାଲ୍ ଶକ୍ତି ପରିବର୍ତ୍ତନ ପାଇଁ ଗବେଷଣା ଧାରଣା ଏବଂ ତାତ୍ତ୍ୱିକ ମାର୍ଗଦର୍ଶନ ପ୍ରଦାନ କରିବା। ଏହା ସିଷ୍ଟମ୍ କିମ୍ବା ପ୍ରକ୍ରିୟାଗୁଡ଼ିକୁ ବୁଝାଏ ତଥା ଏକାଧିକ ଭୌତିକ ଡୋମେନ୍ ସହିତ ଏକକାଳୀନ ଜଡିତ ତାପ, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ ରୂପ ମଧ୍ୟରେ ଶକ୍ତିକୁ ରୂପାନ୍ତରିତ କରେ। ସେହିପରି ଏହି ପରିବର୍ତ୍ତନଗୁଡ଼ିକ ଅନେକ ଆଧୁନିକ ପ୍ରଯୁକ୍ତିବିଦ୍ୟା ପାଇଁ ମୂଳଦୁଆ ବୋଲି କାର୍ଯ୍ୟକ୍ରମର ଅଧ୍ୟକ୍ଷ ପ୍ରଫେସର ପଟେଲ କହିଥିଲେ। ସେମିନାରର ସଂଯୋଜକ ଏନ୍‌ଆଇଟି ମେକାନିକାଲ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଏସ୍. ମୁରୁଗାନ୍‌ଙ୍କ ଦ୍ୱାରା କର୍ମଶାଳା ଥିମ୍‌ର ପରିଚୟ ଉପସ୍ଥାପନ କରାଯାଇଥିଲା। ଟେକ୍ନିକାଲ୍ ଅଧିବେଶନ ସମୟରେ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ଦୁଇଟି ମୁଖ୍ୟ ଭାଷଣ ଦିଆଯାଇଥିଲା। ଏହାପରେ ଇଂ. ସନ୍ତୋଷ କୁମାର ପୋଲକି ଅନଲାଇନ୍ ଏବଂ ଅଫ୍‌ଲାଇନ୍ ଉଭୟ ବକ୍ତାଙ୍କୁ ଯୋଗ୍ୟତା ପ୍ରମାଣପତ୍ର ଏବଂ ମେମୋଣ୍ଟୋ ପ୍ରଦାନ କରିଥିଲେ। ପ୍ରଫେସର ପଟେଲ କର୍ମଶାଳାର ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସଚିବ ପ୍ରଫେସର ଅଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ୫୪ ଜଣ ସଦସ୍ୟ, ଅତିଥି, ଛାତ୍ରୀଛାତ୍ର ଅନଲାଇନ୍ ଏବଂ ଅଫ୍‌ଲାଇନ୍ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଭାରତୀୟ ମଜଦୁର ସଂଘର ସୁନ୍ଦରଗଡ଼ ଜିଲା କାର୍ଯ୍ୟକାରିଣୀ ଗଠିତ

ରାଉରକେଲା,୨୩।୬(ସଙ୍ଗୀତା ଜେନା)

ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ସୁନ୍ଦରଗଡ଼ ଜିଲା ସମ୍ମିଳନୀ ସେକ୍ଟର-୪ ବିଶ୍ୱକର୍ମା ଭବନରେ ରବିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଜିଲା ସଭାପତି ଅମର ଜସୱାଲ ଅଧ୍ୟକ୍ଷତା କରିଥିଲେ। ବିଏମ୍‌ଏସ୍‌ର ରାଜ୍ୟ ସମ୍ପାଦକ ତଥା ସୁନ୍ଦରଗଡ଼ ଜିଲା ପ୍ରଭାରୀ ହିମାଂଶୁ ବଳ, ବିବେକ ମହାନ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ସଞ୍ଜୟ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଅମର ଭୂୟାଁ ଦୁଇ ବର୍ଷର ଆର୍ଥିକ ବିବରଣୀ ପାଠ କରିଥିଲେ। ଜିଲାର କାର୍ଯ୍ୟ ବିସ୍ତାର ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ନିର୍ବାଚନ ଅଧିକାରୀ ହିମାଂଶୁ ବଳ ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଏଥିରେ ସଭାପତି ଭାବେ ସୁକ୍ରା କାଲୋ, ଉପସଭାପତି ସଞ୍ଜୟ ଶତପଥୀ, ସୁନନ୍ଦା ରଥ, ନିରଞ୍ଜନ ପଟେଲ, ସମ୍ପାଦକ ଅମର ଭୂୟାଁ, ଯୁଗ୍ମ ସମ୍ପାଦକ କୃଷ୍ଣକାନ୍ତ ଦୁବେ, ଅଳି ମହାଲିଙ୍ଗ, ସବିତା ଶାହା, ବିଜୟ ସାହୁ, ପୃଥ୍ୱୀରାଜ ପାତ୍ର, କୋଷାଧ୍ୟକ୍ଷ ଭାବେ ଦୀନବନ୍ଧୁ ପାତ୍ର ନିର୍ବାଚିତ ହୋଇଥିଲେ। ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବିଜୟ ରାୟ, ଅଜୟ ଶତପଥୀ, ଛବି ଦାସ ଏବଂ ସ୍ୱତନ୍ତ୍ର କମିଟି ସଦସ୍ୟ ଭାବେ ରାଜେନ୍ଦ୍ର ନାଥ ମହାନ୍ତ, ଅଳି ପଟେଲ, ସମିତା ମିଶ୍ର, ସୁରେନ୍ଦ୍ର କଂସାରୀ, ହିମାଂଶୁ ଶେଖର ବଳ, ଅମର ଜସୱାଲ ଭାବେ ନିର୍ବାଚିତ ହୋଇଥିଲେ। ଅମର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ରାଜେନ୍ଦ୍ର ନାଥ ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ସୁନ୍ଦରଗଡ଼ ଜିଲାର ୧୩ଟି ୟୁନିୟନର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।




ଜିଲା ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

# ୫୦ ଘଣ୍ଟା ପରେ ଉଠିଲା ମୃତଦେହ

ରାଉରକେଲା,୨୩।୬(ସଙ୍ଗୀତା ଜେନା)

ଗତ ଶନିବାର ସକାଳ ୮ଟାରେ ଇସ୍ପାତ କାରଖାନା କୋକ ଓଭେନ ବିଭାଗରେ କାର୍ଯ୍ୟରତ ଜଣେ ଅର୍ଦ୍ଧକୁଶଳୀ ଶ୍ରମିକ ଗୋପୀ ହେମ୍ବ୍ରମଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାର ବର୍ଗକୁ ଅନୁକମ୍ପାମୂଳକ ଚାକିରି ଓ କ୍ଷତିପୂରଣ ପ୍ରଦାନ ଦାବିରେ ପରିବାର ଲୋକେ ମୃତଦେହ ଗ୍ରହଣ କରୁ ନ ଥିଲେ। ତେବେ ମୃତ୍ୟୁର ପ୍ରାୟ ୫୦ ଘଣ୍ଟା ପରେ ସୋମବାର ପୂର୍ବାହ୍ନ ୧୦ଟାରେ ପରିବାର ଲୋକେ ମୃତଦେହ ନେଇଥିଲେ। ଅନ୍ତ୍ୟେଷ୍ଟିକ୍ରିୟା ହୋଇ ନ ଥିବା ଯୋଗୁ ପରିବାର ଲୋକେ କୌଣସି କାର୍ଯ୍ୟ କରି ପାରୁ ନ ଥିଲେ। ଶେଷରେ ସେମାନେ ମୃତଦେହ ଗ୍ରହଣ କରିଥିଲେ। ଠିକାଦାରଙ୍କ ପକ୍ଷରୁ ଅନ୍ତ୍ୟେଷ୍ଟି କ୍ରିୟା ରାଶି ମିଳିଥିଲା। ସୂଚନାଯୋଗ୍ୟ, ଗୋପୀଙ୍କ ବ୍ୟବଚ୍ଛେଦ ରିପୋର୍ଟ ଉପରେ ଅନୁକମ୍ପାମୂଳକ ଚାକିରି ନିର୍ଭର କରୁଥିବା କୁହାଯାଇଛି।

# ବେଙ୍ଗଲ ଟାଇଗର, ଆର୍‌ବିଏଫ୍‌ସି ଦଳ ଚାମ୍ପିୟନ

ରାଉରକେଲା, ୨୩।୬(ବିପ୍ଳବ ରଞ୍ଜନ ଦାଶ)

**ତୁଳସୀ ମାହାତୋ ଦ୍ୱିତୀୟ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ**

ପ୍ରାକ୍ତନ ଫୁଟବଲ ଖେଳାଳି ତୁଳସୀ ମାହାତୋ ଦ୍ୱିତୀୟ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ସେକ୍ଟର-୨୧ସ୍ଥିତ ନୟାବଜାର ପଡ଼ିଆରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ବନ୍ଦିତା ମାହାତୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ପୁରୁଷ ବିଭାଗରେ ବେଙ୍ଗଲ ଟାଇଗର ଦଳ ପାଣ୍ଡବ ଏଫ୍‌ସିକୁ ହରାଇ ଚାମ୍ପିୟନ ଟ୍ରଫି ସହ ନଗଦ ୩ହଜାର ଏବଂ ପାଣ୍ଡବ ଏଫ୍‌ସିକୁ ରନର୍ସ ଅପ ଟ୍ରଫି ସହ ନଗଦ ୨ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ମହିଳା ଫୁଟବଲ୍ ପ୍ରତିଯୋଗିତାରେ ଆର୍‌ବିଏଫ୍‌ସି ଦଳ ଫାଇଟର କ୍ଲବ୍‌କୁ ପରାସ୍ତ କରି ଚାମ୍ପିୟନ ଟ୍ରଫି ଓ ନଗଦ ୩ହଜାର ଏବଂ ଫାଇଟର କ୍ଲବ୍‌କୁ ରନର୍ସ ଅପ୍ ଟ୍ରଫି ସହ ନଗଦ ୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ଭାଜପାର ବରିଷ୍ଠ କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସମାଜସେବୀ ଗ୍ରେସି ଡେଭିଡ, ଦୀପ୍ତି ସୁନ୍ଦରାୟ, କାର୍ତ୍ତିକ ରାଉତ, ଗରିମା ପତ୍ରି, ଶଶିଲତା, ଗୌରୀ କୁମ୍ଭାର, ରାହୁଲ ମହାନ୍ତି, ନରେନ୍ଦ୍ର ସିଂ କଲ୍ଲା, ସୁମତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

# ଜୁଲାଇ ୧୩ରୁ ବେଦବ୍ୟାସରେ ଶ୍ରାବଣୀ ମେଳା

ରାଉରକେଲା,୨୩।୬(ଦିନେଶ ମିଶ୍ର)

**ଆର୍‌ଏମ୍‌ସି ପକ୍ଷରୁ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି**

ଆସନ୍ତା ଜୁଲାଇ ୧୩ରୁ ରାଉରକେଲାର ପ୍ରସିଦ୍ଧ ବେଦବ୍ୟାସ ପୀଠରେ ଶ୍ରାବଣୀ ମେଳା ଆରମ୍ଭ ହେବ। ଏହାର ସଫଳ ଆୟୋଜନ ପାଇଁ ଅତିରିକ୍ତ ଜିଲାପାଳ ତଥା ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମେଳାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ ସମସ୍ତ ବିଭାଗର ସହଯୋଗ କାମନା କରାଯାଇଥିଲା। ଏହି ଅବସରରେ ମେଳାରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଯଥେଷ୍ଟ ପରିମାଣରେ ପୋଲିସ ମୁତୟନ ସହ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା, ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଷ୍ଟଲ୍ ଗୁଡ଼ିକରେ ଖାଦ୍ୟ ଓ ପାନୀୟ ମାନ ପରୀକ୍ଷଣ କରିବା ଉପରେ ଅତିରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ଅନ୍ୟ ଜିଲାରେ ଝାଡ଼ାବାନ୍ତି ବ୍ୟାପିଥିବାରୁ ପ୍ରଶାସନ ପକ୍ଷରୁ ବିଶେଷ ନଜର ରଖାଯିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଭକ୍ତମାନଙ୍କ ପାଇଁ ବିଭିନ୍ନ ବେସରକାରୀ ଅନୁଷ୍ଠାନ ଓ ସଂସ୍ଥା ପକ୍ଷରୁ ଦିଆଯାଉଥିବା ଖାଦ୍ୟ, ପାନୀୟର ମାନ ଯାଞ୍ଚ କରିବା ପାଇଁ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। କୌଣସି ସଂସ୍ଥା ଯଦି ଖାଦ୍ୟ ବିତରଣ ପାଇଁ ଇଚ୍ଛୁକ ଅଛନ୍ତି ସେ ବେଦବ୍ୟାସ ଟ୍ରଷ୍ଟକୁ ଜଣାଇବା ଆବଶ୍ୟକ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ବହୁସଂଖ୍ୟାରେ ଜନସମାଗମକୁ ଲକ୍ଷ୍ୟ ରଖି ମନ୍ଦିର ବେଢ଼ା ସହ ନଦୀ ଘାଟଗୁଡ଼ିକରେ ମହିଳା ପୁରୁଷମାନଙ୍କ ପାଇଁ ଭିନ୍ନ ଭିନ୍ନ ବ୍ୟାରିକେଡ ବ୍ୟବସ୍ଥା କରିବାକୁ ସେ ପିଡବ୍ଲୁଡି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଡବ୍ଲୁଓଡିଏଲ ଏବଂ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ପାଇଁ ଆର୍‌ଏମ୍‌ସି ସଫେଇ କର୍ମଚାରୀମାନଙ୍କୁ ନିୟୋଜନ କରାଯିବ। ପ୍ରାଥମିକ ଚିକିତ୍ସା ସକାଶେ ଡାକ୍ତରଙ୍କ ସହ ଆମ୍ବୁଲାନ୍ସ ସେବା ଉପଲବ୍ଧ ରହିବା ସହ ମେଳାକୁ ସଫଳ ଭାବେ ପରିଚାଳନା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜନ କରାଯିବ। ଲଗାଣ ବର୍ଷା ଯୋଗୁ ନଦୀ ଜଳସ୍ତର ବଢ଼ିବା ସମ୍ଭାବନା ରହିଛି। ଏଥିପାଇଁ ଓଡ୍ରାଫ, ଅଗ୍ନିଶମ ଓ ପିଡବ୍ଲୁଡି ବିଭାଗ ପ୍ରସ୍ତୁତ ରହିବାକୁ କୁଲକର୍ଣ୍ଣୀ ପରାମର୍ଶ ଦେଇଥିଲେ। ବୈଠକରେ ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ତଥା ବେଦବ୍ୟାସ ଟ୍ରଷ୍ଟ ବୋର୍ଡର ସଦସ୍ୟ ଉପସ୍ଥିତ ଥିଲେ।




ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ।

# ପ୍ରତିଭା ବିକାଶ ପାଇଁ ଉଚିତ ମାର୍ଗଦର୍ଶନ ଆବଶ୍ୟକ

ସମ୍ବଲପୁର,୨୩।୬(ଭବାନୀ ଶଙ୍କର ଭୋଇ)

ରାଜ୍ୟ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ସମ୍ବଲପୁରର ସର୍ବପୁରାତନ ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲରେ ପହଞ୍ଚି ପାଠପଢା ବ୍ୟବସ୍ଥା ତଦାରଖ କରିଥିଲେ। ଦଶମ ଶ୍ରେଣୀରେ ଦୀର୍ଘ ସମୟ ରହିବା ସହ ବିଜ୍ଞାନ ଶିକ୍ଷକଙ୍କ ପାଠପଢ଼ାକୁ ବେଞ୍ଚରେ ବସି ନିରୀକ୍ଷଣ କରିଥିଲେ। ଶିକ୍ଷକଙ୍କ ପାଠପଢା ପରେ ତାଙ୍କ ସହ ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ଏହାସହ ନିଜେ ମଧ ପିଲାଙ୍କୁ ବିଜ୍ଞାନ ଏବଂ ଇତିହାସ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରି ଛାତ୍ରୀଛାତ୍ରଙ୍କ ବୁଦ୍ଧିମତ୍ତା ପରୀକ୍ଷା କରିଥିଲେ।

ଏହାପରେ ରାଜସ୍ୱ ମନ୍ତ୍ରୀ ପୂଜାରୀ ଗଣମାଧ୍ୟମ ସହ ଆଲୋଚନା ସମୟରେ ନିଜେ ଏହି ବିଦ୍ୟାଳୟରେ ଅଷ୍ଟମ ଏବଂ ନବମ ଶ୍ରେଣୀରେ ଦୁଇବର୍ଷ ପାଠ ପଢିଥିବା ବିଷୟରେ କହିଥିଲେ। ଜିଲାସ୍କୁଲରୁ ଅନେକ ସ୍ୱାଧୀନତା ସଂଗ୍ରାମୀ ତିଆରି ହୋଇଛନ୍ତି। ସେଥିପାଇଁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ଇତିହାସ ବିଷୟରେ ଅବଗତ ହୋଇ ପ୍ରେରିତ ହେବା ଆବଶ୍ୟକ ବୋଲି କହିଥିଲେ। ନିଜେ ପଢିବା ସମୟରେ ତତ୍କାଳୀନ ପ୍ରଧାନଶିକ୍ଷକ ବଙ୍କୁ ନାରାୟଣ ମୂର୍ତ୍ତି କିଭଳି ଜଣେ ଆଦର୍ଶ ଶିକ୍ଷକ ଥିଲେ ତାହାର ସ୍ମୃତିଚାରଣ କରିଥିଲେ। ଦେଢଶହ ବର୍ଷର ଜିଲାସ୍କୁଲକୁ ହେରିଟେଜ ବିଦ୍ୟାଳୟ ଭାବେ ଗଢ଼ିତୋଳିବା ସହ ଆଇଆଇଏମ୍ ସମ୍ବଲପୁର ସହ ଯୋଡିବାକୁ ଚେଷ୍ଟା କରାଯିବ ବୋଲି କହିଥିଲେ। ଆଇଆଇଏମ୍ ସମ୍ବଲପୁର ଅତ୍ୟାଧୁନିକ ପଦ୍ଧତିରେ ପାଠପଢ଼ା ବ୍ୟବସ୍ଥା କାର୍ଯ୍ୟକାରୀ କରୁଥିବାରୁ ଏହି ବିଦ୍ୟାଳୟର ଶିକ୍ଷକମାନେ ମଧ ସେହିଭଳି ଶିକ୍ଷାଦାନ ବ୍ୟବସ୍ଥାକୁ ପାଖରୁ ଦେଖିବା ଜରୁରୀ ବୋଲି କହିଥିଲେ। ବିଦ୍ୟାଳୟରେ ସ୍ମାର୍ଟକ୍ଲାସ ଜରିଆରେ ଶିକ୍ଷାଦାନକୁ ପ୍ରଶଂସା କରିଥିଲେ। ମଣିଷ ତିଆରି କରିବା ପାଇଁ ବିଦ୍ୟାଳୟ ଏକ ମେଶିନ ହେଲେ ଶିକ୍ଷୟିତ୍ରୀଶିକ୍ଷକମାନେ ଏହାର କାରିଗର। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନେକ ପ୍ରତିଭା ଭରି ରହିଛି। ଏହାର ବିକାଶ ପାଇଁ ଟିକଏ ମାର୍ଗଦର୍ଶନର ଆବଶ୍ୟକତା ରହିଥିବା ମନ୍ତ୍ରୀ ପୂଜାରୀ କହିଥିଲେ। ଏହାସହ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକିତା ଦାସ ଏବଂ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ସହ ଆଲୋଚନା କରିଥିଲେ। ଜିଲାସ୍କୁଲକୁ ହେରିଟେଜ୍ ସ୍କୁଲରେ ପରିବର୍ତ୍ତନ କରିବାକୁ ନେଇ ସେ ଶିକ୍ଷା ସଚିବ ଏବଂ ଶିକ୍ଷା ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଏହାପରେ ସେ ପଞ୍ଚନାୟକପଡାସ୍ଥିତ ବ୍ରଜମୋହନ ପଟ୍ଟନାୟକ ବିଦ୍ୟାଳୟକୁ ଯାଇ ଶିକ୍ଷାଦାନ ବ୍ୟବସ୍ଥା ଦେଖିଥିଲେ। ଏହା ସହ ଛାତ୍ରୀଛାତ୍ରଙ୍କ ସହ ଏକାଠି ମଧ୍ୟାହ୍ନଭୋଜନ କରିଥିଲେ । ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଏବଂ ଶିକ୍ଷା ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।


ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜିଲାସ୍କୁଲରେ ଛାତ୍ରୀଛାତ୍ରଙ୍କ ସହ ବସି ପାଠପଢା ନିରୀକ୍ଷଣ କରୁଛନ୍ତି ।

- ଜିଲାସ୍କୁଲରେ ପାଠ ପଢାଇଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ
- ଛାତ୍ରୀଛାତ୍ରଙ୍କ ସହ ମଧାହ୍ନଭୋଜନ ଖାଇଲେ

# ୯୫୦୦ ଜମିର କିସମକୁ ୨୭ କିସମ କରାଗଲା

## ରାଜସ୍ୱ ବିଭାଗ ପକ୍ଷରୁ ଜମି କିସମ ସରଳୀକରଣ

ସମ୍ବଲପୁର,୨୩।୬(ଭବାନୀ ଶଙ୍କର ଭୋଇ)

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ସମ୍ବଲପୁରରେ ଗଣମାଧ୍ୟମ ସହ ଆଲୋଚନା ସମୟରେ ରାଜ୍ୟରେ ଜମି କିସମ ଏବଂ ସତ୍ତ୍ୱକୁ ନେଇ ରହିଥିବା ଅବ୍ୟବସ୍ଥା ଦୂର କରିବା ନେଇ କରାଯାଉଥିବା ଉଦ୍ୟମ ବିଷୟରେ ସୂଚନା ଦେଇଛନ୍ତି। ଇଂରେଜ ଅମଳରୁ ନିର୍ଦ୍ଧାରିତ ହୋଇଥିବା ୯ ହଜାରରୁ ଅଧିକ ଜମି କିସମର ଯୋଗୁ ଜଟିଳ ପରିସ୍ଥିତି ସୃଷ୍ଟି ହେଉଥିବା କହିଛନ୍ତି। ଏହାର ସମାଧାନ ପାଇଁ ବିଗତ ୭୫ବର୍ଷ ପରେ ମଧ ସରକାରମାନେ ଚେଷ୍ଟା କରି ନ ଥିବା ଯୋଗୁ ଉଭୟ ଜନସାଧାରଣ ଏବଂ ଜମିବାଡି ସହିତ ଜଡିତ ସମସ୍ତ ବିଭାଗୀୟ ଅଧିକାରୀ ଅସୁବିଧାର ଶିକାର ହୋଇଆସୁଛନ୍ତି। ତେଣୁ ସେ ବିଭାଗକୁ ଜମି କିସମର ସରଳୀକରଣ କରି ତାକୁ ସୀମିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ରହିଥିବା ୯ ହଜାର ୫ଶହ କିସମକୁ ସଙ୍କୁଚିତ କରି ମାତ୍ର ୨୭ଟି କିସମରେ ପରିବର୍ତ୍ତିତ କରାଯାଇଛି। ଏହାସହିତ ଜମି ସତ୍ତ୍ୱକୁ ନେଇ ମଧ ବିବାଦ ରହିଥିଲା । ସେଥିପାଇଁ ୩ ହଜାର ଜମି ସତ୍ତ୍ୱକୁ ଦୁଇଅଙ୍କ ଭିତରେ ସୀମିତ ରଖିବାକୁ ଚେଷ୍ଟା ଆରମ୍ଭ ହୋଇଛି। ବର୍ତ୍ତମାନ ସରକାର ଜମି ପରିଚାଳନା ବ୍ୟବସ୍ଥାକୁ ଶୃଙ୍ଖଳିତ ଏବଂ ସରଳ କରିବାକୁ ଚେଷ୍ଟା କରୁଥିବା ରାଜସ୍ୱ ମନ୍ତ୍ରୀ ପୂଜାରୀ କହିଛନ୍ତି । ଜମି ପରିଚାଳନା ଠିକ ନ ହେଲେ ବିକାଶ ପ୍ରକ୍ରିୟା ଆଗକୁ ବଢିପାରିବ ନାହିଁ। ଆସନ୍ତା ୨୫ ତାରିଖରୁ ମୋବାଇଲ ଆପ ଜରିଆରେ ସମସ୍ତ ପ୍ରକାର ରାଜସ୍ୱ ସେବା ଲୋକେ ଘରେ ବସି ପାଇପାରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଯେଉଁ ଅଧିକାରୀମାନେ ଠିକ୍ ସମୟରେ ନିଜ ଦାୟିତ୍ୱ ସମ୍ପାଦନ କରିବେ ନାହିଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଅନ୍ୟ ପକ୍ଷରେ ଖୁବଶୀଘ୍ର ରାଜସ୍ୱ ବିଭାଗ ପକ୍ଷରୁ ନୂଆ ବ୍ୟବସ୍ଥା ଗ୍ରହଣ କରି ଲୋକଙ୍କ ପାଖକୁ ବିଭାଗକୁ ପହଞ୍ଚାଇବାର ଉଦ୍ୟମ ଆରମ୍ଭ ହେବ। ଆମ ପଞ୍ଚାୟତ ଆମ ତହସିଲ କାର୍ଯ୍ୟକ୍ରମ ଜରିଆରେ ତହସିଲ ଅଧିକାରୀ ମାନେ ପ୍ରତି ଦୁଇ ମାସରେ ଥରେ ଗୋଟିଏ ପଞ୍ଚାୟତକୁ ଯାଇ ଲୋକଙ୍କ ଆବେଦନ ଶୁଣିବା ସହ ସମସ୍ୟାର ସମାଧାନ କରିବେ। ଲୋକମାନେ ଅଧିକାରୀଙ୍କ ପାଖକୁ ଯାଇ ହଇରାଣ ହେବା ବଦଳରେ ବିଭାଗୀୟ ଅଧିକାରୀ ମାନେ ଲୋକଙ୍କ ପାଖକୁ ଯାଇ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ସରକାର ଚେଷ୍ଟା କରୁଥିବା ନେଇ ରାଜସ୍ୱ ମନ୍ତ୍ରୀ ପୂଜାରୀ କହିଛନ୍ତି ।

# ସଂସ୍କାର ଭାରତୀ ପଶ୍ଚିମ ପ୍ରାନ୍ତ କର୍ମକର୍ତ୍ତା ଚୟନ

ସମ୍ବଲପୁର,୨୩।୬(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଧନୁପାଲିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ସଂସ୍କାର ଭାରତୀ ପଶ୍ଚିମ ପ୍ରାନ୍ତର ସାଧାରଣ ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଂସ୍କାର ଭାରତୀ ପଶ୍ଚିମ ପ୍ରାନ୍ତ ଅଧ୍ୟକ୍ଷ ହରେକୃଷ୍ଣ ଭୋଇ, ପ୍ରାନ୍ତ ମହମନ୍ତ୍ରୀ ଉମେଶ ଚନ୍ଦ୍ର ପଣ୍ଡା, ପ୍ରାନ୍ତ କୋଷାଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ନେଗୀ, ପ୍ରାନ୍ତ ଲୋକକଳା ସଂଯୋଜକ ରଞ୍ଜନ କୁମାର ସାହୁ, ପ୍ରାନ୍ତ ଉପାଧ୍ୟକ୍ଷ ନମିତା ବଡପଣ୍ଡା ମଞ୍ଚାସୀନ ଥିଲେ। ପଶ୍ଚିମ ପ୍ରାନ୍ତ ଅଧ୍ୟକ୍ଷ ହରେକୃଷ୍ଣ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ଜିଲା ଓ ମହାନଗରର ବହୁ କଳାକାର, ଗୁରୁ ଓ ସାହିତ୍ୟିକ ଉପସ୍ଥିତ ଥିଲେ। ସଭାରେ ଜିଲା ଓ ମହାନଗର କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସମ୍ବଲପୁର ଜିଲା ସଂସ୍କାର ଭାରତୀ ଅଧ୍ୟକ୍ଷଭାବେ ମୋହିତ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ କୃଷ୍ଣ ସୁଦାମ ପାଣିଗ୍ରାହୀ, ଉପସଭାପତି ମଳୟ ବେହେରା, ସୁଶାନ୍ତ ନାଗ, ଜୟକୃଷ୍ଣ ଜାଲ, ରଞ୍ଜିତ କୁମାର ସାହୁ, ସମ୍ପାଦକଭାବେ ଦୁର୍ଗାପ୍ରସାଦ ଦାଶ, ମହେଶ ପଟେଲ, ସାଲେଗ୍ରାମ ନାୟକ, ଅମିତ ପତି ଏବଂ କୋଷାଧକ୍ଷ ଭାବେ ସନ୍ତୋଷ ମହାକୁରଙ୍କୁ ମନୋନୀତ କରାଯାଇଥିଲା। ଜିଲା କଳା ପରିକ୍ରମାରେ ମଞ୍ଚ ପାଇଁ ଲଳିତ ବେବର୍ତ୍ତା, ଲୋକକଳାରେ ରାଧେଶ୍ୟାମ ପଣ୍ଡା, ସାହିତ୍ୟରେ ଦେବସ୍ମିତା ରାଉତ, ଦୃଶ୍ୟକଳା ପାଇଁ ଦେବାଶିଷ ପ୍ରଧାନ ଏବଂ ଐତିହ୍ୟରେ ମଧୁରିମା ପାଣିଗ୍ରାହୀଙ୍କୁ ଚୟନ କରାଯାଇଥିଲା । ସେହିପରି ସମ୍ବଲପୁର ମହାନଗରର କର୍ମକର୍ତ୍ତାଭାବେ ଅରବିନ୍ଦ ମାହାକୁଡ ସଭାପତି, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନାୟକ, ଉପସଭାପତି ଦୀପାଲୀ ଚୌଧୁରୀ, ମମତା ସାହୁ, ରଜନୀ ନାଗ, ଜୟନ୍ତ ଦାଶ, ସମ୍ପାଦକ ଭାବେ ଅମରେଶ ପଣ୍ଡା, ଦୀପ୍ତି ଠାକୁର, ପଦ୍ମିନୀ ଦୋରା, ଡିଲେଶରୀ ଖାତି ଓ ବିରୂପାକ୍ଷ ପ୍ରଧାନ, କୋଷାଧ୍ୟକ୍ଷଭାବେ ଚକ୍ର ବାହାଦୂରଙ୍କୁ ମନୋନୀତ କରାଯାଇଛି। କଳା ପରିକ୍ରମା ପାଇଁ ମଞ୍ଚରେ ରତନ ପୂଜାହାରୀ, ଲୋକକଳାରେ ମନୋଜ ପ୍ରଧାନ, ସାହିତ୍ୟରେ ପ୍ରମୋଦ ଦାଶ, ଦୃଶ୍ୟକଳାରେ ଅରବିନ୍ଦ ପଣ୍ଡା ଏବଂ ଐତିହ୍ୟ ପାଇଁ ଯଦୁନନ୍ଦନ ବଡପଣ୍ଡାଙ୍କୁ ମନୋନୀତ କରାଯାଇଥିଲା।

# ରାସ୍ତା ମଝିରେ ଭିନ୍ନକ୍ଷମଙ୍କ ହାଇଡ୍ରାମା


ଦାଦାଗିରି କରୁଥିବା ବ୍ୟକ୍ତିଙ୍କୁ ପୋଲିସ ଆମ୍ବୁଲାନ୍ସରେ ବସାଇ ନେଉଛି ।

## କାବୁ କରିବାକୁ ପୋଲିସ ନୟାନ୍ତ

ସମ୍ବଲପୁର,୨୩।୬(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ଗାନ୍ଧୀ ପାର୍କ ସମ୍ମୁଖରେ ସୋମବାର ଜଣେ ଭିନ୍ନକ୍ଷମଙ୍କ ହାଇଡ୍ରାମା ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ପହଞ୍ଚିଥିଲେ ହେଁ ତାଙ୍କୁ କାବୁ କରିବାକୁ ନୟାନ୍ତ ହୋଇଥିଲା। ସୂଚନା ଅନୁଯାୟୀ ଭିନ୍ନକ୍ଷମ ଜଣକ ଦୀର୍ଘ ଏକଘଣ୍ଟା ଧରି ହ୍ୱିଲ ଚେୟାରରେ ବସି ରାସ୍ତା ଅବରୋଧ କରିବା ସହ ଗାଡି ଚାଳକ ଓ ପଥଚାରୀଙ୍କୁ ଗାଳିଗୁଲଜ କରୁଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବୁଝାଇ ରାସ୍ତା ମଝିରୁ କଡକୁ ଯିବାକୁ ଅନୁରୋଧ କରିଥିଲେ ମଧ ସେ ଶୁଣି ନ ଥିଲେ। ପାଲଟା ସେ ସମ୍ବଲପୁର, ଝାରସୁଗୁଡ଼ା ଓ ରାଉରକେଲାର ନେତା ଏବଂ ଅପରାଧୀଙ୍କ ନାଁ ଧରି ଧମକ ଦେଇଥିଲେ। ପରେ ଉଠି ରାସ୍ତାରେ ଆସୁଥିବା ଗାଡି ଆଡକୁ ହ୍ୱିଲ ଚେୟାର ଠେଲି ଦେବା ଯୋଗୁ ବହୁ ପଥଚାରୀ ଦୁର୍ଘଟଣାରୁ ବର୍ତ୍ତିଥିବା ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତା ମଝିରେ ଅସ୍ୱାଭାବିକ ଆଚରଣ ଦେଖି କେତେକ ଲୋକ ୧୧୨କୁ ଫୋନ କରିଥିଲେ। ୧୦ମିନିଟ ମଧ୍ୟରେ ଧନୁପାଲି ଥାନାରୁ ପିସିଆର୍ ଆସିଥିଲା। ହେଲେ ସେ ଭିନ୍ନକ୍ଷମ ହୋଇଥିବାରୁ ପୋଲିସ ତାଙ୍କର କିଛି କରିପାରିବ ନାହିଁ କହି ବେଖାତିର କରିଥିଲେ। ପିସିଆର୍‌ରେ ଆସିଥିବା ପୋଲିସ କର୍ମଚାରୀ ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ବି ସେ କିଛି ଶୁଣି ନ ଥିଲେ। ନିଜକୁ ବିନୋଦ ଡୁଙ୍ଗୁରି ବୋଲି ପରିଚୟ ଦେଇ ସେ କେତେଜଣ ଅପରାଧୀଙ୍କ ବିଷୟରେ ପୋଲିସକୁ କହି ଭୟଭୀତ କରିବାକୁ ଚେଷ୍ଟା କରିଥିଲେ। ଶେଷରେ ପୋଲିସ ତାଙ୍କୁ ରାସ୍ତା କଡକୁ ନେଇଥିଲା। ହେଲେ ସେ ଗାଳିଗୁଲଜ କରିବା ସହ ପୋଲିସ ତାଙ୍କୁ ମାଡ ମାରିଥିବା ଅଭିଯୋଗ କରିବେ ବୋଲି ଧମକ ଦେଇଥିଲେ। ଏହିସମସ୍ତ ଦୃଶ୍ୟକୁ କେତେଜଣ ବ୍ୟକ୍ତି ମୋବାଇଲରେ ରେକର୍ଡିଂ କରୁଥିବାରୁ ପୋଲିସ ଅତି ସଂଯମତାର ସହ ତାଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। ଶେଷରେ ପୋଲିସ ଆମ୍ବୁଲାନ୍ସ ଡକାଇ ତାଙ୍କୁ ବୁର୍ଲା ମେଡିକାଲ ପଠାଇଥିଲା। ଏହାପରେ ସ୍ଥିତି ଶାନ୍ତ ପଡିଥିଲା।

# ହୀରାକୁଦ କଲେଜ ଶ୍ରେଣୀଗୃହ ପୁନରୁଦ୍ଧାର

## ଇ-ପୁସ୍ତକାଗାରର କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ଗୁରୁତ୍ୱ


ହୀରାକୁଦ ମହାବିଦ୍ୟାଳୟ ଶ୍ରେଣୀଗୃହ ପୁନରୁଦ୍ଧାର କାର୍ଯ୍ୟକ୍ରମରେ ଅତିଥି, ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ।

ସମ୍ବଲପୁର,୨୩।୬(ବି.ଶଙ୍କର)

ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ହୀରାକୁଦ ମହାବିଦ୍ୟାଳୟ ଶ୍ରେଣୀ ଗୃହର ପୁନରୁଦ୍ଧାର କରାଯାଇଛି। ଏନେଇ ସୋମବାର ମହାବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ହିଣ୍ଡାଲକୋ ଗ୍ରୁପ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଅଭିଜିତ, ମାନବ ସମ୍ବଳ ମୁଖ୍ୟ ଓଡ଼ିଶା କ୍ଲଷ୍ଟର ଏବଂ ଖଣିଜ ଡ. କ୍ରୀଷ୍ଣା ପାଢୀ, ହିଣ୍ଡାଲକୋ ୟୁନିଟ୍ ମୁଖ୍ୟ ଦେବାଶିଷ ମଲ୍ଲିକ, ହୀରାକୁଦ କମ୍ପେକ୍ସ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ଓଡ଼ିଶା କ୍ଲଷ୍ଟର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଶିବ ମହାପାତ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିଣ୍ଡାଲକୋ ସିଏସ୍ଆର ବିଭାଗ ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ମିଳନ କୁମାର ସାହୁ ଓ ସନ୍ତୋଷ ତ୍ରିପାଠୀଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଏବଂ ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ । ହୀରାକୁଦ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ହିଣ୍ଡାଲକୋ ସଦା ସର୍ବଦା କାର୍ଯ କରି ଆସୁଅଛି । ବିଶେଷକରି ଶିକ୍ଷା କ୍ଷେତ୍ରରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ ଆଗାମୀ ଦିନରେ ମଧ କାର୍ଯ୍ୟ ଜାରି ରହିବ। ସେହିପରି ହିଣ୍ଡାଲକୋ ଦ୍ୱାରା ମହାବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ପାଇଁ ତିଆରି କରାଯାଉଥିବା ଇ-ପୁସ୍ତକାଗାରର କାର୍ଯ୍ୟକୁ ତଦାରକ କରି ଯଥାଶୀଘ୍ର ସମାପ୍ତ କରି ପିଲାଙ୍କ ପାଠପୋଯୋଗୀ କରିବାକୁ କମ୍ପାନୀ ଅଧିକାରୀମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ସୁମିତ୍ରା ପଣ୍ଡା ହିଣ୍ଡାଲ୍‌କୋର ଏହି ମହତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

# ଆଦିତ୍ୟ ଆଲୁମିନିୟମକୁ କଳିଙ୍ଗ ପରିବେଶ ଉତ୍କର୍ଷ ଜାତୀୟ ପୁରସ୍କାର

ସମ୍ବଲପୁର,୨୩।୬(ବି.ଶଙ୍କର)

ସମ୍ବଲପୁର ଜିଲା ଲପଙ୍ଗାସ୍ଥିତ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଏକ ୟୁନିଟ୍ ହେଉଛି ଆଦିତ୍ୟ ଆଲୁମିନିୟମ । ପରିବେଶ ସୁରକ୍ଷାରେ ଆଦିତ୍ୟ ଆଲୁମିନିୟମ ସର୍ବଦା କାର୍ଯ୍ୟ କରୁଛି । ତେଣୁ ଆଦିତ୍ୟ ଆଲୁମିନିୟମ ପଞ୍ଚତାରକା ବର୍ଗରେ କଳିଙ୍ଗ ପରିବେଶ ଉତ୍କର୍ଷ ଜାତୀୟ ପୁରସ୍କାର-୨୪ ହାସଲ କରିଛି । ଏହି ପୁରସ୍କାର ଆଦିତ୍ୟ ଆଲୁମିନିୟମର ଶୂନ୍ୟ ତରଳ ନିର୍ଗତ (ଜେଏଲଡି), ଉନ୍ନତ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ମାପ, ବର୍ଜ୍ୟଜଳ ପରିଚାଳନା, ଶୂନ୍ୟ ଅପଚୟରୁ ଭୂମିପୂରଣ ଅଭ୍ୟାସ ଏବଂ ଉତ୍କୃଷ୍ଟ ପରିବେଶଗତ, ସାମାଜିକ ଏବଂ ଶାସନ(ଇଏସଜି) କାର୍ଯ୍ୟଦକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରିଛି । ୨୧ ଜୁନ ୨୦୨୫ରେ ଭୁବନେଶ୍ୱରରେ ଆୟୋଜିତ ୧୦ମ ଜାତୀୟ ପରିବେଶ, ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ - ୨୦୨୫ରେ କମ୍ପାନୀକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି)ର ସଦସ୍ୟ ସଚିବ ଉମା ନାନ୍ଦୁରୀ ଏବଂ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧ୍ୟକ୍ଷ ଅଶୋକ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଲପାଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମର ୟୁନିଟ୍ ମୁଖ୍ୟ ଏବଂ ସଭାପତି ଜଗନ୍ନାଥ ପ୍ରସାଦ ନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ ।


ଅତିଥିମାନଙ୍କଠାରୁ ଆଦିତ୍ୟ ଆଲୁମିନିୟମ ୟୁନିଟ୍ ମୁଖ୍ୟ ଏବଂ ସଭାପତି ଜଗନ୍ନାଥ ପ୍ରସାଦ ନାୟକ ପୁରସ୍କାର ଗ୍ରହଣ କରୁଛନ୍ତି।

# ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ବାର୍ଷିକ ସମ୍ମିଳନୀ

ସମ୍ବଲପୁର,୨୩।୬(ବି.ଶଙ୍କର)

ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ସମ୍ବଲପୁର ଜୋନର ୧୬ତମ ବାର୍ଷିକ ସମ୍ମିଳନୀ ରବିବାର ଅଇଁଠାପାଲିସ୍ଥିତ ଯାନ୍ତ୍ରିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଯାନ୍ତ୍ରିକ ସଂଘ ସମ୍ବଲପୁର ଜୋନ କାର୍ଯ୍ୟକାରୀ ସଭାପତି ଗୌତମ ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଗୌତମ ଧଳ ପରିଚାଳନା କରିଥିଲେ। ସମ୍ବଲପୁର ଜିଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର ମୁଖ୍ୟ ଅତିଥି, ୱାଟକୋ ଡିଭିଜନ ଜେନେରାଲ ମ୍ୟାନେଜର ଇଞ୍ଜିନିୟର ବ୍ରହ୍ମେଶ୍ୱର ଦାସ ମୁଖ୍ୟବକ୍ତା, ଅମଲା ସଂଘ ସମ୍ବଲପୁର ଜିଲା ସଭାପତି ପ୍ରହ୍ଲାଦ ରୋହିଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ବୈଠକରେ କଳାହାଣ୍ଡି, ନୂଆପଡ଼ା, ବରଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କଣ୍ଟାବାଞ୍ଜି, ତୁଷରା, ବିନିକା, ଅତାବିରା, ତରଭା ସମେତ ବିଭିନ୍ନ ଅଞ୍ଚଳର ପାଣି ପାଇପ କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ଅବସରରେ ଅତିଥିମାନେ ସଂଘର ଜୋନ ସମ୍ପାଦକ ସଦାଶିବ ବିଶୋଇଙ୍କୁ ଯାନ୍ତ୍ରିକ ସମ୍ମାନ-୨୫ ପ୍ରଦାନ କରାଯାଇଥିଲା। ସଂପ୍ରତି ସମ୍ବଲପୁର ଜନସ୍ୱାସ୍ଥ୍ୟ ବିଭାଗର ଡିଭିଜନରେ ୧୧୦, ବଲାଙ୍ଗୀରରେ ୧୫୦, ଝାରସୁଗୁଡ଼ାରେ ୩୦, ଭବାନୀପାଟଣାରେ ୧୧୫, ସୁନ୍ଦରଗଡ଼ରେ ୮୦ ଏବଂ ରାଉରକେଲାରେ ୧୫୦ ପଦ ଖାଲି ରହିଛି। ତେଣୁ ଯଥାଶୀଘ୍ର ଖାଲି ପଦ ପୂରଣ ସମେତ ବିଭିନ୍ନ ଦାବି ନେଇ ଚଳିତ ୩୦ ତାରିଖ ଆନ୍ଦୋଳନ ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ସମ୍ବଲପୁରରେ ୫୭ଟି ଓଭରହେଡ୍ ଟ୍ୟାଙ୍କ, ୫୪ ପମ୍ପ ହାଉସ, ବୁର୍ଲା ଏବଂ ସମ୍ବଲପୁରରେ ୪୫୫ ମିଟର ପର୍ଯ୍ୟନ୍ତ ୨୦ପାଇପ ଲାଇନ ପଡ଼ିରହିଛି। ବରଗଡ଼ ବରଗାଁରୁ ବରଗଡ଼ ସହର ୧୨କିଲୋମିଟର ପାଇପ ଲାଇନ ଜରିଆରେ ପାଣି ଆସୁଛି। ବରପାଲି, ଅତାବିରା, ବିଜେପୁର, ପଦ୍ମପୁର, ରେଢାଖୋଲ-କିଆକଟାକୁ ପାଣି ଆସୁଛି। ଓଭରହେଡ଼ ଟ୍ୟାଙ୍କ କିଛି ସ୍ଥାନରେ ଚାଲିଛି, ଅନେକ ସ୍ଥାନରେ କାର୍ଯ୍ୟ ସରିଛି। ବଲାଙ୍ଗୀର ସହରକୁ ମଧ ୪୦ କିଲୋମିଟର ଦୂରରୁ ପାଣି ଆସୁଛି। ଏହି ସମସ୍ତ ସ୍ଥାନରେ ଅସ୍ଥାୟୀ କର୍ମଚାରୀମାନେ କାର୍ଯ୍ୟ ତୁଲାଉଛନ୍ତି । ଏହି ଅସ୍ଥାୟୀ କର୍ମଚାରୀମାନେ ୨୫ରୁ ୩୫ ବର୍ଷ ହେଲା କାର୍ଯ୍ୟ କରୁଛନ୍ତି। ଅଥଚ ସେମାନଙ୍କ ଇପିଏଫ କଟାଯାଉ ନ ଥିବା ବିଷୟରେ ସଭ୍ୟମାନେ ଆଲୋଚନା କରିଥିଲେ।


ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି, ବକ୍ତା ଓ ଆୟୋଜକ।

# ଭୀମ ଆର୍ମିର ପଶ୍ଚିମ ଓଡ଼ିଶାସ୍ତରୀୟ ସମ୍ମିଳନୀ


ସମ୍ମିଳନୀରେ ଅତିଥିଙ୍କ ସହ ବିଭିନ୍ନ ଜିଲାର ପ୍ରତିନିଧିମାନେ।

ସମ୍ବଲପୁର,୨୩।୬(ବି.ଶଙ୍କର)

## ୧୪ଟି ଜିଲାର ପ୍ରତିନିଧି ଯୋଗଦେଲେ

ଭୀମ ଆର୍ମି ଓଡ଼ିଶା ପକ୍ଷରୁ ପଶ୍ଚିମ ଓଡ଼ିଶାସ୍ତରୀୟ ସମ୍ମିଳନୀ ସୋମବାର ଅପରାହ୍ନ ୫ଟାରେ ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଭୀମ ଆର୍ମି ସାଧାରଣ ସମ୍ପାଦକ ଜଗଜ୍ଜୀବନ କୁମାରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥିଭାବେ ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶ ରାବଣ ଯୋଗଦେଇଥିଲେ। ରାଜ୍ୟ କୋଷାଧ୍ୟକ୍ଷ ଧିରଜ ସିଂ, ଟିକେଲାଲ କୁମ୍ଭାର, କୈଳାଶ ନନ୍ଦ, ତ୍ରିପୁରାରୀ ମହାନନ୍ଦ, ଗଣେଶ ହରିପାଲ, ରାଜେଶ ସତନାମି, ଗିତେଶ ବେହେରା, ରଜନୀକାନ୍ତ ବୌଦ୍ଧ, ଆଶିଷ ବୌଦ୍ଧ, ପ୍ରଦୀପ ଜାଲ, ଟିଙ୍କୁ ଉଗର, ଫିରୋଜ ବୁଢ଼ା, ରଘୁ ତାଣ୍ଡିଆ, ଈଶ୍ୱର ରୋହିଦାସ ସମ୍ମାନୀତ ଅତିଥି ଥିଲେ । ସାମାଜିକ, ଆର୍ଥିକ, ରାଜନୀତିକ, ଶିକ୍ଷା ସଶକ୍ତିକରଣ ଏବଂ ଏକକିକରଣ ପାଇଁ ସମ୍ମିଳନୀର ମୂଳ ଲକ୍ଷ୍ୟ ରହିଥିଲା । ଗରୀବ ଶ୍ରେଣୀର ଛାତ୍ରୀଛାତ୍ରମାନେ କେମିତି ଉଚ୍ଚ ଶିକ୍ଷାରେ ଅଗ୍ରଗତି କରିବେ, ଗରୀବ ଲୋକମାନେ ଆର୍ଥିକ ସଙ୍କଟରୁ କିପରି ମୁକ୍ତି ପାଇବେ, ଭୂମିହୀନ ପରିବାର ଜମି ପଟ୍ଟା ପାଇପାରିବେ ଓ ଯୁବଗୋଷ୍ଠୀ ବ୍ୟବସାୟ କ୍ଷେତ୍ରରେ ନିଜର ଭାଗିଦାରୀ ଜାହିର କରି ପାରିବେ ସେନେଇ ଅତିଥିମାନେ ଆଲୋଚନା କରିଥିଲେ। ଆଗାମୀ ଦିନରେ ସମସ୍ତ ସମସ୍ୟାଗୁଡିକୁ ନେଇ ସଙ୍ଗଠନ ସରକାରଙ୍କ ପାଖରେ ନିଜର ଦାବିପତ୍ର ପ୍ରଦାନ କରିବ ବୋଲି ସମ୍ମିଳନୀରେ ସ୍ଥିର ହୋଇଛି । ଉକ୍ତ ସମ୍ମିଳନୀରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା, ସୋନପୁର, କଳାହାଣ୍ଡି, ସୁନ୍ଦରଗଡ଼, ବୌଦ୍ଧ, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ମାଲକାନଗିରି ଜିଲାରୁ ପ୍ରତିନିଧି ସାମିଲ ହୋଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ହୃଷୀକେଶ ଦୀପ ଓ ପ୍ରଦୀପ କୁମାର ନାଏକ କାର୍ଯ୍ୟକ୍ରମକୁ ସମାପନ କରିଥିଲେ ।

ଧରିତ୍ରୀ DHARITRI
ଧରିତ୍ରୀ 51 Years

## ଖୋର୍ଦ୍ଧା ଜିଲା ଚେସ୍ ୨୮ରୁ

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ):** ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୧୩ ବର୍ଷରୁ କମ୍ ବାଳିକା ବାଳକ ଚେସ୍ ପ୍ରତିଯୋଗିତା ଆସନ୍ତା ୨୮ ଓ ୨୯ ତାରିଖରେ ଘାଟିକିଆର ଆପିଜେ ସ୍କୁଲରେ ଅନୁଷ୍ଠିତ ହେବ। ଉଭୟ ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳି ରାଜ୍ୟ ୧୩ ବର୍ଷରୁ କମ୍ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟତା ହାସଲ କରିବେ। ବାଳିକା ଓ ବାଳକ ବର୍ଗର ଶ୍ରେଷ୍ଠ ୬ ଜଣ ଲେଖାଏ କୃତୀ ପ୍ରତିଯୋଗୀଙ୍କୁ ୫,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଏହା ବ୍ୟତୀତ ବିଭିନ୍ନ ବର୍ଗର ବିଜେତାଙ୍କୁ ୩୨ଟ୍ରଫି ଓ ୪୦ ଚେସ୍ ବହି ଦିଆଯାଇ ସମ୍ମାନିତ କରାଯିବ। ପ୍ରତିଯୋଗୀମାନେ ୨୬ ତାରିଖ ମଧ୍ୟରେ ୫୦୦ ଟଙ୍କା ଏଣ୍ଟ୍ରି ଫି' ପ୍ରଦାନ କରି ଖେଳିପାରିବେ। ଆଗ୍ରହୀ ଖେଳାଳିମାନେ ଆସୋସିଏଶନ ସଦସ୍ୟ ସ୍ୱୟଂଶୁ ସତ୍ୟକାମ, ସୁଶାନ୍ତ ଷଡ଼ଙ୍ଗୀ କିମ୍ବା ଦୀପକ ପାତ୍ରଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହା ପୂର୍ବରୁ ଖୋର୍ଦ୍ଧାଜିଲା ଆସୋସିଏଶନ ପକ୍ଷରୁ ୭, ୧୫ ଓ ୧୧ ବର୍ଷରୁ କମ୍ ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରାଯାଇଛି।

## ଏଏସ୍‌ସିଏ ଲେଭଲ-୧ କୋର୍ସ କଲେ ଶକ୍ତି ସ୍ୱରୂପ

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ):** ପୁରୀର ଶକ୍ତି ସ୍ୱରୂପ ଦାଶ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଆୟୋଜିତ ଅଷ୍ଟ୍ରେଲିଆନ ଷ୍ଟ୍ରେଙ୍ଗ ଆଣ୍ଡ କଣ୍ଡିଶନିଂ କୋଚ୍ ଆକ୍ରିଡିଟେଶନ (ଏଏସ୍‌ସିଏ) ଲେଭଲ-୧ କୋର୍ସ ଶେଷ କରିଛନ୍ତି। ଏହି କୋର୍ସ କରିବାରେ ସେ ହେଉଛନ୍ତି ଦ୍ୱିତୀୟ ଓଡ଼ିଆ। ପୂର୍ବରୁ ପୂର୍ଣ୍ଣେନ୍ଦୁ ଜେନା ପ୍ରଥମେ ଏହି କୋର୍ସ କରିଥିଲେ। ପୂର୍ବରୁ ଶକ୍ତି ସ୍ୱରୂପ ଗତ ସିଜନରେ ୧୬ ବର୍ଷରୁ କମ୍ ଓଡ଼ିଶା ଦଳର ଷ୍ଟ୍ରେଙ୍ଗ ଆଣ୍ଡ କଣ୍ଡିଶନିଂ କୋଚ୍ ଥିଲେ। ଆସନ୍ତା ଜୁଲାଇ ୧୭ ଓ ୧୮ରେ ବେଙ୍ଗାଲୁରୁରେ ହେବାକୁଥିବା ବିସିସିଆଇ ସିଓଇ କ୍ରିକେଟ ସ୍ପେଶିଫିକ୍ ଷ୍ଟ୍ରେଙ୍ଗ ଆଣ୍ଡ କଣ୍ଡିଶନିଂ ସାର୍ଟିଫିକେଶନ ପ୍ରୋଗ୍ରାମ ଲେଭଲ-୨ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ଶକ୍ତି ସ୍ୱରୂପଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ମୁମ୍ବାଇ ଛାଡ଼ିବେ ପୃଥ୍ୱୀ ଶ'

**ମୁମ୍ବାଇ, ୨୩।୬ (ପି.ଟି.):** ସଂଘର୍ଷରତ ଭାରତ ବ୍ୟାଟର ପୃଥ୍ୱୀ ଶ' ତାଙ୍କ ଘରୋଇ ଦଳ ମୁମ୍ବାଇ ଛାଡ଼ିବାକୁ ଚାହୁଁଛନ୍ତି। ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ଠାରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ପାଇଁ ସେ ଆବେଦନ କରିଛନ୍ତି। ଜଣେ କ୍ରିକେଟର ଭାବେ ଅଭିବୃଦ୍ଧି ଓ ବିକାଶ ପାଇଁ ଏକ ନୂଆ ଘରୋଇ ଦଳ ସହିତ ଚୁକ୍ତି କରିବା ଯୋଜନାରେ ଅଛନ୍ତି। ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ର ଜଣେ ସିନିୟର ଅଫିସିଆଲ ଏବିଷୟରେ ସୂଚନା ଦେଇଛନ୍ତି। ଶ' କିଛି ସମୟ ପାଇଁ ରେଡ୍ ବଲ୍ କ୍ରିକେଟରୁ ଦୂରେଇ ଯାଇଛନ୍ତି, କିନ୍ତୁ ହ୍ୱାଇଟ୍ ବଲ୍ କ୍ରିକେଟ ଖେଳିବା ଜାରି ରଖିଛନ୍ତି। ଅନୁମୋଦନ ପାଇଁ ଆବେଦନ ପତ୍ରକୁ ଆପେକ୍ସ କାଉନ୍‌ସିଲ ନିକଟକୁ ପଠାଇ ଦିଆଯାଇଛି।

# ରାହୁଲ, ରିଷଭଙ୍କ ଶତକ

### ପ୍ରଥମ ଟେଷ୍ଟ

**ଲିଡ୍ସ, ୨୩।୬**

ଦ୍ୱିତୀୟ ଇନିଂସରେ ଲୋକେଶ ରାହୁଲ ଓ ରିଷଭ ପନ୍ତଙ୍କ ଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ନିଜର ସ୍ଥିତିକୁ ଦୃଢ଼ କରିଛି। ସୋମବାର ୪ର୍ଥ ଦିବସରେ ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଭାରତ ୬ ଉଇକେଟ ହରାଇ ୩୪୪ ରନ ସଂଗ୍ରହ କରିଛି। ଫଳରେ ହାତରେ ୪ ଉଇକେଟ ଥାଇ ୩୫୦ ରନରେ ଅଗ୍ରଣୀଲାଭ କରିଛି। ଲୋକେଶ ରାହୁଲ ୧୩୭ ଓ ରିଷଭ ପନ୍ତ ୧୧୮ ରନ କରିଛନ୍ତି।

ତୃତୀୟ ଦିବସର ଅସମାପ୍ତ ସ୍କୋର ୯୦/୨ରୁ ଖେଳ ଆରମ୍ଭ କରିଥିବା ଭାରତ ଆଉ ମାତ୍ର ୨ ରନ ଯୋଗକରି ଅଧିନାୟକ ଶୁବମନ ଗିଲ୍‌ଙ୍କ ଉଇକେଟ ହରାଇଥିଲା। ତେବେ ରାହୁଲ ଓ ପନ୍ତ ଚତୁର୍ଥ ଉଇକେଟରେ ୧୯୫ ରନ ଯୋଗକରି ଭାରତକୁ ଏକ ବଡ଼ ଅଗ୍ରଣୀ ଆଡ଼କୁ ଅଗ୍ରସର କରାଇଥିଲେ। ଅପେକ୍ଷାକୃତ ଆକ୍ରମଣାତ୍ମକ ଖେଳିଥିବା ପନ୍ତ ୧୩୦ ବଲ୍‌ରୁ ଶତକ ପୂରଣ କରି ଏକ ବିରଳ କୃତୀତ୍ୱ ଅର୍ଜନ କରିଥିଲେ। ୧୪୦ ବଲ୍‌ରୁ ୧୫ ଚୌକା ଓ ୩ ଛକା ସହାୟତାରେ ୧୧୮ ରନକରି ପନ୍ତ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଇଂଲଣ୍ଡକୁ ଏହି ପ୍ରତିକ୍ଷୀତ ବ୍ରେକ୍ ଥ୍ରୁ ଦେଇଥିଲେ ସ୍ପିନର ଶୋଏବ ବଶିର। ଏହାପରେ ରାହୁଲ ଏବଂ କରୁଣ ନାୟାର ଇନିଂସକୁ ଆଗେଇ ନେଇଥିଲେ। ଇଂଲଣ୍ଡ ପକ୍ଷରୁ ବେର୍ଡନ କ୍ରାସ ୨ଟି ଏବଂ ବଶିର ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।





ଶତକ ହାସଲ ପରେ ଲୋକେଶ ରାହୁଲ ଓ ରିଷଭ ପନ୍ତ।

## ରିଷଭ ପନ୍ତ ପ୍ରଥମ ଭାରତୀୟ

**ଲିଡ୍ସ, ୨୩।୬**

ଭାରତର ଷ୍ଟାର ଉଇକେଟକିପର ବ୍ୟାଟର ରିଷଭ ପନ୍ତ ଜବରଦସ୍ତ ଫର୍ମ ବଜାୟ ରଖି ସୋମବାର ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ଚତୁର୍ଥ ଦିନରେ ବିସ୍ଫୋରକ ଶତକ ହାସଲ କରିଛନ୍ତି। ଏଥିସହିତ ପନ୍ତ ଇତିହାସ ରଚିଛନ୍ତି। ସେ ପ୍ରଥମ ଭାରତୀୟ ଉଇକେଟକିପର-ବ୍ୟାଟର ଭାବେ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ପ୍ରଥମ ଇନିଂସରେ ସେ ୧୩୪ ରନର ଦର୍ଶନୀୟ ଇନିଂସ ଖେଳିଥିଲେ। ଏତଦ୍ ବ୍ୟତୀତ ପନ୍ତ ଇଂଲଣ୍ଡରେ ଲଗାତର ୫ ଥର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଏଲିଟ୍ ଭ୍ରମଣକାରୀ ବ୍ୟାଟରଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ଏହି ସମ୍ମାନଜନକ ତାଲିକାରେ ଡନ ବ୍ରାଡ୍‌ମ୍ୟାନ, ହାନ୍ସି କ୍ରୋନି, ଶିବନାରାୟଣ ଚନ୍ଦ୍ରପାଲ, କୁମାର ସାଙ୍ଗକାରା ଓ ଡାରଲି ମିଚେଲଙ୍କ ଭଳି ଖେଳାଳି ରହିଛନ୍ତି। ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ ଲଗାତର ୭ଟି ଇନିଂସରେ ୫୦ରୁ ଊର୍ଦ୍ଧ୍ୱ ସ୍କୋର ସହ ଏହି ତାଲିକା ଶୀର୍ଷରେ ରହିଛନ୍ତି। ଟେଷ୍ଟ କ୍ରିକେଟ ଇତିହାସରେ ପନ୍ତଙ୍କ ପୂର୍ବରୁ କେବଳ ଜିମ୍ବାୱେର ଆଣ୍ଡି ଫ୍ଲାୱର ଏକମାତ୍ର ଉଇକେଟକିପର-ବ୍ୟାଟର ଭାବେ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ କରିଥିଲେ। ଆଣ୍ଡି ୨୦୦୧ରେ ହରାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ଯଥାକ୍ରମେ ୧୪୨ ଓ ୧୯୯* ରନ କରିଥିଲେ। ପନ୍ତଙ୍କ ପୂର୍ବରୁ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ବିଜୟ ହଜାରେ, ସୁନୀଲ ଗାଭାସ୍କର (୩ ଥର), ରାହୁଲ ଦ୍ରାବିଡ୍ (୨ ଥର), ବିରାଟ କୋହଲି, ଅଜିଙ୍କ୍ୟ ରାହାନେ, ରୋହିତ ଶର୍ମା ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ କରିଥିଲେ।




## ସେମିଫାଇନାଲରେ ଓଡ଼ିଶା

### ହକି ଇଣ୍ଡିଆ ମାଷ୍ଟର୍ସ କପ୍

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ)**

ଚେନ୍ନାଇରେ ଚାଲିଥିବା ହକି ଇଣ୍ଡିଆ ମାଷ୍ଟର୍ସ କପ୍ ହକି ଟୁର୍ନାମେଣ୍ଟରେ ଓଡ଼ିଶା ପୁରୁଷ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୬-୨ ଗୋଲରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ଓଡ଼ିଶା ମହିଳା ଦଳ ମଧ୍ୟ ହରିୟାଣା ବିପକ୍ଷରେ ବିଜୟ ସହ ଲିଗ୍ ପର୍ଯ୍ୟାୟ ଶେଷ କରିଛି।

ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଦଳ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଅଧିନାୟକ ଲାଜରୁସ ବାର୍ଲା ୫ ଓ ୩୬ ଏବଂ ଅନିଲ କୁଲୁ ୫୧ ଓ ୫୯ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ୨ଟି ଗୋଲ ସ୍କୋର କରିଥିଲେ ସେଣ୍ଟିଲ ମୁଣ୍ଡୁ (୧୦) ଓ ସିପ୍ରିଆନ କେର୍କେଟା (୨୧)। ଆନ୍ଧ୍ର ପ୍ରଦେଶ ପକ୍ଷରୁ ଆକାଶ ବରୁ ୭ମ ଓ ମଞ୍ଜଳା ଅଜୟ ବାବୁ ୩୦ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ତାମିଲନାଡୁ ୮-୨ ଗୋଲରେ ପଞ୍ଜାବକୁ ପରାସ୍ତ କରିଛି। ମହିଳା ବିଭାଗର ଲିଗ୍ ମ୍ୟାଚରେ ଓଡ଼ିଶା ୩-୨ ଗୋଲରେ ହରିୟାଣାକୁ ହରାଇ ଦେଇଛି। ଓଡ଼ିଶା ପକ୍ଷରୁ ରଞ୍ଜିତା ବେକ୍ ୫ ଓ ୩୭ତମ ମିନିଟରେ ୨ଟି ଏବଂ ସରିତା ରୋଶନ ମିଞ୍ଜ ୧୧ଶ ମିନଟରେ ଗୋଟିଏ ଗୋଲ ଦେଇଥିଲେ। ହରିୟାଣା ପକ୍ଷରୁ ସାଙ୍ଘାଇ ଇବେମହାଲ ୨୮ ଓ ୩୯ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ଅନ୍ୟ ମହିଳା ମ୍ୟାଚରେ ପଞ୍ଜାବ ୩-୦ରେ ତାମିଲନାଡୁକୁ ପରାସ୍ତ କରିଛି।

## ଓଡ଼ିଶା ଥ୍ରୋ ବଲ୍ ଦଳକୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୩।୬ (ବିଜୟ ରଣା)**

ମହାରାଷ୍ଟ୍ରର ଶିରିଡ଼ିଠାରେ ଅନୁଷ୍ଠିତ ଜାତୀୟ ଥ୍ରୋ-ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଅନ୍ୟପକ୍ଷରେ ବାଳକ ଦଳ କ୍ୱାର୍ଟରଫାଇନାଲରେ ଦିଲ୍ଲୀଠାରୁ ୨-୧ସେଟ୍‌ରେ ପରାଜୟ ସହ ଏହାର ଅଭିଯାନ ଶେଷ କରିଛି। ବାଳିକା ଦଳ କ୍ୱାର୍ଟରଫାଇନାଲରେ ତାମିଲନାଡୁକୁ ୨-୧ସେଟ୍‌ରେ ପରାସ୍ତ କରିଥିଲା, ମାତ୍ର ସେମିଫାଇନାଲରେ ମହାରାଷ୍ଟ୍ରଠାରୁ ୧-୨ସେଟ୍‌ରେ ହାରିଯିବାରୁ ବ୍ରୋଞ୍ଜ ପଦକ ପାଇଥିଲା। ବାଳିକା ଦଳକୁ ବ୍ରୋଞ୍ଜ ଜିତାଇବାରେ ଉପ ଅଧିନାୟିକା ଲକ୍ଷ୍ମୀପ୍ରିୟାଙ୍କ ବିଶେଷ ଭୂମିକା ରହିଥିଲା। ସେ ସର୍ଭିସରେ ଦଳ ପାଇଁ ୬ ପଏଣ୍ଟ ଆଣି ଦେଇଥିଲେ। ଏହି ଅବସରରେ କ୍ରୀଡ଼ା ନିର୍ଦ୍ଦେଶକ ହରେଶ ମିଶ୍ର, ଓଏସ୍‌ଡି ଧୀରଜ କୁମାର ପଟ୍ଟନାୟକ ଏବଂ ଓଡ଼ିଶା ଥ୍ରୋ ବଲ୍‌ର ସଭାପତି ଭୂପିନ୍ଦର ସିଂ ବାଳିକା ଦଳର କୋଚ୍ ଏବଂ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ମହିଳା ଥ୍ରୋ-ବଲ୍ ଦଳ।

## ପଦକ ତାଲିକା ଶୀର୍ଷରେ ଭାରତ

**ମାହେ (ସେଶେଲ୍ସ), ୨୩।୬ (ପି.ଟି.):** ଭାରତ ସ୍ଥାନୀୟ ପାରାଡାଇଜ୍ ଆରେନାରେ ଅନୁଷ୍ଠିତ ସେଶେଲ୍ସ ନ୍ୟାଶନାଲ ଡେ' ବକ୍ସିଂ ଟୁର୍ନାମେଣ୍ଟ ପଦକ ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଭାରତ ୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଲାଭ କରି ଦ୍ୱିତୀୟ ସ୍ଥାନରେ ଥିବା ମରିସସଠାରୁ ଗୋଟିଏ ପଦକ ଆଗରେ ରହିଛି। ହିମାଂଶୁ ଶର୍ମା (୫୦କେଜି) ୱାକଓଭର ଜରିଆରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଆଶିଷ ମୁଦଶାନିୟା (୫୫କେଜି) ଫାଇନାଲକୁ ୪-୧ ବିଭାଜିତ ନିଷ୍ପତ୍ତିରେ ଜିତିଛନ୍ତି। ୯୦କେଜି+ କାଟେଗୋରିର ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଗୌରଭ ଚୌହାନ ଅଳ୍ପକେ ୩-୨ରେ ବିଜୟ ହାସଲ କରି ଦେଶ ପାଇଁ ତୃତୀୟ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ରୌପ୍ୟ ଜିତିଥିବା ଭାରତୀୟ ବକ୍ସରମାନେ ହେଲେ ଅନମୋଲ (୬୦କେଜି), ଆଦିତ୍ୟ ଯାଦବ (୬୫କେଜି) ଓ ନୀରଜ (୭୫କେଜି)।

## କିଟ୍‌ର ରିତଭିକାଙ୍କୁ ସ୍ୱର୍ଣ୍ଣ ପଦକ




ସ୍ୱର୍ଣ୍ଣ ପଦକ ସହ ମିଣ୍ଡାପଲ୍ଲୀ ରିଥଭିକା (ମଝି)।

### ଜାତୀୟ ସନ୍ତରଣ

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ ପରିସରରେ ଚାଲିଥିବା ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ମହିଳା ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ମିଣ୍ଡାପଲ୍ଲୀ ରିତଭିକା ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଏଥିସହ ସେ ଜର୍ମାନୀର ରିନେ-ରୁହରଠାରେ ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଇଣ୍ଡିଆନ ୟୁନିଭର୍ସିଟି ସୁଇମିଂ ଟିମ୍ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତାମିଲନାଡୁର ରିତଭିକା ୩୩.୯୮ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱର୍ଣ୍ଣ ବିଜୟିନୀ ମିଣ୍ଡାପଲ୍ଲୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଅନ୍ତର୍ଜାତୀୟ ହକିରୁ ଲଳିତଙ୍କ ଅବସର

**ନୂଆଦିଲ୍ଲୀ, ୨୩।୬ (ପି.ଟି.)**

ଭାରତର ଭେଟେରାନ ହକି ଫରୱାର୍ଡ ଲଳିତ ଉପାଧ୍ୟାୟ ଅନ୍ତର୍ଜାତୀୟ ହକିରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଅନ୍ତର୍ଜାତୀୟ ହକି ଖେଳି ଆସୁଥିବା ଲଳିତ ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ୨୦୧୪ ବିଶ୍ୱକପ୍‌ରେ ଲଳିତଙ୍କ ପ୍ରଥମ ପଦାର୍ପଣ ହୋଇଥିଲା। ଭାରତୀୟ ଦଳର ସେ ଜଣେ ଅନ୍ୟତମ ପ୍ରମୁଖ ଖେଳାଳି ଭାବେ ପରିଗଣିତ ହେଉଥିଲେ। ତାଙ୍କ ଉପସ୍ଥିତିରେ ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସ ଓ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଉତ୍ତର ପ୍ରଦେଶର ବାରାଣସୀ ଅନ୍ତର୍ଗତ ଗୋଟିଏ ଛୋଟିଆ ଗାଁରେ ଜନ୍ମ ଗ୍ରହଣ କରି ସୀମିତ ସମ୍ବଳ ସହ ଅସୀମ ସ୍ୱପ୍ନ ଦେଖିଥିଲେ ଏହି ହକି ଖେଳାଳି। ୩୧ ବର୍ଷୀୟ ଲଳିତ ୟୁରୋପିଆନ ଲିଗ୍‌ରେ ରବିବାର ଭାରତର ବେଲଜିୟମ ବିପକ୍ଷ ଅନ୍ତିମ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ମ୍ୟାଚ ପରେ ଏକ ସୋସିଆଲ ମିଡିଆରେ ହୃଦୟସ୍ପର୍ଶୀ ପୋଷ୍ଟ କରି ତାଙ୍କର ଅବସର ଘୋଷଣା କରିଛନ୍ତି। ସେ ସିନିୟର ସ୍ତରରେ ଭାରତ ପାଇଁ ୧୮୩ ମ୍ୟାଚ ଖେଳି ୬୭ ଗୋଲ୍ ସ୍କୋର କରିଛନ୍ତି। ସେ ବର୍ଷ ବର୍ଷ ଧରି ଭାରତୀୟ ଫରୱାର୍ଡ ଲାଇନ୍‌ରେ ଜଣେ ନିର୍ଭରଯୋଗ୍ୟ ଖେଳାଳି ଥିଲେ। ଜୁନ୍ ୧୫ରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ସେ ଶେଷ ଥର ପାଇଁ ଭାରତୀୟ ଜର୍ସି ପରିଧାନ କରିଥିଲେ। ଏହି ଅବସରରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି, ଲଳିତ ତାଙ୍କ ପିଢ଼ିର ଦକ୍ଷ ଓ ଉତ୍ସର୍ଗୀକୃତ ଫରୱାର୍ଡମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ।




ଲଳିତ ଉପାଧ୍ୟାୟ

## ଜାତୀୟ ମିନି ଗଲ୍ଫରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ)**

ଚଳିତ ମାସ ୨୫ରୁ ୨୯ ପର୍ଯ୍ୟନ୍ତ ନାଗପୁରଠାରେ ହେବାକୁ ଥିବା ୧୦ମ ଜାତୀୟ ସିନିୟର ମିନି ଗଲ୍ଫ ପ୍ରତିଯୋଗିତାରେ ଓଡ଼ିଶା ଅଂଶଗ୍ରହଣ କରିବ। ଏଥିପାଇଁ ଓଡ଼ିଶା ମହିଳା ଓ ପୁରୁଷ ଦଳ ସୋମବାର ନାଗପୁର ଯାତ୍ରା କରିଛି। ୫ଜଣିଆ ପୁରୁଷ ଦଳର ଅଧିନାୟକ ଓ କୋଚ୍ ଅଛନ୍ତି ବିକାଶ ଚନ୍ଦ୍ର ପଟ୍ଟନାୟକ। ସଞ୍ଜୟ ପଟ୍ଟନାୟକ, ଗିରିଜା ଶଙ୍କର ଭଞ୍ଜ, କୁମାର ଦେବଦତ୍ତ ଓ କୁମାର ଦେବଜିତ ଦଳର ଅନ୍ୟତମ ସଦସ୍ୟ। ସେହିପରି ସୌମ୍ୟାଶ୍ରୀ ରଥ ମହିଳା ଦଳର ନେତୃତ୍ୱ ନେଉଥିବା ବେଳେ କୋଚ୍ ଭାବେ ଅଭୀପ୍ସା ପଣ୍ଡା ଓ ମ୍ୟାନେଜର ଭାବେ ଲତା ସମର୍ଥା ଦଳ ସହ ଯାତ୍ରା କରିଛନ୍ତି। ଦଳର ଅନ୍ୟ ଖେଳାଳିମାନେ ହେଲେ ଅନିକା ପଟ୍ଟନାୟକ, ଅଦିତି ପାଟିଲ, ରେଶମା ମାଝି ଓ ଆଇଶା ଘଟୁଆଳ।

## ଭୁବନେଶ୍ୱର ଦଳଗତ ଚାମ୍ପିୟନ

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ)**

ଓଡ଼ିଶା ଜୁ- ଜିତସୁ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଜୁ-ଜିତସୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଓଡ଼ିଶାର ୧୨ ଜିଲାରୁ ୧୨୦ ପ୍ରତିଯୋଗୀ ପ୍ରତିଯୋଗିତାର କ୍ୟାଡେଟ, ଜୁନିୟର ଓ ସିନିୟର ବିଭାଗରେ ଫାଇଟିଂ ସିଷ୍ଟମ ଏବଂ ନେ-ୱାଜାରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

### ରାଜ୍ୟ ଜୁ-ଜିତସୁ

ଭୁବନେଶ୍ୱର ୩୭ ସ୍ୱର୍ଣ୍ଣ ପଦକ ପାଇ ଦଳଗତ ଚାମ୍ପିୟନ ହୋଇଛି। କଟକ ୧୯ ଓ ପୁରୀ ୬ଟି ସ୍ୱର୍ଣ୍ଣ ପଦକ ସହ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଛି। ରାଜ୍ୟ ଓ କ୍ରୀଡା ଯୁବ ସେବା ବିଭାଗର ସ୍ୱତନ୍ତ୍ର ଅଧିକାରୀ ଧୀରୋଜ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାକୁ ସ୍ୱରୋଜ ଜାନି, ତନୱେଷ ପୁନୀତ ଲେଙ୍କା, କ୍ରୀଷ୍ଣା ଶିକାରୀ, ସୁସ୍ମିନ ପାଲଟାସିଂ, ସୁମନ୍ତ କୁମାର ପଣ୍ଡା, ଅବିନାଶ ପୁହିର, ସନ୍ତୋଷ ସିଂ, ସନ୍ଦୀପ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ଆଇନଜୀବୀ କାଳୀ ପ୍ରସାଦ ନନ୍ଦ, ହରି ପ୍ରସାଦ ପଟ୍ଟନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ।




କୃତୀ ପ୍ରତିଯୋଗୀମାନେ ପଦକ ସହ ଅତିଥିଙ୍କ ଗହଣରେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ